

ନବରାତ୍ର ପୂଜାର ଚତୁର୍ଥ ଦିନରେ ମା' କଟକଚଣ୍ଡୀଙ୍କ ବନଦୁର୍ଗା ବେଶ


# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

◆VOLUME- 43 ◆ISSUE-93 ◆FRIDAY ◆26 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା- ୯୩ ◆ଶୁକ୍ରବାର ◆୨୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦






| MODEL | 125 CF | NS 125 | 150 | N160 | NS 160 | NS 200 |
|---|---|---|---|---|---|---|
| 100% GST ଲାଭ | ₹7 963/-* | ₹9 240/-* | ₹10 059/-* | ₹11 424/-* | ₹11 636/-* | ₹12 943/-* |
| PF + ବୀମା ସଞ୍ଚୟ | ₹2 900/-* | ₹3 300/-* | ₹3 600/-* | ₹4 200/-* | ₹4 200/-* | ₹4 800/-* |
| ହ୍ୟାଟ୍-ଟ୍ରିକ୍ ସଞ୍ଚୟ | ₹10 863/-* | ₹12 540/-* | ₹13 659/-* | ₹15 624/-* | ₹15 836/-* | ₹17 743/-* |

*ସର୍ତ୍ତ ଓ ନିୟମାବଳୀ ଲାଗିବ । ହ୍ୟାଟ୍-ଟ୍ରିକ୍ ସେଭିଙ୍ଗ୍ସ 22 ସେପ୍ଟେମ୍ବର 2025 ଠାରୁ ପ୍ରଯୁଜ୍ୟ । ବତାଯାଇଥିବା ମୋଟ ସଞ୍ଚୟରେ ଅଛି 100% GST ବେନିଫିଟ୍ (ଏକ୍ସ-ଶୋରୁମ୍ ମୂଲ୍ୟ ଓ ତଦ୍‌ଜନିତ ଯଥାପ୍ରଯୁଜ୍ୟ RTO କରରେ), ଶୂନ୍ୟ ପ୍ରୋସେସିଙ୍ଗ ଫୀ ଆଉ 1 ବର୍ଷର ଓନ୍ ଡ୍ୟାମେଜ୍ ଇନ୍‌ସ୍ୟୋରାନ୍ସ (OD) । ଅଞ୍ଚଳ ଅନୁସାରେ ଶୂନ୍ୟ PF ଆଉ OD ରେ ସଞ୍ଚୟ, ଫାଇନାନ୍ସର୍/ଇନ୍‌ସ୍ୟୋରର୍ ଙ୍କ ଉପରେ ନିର୍ଭର କରି ବଦଳିପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଅନୁସାରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସେଫ୍‌ଟୀ ନିୟମଗୁଡ଼ିକ ପାଳନ କରନ୍ତୁ ।

■ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

## କନିଷ୍ଠ ଏମ୍‌ଭିଆଇଙ୍କୁ ୨ ବର୍ଷ ଜେଲ୍

ବାରିପଦା, ୨୫।୯ (ସମିସ): ବାରିପଦା ସତନ୍ତ୍ର ଦୁର୍ନୀତି ନିବାରଣ କୋର୍ଟ ଆଜି ଏକ ଆୟବହିର୍ଭୂତ ସଂପତ୍ତି ଠୁଳ ମାମଲାର ଶୁଣାଣି କରି ଜାମଶୋଳା ଅନ୍ତଃରାଜ୍ୟ ତନଖି ଫାଟକର ପୂର୍ବତନ କନିଷ୍ଠ ଏମ୍‌ଭିଆଇଙ୍କୁ ୨ବର୍ଷ ଜେଲ୍ ଏବଂ ୧ଲକ୍ଷ ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ସେ ହେଲେ, ଭଦ୍ରକ ଟାଉନ ଥାନା ଅନ୍ତର୍ଗତ ସାଳନ୍ଦୀ କଲୋନୀର ବିଜୟ କୁମାର ପତି (୬୮)। ଜରିମାନା ଅନାଦେୟ ହେଲେ ଅଧିକ ୩ମାସ ଜେଲ୍ ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ସାକ୍ଷୀଙ୍କ ବୟାନ ଓ ଭିଜିଲାନ୍ସର ତଦନ୍ତ ରିପୋର୍ଟକୁ ଭିତ୍ତି କରି ବିଚାରପତି ପୂର୍ଣ୍ଣିମା ଜେନା ଏହି ରାୟ ଦେଇଛନ୍ତି।

୨୦୦୭ ମସିହାରେ ବିଜୟ ମୟୂରଭଞ୍ଜ ଜିଲ୍ଲାର ଝାରପୋଖରିଆ ଥାନା ଅନ୍ତର୍ଗତ ଜାମଶୋଳା ଗେଟ୍‌ରେ କନିଷ୍ଠ ଏମ୍‌ଭିଆଇ ଭାବେ କାର୍ଯ୍ୟରତ ଥିଲେ। ଉକ୍ତ ସମୟରେ ଅନୈତିକ ଉପାୟରେ ସେ ଆୟବହିର୍ଭୂତ ଅର୍ଥ ଉପାର୍ଜନ କରୁଥିବା ନେଇ ତାଙ୍କ ବିରୋଧରେ ଅଭିଯୋଗ ହୋଇଆସୁଥିଲା। ୨୦୧୦ ଡିସେମ୍ବର ୩୦ ତାରିଖରେ ଭିଜିଲାନ୍ସ ତାଙ୍କ ଘରେ ଚଢ଼ଉ କରି ବିପୁଳ ଆୟ ବର୍ହିଭୂତ ସଂପତ୍ତି ଠାବ କରିଥିଲା। ସ୍ୱତନ୍ତ୍ର ପିପି ଶାନ୍ତନୁ କୁମାର ଦାଶ ଓ ଅତିରିକ୍ତ ପିପି ଦୀପକ କୁମାର ସେଠୀ ମାମଲା ପରିଚାଳନା କରୁଥିଲେ।

■ ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ

## ସମୟ ପୂର୍ବରୁ ପ୍ରତ୍ୟାହାର ହୋଇପାରିବ ଫିକ୍ସଡ୍ ଡିପୋଜିଟ୍

କଟକ, ୨୫।୯ (ସମିସ): ବିବାହରେ ଆବଶ୍ୟକତା ପାଇଁ ପୋଷ୍ଟାଲ ବ୍ୟାଙ୍କ ଫିକ୍ସଡ୍ ଡିପୋଜିଟ୍‌କୁ ଅସମୟରେ ବା ସମୟ ପୂର୍ବରୁ ପ୍ରତ୍ୟାହାରକୁ ହାଇକୋର୍ଟ ଅନୁମତି ଦେଇଛନ୍ତି। ହିନ୍ଦୁ ଆଇନ ଅନୁସାରେ ବିବାହ ଏକ ପାରମ୍ପରିକ ଆବଶ୍ୟକତା। ଏଣୁ ନିୟମଗତ ପ୍ରତିବନ୍ଧକ ଦର୍ଶାଇ ଏଥିପାଇଁ ଜଣଙ୍କୁ ନିଜ ସମ୍ପତ୍ତିରୁ ବଞ୍ଚିତ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ପରିବାରରେ ବିବାହର ଖର୍ଚ୍ଚ ବହନ କରିବା ପାଇଁ ଜଣେ ମହିଳା ଫିକ୍ସଡ୍ ଡିପୋଜିଟ୍ ପାଇଁ ବିନିଯୋଗ କରିଥିବା ଟଙ୍କାକୁ ମାଚ୍ୟୁରିଟି ସମୟ ପୂର୍ବରୁ ପ୍ରତ୍ୟାହାର କରିବାକୁ ଅନୁମତି ଦେବାକୁ ଓଡ଼ିଶା ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରିୟଦର୍ଶିନୀ ଦାସଙ୍କ ତରଫରୁ ରୁଜୁ ମାମଲାର ଶୁଣାଣି କରି ଜଷ୍ଟିସ୍ ଦୀକ୍ଷିତ କ୍ରିଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ହାଇକୋର୍ଟ କହିଛନ୍ତି, ହିନ୍ଦୁ ଆଇନରେ ବିବାହ ଏକ ପାରମ୍ପରିକ ଆବଶ୍ୟକତା ଭାବେ ସ୍ୱୀକୃତିପ୍ରାପ୍ତ। ତେଣୁ ଏହା ଯୁକ୍ତି କରାଯାଇପାରିବ ନାହିଁ ଯେ ଆବେଦନକାରୀଙ୍କୁ ଏଥିପାଇଁ ପାଣ୍ଠିର ଆବଶ୍ୟକତା ନାହିଁ। ଶେଷରେ, ଜମା ହୋଇଥିବା ଅର୍ଥ ସେହି ସଂସ୍ଥାର ନୁହେଁ, ଯାହାକୁ ଜମାକାରୀ ଜମା ରଖିଥାଏ। ଏଥିସହ ଦୁଇ ସପ୍ତାହ ମଧ୍ୟରେ ଉକ୍ତ ଫିକ୍ସଡ ଡିପୋଜିଟ୍ ପ୍ରତ୍ୟାହାର କରିବାକୁ ଆବେଦନକାରୀଙ୍କୁ ଅନୁମତି ଦେବା ପାଇଁ ଚିଫ୍ ପୋଷ୍ଟମାଷ୍ଟର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସମୟରୁ ବିଳମ୍ବ ଘଟିଲେ, ସମ୍ପୃକ୍ତ ଡାକ କର୍ତ୍ତୃପକ୍ଷ ୧ ପ୍ରତିଶତ ହାରରେ ସୁଧ ଦେବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

## ଅବସରପ୍ରାପ୍ତ ଚକବନ୍ଦୀ ଅଧିକାରୀଙ୍କୁ ୨ବର୍ଷ ଜେଲ୍

କଟକ, ୨୫।୯ (ସମିସ): ଜଗତସିଂହପୁର ଜିଲ୍ଲା କୁଜଙ୍ଗର ପ୍ରାକ୍ତନ (ଅବସରପ୍ରାପ୍ତ) ଚକବନ୍ଦୀ ଅଧିକାରୀ ବିଷ୍ଣୁପଦ ଗ୍ରହାଚାର୍ଯ୍ୟ (ଓଏଏସ)ଙ୍କୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଆଜି କଟକ ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଭିଜିଲାନ୍ସ ଅଦାଲତ ତାଙ୍କୁ ଦୁର୍ନୀତି ନିବାରଣ ଆଇନ ୧୯୮୮ର ଧାରା୧୩(୨)/୧୩(୧)(ଇ) ଅନୁସାରେ ୨ବର୍ଷ ଜେଲ ଓ ୫୦ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଶ୍ରୀ ଗ୍ରହଚାର୍ଯ୍ୟ କୁଜଙ୍ଗରେ ଚକବନ୍ଦି ଅଧିକାରୀ ଥିବା ବେଳେ ତାଙ୍କ ବିରୋଧରେ ଭିଜିଲାନ୍ସ ପକ୍ଷରୁ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା ରୁଜୁ ହୋଇଥିଲା। ପରେ ଶ୍ରୀ ମିଶ୍ର ଚାକିରିରୁ ଅବସର ନେଇଥିଲେ ମଧ୍ୟ ଭିଜିଲାନ୍ସ ମାମଲା ବିଚାରାଧୀନ ଥିଲା। ବାଲେଶ୍ୱର ଭିଜିଲାନ୍ସ ଡିଭିଜନର ପ୍ରାକ୍ତନ ଇନ୍ସପେକ୍ଟର୍ ଏ.ଏନ୍ ମହାନ୍ତି ଏହି ମାମଲାର ତଦନ୍ତ କରିଥିଲେ। ପ୍ରସିକ୍ୟୁସନ୍ ପକ୍ଷରୁ ଭିଜିଲାନ୍ସର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାକେଶ ସାହୁ ଓ ଜ୍ୟୋତିପ୍ରକାଶ ମହାପାତ୍ର ମାମଲା ପରିଚାଳନା କରୁଥିଲେ। ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବାରୁ ସମ୍ପୃକ୍ତ ଅବସରପ୍ରାପ୍ତ ଚକବନ୍ଦି ଅଧିକାରୀଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ପକ୍ଷରୁ ରାଜ୍ୟ ସରକାରଙ୍କୁ ଆବେଦନ କରାଯିବ ବୋଲି କୁହାଯାଇଛି।

**ଭିଜିଲାନ୍ସ ଅଦାଲତରେ ଦୋଷୀ ସାବ୍ୟସ୍ତ**

## ଭିଜିଲାନ୍ସ ଜାଲରେ ଟିପିସିଓଡିଏଲ୍ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ

ଭୁବନେଶ୍ୱର, ୨୫।୯ (ସମିସ): ଲାଞ୍ଚ ନେଇ ଭୁବନେଶ୍ୱର ଟିପିସିଓଡିଏଲ୍-୧ର କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ରାୟ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ସପକ୍ଷରେ ରିପୋର୍ଟ ଦେବାକୁ ଜଣେ ଠିକାଦାରଙ୍କଠାରୁ ସେ ୨୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ତାଙ୍କ ଘର ପାଖ ଏକ ପାର୍କରୁ କାବୁ କରିଛନ୍ତି। ପରେ ଆୟ ବହିର୍ଭୂତ ସଂପତ୍ତି ଠୁଳ ସନ୍ଦେହରେ ଭିଜିଲାନ୍ସ ତାଙ୍କ ଘର ସମେତ ୪ରୁ ଊର୍ଦ୍ଧ୍ୱ ସ୍ଥାନରେ ଚଢ଼ଉ କରିଛି। ତାଙ୍କ ଘରୁ ୯ଲକ୍ଷ ୫୩ ହଜାର ନଗଦ ଟଙ୍କା ଜବତ ହୋଇଥିବା ଜଣାଯାଇଛି। ଅଭିଯୋଗକାରୀ ଠିକାଦାର ତାଙ୍କ ସପକ୍ଷରେ ଚୂଡ଼ାନ୍ତ ରିପୋର୍ଟ ଦେବାକୁ ଗତ ଦୁଇମାସ ଧରି ଯନ୍ତ୍ରୀ ଶ୍ରୀ ରାୟଙ୍କୁ ବାରମ୍ବାର ଅନୁରୋଧ କରୁଥିଲେ। ଏପରିକି, ଯନ୍ତ୍ରୀଙ୍କ ଚାମ୍ବରକୁ ଯାଇ ଦେଖାକରୁଥିଲେ। କିନ୍ତୁ ୨୦ ହଜାର ଟଙ୍କା ନଦେଲେ ରିପୋର୍ଟ ଦେବେ ନାହିଁ ବୋଲି ଯନ୍ତ୍ରୀ ମନା କରିଦେଇଥିଲେ। ଗତକାଲି ସନ୍ଧ୍ୟାରେ ଅଭିଯୋଗକାରୀ ଠିକାଦାର ଯନ୍ତ୍ରୀଙ୍କ ବାସଭବନ ନିକଟରେ ପହଞ୍ଚିଥିଲେ। ପରେ ଯନ୍ତ୍ରୀ ତାଙ୍କ ଘର ନିକଟରେ ଥିବା ଏକ ପାର୍କକୁ ଡାକି ସେଠାରେ ତାଙ୍କଠାରୁ ୨୦ ହଜାର ଟଙ୍କା ନେଉଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ମାଡ଼ି ବସିଥିଲେ।

**୨୦ ହଜାର ଲାଞ୍ଚ ନେବାବେଳେ ଧରାପଡ଼ିଲେ**



ଗଜପତିର ୧୭ ପ୍ରକଳ୍ପରୁ ପାଣି ଶୋଷୁଛି ଆନ୍ଧ୍ର

# ୩୩ ବର୍ଷରେ ଟଙ୍କାଟିଏ ବି କର ପୈଠ କରିନି



ପାରଳାଖେମୁଣ୍ଡି, ୨୫।୮ (ସମିସ): ଗଜପତିର ଜମି, ଜଳ, ଜଙ୍ଗଲ ଉପରେ ସବୁବେଳେ ଆନ୍ଧ୍ରର ଲୋଲୁପ ଦୃଷ୍ଟି ରହି ଆସିଛି। ଜିଲ୍ଲା ସୀମାନ୍ତରେ ଓଡ଼ିଶା ଓ ଆନ୍ଧ୍ର ମଧ୍ୟରେ ଜଳକୁ ନେଇ ଅନେକ ବିବାଦ ରହିଛି। ଏପରିକି, ବଂଶଧାରା ଓ ମହେନ୍ଦ୍ରତନୟା ଜଳକୁ ନେଇ ମାମଲା ସୁପ୍ରିମକୋର୍ଟରେ ମଧ୍ୟ ପହଞ୍ଚିଛି। କିନ୍ତୁ, ଆନ୍ଧ୍ର ନିଜେ ଓଡ଼ିଶା ଚୁକ୍ତି କରି ତାହାକୁ ଖିଲାପ କରି ଚାଲିଥିବା ଦେଖିବାକୁ ମିଳୁଛି। ଆନ୍ଧ୍ରକୁ ଲାଗି ରହିଥିବା ଗଜପତି ଜିଲ୍ଲାର ବଂଶଧାରା ଓ ମହେନ୍ଦ୍ରତନୟା ଜଳରେ ଆନ୍ଧ୍ରର ଲକ୍ଷଲକ୍ଷ ଏକର ଚାଷ ଜମି ଶସ୍ୟଶ୍ୟାମଳା ହେଉଛି। ବର୍ଷକୁ ତିନିଥର ପନିପରିବା, ଧାନ, ମାଛ ଚାଷ ହେଉଥିବା ବେଳେ ଚୁକ୍ତି ଭିତ୍ତିରେ ଦେବାକୁ ଥିବା ଜଳକର ବାବଦକୁ କିନ୍ତୁ ଟଙ୍କାଟିଏ ବି ଦେଇନାହିଁ। ଜିଲ୍ଲାର ୧୭ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରୁ ବର୍ଷତମାମ ଆନ୍ଧ୍ର ପାଣି ନେଉଛି। ଏଥିପାଇଁ ଆର୍ଥିକ ବର୍ଷ ୧୯୮୮-୮୯ରେ ଆନ୍ଧ୍ର-ଓଡ଼ିଶା ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ଜଳସେଚନ ପ୍ରକଳ୍ପଗୁଡ଼ିକରୁ ଯେଉଁ ପାଣି ଆନ୍ଧ୍ରକୁ ଯାଉଛି, ତା'ର କର ବା ଟିକସ ଦେବା ପାଇଁ ଚୁକ୍ତିରେ ଉଲ୍ଲେଖ ଥିଲା। କିନ୍ତୁ ଚୁକ୍ତି ମୁତାବକ ଆନ୍ଧ୍ର ଜଳକର ପୈଠ କରୁନାହିଁ। ଆର୍ଥିକ ବର୍ଷ ୨୦୨୧-୨୨ ସୁଦ୍ଧା ମୋଟ ୪ କୋଟି ୩୨ଲକ୍ଷ ୮୧ହଜାର ୨ଶହ ୧୧ଟଙ୍କାର ଜଳକର ଆନ୍ଧ୍ର ଉପରେ ଗଡ଼ୁଛି। ଏହାର ପରବର୍ତ୍ତୀ ବର୍ଷଗୁଡ଼ିକର ତଥ୍ୟ ନବୀକରଣ ହୋଇନାହିଁ। ବର୍ତ୍ତମାନ ୨୦୨୫ ଚାଲିଥିବା ବେଳେ କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଏହାର ପୁନଃ ଆକଳନ ହୋଇନାହିଁ।

ଉଦ୍‌ବେଗଜନକ କଥା ହେଲା, ୧୭ ପ୍ରକଳ୍ପ ମଧ୍ୟରେ ବୁରୁଗାମଟେଙ୍କ୍, ବୁରୁଗାମନାଳ, ଲକ୍ଷ୍ମୀସାଗର ଓ ରାଧାସାଗର, ଲକ୍ଷ୍ମୀସାଗର ଓ ବୁରୁଗାମଗଡ଼ା ସ୍ଥାନିତ ହୋଇଥିଲେ ମଧ୍ୟ କେତେ ଏକର ପାଇଁ ଏହି ପ୍ରକଳ୍ପ ଉଦ୍ଦିଷ୍ଟ, ଆନ୍ଧ୍ରକୁ କେତେ ଏବଂ ଓଡ଼ିଶାକୁ କେତେ ଜଳସେଚିତ ହେଉଛି, ତାହାର ତଥ୍ୟ ବିଭାଗ ନିକଟରେ ନାହିଁ।

**■ ଜଳକର ଚୁକ୍ତି ଖିଲାପ କରୁଛି ଆନ୍ଧ୍ର**
**■ ୨୦୨୧-୨୨ ସୁଦ୍ଧା ଗଡ଼ୁଛି ୪ କୋଟିର ଜଳକର ବକେୟା**

ଏଠାରେ ସୂଚନାଯୋଗ୍ୟ, ଆନ୍ଧ୍ର ବକେୟା ଥିବା ଜଳକରର ତଥ୍ୟ ଓଡ଼ିଶା କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟକୁ ଗଜପତି ଜିଲ୍ଲା କ୍ଷୁଦ୍ର ଜଳସେଚନ ବିଭାଗ ବାରମ୍ବାର ପଠାଇ ଦୃଷ୍ଟି ଆକର୍ଷଣ କରୁଥିଲେ ମଧ୍ୟ ଜଳକର ପୈଠ ସମ୍ପର୍କରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ କୌଣସି ତଥ୍ୟ ଦେଉନଥିବା ଜଣାପଡିଛି।

ମୋଟରଯାନ ନିୟମ ଉଲ୍ଲଙ୍ଘନ ବିରୋଧରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ

# ୩ ଦିନରେ ୩୪୯୪ ଇ-ଚାଲାଣ ଓ ୫୪ ଲକ୍ଷ ଜରିମାନା

କଟକ, ୨୫।୯ (ସମିସ): ମୋଟରଯାନ ନିୟମ ଉଲ୍ଲଂଘନ ବିରୋଧରେ ପରିବହନ ବିଭାଗର ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଜାରି ରହିଛି। ତିନି ଦିନରେ ରାଜ୍ୟରେ ସମୁଦାୟ ୩,୪୯୪ ଚାଲାଣ ଜାରି ହୋଇଛି। ଜରିମାନା ବାବଦରେ ୫୪ ଲକ୍ଷ ୮୨ହଜାର ୪୬୨ ଟଙ୍କା ଆଦାୟ କରାଯାଇଛି। ଓଭରଲୋଡିଂ ପାଇଁ ୧୭୬ଟି ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଥିବା ବେଳେ ଫିଟନେସ୍ ଓ ପରମିଟ୍ ବାବଦରେ ୯୪୨ ଗାଡ଼ି ବିରୋଧରେ ଚାଲାଣ ଜାରି ହୋଇଛି। ସେହିପରି ପ୍ରଦୂଷଣ ପ୍ରମାଣପତ୍ର ନିୟମ ଉଲ୍ଲଙ୍ଘନ ପାଇଁ ୯୭୭, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ପାଇଁ ୨୧୪, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର ପାଇଁ ୧୩୦, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନିୟମ ଉଲ୍ଲଙ୍ଘନ ଯୋଗୁଁ ୨୦୪ଟି ଇ-ଚାଲାଣ ଜାରି କରାଯାଇଛି।

ଗତ ୩ ଦିନ ମଧ୍ୟରେ ରାଜ୍ୟବ୍ୟାପୀ ଆରଟିଓ ଟିମ୍ ଦ୍ୱାରା ମୋଟର ଯାନର ୭ଟି ନିୟମ ଉଲ୍ଲଙ୍ଘନ ବିରୋଧରେ ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ କରାଯାଇଛି। ଓଭରଲୋଡିଂ, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ, ଗାଡ଼ି ଚଳାଇବା ବେଳେ ମୋବାଇଲ ଫୋନ୍ ବ୍ୟବହାର, ବିନା ଫିଟନେସ୍, ବିନା ପରମିଟ୍ ଓ ବିନା ପ୍ରଦୂଷଣ ପ୍ରମାଣପତ୍ର ଭଳି ନିୟମ ଉଲ୍ଲଙ୍ଘନ ସହ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ଯାଞ୍ଚ ହୋଇଛି। ଗାଡ଼ି ପ୍ରଦୂଷଣ ପ୍ରମାଣପତ୍ର ଯାଞ୍ଚ କ୍ଷେତ୍ରରେ ଏଆରଟିଓ ବଡ଼ବିଲଙ୍କ ଦ୍ୱାରା ସର୍ବାଧିକ ୮୦ଟି ଇ-ଚାଲାଣ, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ୍ ନ ଥିବାରୁ ବରଗଡ଼ ଆରଟିଓଙ୍କ ଦ୍ୱାରା ସର୍ବାଧିକ ୩୬ଟି ଇ-ଚାଲାଣ ଜାରି ହୋଇଛି। ଓଭରଲୋଡିଂ ବାବଦରେ ସମ୍ବଲପୁର ଆରଟିଓଙ୍କ ଦ୍ୱାରା ୨୨ଟି, ମାଲବାହୀ ଗାଡ଼ିରେ ଯାତ୍ରୀ ପରିବହନ ଯୋଗୁଁ ଗଞ୍ଜାମ ଆରଟିଓଙ୍କ ଦ୍ୱାରା ୧୫ଟି ଇ-ଚାଲାଣ ଜାରି କରାଯାଇଛି। ଗାଡ଼ି ଚଳାଉଥିବା ବେଳେ ମୋବାଇଲ ଫୋନ ବ୍ୟବହାର ଯୋଗୁଁ ଝାରସୁଗୁଡା ଆରଟିଓଙ୍କ ଦ୍ୱାରା ସର୍ବାଧିକ ୧୯ଟି ଇ-ଚାଲାଣ ଜାରି କରାଯାଇଛି। ଫିଟନେସ ଓ ପରମିଟ୍ ପ୍ରମାଣପତ୍ର ନିୟମ ଉଲ୍ଲଙ୍ଘନ ବିରୋଧରେ ଏନଫୋର୍ସମେଣ୍ଟରେ ଝାରସୁଗୁଡ଼ାରେ ୬୯ଇ-ଚାଲାଣ ଜାରି ହୋଇଛି। ଜରିମାନା ବାବଦରେ ସର୍ବମୋଟ୍ ଭୁବନେଶ୍ୱର-୧ ଆରଟିଓରେ ସର୍ବାଧିକ ୧୫,୧୯,୧୯୧ ଟଙ୍କା ଆଦାୟ ହୋଇଥିବା ବେଳେ ବଲାଙ୍ଗିରରେ ୪,୭୭,୮୬୫, ବାଲେଶ୍ୱରରେ ୩,୭୧,୬୩୧, ସୋନପୁରରେ ୩,୩୦,୩୨୪, ଝାରସୁଗୁଡ଼ା ଆରଟିଓଙ୍କ ଦ୍ୱାରା ୨,୪୮,୫୫୫, ରାୟଗଡ଼ାରେ ୨,୪୬,୦୦୦ ଓ ଭୁବନେଶ୍ୱର-୨ ଆରଟିଓଙ୍କ ଦ୍ୱାରା ୨,୩୯,୯୫୦, ଟଙ୍କା ଆଦାୟ କରାଯାଇଛି।

**ଗାଡି ଚଳାଇବା ବେଳେ ମୋବାଇଲ ବ୍ୟବହାର ପାଇଁ ୧୩୦ ଚାଲାଣ**



ବିଧାନସଭା ନିର୍ବାଚନ

## ଧର୍ମେନ୍ଦ୍ରଙ୍କୁ ବିହାର, ବୈଜୟନ୍ତଙ୍କୁ ତାମିଲନାଡୁ ଦାୟିତ୍ୱ





ଭୁବନେଶ୍ୱର, ୨୫।୯ (ସମିସ): ଆଗାମୀ ବିହାର ଓ ତାମିଲନାଡୁ ବିଧାନସଭା ନିର୍ବାଚନ ପାଇଁ ବିଜେପି ଓଡ଼ିଶାର ଦୁଇ ନେତାଙ୍କୁ ବଡ଼ ଦାୟିତ୍ୱ ଦେଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିହାରର ପ୍ରଭାରୀ ଦାୟିତ୍ୱ ମିଳିଛି। ଧର୍ମେନ୍ଦ୍ରଙ୍କ ସହ ଉତ୍ତରପ୍ରଦେଶ ଉପ-ମୁଖ୍ୟମନ୍ତ୍ରୀ କେଶବ ପ୍ରସାଦ ମୌର୍ଯ୍ୟ ଏବଂ କେନ୍ଦ୍ରମନ୍ତ୍ରୀ ସିଆର୍ ପାଟିଲଙ୍କୁ ମଧ୍ୟ ଦଳ ସହ ପ୍ରଭାରୀ ଭାବେ ଦାୟିତ୍ୱ ଦେଇଛି। ସେହିପରି କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଦଳ ତାମିଲନାଡୁ ନିର୍ବାଚନର ପ୍ରଭାରୀ ଦାୟିତ୍ୱ ଦେଇଛି। ଆସନ୍ତା ୨୦୨୬ମସିହାରେ ତାମିଲନାଡୁ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ।

## ହୀରାକୁଦରୁ ନିଷ୍କାସିତ ହେଉଛି ୩ ଲକ୍ଷ କ୍ୟୁସେକ୍ ଜଳ

ସମ୍ବଲପୁର, ୨୫।୯ (ସମିସ): ହୀରାକୁଦ ଜଳଭଣ୍ଡାରର ଉପରମୁଣ୍ଡରେ ବର୍ଷା ଯୋଗୁଁ ପ୍ରବେଶ ଜଳ ପରିମାଣରେ ବୃଦ୍ଧି ପାଇଛି। ବର୍ତ୍ତମାନ ସର୍ବୋଚ୍ଚ ଜଳଧାରଣ କ୍ଷମତା ୬୩୦ଫୁଟ୍ ପହଞ୍ଚିଥିବା ବେଳେ ତାହାକୁ ବଜାୟ ରଖାଯାଉଛି। ଗୁରୁବାର ହୀରାକୁଦ ନଦୀବନ୍ଧର ଆଉ ୪ଟି ଗେଟ୍ ଖୋଲାଯିବା ସହ ଏହାକୁ ମିଶାଇ ମୋଟ ୨୦ଟି ସ୍ଲୁଇସ ଗେଟ୍ ଦେଇ ୩,୬୧,୫୧୭ କ୍ୟୁସେକ ବନ୍ୟାଜଳ ନିଷ୍କାସିତ ହେଉଛି। ଗୁରୁବାର ସନ୍ଧ୍ୟା ୬ଟାରେ ଜଳଭଣ୍ଡାରର ଜଳସ୍ତର ୬୨୯.୯୩ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୧୩ଟି ଓ ଡାହାଣ ପାର୍ଶ୍ୱର ୭ଟି ଏହିଭଳି ମୋଟ ୨୦ଟି ସ୍ଲୁଇସ୍ ଗେଟ୍‌ଦେଇ ବନ୍ୟାଜଳ ନିଷ୍କାସନ ଜାରି ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୭୮,୯୨୬ଘନଫୁଟ୍ ଜଳ ପ୍ରବେଶ କରୁଥିବା ବେଳେ ପାୱାର ଚ୍ୟାନେଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୩,୬୧,୫୧୭ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ ତଳମୁଣ୍ଡରେ ବେଲଗାଁଠାରେ ୨୭,୦୦୦ ଘନଫୁଟ୍ ଜଳ ପ୍ରବାହିତ ହେଉଥିବା ବେଳେ ପଥର୍ଲାଠାରେ ୫୭,୨୪୭ ଘନଫୁଟ, ଖଇରମାଲଠାରେ ୪,୯୬,୦୦୦ ଘନଫୁଟ, ବାରମୁଲଠାରେ ୪,୭୨,୦୦୦ ଘନଫୁଟ ଏବଂ ମୁଣ୍ଡଳୀଠାରେ ୨,୦୯,୫୩୬ ଘନଫୁଟ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

ଟିକା ଦେବାରେ ଭୁଲ୍: ଚାଲିଗଲା ଶିଶୁପୁତ୍ରର ଜୀବନ

# ହସ୍ପିଟାଲରେ ପୁଲିସ-ସମ୍ପର୍କୀୟ ମୁହାଁମୁହିଁ

ନୟାଗଡ଼, ୨୫।୯ (ସମିସ): ଅଢ଼େଇ ମାସର ଶିଶୁକୁ ଟିକା ଦିଆଯିବା ପରେ ଉକ୍ତ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା। ଶିଶୁକୁ ଉପଯୁକ୍ତ ଚିକିତ୍ସା ମଧ୍ୟ ମିଳିଲା ନାହିଁ। ଫଳରେ ଶିଶୁଟିର ଜୀବନ ଚାଲିଗଲା। ଏହାକୁ ନେଇ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁବାର ତୁମୂଳକାଣ୍ଡ ଘଟିଛି। ପୁଲିସ ଓ ଶିଶୁପୁତ୍ରର ସମ୍ପର୍କୀୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏପରିକି, ପୁଲିସ ସହ ଧସ୍ତାଧସ୍ତି ହୋଇଥିବା ଦେଖାଯାଇଛି। ଏଭଳି ଘଟଣା ଦେଖିବାକୁ ମିଳିଛି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ।

ସୂଚନାନୁସାରେ, ନୟାଗଡ଼ ସଦର ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ରାଉତରାପୁର ଗ୍ରାମର ଜିତେନ୍ଦ୍ର ଦଳେଇଙ୍କ ଅଢ଼େଇ ମାସର ଶିଶୁପୁତ୍ରକୁ ବୁଧବାର ନିକଟସ୍ଥ ଏଏନ୍‌ଏମ୍ ସେଣ୍ଟରକୁ ନିଆଯାଇଥିଲା। ସେଠାରେ ଟିକା ଦେବା ବେଳେ ଶିଶୁଟିର ଉକ୍ତ ସ୍ଥାନରୁ ରକ୍ତସ୍ରାବ ହୋଇଥିଲା। ଦୀର୍ଘ ସମୟ ଧରି ରକ୍ତ ବନ୍ଦ ହୋଇ ନଥିଲା। ଫଳରେ ଶିଶୁକୁ ବୁଧବାର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ଉକ୍ତ ସ୍ଥାନକୁ ବ୍ୟାଣ୍ଡେଜ୍ କରି ଘରକୁ ପଠାଇ ଦିଆଯାଇଥିଲା। କିନ୍ତୁ ଶିଶୁପୁତ୍ରର ଅବସ୍ଥା ଧୀରେଧୀରେ ବିଗିଡ଼ିଥିଲା। ଫଳରେ ଗୁରୁବାର ପୁଣି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଉପଯୁକ୍ତ ଚିକିତ୍ସା ମିଳି ନଥିବା ବେଳେ ଶିଶୁକୁ ଭୁବନେଶ୍ୱର ସ୍ଥାନାନ୍ତର କରିବାକୁ ପରିବାରଲୋକଙ୍କୁ କୁହାଯାଇଥିଲା। ମାତ୍ର କିଛି ସମୟ ମଧ୍ୟରେ ଶିଶୁର ଜୀବନ ଚାଲିଯାଇଥିଲା। ଏହାକୁ ନେଇ ଶିଶୁର ପରିବାର ଓ ସମ୍ପର୍କୀୟମାନେ ଡାକ୍ତରଖାନା ପରିସରରେ ହୋ-ହଲ୍ଲା କରିଥିଲେ।



ଖବର ପାଇ ନୟାଗଡ଼ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ସାମନ୍ତରାୟ, ଟାଉନ୍ ଥାନା ଅଧିକାରୀ ରଶ୍ମିରଞ୍ଜନ ପ୍ରଧାନ ପ୍ରମୁଖ ସଦଳବଳେ ସେଠାରେ ପହଞ୍ଚିଥିଲେ। ପୁଲିସ ଓ ସମ୍ପର୍କୀୟଙ୍କ ମଧ୍ୟରେ ମୁହାମୁହିଁ ଓ ଠେଲାପେଲା ପରିସ୍ଥିତି ସୃଷ୍ଟି ହୋଇଥିଲା। ପୁଲିସ ଅଣାୟତ ସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିବା ବେଳେ ସମସ୍ତେ ଡାକ୍ତରଖାନା ପରିସରରେ ଧାରଣାରେ ବସିରହିଥିଲେ।

ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଶାନ୍ତ କୁମାର ଦାଶ, ବରିଷ୍ଠ ଭେଷଜ ବିଶେଷଜ୍ଞ ଶତ୍ରୁଘ୍ନ ନାୟକ ପ୍ରମୁଖ ପହଞ୍ଚି ପରିବାର ଲୋକଙ୍କୁ ବୁଝାସୁଝା କରିଥିଲେ। ଶିଶୁପୁତ୍ରର ଶବ ବ୍ୟବଚ୍ଛେଦ କରାଯିବା ସହ ଘଟଣାର ତଦନ୍ତ ପାଇଁ ଏକ କମିଟି ଗଠନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଉକ୍ତ କମିଟି ତଦନ୍ତ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଡିଏମ୍‌ଓ କହିଥିବା ଜଣାପଡ଼ିଛି। ଏହି ଘଟଣାକୁ ନେଇ ପରିବାରଲୋକଙ୍କ ଅଭିଯୋଗ ଆଧାରରେ ନୟାଗଡ଼ ସଦର ଥାନାରେ ଏକ ମାମଲା ରୁଜୁ ହୋଇଛି। ବୋଦାପଡ଼ା ଏଏନ୍‌ଏମ୍ ସାଗରିକା ମିଶ୍ରଙ୍କ ନାମରେ ମାମଲା ହୋଇଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

ପ୍ରକାଶଯୋଗ୍ୟ, କିଛି ଦିନ ତଳେ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମାତୃ ଓ ଶିଶୁ ଚିକିତ୍ସାଳୟ କୋଠାରେ ବାଲୁଗାଁ ଅଞ୍ଚଳର ଜଣେ ମହିଳା ଓ ଗର୍ଭସ୍ଥ ଶିଶୁଙ୍କ ଚିକିତ୍ସା ଅବହେଳାରୁ ଜୀବନ ଯାଇଥିଲା। ଏହି ଘଟଣାରେ ସମ୍ପୃକ୍ତ ଡାକ୍ତର ରବୀନ୍ଦ୍ର ସାହୁଙ୍କୁ ନିଲମ୍ବନ କରାଯାଇଥିଲା। ତଥାପି ନୟାଗଡ଼ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବାରେ କୌଣସି ସୁଧାର ଆସୁନଥିବା ବେଳେ ନିର୍ବାଚିତ ଜନପ୍ରତିନିଧିମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇ ସୁସ୍ଥ ସ୍ୱାସ୍ଥ୍ୟ ସେବାର ଡିଣ୍ଡିମ ପିଟୁଥିବା ଦେଖିବାକୁ ମିଳିଛି।

**୨୭-୨୮ରେ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ**

# ଯୋଗଦେବେ ପ୍ରଧାନ ବିଚାରପତିଙ୍କ ସମେତ ୧୭ ମୁଖ୍ୟ ବିଚାରପତି

ଭୁବନେଶ୍ୱର, ୨୫।୯ (ସମିସ): ମଧ୍ୟସ୍ଥତା ମାଧ୍ୟମରେ କୌଣସି ସମସ୍ୟାର ସମାଧାନ ମହାଭାରତ ଯୁଗରୁ ରହିଛି। ଏହାକୁ ଆଧାର କରି ୨୦୨୩ରେ ଦେଶରେ ମେଡିଏସନ୍ ଆଇନ ଆସିଛି। ଏହି ଆଇନ ସଫଳ ଭାବେ କାର୍ଯ୍ୟକାରୀ ହେଲେ ଦେଶର ଅନେକ ଲୋକଙ୍କର କମ୍ ଖର୍ଚ୍ଚ ଓ ଖୁବ୍‌ଶୀଘ୍ର ମାମଲାଗୁଡ଼ିକ ସମାଧାନ ହୋଇପାରିବ। ଏହା ଦ୍ୱାରା ନ୍ୟାୟାଳୟ ଉପରେ ରହୁଥିବା ଚାପ ମଧ୍ୟ କମିବ ବୋଲି ଓଡ଼ିଶା ହାଇକୋର୍ଟର ଆଡ୍‌ଭୋକେଟ୍ ଜେନେରାଲ୍ ପୀତାମ୍ବର ଆଚାର୍ଯ୍ୟ କହିଛନ୍ତି। ଆସନ୍ତା ୨୭ ଓ ୨୮ ତାରିଖରେ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା ସମ୍ମିଳନୀ ସମ୍ପର୍କରେ ଗୁରୁବାର ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ବର୍ତ୍ତମାନ ନିମ୍ନ ଅଦାଲତରୁ ଆରମ୍ଭ କରି ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ଅନେକ ମାମଲା ବିଚାରାଧୀନ ରହିଛି। ଏହି ମାମଲାଗୁଡ଼ିକ ହ୍ରାସ କରିବା ପାଇଁ ୨୦୨୩ରୁ ମେଡିଏସନ୍ ଆଇନ ଆସିଛି। ଏଥିରେ ଅନେକ ମାମଲାକୁ ମଧ୍ୟସ୍ଥତା ମାଧ୍ୟମରେ ସମାଧାନ ହେବାର ବ୍ୟବସ୍ଥା କରାଯାଇଛି।

ଏହି ଆଇନର ସୁଦୂରପ୍ରସାରୀ ପାଇଁ ୨୭ ଓ ୨୮ରେ ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଦ୍ୱିତୀୟ ଜାତୀୟ ମେଡିଏସନ୍ ସମ୍ମିଳନୀ ଅନୁଷ୍ଠିତ ହେବ। ଏଥିରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ବି.ଆର୍ ଗଭାଇଙ୍କ ସମେତ ୧୭ଟି ରାଜ୍ୟର ହାଇକୋର୍ଟର ମୁଖ୍ୟ ବିଚାରପତିମାନେ ମଧ୍ୟ ଯୋଗଦେବେ। ଏହାସହ ହାଇକୋର୍ଟ ଓ ସୁପ୍ରିମକୋର୍ଟ ଆଦିରୁ ୪୦ରୁ ଊର୍ଦ୍ଧ୍ୱ ଜଜ୍-୧ ମଧ୍ୟ ଯୋଗ ଦେବେ ବୋଲି ଶ୍ରୀ ଆଚାର୍ଯ୍ୟ କରିଛନ୍ତି। ସୁପ୍ରିମକୋର୍ଟର ୧୦ ଜଣ ବିଚାରପତିଙ୍କ ସମେତ ୨୦୦ରୁ ଅଧିକ ମାନ୍ୟଗଣ୍ୟ ଅତିଥି ସାମିଲ ହେବେ। ଏମାନଙ୍କ ମଧ୍ୟରେ ସଲିଟିରର ଜେନେରାଲ୍ ବିଭିନ୍ନ ରାଜ୍ୟର ଏଜି ଆଇନ ବିଶ୍ୱବିଦ୍ୟାଳୟଗୁଡ଼ିକର ଭିସିମାନେ ମଧ୍ୟ ଯୋଗଦେବେ। ୨୭ ତାରିଖ ସଂଧ୍ୟା ସାଢ଼େ ୬ଟାରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଏହି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିବେ। ଏହି ସମୟରେ ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଜାତୀୟ ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଆଟର୍ଣ୍ଣି ଜେନେରାଲ୍, ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି, ରାଜ୍ୟ ଆଇନସେବା ପ୍ରାଧିକରଣର ଅଧ୍ୟକ ପ୍ରମୁଖ ଉପସ୍ଥିତ ରହିବେ। ଦ୍ୱିତୀୟ ଦିନରେ ଏହି ଆଇନର ବିଭିନ୍ନ ଦିଗକୁ ନେଇ ୫ଟି ଅଧିବେଶନ ଅନୁଷ୍ଠିତ ହେବ। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ଆଇନମନ୍ତ୍ରୀଙ୍କ ସମେତ କେନ୍ଦ୍ର ଶିକ୍ଷାମନ୍ତ୍ରୀ ପ୍ରମୁଖ ଯୋଗଦେବେ ବୋଲି ଶ୍ରୀ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ରାଜ୍ୟ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ରାଜ୍ୟରେ ଅନେକ ଜାତୀୟସ୍ତରୀୟ ସମ୍ମିଳନୀ ଆୟୋଜନ କରାଯାଉଛି। ଏହା ମଧ୍ୟସ୍ଥତା ଦିଗରେ ଦେଶକୁ ଏକ ଦିଗଦର୍ଶନ ଦେବ। ରାଜ୍ୟରେ ମଧ୍ୟ ଆଗକୁ ଗାଁମାନଙ୍କରେ ଛୋଟ ଛୋଟ ମାମଲାକୁ ମଧ୍ୟସ୍ଥତା ମାଧ୍ୟମରେ କିପରି ସମାଧାନ କାରଯାଇପାରିବ, ତାହା ଉପରେ ଦୃଷ୍ଟି ଦିଆଯାଉଛି। ରାଜ୍ୟ ସରକାର ଏ ବିଷୟରେ ଖୁବ୍‌ଶୀଘ୍ର ନିଷ୍ପତ୍ତି ନେବେ। ଏହି ସମ୍ମିଳନୀ ସମସ୍ତଙ୍କୁ ଆଗକୁ ବାଟ ଦେଖାଇବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି।

**■ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀ ଅତିଥି**
**■ ଉଦ୍‌ଯାପନୀରେ କେନ୍ଦ୍ର ଆଇନ ଓ ଶିକ୍ଷା ମନ୍ତ୍ରୀ ଯୋଗଦେବେ**



## ଆଜିଠୁ କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ଉତ୍ସବ

ବିଭିନ୍ନ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ

ଭୁବନେଶ୍ୱର, ୨୫।୯ (ସମିସ): କିଟ୍ ବିଶ୍ୱବିଦ୍ୟାଳୟର ୨୧ତମ ସମାବର୍ତ୍ତନ ୨୬ ତାରିଖରୁ ଆରମ୍ଭ ହେବ। ପ୍ରଥମଥର ବିଶ୍ୱବିଦ୍ୟାଳୟ ପକ୍ଷରୁ ୩ଦିନିଆ ସମାବର୍ତ୍ତନ ହେଉଛି। ଉତ୍ସବରେ ଶ୍ରୀଲଙ୍କାର ନୋବେଲ ପୁରସ୍କାର ବିଜେତା ପ୍ରଫେସର ମୋହନ ମୁନାସିଂଘେ, ଟ୍ୟୁନିସିଆର ନୋବେଲ ଶାନ୍ତି ପୁରସ୍କାର ବିଜେତା ଉଇଦେଦ୍ ବୋଚାମାଉଇ, ଇଣ୍ଟରନ୍ୟାସନାଲ କୋର୍ଟ ଅଫ୍ ଜଷ୍ଟିସ୍‌ର ବିଚାରପତି ନ୍ୟାୟମୂର୍ତ୍ତି ଏ. ଅହମ୍ମଦ ୟୁସୁଫ୍ ଓ ନ୍ୟାୟମୂର୍ତ୍ତି ଦଲବୀର ଭଣ୍ଡାରିଙ୍କ ସମେତ ପୃଥିବୀର ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଏହି ଅବସରରେ ଗୁଆଟେମାଲା ଗଣରାଜ୍ୟ କଂଗ୍ରେସ ସଦସ୍ୟ ଡ. ଫିଡେଲ ରେୟସ୍ ଲି, ୱକହର୍ଡ ଲିମିଟେଡ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ଗ୍ଲୋବାଲ୍ ହ୍ୟୁମାନିଟାରିଆନ୍ ଆଡଭୋକେଟ୍ ଡ. ହୁଜେଫା ଖୋରାକିୱାଲା, ଜର୍ମାନୀ ୟୁଥ୍ ଫର୍ ଅଣ୍ଡରଷ୍ଟାଣ୍ଡିଂ ଫାଉଣ୍ଡେସନର ପ୍ରତିଷ୍ଠାତା ନବର୍ଟ ସାଉର, ଲାଲଚାନ୍ଦ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟ ସଞ୍ଜୟ ହାନ୍ସ, କମ୍ପିଟିସନ ସକସେସ୍ ରିଭ୍ୟୁର ଅଧ୍ୟକ୍ଷ ତଥା ସମ୍ପାଦକ ଏସ୍. କେ. ସଚଦେବା, ପ୍ରସିଦ୍ଧ ଚଳଚ୍ଚିତ୍ର ଓ ନାଟ୍ୟ ନିର୍ଦ୍ଦେଶକ ଅନନ୍ତ ମହାପାତ୍ର ପ୍ରମୁଖଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡିଗ୍ରୀ ପ୍ରଦାନ କରାଯିବ। ଏହାସହ ଚଳିତ ବର୍ଷ ୭୨୩୫ ସ୍ନାତକ ଛାତ୍ରଛାତ୍ରୀ, ୨୦୩୪ ସ୍ନାତକୋତ୍ତର ଏବଂ ୧୯୫ ପିଏଚଡି ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ଉତ୍ସବର ପ୍ରଥମ ଦିନରେ ମେଡିକାଲ୍ ସାଇନସେସ୍ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବାକୁ ଥିବା ବେଳେ ଦ୍ୱିତୀୟ ଦିନ ଆଇନ ଓ ମ୍ୟାନେଜମେଣ୍ଟ ଏବଂ ତୃତୀୟ ଦିନରେ ଟେକ୍ନୋଲୋଜି ପାଠ୍ୟକ୍ରମର ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯିବ। ତିନି ଦିନ ଧରି ପ୍ରମୁଖ ଅତିଥି ଭାବରେ ବିଶ୍ୱର ପ୍ରସିଦ୍ଧ ବ୍ୟକ୍ତି ବିଶେଷ, ଆଇନ ବିଷାରଦ, ଶିକ୍ଷାବିତ୍, ନୋବେଲ ପୁରସ୍କାର ବିଜେତା ଏବଂ ଶିଳ୍ପ ଜଗତର ପ୍ରମୁଖ ବ୍ୟକ୍ତିମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।



ଲିସା କେଟ୍‌ଲି 'ମୁମ୍ବାଇ' କୋଚ୍

▶ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-93 ◆FRIDAY ◆26 SEPTEMBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୯୩ ◆ଶୁକ୍ରବାର ◆୨୬ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦







## ସୃଷ୍ଟି ହେଲା ଆଉ ଏକ ଲଘୁଚାପ

# ଦକ୍ଷିଣକୁ ବର୍ଷା, ଉପକୂଳକୁ ବନ୍ୟା ଭୟ

- ୨୭ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ଅବପାତ ବର୍ଷା
- ହୀରାକୁଦରୁ ୨୦ ଗେଟ୍‌ରେ ଜଳ ନିଷ୍କାସନ
- ଆଜି ମୁଣ୍ଡଳୀରେ ଯିବ ୬ ଲକ୍ଷ କ୍ୟୁସେକ୍



■ ଭୁବନେଶ୍ୱର, ୨୫।୯ (ସମିସ): ପଛକୁ ପଛ ଆସୁଥିବା ଲଘୁଚାପ ହେତୁ ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଏବେ ଫୁଲିବାରେ ଲାଗିଛି। ଯଦିଓ ଗୁରୁବାର ଗୋଟିଏ ଲଘୁଚାପ ଦୁର୍ବଳ ହୋଇଛି, ହେଲେ ଗୁରୁବାର ସନ୍ଧ୍ୟା ସୁଦ୍ଧା ଆଉ ଏକ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶାରେ ସବୁଠୁ ଅଧିକ ବର୍ଷା ଆଶଙ୍କା କରାଯାଇଛି। ମାତ୍ର ଗଲା ୨-୩ଦିନ ମଧ୍ୟରେ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ହେତୁ ହୀରାକୁଦକୁ ପ୍ରବଳ ପାଣି ପ୍ରବେଶ କରୁଛି। ଫଳରେ ବର୍ତ୍ତମାନ ମହାନଦୀ ତଳମୁଣ୍ଡରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଉତ୍ତରପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ କ୍ରମଶଃ ଦୁର୍ବଳ ହୋଇ ଘୂର୍ଣ୍ଣିବଳୟରେ ପରିଣତ ହୋଇଛି। ଏହା ବର୍ତ୍ତମାନ ଉତ୍ତରପଶ୍ଚିମ ତତ୍ସଂଲଗ୍ନ ପଶ୍ଚିମ କେନ୍ଦ୍ରୀୟ ବଙ୍ଗୋପସାଗର ଓ ତତ୍ସଂଲଗ୍ନ ଦକ୍ଷିଣ ଓଡିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ଉପରେ ସକ୍ରିୟ ରହିଛି। ଏଥିସହ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ରହିଥିଲା। ଏହାର ପ୍ରଭାବରେ ଗୁରୁବାର ସନ୍ଧ୍ୟାରେ ଉତ୍ତର ଓ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ନୂତନ ଲଘୁଚାପ ସୃଷ୍ଟି ହୋଇଛି। ଏହି ଲଘୁଚାପ ଧୀରେ ଧୀରେ ପଶ୍ଚିମ ଦିଗକୁ ଗତି କରିବା ସହ ସେପ୍ଟେମ୍ବର ୨୬ରେ ଉତ୍ତର-ପଶ୍ଚିମ ଏବଂ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଅବପାତରେ ପରିଣତ ହେବ। ସେପ୍ଟେମ୍ବର ୨୭ରେ ଦକ୍ଷିଣ ଓଡ଼ିଶା, ଉତ୍ତର ଆନ୍ଧ୍ରପ୍ରଦେଶ ନିକଟରେ ଏହା ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହି ସମୟ ମଧ୍ୟରେ ରାଜ୍ୟର ଅନେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ▶ପୃଷ୍ଠା-୭

### ୧୮ ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ଏସ୍ଆର୍‌ସି

■ ଭୁବନେଶ୍ୱର, ୨୫।୯(ସମିସ): ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ ପ୍ରଭାବରେ ରାଜ୍ୟର ଦକ୍ଷିଣ ଓଡ଼ିଶାରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦକ୍ଷିଣ ଓଡ଼ିଶାରେ ବର୍ଷା ଓ ତତ୍‌ଜନିତ ସ୍ଥିତି ମୁକାବିଲା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଏହି କ୍ରମରେ ଗୁରୁବାର ରାଜ୍ୟ ସ୍ୱତନ୍ତ୍ର ରିଲିଫ କମିସନର ଡି.କେ ସିଂ ଦକ୍ଷିଣଓଡ଼ିଶା ସମେତ ବର୍ଷା ଆଶଙ୍କା ଥିବା ୧୮ ଟି ଜିଲ୍ଲାର ଜିଲ୍ଲାପାଳଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ସ୍ଥିତି ସମୀକ୍ଷା କରିଛନ୍ତି। ଏଥିରେ ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ରାୟଗଡ଼ା, ଗଜପତି, କଳାହାଣ୍ଡି, କନ୍ଧମାଳ, ଗଞ୍ଜାମ, ନୟାଗଡ, ପୁରୀ, ଖୋର୍ଦ୍ଧା, ଜଗତସିଂହପୁର, କଟକ, କେନ୍ଦ୍ରାପଡ଼ା, ଯାଜପୁର, ଭଦ୍ରକ, ବାଲେଶ୍ୱର ଏବଂ ନୂଆପଡାର ଜିଲ୍ଲାର ଜିଲ୍ଲାପାଳମାନେ ଉପସ୍ଥିତ ରହି ନିଜ ନିଜ ଜିଲ୍ଲାର ସ୍ଥିତି ସମ୍ପର୍କରେ ଏସ୍ଆରସିଙ୍କୁ ଅବଗତ କରାଇଛନ୍ତି। ବୈଠକରେ ଜଳସଂପଦ ▶ପୃଷ୍ଠା-୭

## ଭାରତରେ ପ୍ରଥମ

# ଟ୍ରେନ୍‌ରୁ 'ଅଗ୍ନି' ପରୀକ୍ଷା



■ ନୂଆଦିଲ୍ଲୀ/ବାଲେଶ୍ୱର, ୨୫।୯ (ସମିସ): ପ୍ରତିରକ୍ଷା କ୍ଷେତ୍ରରେ ଭାରତକୁ ମିଳିଛି ଆଉ ଏକ ଐତିହାସିକ ସଫଳତା। ଗତକାଲି ବିଳମ୍ବିତ ରାତିରେ ଟ୍ରେନରୁ ସଫଳତା ସହ ଲଞ୍ଚ୍ ହୋଇଛି ଅଗ୍ନି-ପ୍ରାଇମ୍ କ୍ଷେପଣାସ୍ତ୍ର। ଡିଆରଡିଓ ପକ୍ଷରୁ ପ୍ରଥମ ଥର ଲାଗି ପରୀକ୍ଷା କରାଯାଇଥିବା ଏହି ମଧ୍ୟମ ଦୂରଗାମୀ ଅଗ୍ନି କ୍ଷେପଣାସ୍ତ୍ର ଦୁଇ ହଜାର କିଲୋମିଟର ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିପାରିବ। ଏଭଳି ସଫଳତା ପାଇବାରେ ରୁଷ, ଚୀନ ଓ ଉତ୍ତର କୋରିଆ ପରେ ଭାରତ ହେଉଛି ବିଶ୍ୱର ଚତୁର୍ଥ ଦେଶ। ଏବଂ ସବୁଠାରୁ ଉଲ୍ଲେଖନୀୟ କଥା ହେଲା ଯେ ଓଡ଼ିଶା ମାଟିରେ ଏହାର ପରୀକ୍ଷା କରାଯାଇଛି। ଏହି ସଫଳତା ଲାଗି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ବୈଜ୍ଞାନିକମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

ଏଭଳି ଐତିହାସିକ ପରୀକ୍ଷା ସଂପର୍କରେ ସୂଚନା ଦେଇଛନ୍ତି ରାଜନାଥ ସିଂହ। ଗତକାଲି (ବୁଧବାର) ବିଳମ୍ବିତ ରାତିରେ ଟ୍ରେନ୍ ଉପରେ ତିଆରି ହୋଇଥିବା ମୋବାଇଲ ଲଞ୍ଚର ସିଷ୍ଟମ ଜରିଆରେ ଅଗ୍ନି- ପ୍ରାଇମ୍ କ୍ଷେପଣାସ୍ତ୍ର ସଫଳତାର ସହ ପରୀକ୍ଷା କରାଯାଇଥିଲା। ରେଳ ଭିତ୍ତିକ ଲଞ୍ଚରରୁ ପ୍ରଥମ ଥର ଲାଗି କ୍ଷେପଣାସ୍ତ୍ର ପରୀକ୍ଷା ହୋଇଛି। ଟ୍ରେନ ସହ ସଂଯୁକ୍ତ ଏହି ଲଞ୍ଚରରୁ ଦେଶର ଯେକୌଣସି ଭାଗରୁ ଉତ୍‌କ୍ଷେପଣ କରାଯାଇପାରିବ। ରେଳ ଲାଇନରେ ସହଜରେ ଏହାର ପରିବହନ ହୋଇପାରିବ।

ଡିଆରଡିଓ ସୂତ୍ରରୁ ପ୍ରକାଶ ଯେ ଏହି କ୍ଷେପଣାସ୍ତ୍ର କାନିଷ୍ଟରାଇଜଡ ଲଞ୍ଚିଂ ସିଷ୍ଟମରୁ କରାଯାଇଛି। କାନିଷ୍ଟରାଇଜଡ ଲଞ୍ଚିଂ ସିଷ୍ଟମ ହେଉଛି ମିସାଇଲ ଲଞ୍ଚ୍ କରିବାର ଏକ ଅତ୍ୟାଧୁନିକ ବ୍ୟବସ୍ଥା। ଏଥିପାଇଁ ସ୍ୱତନ୍ତ୍ର ଭାବେ ଏକ ଟ୍ରେନ୍ ଡିଜାଇନ୍ କରାଯାଇଥିଲା। ଏହି ଟ୍ରେନ୍ ରେଳ ଲାଇନ୍‌ଥିବା ଦେଶରୁ ସବୁ ସ୍ଥାନକୁ ଯାଇପାରିବ। ଏହି ପରୀକ୍ଷା ଓଡ଼ିଶାର ଧାମରାସ୍ଥିତ ଅବଦୁଲ କଲାମ ଦ୍ୱୀପପୁଞ୍ଜ ପରୀକ୍ଷଣ କେନ୍ଦ୍ରରୁ ଏହି ପରୀକ୍ଷା କରାଯାଇଛି। ଅଗ୍ନି ପ୍ରାଇମ କ୍ଷେପଣାସ୍ତ୍ର ୨୦୦୦ କିମି ପର୍ଯ୍ୟନ୍ତ ନିଜର ଲକ୍ଷ୍ୟ ଭେଦ କରିପାରିବ। ଏଥିରେ ବହୁତ ଅତ୍ୟାଧୁନିକ ଆଡଭାନ୍ସ ଫିଚର ରହିଛି। ଏହି ପରୀକ୍ଷା ଭାରତ ପାଇଁ ବେଶ୍ ଗୁରୁତ୍ୱ ବହନ କରୁଛି। କାରଣ ଯୁଦ୍ଧ ଚାଲିଥିବା ବେଳେ ସେନାକୁ ଲଞ୍ଚିଂ ପଏଣ୍ଟ ପର୍ଯ୍ୟନ୍ତ ରେଳ ଲାଇନ୍‌ର ଆବଶ୍ୟକତା ରହିବ ନାହିଁ। ଶତ୍ରୁର ଦୃଷ୍ଟିରୁ ଲୁଚି ରହିବା ପାଇଁ ନିଜ ମିସାଇଲକୁ ରେଳ ସୁଡଙ୍ଗରେ ଲୁଚାଇ ରଖିପାରିବ। ରାତିର ଘନ ଅନ୍ଧାକାରରେ ଓ କୁହୁଡି ତଥା ଧୂଆଁଳିଆ ଇଲାକାରେ ମଧ୍ୟରେ କ୍ଷେପଣାସ୍ତ୍ର ଲଞ୍ଚ କରାଯାଇପାରିବ। ଦେଶର ରେଳ ନେଟୱର୍କ ଉପଯୋଗ ସହ ପୂର୍ବ ପ୍ରସ୍ତୁତି ବିନା ଯେକୌଣସି ସ୍ଥାନରୁ ମୋବାଇଲ ଲଞ୍ଚର ଯୋଗେ କ୍ଷେପଣାସ୍ତ୍ର ଉତକ୍ଷେପଣ ପ୍ରଣାଳୀ ବ୍ୟବହାର, ପ୍ରତିରକ୍ଷା ଗବେଷଣା ଓ ପ୍ରୟୋଗରେ ଏହା ପ୍ରଥମ।

ଉତକ୍ଷେପଣ ପରେ କ୍ଷେପଣାସ୍ତ୍ରର ଗତି, ବେଗ ଓ କାର୍ଯ୍ୟଦକ୍ଷତା ନିରୀକ୍ଷଣରୁ ମିଳିଥିବା ତଥ୍ୟ ଅନୁସାରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ଏହି ପରୀକ୍ଷଣ ସମସ୍ତ ପ୍ରକାର ଲକ୍ଷ୍ୟ ଓ ▶ପୃଷ୍ଠା-୭

**ରୁଷ, ଚୀନ୍, ଉତ୍ତରକୋରିଆ ପରେ ଭାରତ ଚତୁର୍ଥ ଦେଶ**

## ଜିଲ୍ଲା କାରାଗାରରେ କଏଦୀଙ୍କ ଆତ୍ମହତ୍ୟା

■ କୋଣାର୍କ, ୨୫।୯ (ସମିସ): ଗୋପ ବ୍ଲକ୍ ଅଧୀନସ୍ଥ ସୁତନ ପଞ୍ଚାୟତର ବାଙ୍ଗରସ୍ଥିତ ପୁରୀ ଜିଲ୍ଲା କାରାଗାରରେ ଗୁରୁବାର ସକାଳେ ଜଣେ ବିଚାରାଧୀନ କଏଦୀ କାନ୍ଥରେ ଥିବା ପାଣି ପାଇପ୍‌ରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ ପିପିଲି ଥାନା ଅଞ୍ଚଳର ବୁଲୁ ବେହେରା(୨୫) ବୋଲି ଜଣାପଡ଼ିଛି।

ପ୍ରକାଶ ଯେ, ଗତ ଜୁଲାଇ ୧ ତାରିଖରେ ବୁଲୁ ବେହେରା ଏକ ପୋକ୍ସୋ ଆକ୍ଟରେ ହୋଇଥିବା ଏକ ମାମଲାରେ ଗିରଫ ହୋଇ ବାଙ୍ଗରସ୍ଥିତ ଜିଲ୍ଲା କାରାଗାରରେ ଥିଲେ। କୌଣସି କାରଣରୁ ଗୁରୁବାର ସକାଳ ସମୟରେ ସେ ରହୁଥିବା ଘରର କାନ୍ଥରେ ଲାଗିଥିବା ପାଣି ପାଇପ୍‌ରେ ନିଜ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିବା ଜେଲ୍ କର୍ତ୍ତୃପକ୍ଷ ଦେଖିବାକୁ ପାଇଥିଲେ। ଏହି ଘଟଣାକୁ ନେଇ ରାମଚଣ୍ଡୀ ଥାନା ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ଶବ ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ରାମଚଣ୍ଡୀ ଥାନା ଅଧିକାରୀ ବିଚିତ୍ରାନନ୍ଦ ପରିଡ଼ା ପ୍ରକାଶ କରିଛନ୍ତି।

# ଦୁର୍ଘଟଣାରେ ଗଲା ୮ ଜୀବନ

### ବସ୍-ଟ୍ରକ୍ ମୁହାଁମୁହିଁ: ୬ ମୃତ, ୨୦ ଗୁରୁତର



■ ରାଉରକେଲା, ୨୫।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲାର କେ. ବଲାଙ୍ଗ ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥର କେ ବଲାଙ୍ଗ ନିକଟସ୍ଥ ସମିଜ ବ୍ରିଜ୍ ନିକଟରେ ଗୁରୁବାର ଏକ ଘରୋଇ ବସ୍ ସହ ଟ୍ରକ୍‌ର ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ୫ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଡାକ୍ତରଖାନା ଯିବା ବାଟରେ ଆଉ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ତିନି ଜଣ ମହିଳା ରହିଥିବା ଜଣାପଡ଼ିଛି। ଏହି ଦୁର୍ଘଟଣାରେ ୨୦ ଜଣ ଆହତ ହୋଇଥିବାବେଳେ ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ଅବସ୍ଥା ଗୁରୁତର ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୩ ଜଣ ଶିଶୁ ରହିଥିବା ସୂଚନା ମିଳିଛି। ସେମାନଙ୍କୁ ରାଉରକେଲାକୁ ସ୍ଥାନାନ୍ତର କରାଯାଇଛି। ସୂଚନାରୁ ଜଣାପଡ଼ିଛି ଯେ ରାଉରକେଲାରୁ ବଡ଼ବିଲ ଯାଉଥିବା ଲିଙ୍ଗରାଜ ଯାତ୍ରୀବାହୀ ବସ୍‌ଟି ୫୨୦ ନମ୍ବର ଜାତୀୟ ରାଜପଥରେ କେ. ବଲାଙ୍ଗ ନିକଟରେ ଟ୍ରକ୍ ସହ ଧକ୍କା ହୋଇଥିଲା। ରକ୍ସି ରେଳ ଫାଟକ ନିକଟରୁ ଗୋଟିଏ ରାସ୍ତା ସମ୍ପୂର୍ଣ୍ଣ ଜାମ ରହିଥିବାରୁ ଉକ୍ତ ବସଟି ରଙ୍ଗ ରୁଟ୍‌ରେ ଯାଇଥିଲା। ତେବେ ଅପରପଟରୁ ▶ପୃଷ୍ଠା-୭

### ଗଛରେ ପିଟିହେଲା ଟିପ୍ପର; ୨ ମୃତ



■ ଗୁଣପୁର, ୨୫।୯ (ସମିସ): ରାୟଗଡ଼ା ଜିଲ୍ଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଅନ୍ତର୍ଗତ ଭାଲେରୀ କୁଡ଼ିଆ ମୁଖ୍ୟ ରାସ୍ତାରେ ଗୁରୁବାର ଭୋର ସମୟରେ ଏକ ଟିପ୍ପର ଗଛରେ ପିଟି ହେବାରୁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଏଥିରେ ଗାଡ଼ି ଚାଳକ ଗୁରୁତର ହୋଇଛନ୍ତି। ଦୁର୍ଘଟଣାରେ ମୃତକ ଦ୍ୱୟ ହେଲେ ରାମାନାଗୁଡା ବ୍ଲକ ଅନ୍ତର୍ଗତ ଅର୍ଜୁନଗୁଡା ଗାଁର ଅଲିକ୍ଷ ପାତିକା ଓ ଅଜୟ ପାଲକା। ଗୁରୁତର ଟିପର ▶ପୃଷ୍ଠା-୭

# ଡାହାଣୀ ଅଭିଯୋଗରେ ନିର୍ଯାତନା ମାମଲା: ୬ ଦୋଷୀ ସାବ୍ୟସ୍ତ

■ ବାରିପଦା, ୨୫।୯ (ସମିସ): ବାରିପଦାର ସହକାରୀ ସେସନ୍ସ ଜଜ୍ କୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ ପାଇଛି। ମୟୂରଭଞ୍ଜ ଜିଲ୍ଲା ସାନସାରସପୋଷି ଗାଁର ଡାହାଣୀ ଅଭିଯୋଗରେ ଅବୈଧ ଭାବେ ବନ୍ଦୀ ରଖି ନିର୍ଯାତନା ଦେଇଥିବା ମାମଲାରେ ବିଚାରପତି ଦେବାଶିଷ ମହାନ୍ତି ୬ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତେବେ ସଂଶୋଧନକୁ ଗୁରୁତ୍ୱ ଦେଇ କୋର୍ଟ ସମସ୍ତ ଅଭିଯୁକ୍ତଙ୍କୁ ପ୍ରୋବେସନରେ ମୁକ୍ତ କରିଛନ୍ତି। ଦୋଷୀ ସାବ୍ୟସ୍ତ ବ୍ୟକ୍ତିମାନେ ହେଲେ ଚାନ୍ଦୁଆ ଥାନା ଅଧୀନରେ ସାନସରସପୋସି ଗାଁର ଅମର କୁମାର ସିଂ (୬୯), କମଲ ସିଂ (୪୦), ସନାତନ ସିଂ (୫୦), ରାଜକିଶୋର ସିଂ(୪୫), ରାଜେନ୍ଦ୍ର ସିଂ (୪୦) ଏବଂ ରଙ୍ଗଲାଲ ସିଂ (୩୫)। ସୂଚନା ମୁତାବକ, ଅଭିଯୋଗକାରୀ ଶ୍ୟାମସୁନ୍ଦର ସିଂହଙ୍କ ପକ୍ଷରୁ ୨୦୨୧ ଫେବୃଆରୀ ୨୦ରେ ଏନେଇ ଏକ ମାମଲା ରୁଜୁ କରାଯାଇଥିଲା। ସେ ଅଭିଯୋଗ କରିଥିଲେ ଯେ ୨୦୨୦ ନଭେମ୍ବରରୁ ପ୍ରାୟ ତିନି ମାସ ପର୍ଯ୍ୟନ୍ତ ଅଭିଯୁକ୍ତମାନେ ତାଙ୍କୁ ଗାଁରେ ଜ୍ୱର ଏବଂ ଗୋରୁମାନଙ୍କ ମୃତ୍ୟୁ ପାଇଁ ଡାହାଣୀ ଅଭିଯୋଗ କରି ଏକ ତାଲାବନ୍ଦ କୋଠରୀରେ ବନ୍ଦୀ ରଖିଥିଲେ। ଏହି ସମୟରେ ତାଙ୍କୁ ନିୟମିତ ଶାରୀରିକ ନିର୍ଯାତନା ଦିଆଯାଇଥିଲା। ଗରମ ଲୁହା ରଡ୍ ଦ୍ୱାରା ଚେଙ୍କ ମଧ୍ୟ ଦିଆଯାଇଥିଲା। ପ୍ରୋବେସନ୍ ଅଫିସରଙ୍କ ରିପୋର୍ଟରେ ଅଭିଯୁକ୍ତଙ୍କୁ ପ୍ରଥମ ଥର ଅପରାଧୀ ଏବଂ ସେମାନଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ବୋଲି ଉଲ୍ଲେଖ କରାଯାଇଥିବାରୁ ବିଚାରପତି ସେମାନଙ୍କୁ ପ୍ରୋବେସନ୍ ଅଫ୍ ଅଫେଣ୍ଡର୍ସ ଆକ୍ଟର ସୁବିଧା ପ୍ରଦାନ କରିଛନ୍ତି। ପ୍ରତ୍ୟେକ ଅଭିଯୁକ୍ତଙ୍କୁ ୫ ହଜାର ଟଙ୍କାର ବ୍ୟକ୍ତିଗତ ବଣ୍ଡ ଏବଂ ସମାନ ପରିମାଣର ଜଣେ ଜାମିନଦାର ସହ ମୁକ୍ତ କରାଯାଇଛି। ସେମାନେ ମୟୂରଭଞ୍ଜ ଜିଲ୍ଲା ପ୍ରୋବେସନ୍ ଅଫିସରଙ୍କ ତତ୍ତ୍ୱାବଧାନରେ ୨ ବର୍ଷ ରହିବେ। ପ୍ରୋବେସନ୍ ସର୍ତ୍ତ ଉଲ୍ଲଙ୍ଘନ ହେଲେ ତୁରନ୍ତ ଦଣ୍ଡ ଘୋଷଣା ହୋଇପାରେ। କୋର୍ଟ ପ୍ରତ୍ୟେକ ଅଭିଯୁକ୍ତଙ୍କୁ ଭୁକ୍ତଭୋଗୀ ଶ୍ୟାମସୁନ୍ଦର ସିଂହଙ୍କୁ ୨ ହଜାର ଟଙ୍କା କ୍ଷତିପୂରଣ ଦେବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ସରକାରଙ୍କ ପକ୍ଷରୁ ବ୍ରଜେନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।

## ରାଜ୍ୟବ୍ୟାପୀ ପାର୍ବଣ ଉତ୍ସାହ

# ମନମାରି ବସିଛନ୍ତି ନିଗମ, ବୋର୍ଡ ଆଶାୟୀ

■ ଭୁବନେଶ୍ୱର, ୨୫।୯ (ସମିସ): ଗତ ୧୫ ମାସ ମଧ୍ୟରେ ବିଜେପି ରାଜ୍ୟ ନେତୃତ୍ୱଙ୍କ ଏ ନେଇ ଏକାଧିକ ପ୍ରୟାସ , ଘନ ଘନ ଦିଲ୍ଲୀ ଗସ୍ତ ସତ୍ତ୍ୱେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରୁ ନାହିଁ। କାହିଁକି ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ହୋଇପାରୁ ନାହିଁ ଓ ନିଗମ ନିଯୁକ୍ତି କାହିଁକି ଅଟକିଛି, ତାହାର ଉତ୍ତର କେହି ଦେବାକୁ ସକ୍ଷମ ନୁହନ୍ତି। ଦୀର୍ଘଦିନ ଧରି ଅପେକ୍ଷାରେ ଥିବା କ୍ଷମତା ଆଶାୟୀଙ୍କର ଧୈର୍ଯ୍ୟଚ୍ୟୁତି ଘଟିଲାଣି। ପାର୍ବଣକୁ ନେଇ ରାଜ୍ୟରେ ଏକ ପ୍ରକାର ଉତ୍ସବର ମାହୋଲ ଥିବାବେଳେ ମନ୍ତ୍ରୀ, ନିଗମ, ବୋର୍ଡ ଆଶାୟୀମାନେ ମନମାରି ବସିଛନ୍ତି। ପୂଜାକୁ ନେଇ ସେମାନଙ୍କ ମଧ୍ୟରେ ସରାଗ ନ ନାହିଁ।

ନିଗମ ଏବଂ ବୋର୍ଡରେ ନିଯୁକ୍ତି ପାଇଁ ଗଲା ବର୍ଷଟିଏ ଧରି ଦଳର ନେତାମାନେ ଉଦ୍ୟମ କରି ଆସୁଛନ୍ତି। ନିଜ ନିଜ ନେତାଙ୍କ ପାଖରେ ଶରଣ ପସିବା ସହ ଏଥିପାଇଁ ପୁଳାଏ ଅର୍ଥ ମଧ୍ୟ ସାରିଲେଣି। ହେଲେ ପଦ୍ମ ଘୁଞ୍ଚି ଘୁଞ୍ଚି ଯିବା ପରି, ନିଯୁକ୍ତି ପ୍ରକ୍ରିୟା ଅହେତୁକ ବିଳମ୍ବ ହେବାରେ ଲାଗିଛି। ନିଯୁକ୍ତି ପ୍ରକ୍ରିୟା କେଉଁଠି ଏବଂ କାହା ପାଇଁ ଓ କେଉଁ କାରଣ ପାଇଁ ଅଟକିଛି, ସେନେଇ ଦଳର ଶୀର୍ଷ ନେତୃତ୍ୱ ଆଶାୟୀଙ୍କୁ କିଛି ଜଣାଉନାହାନ୍ତି। କେବଳ ସମୟ ଆସିଲେ ନିଯୁକ୍ତି ପ୍ରକ୍ରିୟାକୁ କାର୍ଯ୍ୟାନ୍ୱୟନ କରାଯିବ ବୋଲି ଅଭୟବାଣୀ ଶୁଣାଉଛନ୍ତି। ଯାହାକୁ ନେଇ ଆଶାୟୀ ସମ୍ପୂର୍ଣ୍ଣ ନିରାଶ ହୋଇ ପଡ଼ିଲେଣି। ନିଜ ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଆଶାୟୀ କହିଛନ୍ତି ଯେ ବାରମ୍ବାର ଆମକୁ ଦଳୀୟ ନେତୃତ୍ୱଙ୍କ ନିକଟରୁ କେବଳ ପ୍ରତିଶ୍ରୁତି ମିଳୁଛି। ସଂଗଠନ ବୃଦ୍ଧି ପାଇଁ କାମ କରିବାକୁ କୁହାଯାଉଛି। କେତେଦିନ ଏମିତି ହାତରୁ ଟଙ୍କା ଖର୍ଚ୍ଚ କରି, ନିଜର ସମୟ ସାରି ସଂଗଠନ ପାଇଁ ଦୌଡୁଥିବୁ। ଦୁର୍ଗାପୂଜା ପୂର୍ବରୁ କିଛି ନିଗମ ଓ ବୋର୍ଡରେ ନିଯୁକ୍ତି ଦିଆଯିବ ବୋଲି କୁହାଯାଇଥିଲା। ମାତ୍ର ବର୍ତ୍ତମାନର ସ୍ଥିତିକୁ ଦେଖିଲେ ସେମିତି କିଛି ଜଣାପଡୁନାହିଁ। ରାଜ୍ୟରେ ଆମ ସରକାର ଆସି ଲାଭ କଣ ବୋଲି ସେ ପ୍ରଶ୍ନ କରିଛନ୍ତି। ଏପଟେ ଦଳୀୟ ନେତାଙ୍କ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦୁର୍ଗାପୂଜା ପରେ ପରେ ନିଗମ, ବୋର୍ଡକୁ ନେଇ କିଛି ନିଷ୍ପତ୍ତି ନିଆଯାଇପାରେ। ଏଥିପାଇଁ ଆଶାୟୀମାନେ ଧୈର୍ଯ୍ୟ ଧରି ରହିବା ଆବଶ୍ୟକ ବୋଲି ସେମାନେ ମତ ପ୍ରକାଶ କରିଛନ୍ତି। ଅପରପକ୍ଷେ ଚଳିତ ମାସ ଶେଷ ଆଡ଼କୁ ରାଜ୍ୟ ବିଜେପି ରାଜନୀତି ଏବଂ ସରକାରସ୍ତରରେ ଅନେକ ଗୁଡ଼ିଏ ଘଟଣା ଘଟିପାରେ ବୋଲି ରାଜ୍ୟ ବିଜେପି ପ୍ରଭାରୀ ବିଜୟ ପାଲ ସିଂ ତୋମାର ପୂର୍ବରୁ ସଙ୍କେତ ଦେଇଥିଲେ। ସେହି ଅନେକ ଘଟଣା କଣ, ତାହାକୁ ଜାଣିବା ପାଇଁ ଦଳର କର୍ମୀ ମହଲରେ ଉତ୍ସୁକତା ବଢ଼ିବାରେ ଲାଗିଛି।

**ଆଶାୟୀଙ୍କ କ୍ଷୋଭ: ଶାସନକୁ ଆସି ଲାଭ କଣ**

# ଅସୁରକ୍ଷିତ ଶ୍ରେଣୀଗୃହରେ ପଢୁଛନ୍ତି ୧୨୦ ଛାତ୍ରଛାତ୍ରୀ

ରାଜଘାଟ, ୨୫।୯ (ସମିସ)






ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ କରିବା ସହ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ ନିମନ୍ତେ ସରକାରୀ ସ୍ତରରେ ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ବିଦ୍ୟାଳୟଗୁଡିକରେ ଭିତ୍ତିଭୂମିର ବିକାଶ କରାଯାଉଛି। ମାତ୍ର ଆଜି ଦିନରେ ବି ଏମିତି ବିଦ୍ୟାଳୟ ରହିଛି, କେଉଁଠି ବିଦ୍ୟାଳୟର ଛାତଫାଟି ରଡ ବାହାରିଲାଣି ତ କେଉଁଠି କାନ୍ଥ ଫାଟି ଆଁ କରିଛି। କେତେବେଳେ ଛାତ ଫାଟି ପ୍ଲାଷ୍ଟର ଖସୁଛି ତ ଆଉ କେତେବେଳେ ଫଟା ଛାତ ରୁ ପାଣି ପଡ଼ି ଛାତ୍ରଛାତ୍ରୀ ଓଦା ହେଉଛନ୍ତି। କେତେବେଳେ କ'ଣ ଅଘଟଣ ଘଟିବ ଭଗବାନ ଜାଣନ୍ତି। ତେବେ ଏହି ବିଦ୍ୟାଳୟଟି କେଉଁ ଅପହଞ୍ଚ ଅଞ୍ଚଳର ନୁହେଁ। ଏମିତି ଘଟଣା ଦେଖିବାକୁ ମିଳିଛି ବସ୍ତା ବ୍ଲକ ଅନ୍ତର୍ଗତ ବାସି ଚକୁରାଇ ଗ୍ରାମର ସରକାରୀ ପ୍ରାଥମିକ ବିଦ୍ୟାଳୟରେ।

ସରକାରଙ୍କ ସଭିଏଁ ପଢ଼ିବେ, ସଭିଏଁ ବଢ଼ିବେ ସ୍ଲୋଗାନ ଏଠାରେ ସମ୍ପୂର୍ଣ୍ଣ ବାଟବଣା। ସବୁଠାରୁ ବଡ଼ କଥା ହେଲା ଏହି ଅସୁରକ୍ଷିତ ଶ୍ରେଣୀ ଗୃହ ମଧ୍ୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୧୨୦ ଜଣ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ା ଯାଉଛି। ପାଠ ପଢ଼ିବା ପାଇଁ ଅସୁବିଧା ହେବା ସଙ୍ଗେ ସଙ୍ଗେ ବିପଦସଙ୍କୁଳ ଭାବେ ଶ୍ରେଣୀ ଗୃହରେ ପାଠ ପଢୁଛନ୍ତି ଏହି ଛାତ୍ର ଛାତ୍ରୀ। ଶିକ୍ଷାଦାନ ନିମନ୍ତେ ୪ ଜଣ ଶିକ୍ଷକ ରହିଥିବା ବେଳେ ଶ୍ରେଣୀ ଗୃହର ଏପରି ଅବସ୍ଥା ଯୋଗୁଁ ପାଠପଢ଼ା ବାଧାପ୍ରାପ୍ତ ହେଉଛି। ଛାତରୁ ପ୍ଲାଷ୍ଟର ଖସୁଥିବାରୁ ଛାତ୍ରଛାତ୍ରୀ ବିଦ୍ୟାଳୟକୁ ଆସିବାକୁ ଭୟ କରୁଛନ୍ତି। ଯାହା ଫଳରେ ଏହି ବିଦ୍ୟାଳୟର ଧୀରେଧୀରେ ଛାତ୍ର ଛାତ୍ରୀଙ୍କ ସଂଖ୍ୟା କମି କମି ଯାଉଛି। ନୂତନ ଶ୍ରେଣୀଗୃହ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା କହିଛନ୍ତି ଗ୍ରାମବାସୀ। ଏହି ବିଦ୍ୟାଳୟଟି ୧୯୫୯ ମସିହାରେ ସ୍ଥାପନ ହୋଇଥିବା ବେଳେ ନିର୍ମାଣ ହୋଇଥିବା ଶ୍ରେଣୀ ଗୃହ ଗୁଡିକ ମରାମତି ଅଭାବରୁ ଜରାଜୀର୍ଣ୍ଣ ପାଲଟି ଗଲାଣି। ସାମାନ୍ୟ ବର୍ଷା ହେଲେ ଚାରିଆଡେ ପାଣି ପଡୁଛି। ଫଟା କାନ୍ଥ ଭିତରେ ସାପ ପଶି ଯିବାର ଭୟ ରହିଛି, ଯାହା ଫଳରେ ସ୍କୁଲରେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେବା ସହ ସେମାନଙ୍କ ଜୀବନ ପ୍ରତି ବିପଦ ରହିଛି ବୋଲି ଅଭିଯୋଗ କରିଛନ୍ତି ଅଭିଭାବକ। ବର୍ଷା ସମୟରେ ପାଠପଢ଼ା ସମ୍ପୂର୍ଣ୍ଣ ବନ୍ଦ ହେଉଥିବା ବେଳେ ଛାତ୍ରଛାତ୍ରୀ ଅସୁବିଧାର ସମ୍ମୁଖୀନ ହୋଇ ଥାନ୍ତି। ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଏବଂ ସୁରକ୍ଷାକୁ ଦୃଷ୍ଟି ରେ ରଖି ତୁରନ୍ତ ନୂତନ ଶ୍ରେଣୀଗୃହ ଯୋଗାଇ ଦେବା ପାଇଁ ଛାତ୍ରଛାତ୍ରୀ ଏବଂ ଅଭିଭାବକ ପ୍ରଶାସନକୁ ନିବେଦନ କରିଛନ୍ତି।

## ସାମ୍ବାଦିକ ପ୍ରକୋଷ୍ଠ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ବାଲିଆପାଳ, ୨୫।୯ (ସମିସ): ଆଜି ବାଲିଆପାଳ ବ୍ଲକ ଗସ୍ତରେ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଥିବା ବେଳେ ବାଲିଆପାଳ ର ସମସ୍ତ ସାମ୍ବାଦିକ ସାକ୍ଷାତ କରି ସାମ୍ବାଦିକ ପ୍ରକୋଷ୍ଠ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ପ୍ରକୋଷ୍ଠ ନ ଥିବା ଯୋଗୁଁ ଖବର ସଂଗ୍ରହ କରିବାକୁ ଆସି ସାମ୍ବାଦିକ ମାନେ ବସିବାକୁ ଜାଗାଟିଏ ନ ପାଇ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ତେଣୁ ବ୍ଲକ କାର୍ଯ୍ୟାଳୟ ତରଫରୁ ଫାଙ୍କା ପଡ଼ିଥିବା ଗୃହ ମଧ୍ୟରୁ ଏକ ଗୃହ ବା ନୂତନ ଗୃହ ସାମ୍ବାଦିକ ପ୍ରକୋଷ୍ଠ ପାଇଁ ପ୍ରଦାନ କରିବାକୁ ବରିଷ୍ଠ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ, ପଙ୍କଜ କୁମାର ସାହୁ, ପ୍ରଦୀପ କୁମାର ଜେନା, କମଳାକାନ୍ତ ଦାସ, ରମୀତା ବିଶ୍ୱାଳ, ଦେବକୀ ନନ୍ଦନ ଦାସ, ଗୋପିକୃଷ୍ଣ ପଣ୍ଡା, ଲକ୍ଷ୍ମୀଧର ପ୍ରଧାନ, ପ୍ରଶାନ୍ତ ସାହୁ, ଦିଲ୍ଲୀପ କୁମାର ଜେନା, ଝାଡେଶ୍ୱର ପ୍ରଧାନ, ହରେକୃଷ୍ଣ ଦାସ, ସୁବାସ ଦାସ, ଉମାକାନ୍ତ ନାୟକ, ରାଧାଗୋବିନ୍ଦ ଦାସ ପ୍ରମୁଖ ଦାବିପତ୍ର ପ୍ରଦାନ କରିଛନ୍ତି। ଏବାବଦରେ ବିଡ଼ିଓଙ୍କ ସହିତ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବେ ବୋଲି ଜିଲ୍ଲାପାଳ କହିଛନ୍ତି।

## ବୁଲେଟ୍ ସହ ବ୍ରାଉନ୍‌ସୁଗର ଜବତ, ଜଣେ ଗିରଫ



ସୋର, ୨୫।୯ (ସମିସ) : ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ଦହିସଡା ଛକ ନିକଟ ମଡ଼ର୍ଣ୍ଣ ହୋଟେଲ ସମ୍ମୁଖରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରି ଏକ ବୁଲେଟ ସହ ବ୍ରାଉନସୁଗର ଜବତ କରିବା ସହିତ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୋର ଆଦର୍ଶ ଅବକାରୀ ଥାନାଧିକାରୀ ସୁରଜ କୁମାର ଟୀଗାଙ୍କ ନେତୃତ୍ୱରେ ଏକ ଟିମ୍ ବ୍ରାଉନ ସୁଗର କାରବାର ହେଉଥିବାର କୌଣସି ସୂତ୍ରରୁ ଖବର ପାଇ ଆଜି ମଧ୍ୟାହ୍ନରେ ମଡ଼ର୍ଣ୍ଣ ହୋଟେଲ ନିକଟରେ ଜଗି ରହିଥିଲେ। ଏହି ସମୟରେ ଖନ୍ତାପଡ଼ା ଥାନା ଗଡ଼ଭଙ୍ଗା ଗ୍ରାମର ଦିବ୍ୟଲୋକ ରାଉତ ଏକ ବୁଲେଟ ଯୋଗେ ସେଠାରେ ପହଞ୍ଚିବା ପରେ ଅବକାରୀ ଟିମ୍ ତାଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ପରେ ତା ନିକଟରୁ ୨୨୦ ଗ୍ରାମ ବ୍ରାଉନ ସୁଗାର ସହିତ ବୁଲେଟକୁ ଜବତ କରିବା ସହିତ ଦିବ୍ୟଲୋକକୁ ଗିରଫ କରିଥିଲେ। ସନ୍ଧ୍ୟାରେ ସୋର ମେଡିକାଲରେ ତାର ଡାକ୍ତରୀ ମାଇନା ପରେ ତାକୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ଉରେ ଏଏସଆଇ ବସନ୍ତ ବାରିକ, କନେଷ୍ଟବଳ ଶଶୀକାନ୍ତ ସାହୁ, କାଜଲ ପ୍ରିୟଦର୍ଶିନୀ ପ୍ରମୁଖ ସାମିଲ ହୋଇଥିଲେ। ଜବତ ବ୍ରାଉନ ସୁଗାରର ମୂଲ୍ୟ ୨୩ ଲକ୍ଷ ଟଙ୍କା ବୋଲି ଅବକାରୀ ଅଧିକାରୀ ସୂଚନା ଦେଇଛନ୍ତି।

## ନୀଳଗିରି ରାଜବାଟିରେ ନିଆରା ବଳି ଖେଳ



ନୀଳଗିରି, ୨୫।୯ (ସମିସ) : ଦୁର୍ଗାପୂଜା ପାଇଁ ନୀଳଗିରି ରାଜବାଟି ପରିସରରେ ଥିବା ଐତିହାସିକ କନକଦୁର୍ଗା ଶକ୍ତିପୀଠ ଚଳଚଞ୍ଚଳ ହୋଇଉଠିଛି। ନବରାତ୍ର ପୂଜାର ଦ୍ୱିତୀୟ ଦିନ ନିଆରା ଢଙ୍ଗରେ ବଳିପ୍ରଥା ଆରମ୍ଭ ହୋଇଥାଏ। ରାଜା ରାଜୁଡ଼ା ଅମଳରୁ ପଶୁବଳି ଚାଲି ଆସୁଥିବା ବେଳେ ଏବେ ଏହା କଖାରୁରେ ସୀମିତ ରହିଛି। ସମୟ ଥିଲା ବଳି ଖେଳ ପାଇଁ ଅଞ୍ଚଳବାସୀ ତାଟି କବାଟ ପକାଇ ଦେଉଥିବା ବେଳେ ଏବେ ଏହା ମନୋରଞ୍ଜନର ମାଧ୍ୟମ ପାଲଟିଛି। ନୀଳଗିରି ରାଜ ପରିବାରର କୂଳଦେବୀ ହେଉଛନ୍ତି ମା' କନକ ଦୁର୍ଗା। ଦୁର୍ଗାପୂଜାରେ ଷୋଡ଼ଶ ପୂଜା ହୋଇଥିବା ବେଳେ ହୋମଯଜ୍ଞ ପୂଜା ସମାପନ ହୋଇ ଅଷ୍ଟମୀରେ ହଜାର ହଜାର ବ୍ରତୀ ଡଲାଭୋଗ ଲାଗିକରନ୍ତି। ନବରାତ୍ର ପୂଜାର ତୃତୀୟ ଦିନ ଆଜିଠାରୁ ବଳିଖେଳ ଆରମ୍ଭ ହୋଇ ୫ଦିନ ଚାଲିବ। ରାତ୍ରରେ କାଳିସୀ ଜଗନ୍ନାଥ ମନ୍ଦିର ପରିସରରୁ ସଜ୍ଜିତ ହୋଇ ଅନ୍ଧାରରେ ମଶାଲ ଆଲୁଅରେ ଅସ୍ତ୍ର ଧରି ରାଜବାଟି ପରିସରକୁ ଆସିଥାନ୍ତି। ଦୁର୍ଗା ମାଧବ ଭେଟ ଓ ନୀତିପୂଜା ପରେ ଆରମ୍ଭ ହୋଇଥାଏ ବଳିଖେଳ। କାଳୀସି ଦାସୀ ହୋଇ ଉପସ୍ଥିତ ଥିବା ଭକ୍ତମାନଙ୍କୁ ଗୋଡ଼ାଇ ଗୋଡ଼ାଇ ଛୁଇଁଥାନ୍ତି। ୫ ଦିନରେ ଏହି ଖେଳରେ ସେ ୫ଜଣ ଭକ୍ତଙ୍କୁ ଛୁଇଁ ଥିବାବେଳେ ଭକ୍ତମାନେ ମା'ଙ୍କଠାରେ ବଳିପାଇଁ ପାଣି କଖାରୁ ସମର୍ପଣ କରିଥାନ୍ତି। ରାଜା ରାଜୁଡ଼ା ଅମଳରୁ କଖାରୁ ବଦଳରେ ଛେଳି ସମର୍ପଣ ପରେ ବଳିପଡୁଥିଲା। ହେଲେ ଏହା ଆଇନର କଟକଣା ପାଇଁ ବନ୍ଦ ରହିଛି। ପୂର୍ବରୁ ବଳି ଖେଳ ଦେଖିବାକୁ ଅଞ୍ଚଳବାସୀ ଭୟରେ ଆସୁନଥିବା ବେଳେ ଦାସୀ ସମୟରେ ବାଜାର ଶବ୍ଦ ଶୁଣି ତାଟି କବାଟ ପଡ଼ି ଯାଉଥିଲା। ହେଲେ ଆଜି ଭଳି ସମୟରେ ହଜାର ହଜାର ଭକ୍ତଙ୍କ ଉପସ୍ଥିତି ସାଙ୍ଗକୁ କାଳୀସି ସହିତ ଦୌଡା ଦୌଡ଼ି ହେବା ଓ କୌତୁକିଆ କଥାହେବା ଏକ ମନୋରଞ୍ଜନର ମାଧ୍ୟମ ପାଲଟିଯାଇଛି।

## ଉଦୟପୁର ବେଳାଭୂମିରୁ ପଶ୍ଚିମବଙ୍ଗ ମାର୍କା ବିଦେଶୀ ମଦ ଜବତ


ବେପାରୀ ଫେରାର

ଭୋଗରାଇ, ୨୫।୯ (ସମିସ): ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଅନ୍ତର୍ଗତ ଓଡ଼ିଶା-ପଶ୍ଚିମବଙ୍ଗ ସୀମାନ୍ତରେ ଥିବା ବାଲୁକା ବିସ୍ତୀର୍ଣ୍ଣ ମନୋରମ ଉଦୟପୁର ବେଳାଭୂମି ନିଶା ଓ ରୂପଜିବୀଙ୍କ ସାମ୍ରାଜ୍ୟର ଭୂସ୍ୱର୍ଗ ପାଲଟିଥିବା ବେଳେ ଏହି ବେଳାଭୂମିକୁ ପ୍ରତ୍ୟେକ ଦିନ ଦେଶ ବିଦେଶରୁ ହଜାର ହଜାର ପର୍ଯ୍ୟଟକ ଭ୍ରମଣ କରିବାକୁ ଆସିଥାନ୍ତି। ମାତ୍ର ବେଳାଭୂମିକୁ ଲାଗି ତାଳସାରି ସାମୁଦ୍ରିକ ଥାନା ପୁଲିସ ରହିଥିବା ସତ୍ତ୍ୱେ ବେଳାଭୂମିରେ ମାଛ କଙ୍କଡ଼ା ବ୍ୟବସାୟ କରୁଥିବା ଉଠା ଦୋକାନୀ ଓ ଦଲାଲମାନେ ଅନାୟାସରେ ପର୍ଯ୍ୟଟକଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନିଶା ଓ ରୂପଜୀବୀ ଯୋଗାଇ ଦେଇଥାନ୍ତି। କେବଳ ଏତିକି ନୁହେଁ, ବେଳାଭୂମିରେ ପର୍ଯ୍ୟଟକଙ୍କୁ ନିଶାଗ୍ରସ୍ତ କରାଇ ରୂପଜୀବୀଙ୍କୁ ଆଣି ଖୋଲା ଆକାଶ ତଳେ ମୁକ୍ତ ବାର ଭଳି ଅର୍ଦ୍ଧ ଉଲଗ୍ନ ନୃତ୍ୟ ଓ ଦେହ ବ୍ୟବସାୟ ଚଳାଇ ଆସୁଥିଲେ। ଏ ନେଇ ସ୍ଥାନୀୟ ଲୋକେ ତଥା ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ସାମାଜିକ କର୍ମୀ ପ୍ରଶାସନ ନିକଟରେ ଅଭିଯୋଗ କରି ଆସୁଥିଲେ ଏବଂ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରସାରଣ ପରେ ତାଳସାରି ସାମୁଦ୍ରିକ ଥାନା ପୁଲିସ ଗୁରୁବାର ଉଦୟପୁର ବେଳାଭୂମିରେ ଚଢ଼ଉ କରି ଜଣେ ମଦ ବେପାରୀଙ୍କ ଠାରୁ ୧୫୬ ଲିଟର ପଶ୍ଚିମବଙ୍ଗ ମାର୍କା ବିଦେଶୀ ମଦ ସହିତ ମଦ ରଖିବାର ବ୍ୟବହୃତ ସାମଗ୍ରୀ ଜବତ କରିଛି। ଜବତ ମଦ ଓ ସାମଗ୍ରୀର ମୂଲ୍ୟ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ହେବ ବୋଲି ଆକଳନ କରାଯାଇଛି। ଚଢ଼ଉବେଳେ ମଦ ବେପାରୀ ଚମ୍ପଟ ମାରି ପଶ୍ଚିମବଙ୍ଗକୁ ପଳାଇଥିବା ଜଣା ପଡ଼ିଛି। ଉକ୍ତ ମଦ ବେପାରୀକୁ ଧରିବା ପାଇଁ ପୁଲିସର ଅନୁସନ୍ଧାନ ଜାରି ରହିଥିବା ଥାନାଧିକାରୀ ଚମ୍ପାବତୀ ସୋରେନ ପ୍ରକାଶ କରିଛନ୍ତି। ଅପରପକ୍ଷରେ ସମ୍ପୃକ୍ତ ମଦ ବେପାରୀ କହିଛନ୍ତି, ଉଦୟପୁର ବେଳାଭୂମିରେ ୪ଟି ମଦ କାଉଣ୍ଟର ଖୋଲାଯାଇ ମଦ ବିକ୍ରି ହେଉଥିଲା ବେଳେ ଥାନାଧିକାରୀ ଶ୍ରୀମତୀ ସୋରେନ ଆକ୍ରୋଶ ମୂଳକ ଭାବେ କେବଳ ଜଣେ ମଦ ବେପାରୀଙ୍କ ମଦକୁ ବାରମ୍ବାର ଜବତ କରିବା ସହିତ ମାମଲା ରୁଜୁ କରି ଅନ୍ୟ ୩ ମଦ କାଉଣ୍ଟରର ବେପାରୀମାନଙ୍କୁ କେଉଁ କାରଣରୁ ଅନୁକମ୍ପା ଦେଖାଇ ବେଳାଭୂମିରେ ମଦ ବିକିବାକୁ ପ୍ରୋତ୍ସାହନ ଦେଉଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଯଦି ବେଳାଭୂମିରେ ପୁଲିସର ମଦ ବନ୍ଦ କରିବାର ଅଛି ତେବେ ସମ୍ପୂର୍ଣ୍ଣ ମଦ ବନ୍ଦ ହେଉ ବୋଲି ସମ୍ପୃକ୍ତ ବେପାରୀ ଜଣକ ଦାବି କରିବା ସହିତ ନିଜର ନାମ ଗୋପନ ରଖିବାକୁ ଗଣମାଧ୍ୟମକୁ ନିବେଦନ କରିଛନ୍ତି। ଥାନାଧିକାରୀଙ୍କୁ ଏ ନେଇ ଫୋନ ଯୋଗେ ଯୋଗଯୋଗ କରାଯାଇଥିଲେ ମଧ୍ୟ ତାଙ୍କର କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ।

## ଚୋରା ବାଲି ଖାଦାନ ରାସ୍ତା କାଟିଦେଲା ଖଣି ବିଭାଗ



ଜଳେଶ୍ୱର ବ୍ଲକ, ୨୫।୯ (ସମିସ) : ବେଆଇନ ବାଲି ଖାଦାନକୁ କାଟିଦେଲା ଖଣି ବିଭାଗ। ସୁବର୍ଣ୍ଣରେଖା ନଦୀର ଜଳେଶ୍ୱର ବ୍ଲକର ଚାଲନ୍ତି ଠାରେ ଥିବା ବେଆଇନ ବାଲି ଖାଦାନକୁ ବନ୍ଦ କରିବା ପାଇଁ ଜୁନିୟର ଲଘୁ ଖଣିଜ ସମ୍ପଦ ବିଭାଗ ବାରମ୍ବାର କାଟି ଦେଉଛି ଆଉ ମାଫିଆ ମାନେ ବାରମ୍ବାର ରାସ୍ତା ମରାମତି କରି ବାଲି ଉତ୍ତୋଳନ କରୁଛନ୍ତି। ଏହି ବେଆଇନ ବାଲି ଖାଦାନରୁ ମାଫିଆ ମାନେ ଦିନରାତି ଜେସିବି ରେ ବାଲି ଖୋଳି ଟ୍ରାକ୍ଟର, ଡମ୍ପର ଏବଂ ହାଇଓ୍ୱା ସାହାଯ୍ୟରେ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ହୋଇଥିଲା। ଏହି ବାଲି ଖାଦାନରୁ ୧୫୦ କୋଟିରୁ ଅଧିକ ଟଙ୍କାର ବାଲି ଚାଲାଣ ହୋଇ ଥିବା ଅଭିଯୋଗ ହୋଇଥିଲା। ଏହି ବେଆଇନ ଖାଦାନ ଉପରେ ଏନ୍‌ଜିଟିର ଛାଟ ଲାଗିଥିଲେ ମଧ୍ୟ ଖାତିର ନ କରି ଚାଲିଛି ବାଲି ଚୋରା ଚାଲାଣ। ଗୋଟିଏ ପଟେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ବାଲି ଚୋରିକୁ ନେଇ ଉଦବେଗ ପ୍ରକାଶ କରୁଥିବା ବେଳେ ଫଳ ସମ୍ପୂର୍ଣ୍ଣ ଓଲଟା। ଖଣି ଅଧିକାରୀଙ୍କ ସହଯୋଗ ପାଇଁ ସ୍ୱତନ୍ତ୍ର ପୁଲିସ ନିୟୋଜିତ ନ ରହିବା ହେତୁ ବିଭିନ୍ନ ସମୟରେ ବିଭିନ୍ନ ଥାନା ଅଞ୍ଚଳରୁ ପୁଲିସ ସହଯୋଗ ଠିକ୍ ସମୟରେ ମିଳିବାରେ ଅସୁବିଧା ସମ୍ମୁଖୀନ ହେବାକୁ ପଡ଼ିଛି ଲଘୁ ଖଣିଜ ବିଭାଗର ଅଧିକାରୀ ମାନଙ୍କୁ। ଗତ ମେ ୨୦ ତାରିଖରେ ତତ୍କାଳୀନ ଜୁନିୟର ଖଣି ଅଧିକାରୀ ଜିତେନ୍ଦ୍ର ଦାସ ଜଳେଶ୍ୱର ପୁଲିସ ସହାୟତାରେ ଏହାର ମୁଖ୍ୟ ରାସ୍ତାକୁ କାଟି ଦେଇଥିଲେ। ମାତ୍ର ମାଫିଆମାନେ ପୁଣି ଥରେ ଏହି ରାସ୍ତାକୁ ମରାମତି କରି ବାଲି ଚାଲାଣ କରୁଛନ୍ତି। ଗତକାଲି ପୁଣି ଥରେ ବାଲେଶ୍ୱର ଖଣି ଅଧିକାରିଣୀଙ୍କ ନିର୍ଦ୍ଦେଶକ୍ରମେ ଜଳେଶ୍ୱର ଜୁନିୟର ଖଣି ଅଧିକାରୀ ତାପସ କୁମାର ବେହେରା ଏବଂ ବସ୍ତା ଜୁନିୟର ଖଣି ଅଧିକାରୀ ସତ୍ୟ ଚିନ୍ମୟ ନାୟକ ଏହି ରାସ୍ତାକୁ ଜେସିବିରେ କାଟି ଖାଦାନ ରାସ୍ତା ବନ୍ଦ କରିଛନ୍ତି।

## ୬ ଗୋରୁ ଉଦ୍ଧାର, କାର୍ ଜବତ




ସିମୁଳିଆ, ୨୫।୯ (ସମିସ): ସିମୁଳିଆ ଥାନା ଅଡା ନିକଟରେ ଗୋରୁ ବୋଝେଇ କାର ଗତକାଲି ବିଳମ୍ବିତ ରାତିରେ ସିମୁଳିଆକୁ ଯାଉଥିଲା। ରାସ୍ତା କାମ ଚାଲିଥିବାବେଳେ ବେଳେ ଗାଡି ଟି ଅଟକି ଯାଇଥିଲା। ସେଥିରେ ଗୋରୁ ଥିବାର ଜଣା ପଡ଼ିବାରରୁ ଲୋକମାନେ ଅଟକାଇବାରୁ ଗାଡ଼ି ଛାଡ଼ି ଗୋରୁ ମାଫିଆ ସମେତ ଡ୍ରାଇଭର ଫେରାର ହୋଇଯାଇଥିଲେ। ଲୋକେ ଗାଡ଼ିରୁ ୬ଟି ଗୋଡ଼ ବନ୍ଧା ଅବସ୍ଥାରେ ଗୋରୁ ଉଦ୍ଧାର କରିଥିଲେ। ଖବରପାଇ ସିମୁଳିଆ ପୁଲିସ ଉଦ୍ଧାର ଗୋରୁଗୁଡ଼ିକୁ ମଇତାପୁର ଗୋଶାଳାରେ ଛାଡ଼ିଥିଲେ। ଗୋରୁ ବୋଝେଇ ଗାଡ଼ିକୁ ପୁଲିସ ଜବତ କରିଛି।

## ଟ୍ରେନ୍ ଆଗକୁ ଡେଇଁ ମହିଳାଙ୍କ ଆତ୍ମହତ୍ୟା

ସୋର, ୨୫।୯ (ସମିସ): ସୋର ରେଳ ଷ୍ଟେସନ ଅନ୍ତର୍ଗତ ଲିଙ୍ଗପଡ଼ା ନିକଟ ରେଳ ଧାରଣାରେ ଜଣେ ଅଜଣା ମହିଳା ଟ୍ରେନରେ କଟି ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ମହିଳା ଜଣଙ୍କ ପରିଚୟ ମିଳିପାରିନଥିବା ବେଳେ ସେ ନିକଟସ୍ଥ ଅଞ୍ଚଳର ହୋଇଥିବା ଅନୁମାନ କରାଯାଉଛି। ଆଜି ଅପରାହ୍ଣରେ ଡାଉନ ଲାଇନରେ ଆସୁଥିବା ଏକ ଦ୍ରୁତଗାମୀ ମାଲ ବୋଝେଇ ଟ୍ରେନ ସମ୍ମୁଖରେ ମହିଳା ଜଣଙ୍କ ରେଳ ଧାରଣାରେ ମୁଣ୍ଡ ରଖି ଶୋଇରହିଥିଲେ। ଫଳରେ ଟ୍ରେନରେ କଟି ତାଙ୍କ ମୁଣ୍ଡ ଅଲଗା ହୋଇଥିବାରୁ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ସୋର ଆରପିଏଫ କର୍ମଚାରୀମାନେ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିଥିବା ଜଣାପଡ଼ିଛି। ମହିଳା ଜଣଙ୍କ ମୁଣ୍ଡରେ ଶାଢ଼ୀ ଘୋଡେଇ ହୋଇଥିବାରୁ ତାଙ୍କୁ ଚିହ୍ନଟ କରାଯାଇ ପାରିନାହିଁ।

## ସାମ୍ବାଦିକଙ୍କ ପିତୃ ବିୟୋଗ

ନୀଳଗିରି, ୨୫।୯ (ସମିସ): ଯୁବ ସାମ୍ବାଦିକ ପ୍ରଶାନ୍ତ କୁମାର ବିଶ୍ୱାଳଙ୍କ ବାପା ରତ୍ନାକର ବିଶ୍ୱାଳଙ୍କ ୭୮ ବର୍ଷ ବୟସରେ ପରଲୋକ ହୋଇଛି। ଗତ ବୁଧବାର ଅସୁସ୍ଥ ହେବାରୁ ଭୁବନେଶ୍ୱର ଆପୋଲୋ ହସ୍ପିଟାଲରେ ଚିକିତ୍ସାଧିନ ଅବସ୍ଥାରେ ଗତ ରାତିରେ ହୃଦଘାତରେ ପରଲୋକ ହୋଇଛି। ଗୁରୁବାର ତାଙ୍କ ମରଶରୀରକୁ ଘର ସଜନାଗଡ଼ ରାଜେନ୍ଦ୍ରପୁର ଅଣାଯାଇଥିଲା। ମୃତ୍ୟୁଶଯ୍ୟା ନିକଟରେ ପୁଅ ପ୍ରଶାନ୍ତଙ୍କ ସହିତ ସାନପୁଅ ପ୍ରକାଶ, ଦୁଇଝିଅ, ଜ୍ୱାଇଁ, ନାତି ନାତୁଣୀ, ବନ୍ଧୁ, ପ୍ରିୟଜନ ଉପସ୍ଥିତ ଥିଲେ। ଖବର ପାଇ ନୀଳଗିରି ପୂର୍ବତନ ବିଧାୟକ ଇଂ ସୁକାନ୍ତ ନାୟକ, ପୂର୍ବତନ ବିଧାୟକ ପ୍ରଦିପ୍ତ ପଣ୍ଡା, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ପୂର୍ବତନ ଏସଡିସି ଚେୟାରମେନ୍ ମଦନ ମୋହନ ମାଝୀ, ସାଂସଦ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଅଧ୍ୟାପକ ତ୍ରିଲୋଚନ ବାରିକ, ସି.ପି.(ଏମ୍) ନେତା ବିଜୟ କୁମାର ପାତ୍ର, ଉପେନ୍ଦ୍ର ନାୟକ ସମେତ ନୀଳଗିରିର ବହୁ ସାମ୍ବାଦିକ ରାଜେନ୍ଦ୍ରପୁର ସ୍ଥିତ ବାସଭବନରେ ଶେଷ ଦର୍ଶନ କରିବା ସହ ତାଙ୍କ ଶବାଧାରରେ ମାଲ୍ୟାର୍ପଣ କରିଥିଲେ। ସାନପୁଅ ପ୍ରକାଶ ମୁଖାଗ୍ନି ଦେଇଥିବା ବେଳେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ସଫେଇ କାର୍ଯ୍ୟକ୍ରମ

ବାଲିଆପାଳ, ୨୫।୯ (ସମିସ): ସ୍ୱଚ୍ଛତା ହିଁ ସେବା ପକ୍ଷ ଅବସରରେ ବାଲିଆପାଳ ବ୍ଲକ ପଞ୍ଚାୟତ ସମିତି ସଭାଗୃହରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଡିଓ ରାଧା ରଞ୍ଜନ ଦାଶ, ଏବିଡିଓ ଶରତ କୁମାର ମୁଦୁଲି, ଏଇଇ ଅମିତ କୁମାର ମୁର୍ମୁ, ଜିପିଡିଓ ପ୍ରୀୟବ୍ରତ ଗିରି, ଏପିଓ ସୌମ୍ୟକାନ୍ତ ଦାସ ପ୍ରମୁଖ ଯୋଗଦେଇ ବ୍ଲକ ପରିସରରେ ସଫେଇ କରିଥିଲେ। ବ୍ଲକ ବିଆରସିସି ସୁପ୍ରୀୟା ବିଶ୍ୱାଳ ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବାସୁଦେବପୁର ବଜାର ପ୍ରାଙ୍ଗଣ ଉଦ୍‌ଘାଟିତ



କାଳିପଦା, ୨୫।୯ (ସମିସ): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ସ୍ଥିତ ଜଳେଶ୍ୱର ନିୟନ୍ତ୍ରିତ ବଜାର କମିଟି ବାସୁଦେବପୁର ବଜାର ପ୍ରାଙ୍ଗଣ ଦୀର୍ଘ ଦିନ ବ୍ୟବଧାନ ପରେ ଆଜି ଉଦଘାଟିତ ହୋଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏଥିରେ ମୁଖ୍ୟଅତିଥି ଭାବରେ ଯୋଗ ଦେଇ ଏହାର ଫାଇଦା ଚାଷୀ ଓ ମଧ୍ୟମ ବର୍ଗର ବ୍ୟବସାୟୀମାନେ ନେବାକୁ କହିଥିଲେ। ମାତ୍ର ଏହି ଉଦଘାଟନ ଉତ୍ସବକୁ ସାମ୍ବାଦିକମାନଙ୍କୁ ଉପେକ୍ଷା କରାଯାଇ ଥିବାରୁ ଘଟଣାସ୍ଥଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଥିଲା। ଏପରିକି ସ୍ଥାନୀୟ ଲୋକ ପ୍ରତିନିଧି ସରପଞ୍ଚ, ସଦସ୍ୟଙ୍କୁ ମଧ୍ୟ ଉପେକ୍ଷା କରାଯାଇଛି। ଆୟୋଜକ ସଂସ୍ଥା ଓରମାସ ମଧ୍ୟ କୌଣସି ଉତ୍ତର ନ ଦେଇ ନୀରବ ରହିଛି। ଜନୈକ ସାମ୍ବାଦିକ ଏ ନେଇ ଘଟଣାସ୍ଥଳରେ ବିଡ଼ିଓ ରାଧା ରଞ୍ଜନ ଦାସଙ୍କୁ ପଚାରିବାରୁ ସେ କଥାକୁ ଏଡାଇ ଯାଇଥିଲେ। ଏହି ଉଦଘାଟନୀ ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଉପଜିଲ୍ଲାପାଳ ପାଟିଲ ଆଶିଷ ଈଶ୍ୱର, ଆର ଏମ ଏସ ସେକ୍ରେଟାରୀ ସୁକାନ୍ତ ପାତ୍ର, ସାଂସଦ ପ୍ରତିନିଧି ରବୀନ୍ଦ୍ର ନାଥ ଅଣ୍ଡିଆ, ଦେଉଳା ସରପଞ୍ଚ ସରୋଜ ପିଳା, ମଧୁପୁରା ସରପଞ୍ଚ ପ୍ରତିନିଧି ଲମ୍ବୋଦର ମାହାନା, ସ୍ଥାନୀୟ କୃଷି ଅଧିକାରୀ, କୃଷି ବିଜ୍ଞାନ କେନ୍ଦ୍ର ଅଧିକାରୀ ଓ ଅନ୍ୟ ବ୍ଲକ ସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏହି ବଜାର କମିଟିର ମୁଖ୍ୟ କାମ ହେଉଛି ଚାଷୀମାନେ ସେମାନଙ୍କ ଉତ୍ପାଦିତ ଶସ୍ୟ ସାମଗ୍ରୀ ଓ ପନିପରିବାକୁ ନିୟନ୍ତ୍ରିତ ମୂଲ୍ୟରେ ସରକାର ଓ ଅନ୍ୟ ମାନଙ୍କୁ ଏହି ଠାରେ ବିକ୍ରି କରିବେ। ବିକ୍ରି ବଟା ଉପରେ ସରକାରଙ୍କ ନିୟନ୍ତ୍ରଣ ରହିବ। ଚାଷୀ ମଧ୍ୟ ଉଚିତ ମୂଲ୍ୟ ପାଇ ପାରିବେ।

# ନାହିଁ ନାହିଁରେ ଚାଲିଛି ଜଳେଶ୍ୱର କୃଷି ବିଭାଗ

ଜଳେଶ୍ୱର ବ୍ଲକ, ୨୫।୯ (ସମିସ)



ଜଳେଶ୍ୱର ବ୍ଲକ ସୁବର୍ଣ୍ଣରେଖା ନଦୀ ପଠାରେ ଅବସ୍ଥିତ ଏବଂ ଏହା ଏକ କୃଷି ପ୍ରାଧାନ୍ୟ ବ୍ଲକ। ଏଠାରେ ଧାନ ମୁଗ, ବିରି, ବାଦାମ, ତିଳ, ପନିପରିବା ଚାଷ ସାଙ୍ଗକୁ ଝୋଟ ଚାଷ ମଧ୍ୟ ହୋଇ ଥାଏ। ହେଲେ ଜଳେଶ୍ୱର ବ୍ଲକରେ ବ୍ଲକ କୃଷି ଅଧିକାରୀଙ୍କ ପଦବୀ ଦୀର୍ଘ ପାଖା ପାଖି ୩ ବର୍ଷରୁ ଅଧିକ ସମୟ ହେଲାଣି ପଦବୀ ଫାଙ୍କା ପଡ଼ିଛି। ତା ସହିତ ସହକାରୀ କୃଷି ଅଧିକାରୀ ପଦବୀ ଥିଲା ସତ୍ତ୍ୱେ ୨ ବର୍ଷରୁ ଅଧିକ ସମୟ ଧରି ଫାଙ୍କା ପଡ଼ିଛି। ଯାହାଫଳରେ ଚାଷୀମାନେ ବିଶେଷଜ୍ଞ ଜ୍ଞାନକୌଶଳ ପାଇ ପାରୁ ନାହାଁନ୍ତି। ଚାଷ କ୍ଷେତ୍ରରେ ରୋଗ ପୋକ ଲାଗି ଫସଲ ନଷ୍ଟ ହୋଇ ଚାଷୀମାନେ କ୍ଷତି ଗ୍ରସ୍ତ ହେଉଛନ୍ତି। ଯାହା ଡବଲ ଇଞ୍ଜିନ ସରକାର ଚାଷୀଙ୍କର ଦୁଇ ଗୁଣ ରୋଜଗାରକୁ ଏକ ଶକ୍ତ ଚାପୁଡା। ଜଳେଶ୍ୱର ପଞ୍ଚାୟତ ସମିତିରେ ୩୫ଟି ଗ୍ରାମ ପଞ୍ଚାୟତ ପାଇଁ ଗ୍ରାମ୍ୟ କୃଷି ଅଧିକାରୀ ପଦବୀ ୧୭ଟି ଥିବା ବେଳେ ଏଠାରେ ମାତ୍ର ୮ ଜଣ ଅଛନ୍ତି। ବାରମ୍ବାର କୃଷି ନିର୍ଦ୍ଦେଶକ ଭୁବନେଶ୍ୱରଙ୍କୁ କାର୍ଯ୍ୟାଳୟକୁ ଜଳେଶ୍ୱର ଅଞ୍ଚଳରୁ ଅଭିଯୋଗ କଲା ପରେ ତିନି ଜଣ ଗ୍ରାମ୍ୟ କୃଷି ଅଧିକାରୀ ପଦୋନ୍ନତି ହୋଇ କୃଷି ଓଭରସିର ହୋଇ ମଧ୍ୟ ଏହି ସ୍ଥାନରେ ନିଯୁକ୍ତ ଦେଇଥିଲେ। ମାତ୍ର ଜିଲ୍ଲାର ମୁଖ୍ୟ କୃଷି ନିର୍ଦ୍ଦେଶକ ତୁଷାରକାନ୍ତି ତୁଙ୍ଗ ପୁଷ୍ପା ଚନ୍ଦନା ସିଂଙ୍କୁ ତାଙ୍କ ଅଫିସରେ ଅବସ୍ଥାପିତ କରିଛନ୍ତି। ଜଳେଶ୍ୱର ବ୍ଲକ ବାଲିଆପାଳ ବ୍ଲକ, ଭୋଗରାଇ ବ୍ଲକକୁ ନେଇ ଏକ କନିଷ୍ଠ ଯନ୍ତ୍ରୀ ଅଛନ୍ତି ଯାହାର ଏକ କାର୍ଯ୍ୟାଳୟ ଜଳେଶ୍ୱର କୃଷି କାର୍ଯ୍ୟାଳୟ ପରିସର ମଧ୍ୟରେ ଅବସ୍ଥିତ ରହିଛି। ଏଠାରେ ଥିବା କନିଷ୍ଠ ଯନ୍ତ୍ରୀ କ୍ଷଣପ୍ରଭା ଗିରି ଦିନେ ହେଲେ ମଧ୍ୟ ଏଠାକୁ ଆସନ୍ତି ନାହିଁ ସବୁ ସମୟରେ କାର୍ଯ୍ୟାଳୟରେ ତାଲା ଝୁଲୁଥାଏ। ଏ ବିଷୟରେ ଜଳେଶ୍ୱର କୃଷି ଜିଲ୍ଲା ଅଧିକାରୀ ଭିମସେନ ସିଂଙ୍କୁ ପଚାରିବାରୁ ସେ କହିଥିଲେ କି ମୁଁ ଏଠାରେ କାର୍ଯ୍ୟଭାର ନେବା ଠାରୁ ତାଙ୍କୁ ଦେଖି ନାହିଁ କି ଏଠାରେ କାର୍ଯ୍ୟରେ ଥିବା ଯନ୍ତ୍ରୀ କିଏ ଅଛନ୍ତି ମୁଁ ଜାଣି ନାହିଁ? ଏମିତି ଯଦି କୃଷି କାର୍ଯ୍ୟାଳୟ ଚାଲେ ଜଳେଶ୍ୱର ଚାଷୀ କାହା ଭରସାରେ ରହିବେ ବୋଲି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।



ନବରାତ୍ର ଅବସରରେ ବାରିପଦା ମା’ ଅମ୍ବିକାଙ୍କ କୁଷ୍ମାଣ୍ଡ ବେଶ

## ମୟୂରଭଞ୍ଜକୁ ରାଜ୍ୟ ମାନ୍ୟତା ଦାବିକଲା ଜେଏମ୍ଏମ୍

# ରାଜ୍ୟ ସରକାରଙ୍କ ଜିଲ୍ଲା ପ୍ରତି ନାହିଁ ଆନ୍ତରିକତା

ବାରିପଦା, ୨୫।୯ (ସମିସ)

ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାକୁ ରାଜ୍ୟ ମାନ୍ୟତା ଦାବି କରାଯାଇଛି। ଜିଲ୍ଲା ସଭାପତି କୃଷ୍ଣଚନ୍ଦ୍ର ଦାସଙ୍କ ନେତୃତ୍ୱରେ ସମସ୍ତ ପଦାଧିକାରୀ ଏବଂ ୨୬ଟି ବ୍ଲକର ସଭାପତିଙ୍କୁ ନେଇ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଜିଲ୍ଲା ରାଜସ୍ୱ ଅଧିକାରିଣୀଙ୍କ ଜରିଆରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ପ୍ରକାଶ ଥାଉ କି, ସ୍ୱାଧୀନତା ପୂର୍ବରୁ ବର୍ତ୍ତମାନର ମୟୂରଭଞ୍ଜ ଜିଲ୍ଲା ଏକ ସ୍ୱାଧୀନ ଗଡ଼ଜାତ ରାଜ୍ୟ ଥିଲା। ନବମ ଶତାବ୍ଦୀରୁ ଭାରତ ବର୍ଷ ସ୍ୱାଧୀନ ହେବା ପର୍ଯ୍ୟନ୍ତ ଭଞ୍ଜ ରାଜବଂଶଙ୍କ ଅଧୀନରେ ଖିଜିଙ୍ଗା ମଣ୍ଡଳ ନାମରେ ନାମିତ ଥିଲା। ଏବେ ମୟୂରଭଞ୍ଜ ଜିଲ୍ଲା ସହିତ ପଶ୍ଚିମବଙ୍ଗର ମେଦିନୀପୁର, ବିହାର ରାଜ୍ୟର ପୂର୍ବ ଓ ପଶ୍ଚିମ ସିଂହଭୂମ, କେନ୍ଦୁଝର, ବାଲେଶ୍ୱର ଜିଲ୍ଲାର ନୀଳଗିରି ଗଡ଼ଜାତ ଓ ଉତ୍ତର ବାଲେଶ୍ୱରରେ ଥିବା ବନ୍ଦରାଞ୍ଚଳ ସାମିଲ ଥିଲା। ମୋଗଲ ଶାସନ ବେଳେ ମୟୂରଭଞ୍ଜ ଏକ ବିଶାଳ ରାଜ୍ୟ ଥିଲା; ଯାହାକି ଏହାର ପୂର୍ବ ଭାଗ ସମୁଦ୍ରକୁ ଲାଗିଥିଲା। ବ୍ରିଟିଶ ରାଜତ୍ୱ ସମୟରେ ମୟୂରଭଞ୍ଜ ଗଡ଼ଜାତ ଏକ ସବୁଠାରୁ ପ୍ରଗତିଶୀଳ ରାଜ୍ୟ ଭାବେ ଭାରତ ବର୍ଷରେ ପରିଗଣିତ ହେଇଥିଲା। ମୟୂରଭଞ୍ଜ ରାଜ୍ୟର ନିଜସ୍ୱ ରେଳ ରାସ୍ତା, ବିମାନ ବନ୍ଦର, ବ୍ୟାଙ୍କ (ଷ୍ଟେଟ ବ୍ୟାଙ୍କ ଅଫ ମୟୂରଭଞ୍ଜ), ସ୍କୁଲ, ପାୱାର ହାଉସ, ଜଳସେଚନ ବ୍ୟବସ୍ଥା ଓ ଉନ୍ନତ ରାସ୍ତା ଘାଟ ଥିଲା। ଓଡ଼ିଶା ପ୍ରତି ମୟୂରଭଞ୍ଜର ଅବଦାନ ଯୋଗୁଁ କଟକରେ ବଡ଼ ମେଡିକାଲ କଲେଜ, ରେଭେନ୍ସା କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେଇଥିଲା। ମୟୂରଭଞ୍ଜ ରାଜାଙ୍କ ଉଦ୍ୟମରେ ଓଡ଼ିଶାକୁ ରେଳପଥ ସମ୍ପ୍ରସାରଣ ପାଇଁ ବ୍ରିଟିଶ ସରକାରଙ୍କୁ ରାଜି କରାଇବାରେ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଜ୍ୟର କିଛି ଅଞ୍ଚଳ ବିହାର ଓ ବେଙ୍ଗଲ ରାଜ୍ୟସହିତ ବଳ ପୂର୍ବକ ମିଶ୍ରଣ କରାଗଲା। ମୟୂରଭଞ୍ଜର ବାକି ଅଞ୍ଚକୁ ଓଡ଼ିଶା ସହିତ ମିଶାଇ ଜିଲ୍ଲା ଆକାରରେ ପରିଗଣିତ କରାଗଲା। ଜନସାଧାରଣଙ୍କ ପ୍ରବଳ ବିରୋଧ ସତ୍ତ୍ୱେ ୧୯୪୯ ମସିହା ଜାନୁଆରୀ ୧ତାରିଖରେ ମୟୂରଭଞ୍ଜକୁ ଓଡ଼ିଶା ପ୍ରଦେଶ ସହିତ ସମ୍ମିଶ୍ରଣ କରାଗଲା। ସ୍ୱାଧୀନତାର ୭୮ବର୍ଷ ପରେ ପୁଣି ମୟୂରଭଞ୍ଜର ଅସ୍ମିତା ପ୍ରତି ବିପଦ ସୃଷ୍ଟି ହୋଇଛି। ମୟୂରଭଞ୍ଜ ଏକ ବୃହତ ଆଦିବାସୀ ଜିଲ୍ଲା। ତ୍ରିପୁରା ଗଡ଼ଜାତ ରାଜ୍ୟକୁ ଯେପରି ରାଜ୍ୟର ମାନ୍ୟତା ଦିଆଗଲା ସେହି ପରି ମୟୂରଭଞ୍ଜ ଜିଲ୍ଲାକୁ ଏକ ରାଜ୍ୟର ମାନ୍ୟତା ଦିଆଯାଉ ବୋଲି ଦଳ ଦାବି କରିଛି। ଏହାପରେ ଶ୍ରୀ ଦାସ ରାଜ୍ୟ ସରକାରଙ୍କୁ କଡା ସମାଲୋଚନା ମଧ୍ୟ କରିଚନ୍ତି। ନୂଆ ସରକାର ଗଠନ ହେବା ପରଠାରୁ ଜିଲ୍ଲାରେ ଅନେକ ବିଭାଗରେ ଦୁର୍ନୀତି ଚାଲିଛି। ବିଶେଷଇ ବ୍ଲକରେ ହେଇଥିବା କୁଆପଥର ମାଡ଼ରେ କ୍ଷତି ଗ୍ରସ୍ତ ହିତାଧିକାରୀଙ୍କୁ ଏଯାଏ ଠିକ୍‌ଭାବେ କ୍ଷତିପୂରଣ ମିଳିନାହିଁ। ସେହିପରି ଜାତୀୟ ରାଜପଥରେ ବେଆଇନ ଭାବେ ଟୋଲ ଶୁଳ୍କ ଆଦାୟ, ନାରୀ ନିର୍ଯାତନା ଏବଂ ଉନ୍ନତି ନାମରେ ଆଦିବାସୀଙ୍କ ଜମି ଜାଗାକୁ ଉଚ୍ଛେଦ ଚାଲିଛି। ତେଣୁ ରାଜ୍ୟ ସରକାରଙ୍କ ମୟୂରଭଞ୍ଜ ପ୍ରୀତି ନାହିଁ ବୋଲି ଶ୍ରୀ ଦାସ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ମୟୂରଭଞ୍ଜ ଜିଲ୍ଲାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ନ ଦେଲେ ଆଗାମୀ ଦିନରେ ଝାରଖଣ୍ଡ ମୁକ୍ତି ମୋର୍ଚ୍ଚା ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ବାଧ୍ୟ ହେବ ବୋଲି ଶ୍ରୀ ଦାସ କହିଥିଲେ। ଦାବିପତ୍ର ଦେବା ସମୟରେ ଉପସଭାପତି ରାଜା ହେମ୍ବ୍ରମ, ଘନଶ୍ୟାମ ପିଙ୍ଗୁଆ, ସମ୍ପାଦକ ଶୈଳେନ୍ଦ୍ର ହେମ୍ବ୍ରମ, କେନ୍ଦ୍ରୀୟ କମିଟି ସଦସ୍ୟ ଦିବାକର ସୋରେନ, ରାଜ୍ୟ ପରିଷଦ ସଭ୍ୟ ସନାତନ ମୁର୍ମୁ, ଟାଉନ ସଭାପତି ତରେନ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।



## ଭୂମିହୀନ ଆଦିବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



**ବାରିପଦା, ୨୫।୯(ସମିସ):** ବଡସାହି ବ୍ଲକ ମାନଗୋବିନ୍ଦପୁର ଗାମପଞ୍ଚାୟତ ମେର୍ଦ୍ଦାନୂଆଗାଁ ଗ୍ରାମର ଭୂମିହୀନ ବାସିନ୍ଦା ଘରଡିହ ପଟ୍ଟା ଯୋଗାଇ ଦେବାକୁ ଜିଲାପାଳଙ୍କ ନିକଟରେ ଗୁହାରି କରିଛନ୍ତି। ଦୀର୍ଘ ବର୍ଷ ଧରି ବସବାସ କରୁଥିବା ସ୍ଥାନରେ ସ୍ଥାୟୀ ବାସିନ୍ଦା ଭାବେ ଜମି ପଟ୍ଟା ପ୍ରଦାନ କରିବାକୁ ଦାବି କରିଛନ୍ତି। ଏ ନେଇ ବଡସାହିର ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଓ ଜିଲ୍ଲା ସମିତି ସଭ୍ୟ ସଂଘ ସଭାପତି ରାକେଶ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଗ୍ରାମବାସୀ ଏକ ଦାବିପତ୍ର ଜିଲ୍ଲାପାଳ ହେମକାନ୍ତ ସଏଙ୍କୁ ଗୁରୁବାର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବ ପୁରୁଷଠାରୁ ଆରମ୍ଭ କରି ମେର୍ଦ୍ଦାନୂଆଗାଁ ଗ୍ରାମ ଆଦିବାସୀ ସାହି ୧୩ନଂ. ୱାର୍ଡରେ ୩୦ରୁ ଊର୍ଦ୍ଧ୍ୱ ପରିବାର ଦିନ ମଜୁରିଆ କାମକରି ପରିବାର ଭରଣପୋଷଣ କରୁଛନ୍ତି। ଗରିବ ଖଟିଖିଆ ଯୋଗୁଁ ସେମାନେ ସ୍ଥାୟୀ ଜମି ପଟ୍ଟା ପାଇବାରୁ ବଞ୍ଚିତ ରହିଛନ୍ତି। ଏ ନେଇ ବାରମ୍ବାର ତହସିଲଦାରଙ୍କ ନିକଟରେ ଅଭିଯୋଗ କରିବା ପରେ ମଧ୍ୟ ଅଦ୍ୟାବଧି ପଟ୍ଟା ପାଇପାରୁନାହାନ୍ତି। ଫଳରେ ଜାତି ସାର୍ଟିଫିକେଟ ପାଇବାରୁ ବଞ୍ଚିତ ହୋଇ ଛାତ୍ରଛାତ୍ରୀ ଅଧାରୁ ପାଠପଢ଼ା ଛାଡି ଦାଦନମୁହାଁ ହେଉଛନ୍ତି। ଏପରିକି ସରକାରଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହିତ ଜନକଲ୍ୟାଣକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ବୋଲି ଗ୍ରାମର ହରିମୋହନ ସିଂ, ଗୌର ସିଂ, ମଙ୍ଗୁଲୁ ସିଂ, ଦୀପକ ସିଂ, ଟୁରା ସିଂ, କନ୍ଦା ସିଂ, ଲକ୍ଷ୍ମୀ ସିଂ, ରେବତୀ ସିଂ, ବାସନ୍ତୀ ସିଂ ଓ ଶାନ୍ତି ସିଂ କହିଛନ୍ତି।

## ବିଳମ୍ବିତ ରାତିରେ ଘରୁ କାର ଚୋରି

**ବାରିପଦା, ୨୫।୯ (ସମିସ):** ରାତିରେ ପରିବାର ଲୋକେ ଶୋଇ ପଡ଼ିଥିବାବେଳେ ଗରୁ ଦୁର୍ବୃତ୍ତମାନେ କାର ଚୋରିକରି ନେଇ ପଳାଇଛନ୍ତି। ବାରିପଦା ଟାଉନ ଥାନା ଅର୍ନ୍ତଗତ ଦେଉଳସାହିରେ ଏହି ଚୋରି ହୋଇଛି। ସେଠାରେ ଭଡାରେ ରହୁଥିବା ସୋମନାଥ ପାତ୍ର ବୁଧବାର ବିଳମ୍ବିତ ରାତିରେ ଶୋଇଥିବା ସମୟରେ ଜଣେ ଦୁର୍ବୃତ୍ତ ତାଙ୍କ ଘରର ଟାଇଲ ଖୋଲି ଘର ଭିତରେ ପଶି କାର ଚାବି ଚୋରି କରି ନେଇଥିଲେ। ଏହାପରେ ଗାଡ଼ିକୁ ଚୋରି କରି ନେଇଥିଲେ। ସୋମନାଥ ସକାଳୁ ଦେଖିଲା ବେଳକୁ ତାଙ୍କ କାର୍ ଚୋରି ହୋଇଯାଇଛି। ବହୁ ଖୋଜାଖୋଜି ପରେ କାର ନପାଇ ଶେଷରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ଏମ୍ଏମ୍‌ଜେଜେଏମ୍ ଯୋଜନାରେ ବାରିପଦା ଆର୍‌ସିଏମ୍ଏସ୍‌କୁ ସାମିଲ ଦାବି

# କାର୍ଯ୍ୟକାରୀ ନ ହେଲେ ଧାରଣା ଦେବ ପରିଚାଳନା ପରିଷଦ

**ବାରିପଦା, ୨୫।୯(ସମିସ):** ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ (ଏମଏମଜେଜେଏମ) ଯୋଜନାରେ ବାରିପଦା ଆଞ୍ଚଳିକ ବାଣିଜ୍ୟ ସମବାୟ ସମିତି (ଆରସିଏମଏସ)କୁ ଅନ୍ତର୍ଭୁକ୍ତ ପାଇଁ ଦାବି କରାଯାଇଛି। ଫଳରେ ଜିଲ୍ଲାରେ ଥିବା ୪ଟି ଉପଖଣ୍ଡ ଆଇଟିଡିଏ ସଂସ୍ଥା ଜରିଆରେ କୃଷି ଉପକରଣ ପ୍ରଦାନରେ ଆଦିବାସୀ କଲ୍ୟାଣ ବିଭାଗରେ ସାମିଲ ହୋଇପାରିବ। ଗତ ୧୯୫୩ରେ ପ୍ରତିଷ୍ଠିତ ଓଡ଼ିଶାର ସର୍ବପୁରାତନ କେନ୍ଦ୍ରୀୟ ସମବାୟ ସମିତି ମଧ୍ୟରୁ ବାରିପଦା ଆରସିଏମଏସ ହେଉଛି ଅନ୍ୟତମ। ଦୀର୍ଘ ୭୦ବର୍ଷ ଧରି ବିଶେଷ କରି ଅନୁସୂଚିତ ଜନଜାତି କୃଷକ ପାଇଁ ଜୀବନରେ ସୁଧାର କରି ସମୟପୋଯୁକ୍ତ ଓ ସୁଲଭ ମୂଲ୍ୟରେ ଗୁଣଯୁକ୍ତ ବିହନ, କୀଟନାଶକ, ଜୈବସାର ଓ ବିଭିନ୍ନ କୃଷି ଉପକରଣ ଯୋଗାଇ ଆସୁଛି। ଏଥିସହିତ ଏହା ପିଡିଏସ ମଧ୍ୟ ଯୋଗାଇ ଆସୁଛି। ତଥାପି ବାରିପଦା ଆରସିଏମଏସକୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ (ଏମଏମଜେଜେଏମ) ଅଧୀନରେ କ୍ରୟ ପ୍ରକ୍ରିୟାରୁ ବାଦ୍ କରାଯାଇଛି। ଏହା ସମବାୟ ଆଇନ୍ ୧୯୬୨ ଓ ସମବାୟ ନିୟମ ୧୯୬୫ ଅନୁସାରେ ‘ସ୍ୱାର୍ଥ ସଂଘର୍ଷ’ ସୃଷ୍ଟି କରୁଥିବା ଆଶଙ୍କା କରାଯାଇଛି। ଫଳରେ ଏ ନେଇ କୃଷକ ଓ ହିତାଧିକାରୀ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ଥାଉକି, ମୟୂରଭଞ୍ଜ ଭଳି ଏକ ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ୪ଟି ସମ୍ବନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ) କାର୍ଯ୍ୟ କରୁଛି। ଏଥିସହିତ ବାରିପଦା ଓ ଉଦଳା ଆରସିଏମଏସ ମଧ୍ୟ ସମବାୟ ସଂସ୍ଥା ତରଫରୁ ଚାଲିଛି। ଓଡ଼ିଶାର ୧୩ଟି ଜିଲ୍ଲାରେ ଥିବା ୨୩ଟି ଆଇଟିଡିଏକୁ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ (ଏମଏମଜେଜେଏମ) ଯୋଜନା ମାଧ୍ୟମରେ କୃଷି ଉପକରଣଗୁଡ଼ିକୁ ଆରସିଏମଏସ ମାଧ୍ୟମରେ ଯୋଗାଣ କରିବା ପାଇଁ ସମବାୟ ବିଭାଗ ୨.୫.୨୦୨୫ରେ ପତ୍ର ଲେଖିଥିଲେ। ଏହାକୁ ଦ୍ୱାରାନ୍ୱିତ କରି ୬ଟି ଆରସିଏମଏସକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ବାରିପଦା, ବଡ଼ସାହି, ଉଦଳା, ଛେଣ୍ଡିପଦା ବିଧାୟକ ଆଦିବାସୀ ବିଭାଗ ସଚିବଙ୍କୁ ମଧ୍ୟ ପତ୍ର ଲେଖିଥିଲେ। ଏ ସଂକ୍ରାନ୍ତରେ ବାରିପଦା ଆରସିଏମଏସ ତରଫରୁ ଆଦିବାସୀ କଲ୍ୟାଣ ସଚିବ, ସମବାୟ ବିଭାଗ ସଚିବ, ସମବାୟ ରେଜିଷ୍ଟ୍ରାର ଓ ଆଦିବାସୀ ବିଭାଗ ମନ୍ତ୍ରୀଙ୍କୁ ଦେଖା କରିବା ପରେ ବି କେବଳ ଭୁବନେଶ୍ୱର ଆରସିଏମଏସ ଏବଂ ଓସିସିଏଫକୁ ଏହି ଯୋଜନାରେ ସାମିଲ କରାଯାଇଛି। ଯାହାକି ଆଇନ୍ ବିରୋଧୀ। ମୟୂରଭଞ୍ଜ ଜିଲ୍ଲାର ଆଇଟିଡିଏ ଓ ଆରସିଏମକୁ ବାଦ ଦିଆଯାଇ ଆଇନ୍ ଉଲଂଘନ ପୂର୍ବକ କିପରି ଭାବ ଭୁବନେଶ୍ୱର ଆରସିଏମଏସ ଏବଂ ଓସିସିଏଫକୁ ଏହି ବିପଣନ କାର୍ଯ୍ୟ ଦିଆଯାଇଛି ତାହା ତଦନ୍ତ ସାପେକ୍ଷ। ତେଣୁ ବାରିପଦା ଆରସିଏମଏସକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ଆରସିଏମଏସ ସଭାପତି ଦେବୀଦତ୍ତ ଦାଶ ଦାବି କରିଛନ୍ତି। ଆଗାମୀ ଦିନରେ ଏହା କାର୍ଯ୍ୟକାରୀ ନହେଲେ ପରିଚାଳନା ପରିଷଦ ବାଧ୍ୟ ହୋଇ ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଶ୍ରୀ ଦାଶ ଜଣାଇଛନ୍ତି।

## ବ୍ୟାଙ୍କ ଜମାଖାତାରୁ ୧.୧୧ଲକ୍ଷ ଟଙ୍କା ଗାଏବ

**ବାରିପଦା, ୨୫।୯(ସମିସ):** ଅଜାଣତରେ ୨ଟି ବ୍ୟାଙ୍କ ଜମାଖାତାରୁ ୧.୧୧ଲକ୍ଷ ଟଙ୍କା ଗାଏବ ହୋଇଯାଇଛି। ଏ ନେଇ ଦୁଇଟି ପୃଥକ ମାମଲା ବାରିପଦା ଟାଉନ ଥାନାରେ ଅଭିଯୋଗ ହୋଇଛି। ଲାଲ ବଜାର ଅଞ୍ଚଳର ସେକ ସଦାମ ବାରିପଦା ଟାଉନ ଥାନାରେ କରିଥିବା ଅଭିଯୋଗ ଅନୁସାରେ ତାଙ୍କ ମୋବାଇଲ ହ୍ୟାକ କରି ଦୁର୍ବୃତ୍ତମାନେ ପର୍ଯ୍ୟାୟକ୍ରମେ ୮୦ହଜାର ଟଙ୍କା ଠକେଇ କରି ନେଇଥିଲେ। ତେବେ ସେ ଠକେଇର ଶିକାର ନେଇ ଜାଣିବା ପରେ ନ୍ୟାୟ ପାଇବା ପାଇଁ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେହିପରି ଦେବେନ୍ଦ୍ରପୁର ଅଞ୍ଚଳର ନରହରି ନନ୍ଦି ବ୍ୟାଙ୍କ ଆକାଉଣ୍ଟରୁ ୩୧ହଜାରରୁ ଊର୍ଦ୍ଧ୍ୱ ଟଙ୍କା ଗାଏବ ହୋଇଛି। ସେ ଏ ବାବଦରେ ଜାଣିବା ପରେ ଥାନାରେ ଅଭିଯୋଗ କରିଛନ୍ତି।

## ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ପାଇଁ ୨୦ କ୍ରୀଡ଼ାବିତ୍ ମନୋନୀତ



**ବାରିପଦା, ୨୫।୯ (ସମିସ):** ବାରିପଦା ଇଣ୍ଡୋର ଷ୍ଟାଡିୟମ ପରିସରରେ ମୟୂରଭଞ୍ଜ ଜିଲ୍ଲାସ୍ତରୀୟ ୧୪ ଓ ୧୭ ବର୍ଷରୁ କମ ବାଳକ ବାଳିକା ବର୍ଗର ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ଉପସ୍ଥିତିରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ବିଚାରକ ଭାବେ ନିଶାନ୍ତ ରାମ, ମଞ୍ଜିତ ସିଂ, ସ୍ମୃତିରଞ୍ଜନ ସ୍ୱାଇଁ, ମନମୋହନ ମୁର୍ମୁ ଏବଂ ସେଣ୍ଟ୍ରାଲ ଅଫିସିଆଲ ଭାବେ ଦୀପକ ରାମ, ପ୍ରଦୀପ ଚୌଧୁରୀ, ପରୀକ୍ଷିତ ହେମ୍ବ୍ରମ ଯୋଗ ଦେଇଥିଲେ। ଅକ୍ଟୋବର ଦ୍ୱିତୀୟ ସପ୍ତାହରେ ନବରଙ୍ଗପୁର ଜିଲ୍ଲା ଉମରକୋଟ ଇଣ୍ଡୋର ଷ୍ଟାଡିୟମ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ମୟୂରଭଞ୍ଜ ଜିଲ୍ଲାରୁ ୨୦ ଜଣ ପ୍ରତିଯୋଗୀ ଯୋଗଦେବେ। ସେମାନେ ହେଲେ ବାଳକ ବିଭାଗରେ ଜଗନ୍ନାଥ ମାଝି, ହିମାଂଶୁ ଶେଖର ଦାସ, ଜ୍ୟୋତି ରଞ୍ଜନ ଗିରି, ଦେବାଶିଷ ପାତ୍ର, ଚନ୍ଦ୍ରଭାନୁ ବେହେରା ଓ ବାଳିକା ବିଭାଗରେ ହୀରାମଣି ସିଂ, ସିଲିରାଣୀ ମାରାଣ୍ଡି, ପ୍ରଗତି ସ୍ୱାଗତିକା ଦାସ, ଇପ୍ସିତା ପ୍ରଧାନ, ଦୀପ୍ତିମୟୀ ମାଳାକାର। ସେହିପରି ବାଳିକା ବିଭାଗରେ ଅରୁଶ୍ରୀ ବିଶ୍ୱାଳ, ଜୀବନ ଜ୍ୟୋତି ଦାସ, ଏମ ଡି ତାସିଫ ରାଜା, ଖ୍ୟାତିରଞ୍ଜନ ମହାପାତ୍ର, ଏମ ଡି ଅଶିପ ଅଲ୍ଲି ଓ ବାଳିକା ବିଭାଗରେ ପ୍ରୀତି ବିନ୍ଧାଣୀ, ମିନତୀ ସିଂ, ସବିତା ସିଂ, ଗୁଞ୍ଜନ କୁମ୍ଭାର ଓ ଲକ୍ଷ୍ମୀପ୍ରିୟା ଗିରି।

## ଛାତ୍ରୀ ନିବାସରେ ମହିଳା ନିର୍ଯାତନା ସଚେତନତା



**ବାରିପଦା, ୨୫।୯(ସମିସ):** ଏମପିସି ସ୍ୱୟଂଶାସିତ କଲେଜର ମହାରାଣୀ ତଖତକୁମାରୀ-୨ ଛାତ୍ରୀ ନିବାସରେ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଆଇସିସି ପକ୍ଷରୁ ମହିଳା କର୍ମଜିବୀ ଓ ଛାତ୍ରୀ ଯୌନ ନିର୍ଯାତନା ଆଇନ ସମ୍ବନ୍ଧୀୟ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜୁଭେନାଇଲ ଜଷ୍ଟିସ ବୋର୍ଡର ସଦସ୍ୟ ତଥା ଆଇନଜୀବୀ ଭାସ୍ୱତୀ ବାରିକ ବିଷୟ ବିଶାରଦ ଭାବେ ଯୋଗ ଦେଇ ମହିଳା ନିର୍ଯାତନା ଆଇନର ବିଭିନ୍ନ ଦିଗ ସମ୍ପର୍କରେ ସବିଶେଷ ଉପସ୍ଥାପନ କରିଥିଲେ। କର୍ମଶାଳାରେ କଲେଜର ଅନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ପ୍ରିଜାଇଡିଙ୍ଗ୍ ଅଫିସର ଡ ରତ୍ନୀ ହାଁସଦା, ଶୈକ୍ଷିକ ମୁଖ୍ୟ ଡ଼ ବିଦ୍ୟୁତ ପ୍ରଭା ଦାଶ କମିଟି ସଦସ୍ୟ ଭୀମ ଚରଣ ମୁର୍ମୁ, ଜ୍ଞାନରଞ୍ଜନ ନାଏକ, ଡ଼. ସୋନାଲି ମହାନ୍ତ, ଡ଼ ଗୋବିନ୍ଦ ବେହେରା, ରସ୍ମିତା ନାଏକ ଓ କର୍ମଚାରୀ ମିନତୀ ମାରାଣ୍ଡି, କ୍ଲର୍କ ଦୀପକ ସିଂ, ସୁଗୁକ୍ରିଷ୍ଣା ରେଡ୍ଡୀ ଉପସ୍ଥିତ ଥିଲେ।

## ବଜ୍ରପାତ ସଚେତନତା ଶିବିର

**ବାରିପଦା, ୨୫।୯(ସମିସ):** ଭଞ୍ଜପୁର ସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟ ରେ ବଜ୍ରପାତ ସଚେତନତା ଶିବିର ଅଧକ୍ଷ ଡା ପ୍ରବୋଧ କୁମାର ଦେ'ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଜରୁରୀକାଳୀନ ସେବା ବିଭାଗର ଜିଲ୍ଲା ପ୍ରକଳ୍ପ ଅଧିକାରୀ ଜଗବନ୍ଧୁ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ବଜ୍ରପାତ ଜନିତ ବିପଦ ସମୟରେ କିପରି ନିଜକୁ ରକ୍ଷା କରିବା ସେ ବିଷୟରେ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା ପରିଚାଳନା କରିଥିଲେ। ଜ୍ୟୋସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।




ଆସୁଛନ୍ତି ମା’

## ଉତ୍ତର ଓଡ଼ିଶାର ସର୍ବବୃହତ୍ ପୂଜା ମଣ୍ଡପ ତୁଳସୀଚଉରା

# ଏଥର ଅଯୋଧ୍ୟା ଶ୍ରୀରାମ ମନ୍ଦିର ତୋରଣ

### ପପୁ ପମପମ୍ ମୁଖ୍ୟ ଆକର୍ଷଣ



ବାରିପଦା, ୨୫।୯ (ସମିସ)

ବାରିପଦା ତୁଳସୀ ଚଉରା ସାର୍ବଜନୀନ ଦୁର୍ଗାପୂଜା ଉତ୍ତର ଓଡ଼ିଶାର ସର୍ବବୃହତ୍ ତଥା ଓଡ଼ିଶାର ଅନ୍ୟତମ ବୃହତ୍ ପୂଜା ମଣ୍ଡପ ଭାବେ ପ୍ରସିଦ୍ଧି ଲାଭ କରିଆସିଛି। ଚଳିତ ବର୍ଷ ଏହା ୪୧ ବର୍ଷରେ ପଦାର୍ପଣ କରିଛି। ଗତ ୧୯୮୫ମସିହାରୁ ସ୍ଥାନୀୟ ଜନସାଧାରଣଙ୍କ ସହଯୋଗ ତଥା ଶାନ୍ତନୁ କୁମାର କର, ସୁରେଶ ଚନ୍ଦ୍ର ନାୟକ, ଅରୁଣ ସାହାଣୀ ଓ ସୁବାଷ ଚନ୍ଦ୍ର ଗିରିଙ୍କ ଉଦ୍ୟମରେ ଏଠାରେ ପୂଜା ଆରମ୍ଭ ହୋଇଥିଲା। ଚଳିତର୍ଷ ନୂତନ ଭାବେ ଗଠିତ କମିଟି ସଦସ୍ୟଙ୍କ ସହଯୋଗରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। କଟକ କାରିଗରଙ୍କ ମା’ଙ୍କ ମୂର୍ତ୍ତି ନିର୍ମାଣ ଶେଷ କରିଥିବା ବେଳେ ଭୁବନେଶ୍ୱରର ଟେଣ୍ଟ ଠିକାଦାର ପଶ୍ଚିମବଙ୍ଗର ୭୦ ଜଣ କାରିଗରଙ୍କୁ ନେଇ କାର୍ଯ୍ୟ ଶେଷ କରିଛନ୍ତି। ଚଳିତ ବର୍ଷ ରାମ ଜନ୍ମଭୂମି ଅଯୋଧ୍ୟାର ଶ୍ରୀରାମ ମନ୍ଦିର ସଦୃଶ୍ୟ ତୋରଣ ସବୁଠୁ ଆକର୍ଷଣୀୟ ସାଜିବ। କନା ପରିବର୍ତ୍ତେ ସ୍ୱତନ୍ତ୍ର ପ୍ଲାଷ୍ଟିକ ବୋର୍ଡରେ ତୋରଣ ନିମାଣ ଚାଲିଛି। ପୂର୍ବ ବର୍ଷ ପରି ସମସ୍ତଙ୍କ ସେଲଫି ମଣ୍ଡପ ପାଲଟିବ। ପୂର୍ବ ବର୍ଷ ଭଳି ୧୦ଦିନ ବ୍ୟାପୀ ମେଳା ଅନୁଷ୍ଠିତ ହେଉଛି। ପ୍ରତି ଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆସନ୍ତା ୬ ତାରିଖରେ ଓଡ଼ିଶାର ସ୍ୱନାମଧନ୍ୟ ଚଳଚ୍ଚିତ୍ର ଅଭିନେତା ପପୁ ପମପମ୍ ମୁଖ୍ୟ ଆକର୍ଷଣ ସାଜିବେ। ସେହିପରି ୭ ତାରିଖରେ ମୟୂରଭଞ୍ଜ ଆଇଡଲ କଳାକାରଙ୍କ ପ୍ରଦର୍ଶନ କାର୍ଯ୍ୟକ୍ରମ ରହିଛି। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବ। ସମସ୍ତ ସରକାରୀ ନିୟମ ଅନୁପାଳନ ପୂର୍ବକ ଚଳିତ ଥର ୧୪ଟି ସିସି ଟିଭି ଓ ଡ୍ରୋନ କେମେରା ଦ୍ୱାରା ସୁରକ୍ଷା ବ୍ୟବସ୍ଥା ପ୍ରତି ଧ୍ୟାନ ଦିଆଯାଇଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ସେମାନେ ଯାହା କୁହନ୍ତି...



ଆମ ମଣ୍ଡପରେ ପ୍ରତିବର୍ଷ ଦେଶ ବିଦେଶର ଐତିହାସିକ କିର୍ତ୍ତିରାଜୀର ଅବିକଳ ତୋରଣ ନିର୍ମାଣ ହେଉଥିବାରୁ ଜିଲ୍ଲା ସମେତ ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡରୁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଥାଏ। ଜଣେ ସମ୍ପାଦକ, ୨ ଜଣ ଉପସଭାପତି, ୩ଜଣ ସହ ସମ୍ପାଦକ, ୪ଜଣ ସହସମ୍ପାଦକ, ଜଣେ କୋଷାଧ୍ୟକ୍ଷ ଓ କାର୍ଯ୍ୟକାରୀ ସଦସ୍ୟଙ୍କ ନେତୃତ୍ୱରେ ୧୫୦୦ରୁ ଊର୍ଦ୍ଧ୍ୱ ସଭ୍ୟଙ୍କ ସହଯୋଗରେ ରାଜ୍ୟର ଅନ୍ୟତମ ବୃହତ୍ ପୂଜା ତୋରଣ ସ୍ଥାନ ବଜାୟ ରହିଛି।

- ଗିରିଶ୍ଚନ୍ଦ୍ର ଦାସ, ସଭାପତି



ପ୍ରାରମ୍ଭରେ ପୂଜା ବ୍ୟୟ ଅଟକଳ ୨୫ ହଜାର ଥିବା ବେଳେ ଚଳିତ ବର୍ଷ ୬୦ଲକ୍ଷ ଟଙ୍କାରେ ପହଞ୍ଚିଛି। କେବଳ ତୋରଣରେ ଚଳିତ ବର୍ଷ ୩୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। ଏଥିସହିତ ଆଲୋକ ଓ ସାଜସଜ୍ଜାରେ ସିଂହଭାଗ ଖର୍ଚ୍ଚ ହୋଇଥାଏ। ଅଷ୍ଟମୀରେ ୧୦ହଜାର ଭକ୍ତଙ୍କୁ ପ୍ରସାଦ ବଣ୍ଟନ କରାଯାଇଥାଏ। ୭ ତାରିଖ ମେଳା ଉଦଯାପନ ଓ ୮ ତାରିଖରେ ମା’ଙ୍କ ଭସାଣି ଶୋଭାଯାତ୍ରା ଅନୁଷ୍ଠିତ ହେବ।

-ବାସୁଦେବ ପ୍ରଧାନ, ସମ୍ପାଦକ

SBI
ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ
କେନ୍ଦ୍ରୀୟ ନିଯୁକ୍ତି ଏବଂ ପଦୋନ୍ନତି ବିଭାଗ,
କର୍ପୋରେଟ୍ କେନ୍ଦ୍ର, ମୁମ୍ବାଇ
ଫୋନ୍: 022-22820427

ଆବେଦନ କରିବା ପାଇଁ QR ସ୍କାନ୍ କରନ୍ତୁ

**ବିଶେଷଜ୍ଞ କ୍ୟାଡର୍ ଅଧିକାରୀମାନଙ୍କର ନିଯୁକ୍ତି ଚୁକ୍ତିନାମା ଆଧାରରେ**
**(15.09.2025 ରୁ 29.09.2025 ପର୍ଯ୍ୟନ୍ତ ପଞ୍ଜୀକରଣ ଦ୍ୱାର ପୁନର୍ବାର ଖୋଲୁଛି)**

ନିମ୍ନଲିଖିତ ପଦବୀ ପାଇଁ ବିଜ୍ଞାପନ ନମ୍ବର CRPD/SCO/2025-26/05 ମାଧ୍ୟମରେ ଚୁକ୍ତିଭିତ୍ତିକ ସ୍ପେସିଆଲିଷ୍ଟ କ୍ୟାଡ଼ର ଅଧିକାରୀ ନିଯୁକ୍ତି ପାଇଁ ବିଜ୍ଞାପନ 11.07.2025 ରୁ 07.08.2025 ପର୍ଯ୍ୟନ୍ତ ପଞ୍ଜୀକରଣ ପାଇଁ ଖୋଲା ଥିଲା।

ନିମ୍ନଲିଖିତ ପଦବୀ ପାଇଁ 15.09.2025 ରୁ 29.09.2025 ପର୍ଯ୍ୟନ୍ତ ପଞ୍ଜୀକରଣ ଦ୍ୱାର ପୁନଃ ଖୋଲିବାକୁ ନିଷ୍ପତ୍ତି ନିଆଯାଇଛି।

ନିମ୍ନଲିଖିତ ପୋଷ୍ଟଗୁଡ଼ିକ ପାଇଁ ଚୁକ୍ତିନାମା ଆଧାରରେ ଭାରତୀୟ ନାଗରିକମାନଙ୍କ ଠାରୁ ଆବେଦନ ଗୁଡ଼ିକ ଗ୍ରହଣ କରାଯାଉଛି:

**ବିଜ୍ଞାପନ ସଂ. CRPD/SCO/2025-26/05 (ସଂଶୋଧିତ)**

| କ୍ର. ସଂ. | ପୋଷ୍ଟର ନାମ | ଖାଲି ପଦବୀ | ପ୍ରକାର |
|---|---|---|---|
| 1 | ଜେନେରାଲ୍ ମ୍ୟାନେଜର (ଆଇଏସ୍ ଅଡିଟ୍) | 01 | ଚୁକ୍ତିନାମା |
| 2 | ଏଭିପି (ଆଇଏସ୍ ଅଡିଟ୍) | 14 | ଚୁକ୍ତିନାମା |

**ଯେଉଁ ପ୍ରାର୍ଥୀମାନେ ଉପରୋକ୍ତ ଯେକୌଣସି ପଦବୀ ପାଇଁ ଏହି ନିଯୁକ୍ତି ନିମନ୍ତେ ପୂର୍ବରୁ 11.07.2025 ରୁ 07.08.2025 ପର୍ଯ୍ୟନ୍ତ ଆବେଦନ କରିଛନ୍ତି ସେମାନଙ୍କୁ ଆବେଦନ କରିବାକୁ ପଡ଼ିବ ନାହିଁ। କେବଳ ଯେଉଁ ପ୍ରାର୍ଥୀମାନେ ପୂର୍ବରୁ ଆବେଦନ କରି ନାହାଁନ୍ତି ସେମାନେ ବିଜ୍ଞାପନ ନଂ. CRPD/SCO/2025-26/05 (ସଂଶୋଧିତ) ରେ ବିସ୍ତୃତ ଭାବରେ ଉଲ୍ଲିଖିତ ପଦବୀ ପାଇଁ ସଂଶୋଧିତ ଯୋଗ୍ୟତା ମାନଦଣ୍ଡ ସହିତ ଆବେଦନ କରିପାରିବେ।**

ଯୋଗ୍ୟତା ମାନଦଣ୍ଡ (ବୟସ, ଅଭିଜ୍ଞତା, ଜବ୍ ପ୍ରୋଫାଇଲ ଇତ୍ୟାଦି), ଖାଲି ବିବରଣୀ, ଆବଶ୍ୟକ ଫିସ୍ ଏବଂ ଅନ୍ୟାନ୍ୟ ବିବରଣୀ ପାଇଁ ବ୍ୟାଙ୍କର ୱେବସାଇଟ୍ https://bank.sbi/web/careers/current-openings ଅନଲାଇନ୍ ଆପ୍ଲିକେସନ୍ ଫି ଜମା ଏବଂ ଅନଲାଇନ୍ ଦେୟ ଲିଙ୍କ୍ ସହିତ ଲଗ ଇନ୍ କରନ୍ତୁ। ଆବେଦନ ଏବଂ ଫି ପଠାଇବା ପୂର୍ବରୁ ଯୋଗ୍ୟତା ଏବଂ ଅନ୍ୟାନ୍ୟ ବିବରଣୀ ବିଷୟରେ ସୁନିଶ୍ଚିତ ହେବା ପାଇଁ ବିସ୍ତୃତ ବିଜ୍ଞାପନକୁ ଅନୁସରଣ କରନ୍ତୁ। ଯେକୌଣସି ପ୍ରଶ୍ନ ପାଇଁ ଦୟାକରି ଏହି ଲିଙ୍କ୍ ମାଧ୍ୟମରେ ଆମକୁ ଲେଖନ୍ତୁ: "CONTACT US" —> "Post Your Query" ଯାହା ବ୍ୟାଙ୍କର ୱେବସାଇଟ (https://bank.sbi/web/careers/post-your-query) ରେ ଉପଲବ୍ଧ।

- **ଅନଲାଇନ୍ ଆବେଦନ ଏବଂ ଫିସ୍ ଦେୟ ପାଇଁ ତାରିଖ: 15.09.2025 ରୁ 29.09.2025 ପର୍ଯ୍ୟନ୍ତ।**

**ସ୍ଥାନ:** ମୁମ୍ବାଇ
**ତାରିଖ:** 15.09.2025

**ମହା ପ୍ରବନ୍ଧକ (ଆର୍‌ପି ଆଣ୍ଡ ପିଏମ୍)**

# ସମ୍ପାଦକୀୟ



ଯଦି ତୁମେ ଶାନ୍ତି ପ୍ରତିଷ୍ଠା କରିବାକୁ ଆଗ୍ରହୀ, ତେବେ ପ୍ରଥମେ ଶତ୍ରୁ ସହିତ ମିଶି କାମ କର। ଆପେ ଆପେ ସେ ତୁମର ମିତ୍ର ହୋଇଯିବ ଏବଂ ଅଶାନ୍ତି ଦୂର ହୋଇଯିବ।

-ନେଲ୍‌ସନ୍ ମାଣ୍ଡେଲା

ସକାଳ THE SAKALA

## ଅଶାନ୍ତ ଲଦାଖ

ହିମାଳୟ ପାଦଦେଶର ପରିବେଶକୁ ବିକାଶ ଆଳରେ ବିନାଶରୁ ସୁରକ୍ଷା ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦ ଆଧାରରେ ଅନୁସୂଚିତ ଅଞ୍ଚଳ ମାନ୍ୟତା ପାଇଁ ୨୦୧୯ ରୁ ଦାବି କରି ଆସୁଥିବା ସ୍ୱନାମଧନ୍ୟ ବୈଜ୍ଞାନିକ, ଉଦ୍‌ଭାବକ ତଥା ପରିବେଶ ବିଜ୍ଞାନୀ ରମଣ ମାଗେସେସେ ସମ୍ମାନ ବିଜେତା ସୋନମ ୱାଙ୍ଗଚୁକଙ୍କ ସଦ୍ୟତମ ଆମରଣ ଅନଶନ ଆନ୍ଦୋଳନ ହିଂସାର ରୂପ ନେଇଛି। ନେପାଳରେ କ୍ଷମତା ବିରୋଧୀ ଛାତ୍ର ଆନ୍ଦୋଳନ ଅନୁରୂପ ଲଦାଖରେ 'ଜେନ୍‌ଜେଡ୍' ଦ୍ୱାରା ସୃଷ୍ଟ ବ୍ୟାପକ ହିଂସାକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ୍‌ର କାର୍ଯ୍ୟାନୁଷ୍ଠାନରେ ଚାରିଜଣଙ୍କ ଜୀବନ ଯାଇଥିବା ବେଳେ ୭୫ରୁ ଊର୍ଦ୍ଧ୍ୱ ଆହତ ହୋଇଛନ୍ତି। ଏଭଳି ହିଂସାତ୍ମକ ପଦକ୍ଷେପକୁ ନିନ୍ଦା କରି ୱାଙ୍ଗଚୁକ୍ ଅନଶନ ଭଙ୍ଗ କରିବା ସହିତ ଶାନ୍ତି ରକ୍ଷା ପାଇଁ ଲଦାଖବାସୀଙ୍କୁ ପୁଣି ଥରେ ଆହ୍ୱାନ ଦେଇଛନ୍ତି। ୱାଙ୍ଗଚୁକ୍ ଅନଶନ ପ୍ରତ୍ୟାହାର କରିଥିବାରୁ ଆନ୍ଦୋଳନ କିଛିଦିନ ପାଇଁ ଶିଥିଳ ପଡ଼ିଯାଇପାରେ; କିନ୍ତୁ କ୍ରମାଗତ କେନ୍ଦ୍ରୀୟ ଅବହେଳା ଜନିତ ଅସନ୍ତୋଷ ହୁଏତ ଭବିଷ୍ୟତରେ ପୁଣି ଉଗ୍ରରୂପ ନେବାର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

୧୯୪୭ ମସିହା ପରଠାରୁ ଲଦାଖ ଜାମ୍ମୁ-କାଶ୍ମୀର ରାଜ୍ୟର ଏକ ଅଂଶ ଥିବା ବେଳେ ୨୦୧୯ ଅଗଷ୍ଟ ୫ ତାରିଖରେ ସମ୍ବିଧାନର ଧାରା ୩୭୦ର ଉଚ୍ଛେଦ ପରେ କେନ୍ଦ୍ରଶାସିତ ଅଞ୍ଚଳ ଘୋଷିତ ହୋଇଛି। ସମ୍ବିଧାନର ୨୪୪ ଧାରା ଅନ୍ତର୍ଗତ ଷଷ୍ଠ ଅନୁଚ୍ଛେଦରେ ଦେଶର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଆସାମ, ମେଘାଳୟ, ମିଜୋରାମ୍‌ରେ ତିନିଟି ଲେଖାଏଁ ଏବଂ ତ୍ରିପୁରାରେ ଗୋଟିଏ ସ୍ୱୟଂଶାସନ ବିକାଶ ପରିଷଦ ରହିଥିବା ବେଳେ ଏହିଭଳି କ୍ଷମତା ୱାଙ୍ଗଚୁକ୍ ଲଦାଖ୍ ପାଇଁ ଦାବି କରୁଆସୁଛନ୍ତି। ଦାବି ସମ୍ପର୍କରେ ୱାଙ୍ଗଚୁକ୍ ବାରମ୍ବାର ପତ୍ର ଲେଖି ଜଣାଇବା ସତ୍ତ୍ୱେ କେନ୍ଦ୍ର ସରକାରଙ୍କ ଦୃଷ୍ଟି ନ ଦେବାରୁ ଗତବର୍ଷ ସେ ଦୁଇଦୁଇ ଥର ଅନଶନ କରିଥିଲେ। କେନ୍ଦ୍ର ସରକାରଙ୍କ ପ୍ରତିଶ୍ରୁତି ପରେ ପ୍ରତିଥର ଅନଶନରୁ ଓହରି ଆସୁଥିଲେ ହେଁ ସରକାରଙ୍କ ଟାଳଟୁଳ ନୀତି ଲଦାଖବାସୀଙ୍କୁ ଅସନ୍ତୁଷ୍ଟ କରିଛି। ବିଡ଼ମ୍ବନା ହେଉଛି ଲଦାଖ୍‌କୁ ଅନୁସୂଚିତ ଅଞ୍ଚଳ ମାନ୍ୟତା ଦେବାକୁ ବିଜେପି ୨୦୧୯ ସାଧାରଣ ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇଥିଲେ ହେଁ ଏହାକୁ କାର୍ଯ୍ୟକାରୀ କରିବାକୁ ଦୀର୍ଘସୂତ୍ରୀ ପନ୍ଥା ଆପଣେଇଛି।

ଭୂରାଜନୈତିକ ସ୍ଥିତି ଦୃଷ୍ଟିରୁ ଲଦାଖ ଭାରତର ଉତ୍ତର-ସୀମାନ୍ତର ଚୀନ୍ ସଂଲଗ୍ନ ଏକ ସମ୍ବେଦନଶୀଳ ଅଞ୍ଚଳ। ଏବେ ସେଠାରେ କେତେକ ଅତି ଦୁର୍ମୂଲ୍ୟ ଓ ଦୁଷ୍ପ୍ରାପ୍ୟ ଖଣିଜ ସମ୍ପଦର ସନ୍ଧାନ ମିଳିଛି, ଯାହା ଭାରତର ବହୁ ଆକାଂକ୍ଷିତ ସେମିକଣ୍ଡକ୍ଟରର ଶିଳ୍ପାୟନ ପାଇଁ ଅତୀବ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ପରିବେଶ ସୁରକ୍ଷା ଦୃଷ୍ଟିରୁ ସ୍ଥାନୀୟ ଲୋକେ ସେଠାରେ ଖଣିଜ ଖନନକୁ ବିରୋଧ କରୁଛନ୍ତି। ପରିସ୍ଥିତି କ୍ରମେ ଅଧିକ ଜଟିଳ ହେଉଛି। ଏ ଦିଗରେ ଅଧିକ କାଳକ୍ଷେପଣ ନୀତିର ଫାଇଦା ବିଦେଶୀ ବିଚ୍ଛିନ୍ନତାବାଦୀ ନେବାର ଆଶଙ୍କାକୁ ଏଡ଼ାଇ ଦେଇହେବ ନାହିଁ। ତେଣୁ ବେଳ ହୁଁ ସରକାର ପଦକ୍ଷେପ ନେବା ଦରକାର। ●

## ଅଙ୍କୁଶ ଜରୁରୀ

ବିଶ୍ୱର ଯେକୌଣସି ଦେଶରେ ବ୍ୟବସାୟ କରିବାକୁ ହେଲେ ସେହି ଦେଶର ନୀତି-ନିୟମ, ଆଇନ-କାନୁନ୍‌ର ଅନୁପାଳନ ଜରୁରୀ। କିନ୍ତୁ ସାମାଜିକ ଗଣମାଧ୍ୟମ ଏକ୍ସ(ଟୁଇଟର) ଏ ପର୍ଯ୍ୟନ୍ତ ଏହି ନୈତିକବୋଧକୁ ଗ୍ରହଣ କରିପାରିନାହିଁ। ଏକ୍ସର ବ୍ୟବସାୟିକ ନୈତିକତାରେ ଅଜ୍ଞତା ତୁଳନାରେ ଅହଂକାର ଅଧିକ ଥିବା ମନେ ହେଉଛି। ଏହି ଆଭିମୁଖ୍ୟ ଯୋଗୁଁ ଅତୀତରେ ଏହି ସଂସ୍ଥା ତା'ର ମୂଳ ଦେଶ ଆମେରିକା ସରକାରଙ୍କ ଦ୍ୱାରା କଟକଣାର ସମ୍ମୁଖୀନ ହୋଇଥିବା ବେଳେ ଭାରତ ସରକାର ମଧ୍ୟ ତାଗିଦ କରିଥିଲେ। ବାରମ୍ବାର ତାଗିଦା ସତ୍ତ୍ୱେ ଏକ୍ସ(ପୂର୍ବର ଟୁଇଟର) ଚେତୁ ନାହିଁ; ବରଂ ଭାରତୀୟ ଆଇନ କାନୁନ୍‌କୁ ଆହ୍ୱାନ ଦେବା ଭଳି ଆଭିମୁଖ୍ୟ ପୋଷଣ କରୁଛି।

ସାମ୍ପ୍ରତିକ ଡିଜିଟାଲ୍ ଗଣମାଧ୍ୟମ ଯୁଗରେ ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ହ୍ୱାଟସ୍‌ଆପ୍, ଟେଲିଗ୍ରାମ୍, ଏକ୍ସ ଆଦି ସାମାଜିକ ଗଣମାଧ୍ୟମ ପ୍ରମୁଖ ଭୂମିକା ନିର୍ବାହ କରୁଛନ୍ତି। ସେମାନଙ୍କ ଅର୍ଥାଗମ ଓ ପ୍ରତିପତ୍ତି ମଧ୍ୟ କମ୍ ନୁହେଁ। ଅର୍ଥ ଓ ପ୍ରତିପତ୍ତି ବଳରେ ସେମାନେ ବିଭିନ୍ନ ସମୟରେ ସାମାଜିକ ବିରୋଧୀ ତତ୍ତ୍ୱମାନଙ୍କର ପ୍ରରୋଚନାରେ ବିଭ୍ରାନ୍ତିକର ଖବର, ଫଟୋ ଓ ଭିଡିଓର ଉଦ୍ଦେଶ୍ୟମୂଳକ ଭାବେ ପ୍ରଚାର ପ୍ରସାର କରିଆସୁଛନ୍ତି, ଯାହାର ପ୍ରଭାବ ଦେଶର ଏକତା, ସ୍ଥିରତା, ଅଖଣ୍ଡତା ଓ ସାର୍ବଭୌମତା ପ୍ରତି ବିପଦ ସୃଷ୍ଟି କରୁଛି। ତେଣୁ ସାମାଜିକ ଗଣମାଧ୍ୟମର ମନମୁଖି ଖବର ପ୍ରସାରଣକୁ ନିୟନ୍ତ୍ରଣ ପାଇଁ ଭାରତ ସରକାର 'ସୂଚନା ପ୍ରଯୁକ୍ତି ଆଇନ-୨୦୦୦' ଆଣିଛନ୍ତି। ଭାରତ ମାଟିରେ ସକ୍ରିୟ ରହିବାକୁ ହେଲେ ସଂସ୍ଥାଙ୍କୁ ଉପରୋକ୍ତ ଆଇନ ଅନୁଯାୟୀ ପଞ୍ଜୀକୃତ ହେବା ବାଧ୍ୟତାମୂଳକ। ଆଇନର ଧାରା ୭୯(୩)(ଖ) ଅନୁଯାୟୀ ଯେକୌଣସି ଆପତ୍ତିମୂଳକ ଖବର/ଫଟୋ/ଭିଡିଓକୁ ହଟାଇବା ପାଇଁ ସରକାର ସମ୍ପୃକ୍ତ ସଂସ୍ଥାକୁ ନିର୍ଦ୍ଦେଶ ଦେଇପାରିବେ; ଏପରିକି ସଂସ୍ଥାର କାରବାରକୁ ରଦ୍ଦ କରିପାରିବେ। ସେହିଭଳି ୨୦୨୧ର ଡିଜିଟାଲ୍ ମିଡିଆ ନୀତି ମାର୍ଗଦର୍ଶିକା(କୋଡ୍ ଅଫ୍ ଏଥିକ୍ସ)ରେ ବିଭିନ୍ନ ପ୍ରତିକାର ଓ କଟକଣା ବ୍ୟବସ୍ଥା ରହିଛି। କେବଳ ଏକ୍ସକୁ ଛାଡ଼ିଦେଲେ ଅନ୍ୟ ସବୁ ସାମାଜିକ ଗଣମାଧ୍ୟମ ସଂସ୍ଥା ନୂଆ ଆଇଟି ଆଇନ୍‌କୁ ଅନୁପାଳନ କରିଛନ୍ତି। ଆମେରିକାରେ ସାମାଜିକ ଗଣମାଧ୍ୟମ କଟକଣାକୁ ଏକ୍ସ ମାନିଥିବା ବେଳେ ବାକ୍ ସ୍ୱାଧୀନତା ଆଳ ଦେଖାଇ ଭାରତୀୟ ଆଇନକୁ ଆହ୍ୱାନ ଦେଇଆସୁଛି ଏବଂ ବିଭିନ୍ନ ସମୟରେ ଆଇନ ଅଦାଲତର ଦ୍ୱାରସ୍ଥ ହେଉଛି। ସଦ୍ୟତମ ଘଟଣାରେ ଆଇଟି ଆଇନ୍ ଧାରା ୭୯ ଆଧାରରେ ଭାରତର ପ୍ରଶାସନିକ ଅଧିକାରୀ କୌଣସି ବିଷୟବସ୍ତୁକୁ ହଟାଇ ପାରିବେ ନାହିଁ ବୋଲି ଏକ୍ସ ଯୁକ୍ତି ଦର୍ଶାଇଛି ଏବଂ ସମ୍ବିଧାନର ବାକ୍ ସ୍ୱାଧୀନତା ଧାରାକୁ କାଠଗଡ଼ା ଭିତରକୁ ଟାଣିଛି।

ଏକ୍ସ ଦ୍ୱାରା ଆଗତ ଅଭିଯୋଗ ଆଧାରିତ ଆବେଦନର ବିଚାର ଅବସରରେ ଅଦାଲତ ଏକ୍ସକୁ ସ୍ପଷ୍ଟ ଭାବେ କହିଛନ୍ତି ଯେ ଭାରତରେ ବ୍ୟବସାୟ କରିବାକୁ ହେଲେ ଦେଶର ଆଇନ କାନୁନ୍ ମାନିବାକୁ ଏବଂ ସରକାରଙ୍କ 'ସହଯୋଗ' ପୋର୍ଟାଲ୍‌ରେ ପଞ୍ଜିକୃତ ହେବାକୁ ବାଧ୍ୟ। କାର୍ଯ୍ୟ ପରିସର ଯେତେ ବ୍ୟାପକ ଏବଂ ପ୍ରସାରଣ ଦକ୍ଷତା ଯେତେ ଉନ୍ନତ ହେଉ ନା କାହିଁକି ସାମାଜିକ ଗଣମାଧ୍ୟମ ଉପରେ କଟକଣା ରହିବା ଜରୁରୀ। ଆଇନର ଉଲ୍ଲଙ୍ଘନ ଏକ ଅପରାଧ ଏବଂ ଏଥିପାଇଁ ଦଣ୍ଡବିଧାନ ଭୋଗିବାକୁ ହେବ। ସର୍ବୋପରି ସାମାଜିକ ଗଣମାଧ୍ୟମ ଉପରେ ଅଙ୍କୁଶ ଜରୁରୀ। ଏକ୍ସ ଏହା ଯଥାଶୀଘ୍ର ମାନି ନେଉ। ●

## ନିରୀହ କରମର୍ଦ୍ଦନର ଅସ୍ୱଷ୍ଟ ଆର୍ତ୍ତନାଦ

ଦୁର୍ଗାପ୍ରସାଦ ଆଚାର୍ଯ୍ୟ

ଦୁବାଇରେ ଅନୁଷ୍ଠିତ ଏସିଆ କପ୍ କ୍ରିକେଟ ମ୍ୟାଚ୍‌ରେ ଭାରତର ଅଧିନାୟକ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଆମ ନବପ୍ରଜନ୍ମର ଧୁରନ୍ଧର ଖେଳାଳିମାନେ ପ୍ରତିପକ୍ଷ ପାକିସ୍ତାନକୁ ଏକ ଲଜ୍ଜାକର ପରାଜୟର ତିକ୍ତସ୍ୱାଦ ଦେବା ଯେତିକି ଆମ ଦେଶର କ୍ରିକେଟ-ଅନ୍ଧଭକ୍ତମାନଙ୍କୁ ନୃତ୍ୟୋନ୍ମତ୍ତ କରିଥିଲା, ତା'ଠାରୁ କାହିଁ କେତେଗୁଣ ଅଧିକ ତିକ୍ତତା, ଉଦ୍ଧାମତାର ସହ ସେମାନଙ୍କୁ ନୃତ୍ୟୋନ୍ମତ୍ତ କରିଥିଲା 'କରମର୍ଦ୍ଦନ-ବର୍ଜନ'ର ସେହି ସଂକ୍ଷିପ୍ତ ଅଥଚ ଅତି ରୋମାଞ୍ଚକ ନାଟ୍ୟାଭିନୟ ଗୋଟିକ। ଏ ନାଟକର ସୂତ୍ରଧର ଯିଏ ବା ଯେଉଁମାନେ, ସେମାନେ ଥିଲେ ନେପଥ୍ୟରେ, କିନ୍ତୁ ନାୟକ ଭୂମିକା ବେଶ୍ ପାରଙ୍ଗମତାର ସହ ତୁଲାଇଥିଲେ ଅଧିନାୟକ ସୂର୍ଯ୍ୟ। 'ଭାରତମାତା'ଙ୍କ ସ୍ତୁତି, ସ୍ତବ ଓ ବନ୍ଦାପନାକୁ ସର୍ବମହତ୍ତ୍ୱ ଦେଉଥିବା ଆବେଶାକ୍ରାନ୍ତ ସହସ୍ରାଧିକ ଦର୍ଶକମାନଙ୍କ ଆଗରେ ଆମ ଅଧିନାୟକ ଓ ଖେଳାଳିମାନେ ସେମାନଙ୍କ ଉର୍ଜସ୍ୱଳ ଦେଶପ୍ରେମର ନିଆରା ପ୍ରମାଣ ଦେଲେ ଏବଂ ଆମ ପରି ନଛୋଡ଼ବନ୍ଧା ଦେଶପ୍ରେମୀମାନଙ୍କ ଅକୁଳାନ ଚିତ୍ତରଂଜନ ମଧ୍ୟ କଲେ ଦୁବାଇର ଚକାଚକ୍ କ୍ରୀଡ଼ା ପ୍ରାଙ୍ଗଣରେ। ଭଦ୍ର, ସୁଶୀଳ ଓ କୋମଳ ଆବେଗାସିକ୍ତ 'କରମର୍ଦ୍ଦନ' ରୂପକ ଭାବପ୍ରକାଶନୀ ଅଙ୍ଗବିନ୍ୟାସର ଏତାଦୃଶ ଦୟନୀୟ ପରାଭବର ବିଜୟୋତ୍ସବ ପାଳନ କଲେ ଆମେ।

ମାତ୍ର ଚାରିଦିନର ସ୍ୱଳ୍ପ ଅବଧିରେ ଅକାଳ-ସମାପ୍ତି ଭୋଗ କରିଥିବା 'ଅପରେସନ୍ ସିନ୍ଦୂର'ରେ ଚିରଶତ୍ରୁ ପାକିସ୍ତାନର ଦୟନୀୟ ପରାଭବକୁ ଠିକଣା ରଙ୍ଗଢଙ୍ଗରେ ପାଳନ କରି ପାରିନଥିବା ଦେଶପ୍ରେମୀମାନେ ଅତିଶୟ ତୃପ୍ତ ହେଲେ ଅବଶ୍ୟ। କିନ୍ତୁ ଆମ ଦେଶ ଓ ବାହାର ଦେଶମାନଙ୍କରେ ସଦାଜାଗତିଆର ସହସ୍ରାଧିକ କ୍ରିକେଟ୍-ପ୍ରେମୀ ବିଶେଷଜ୍ଞମାନେ ମାନବୀୟ ଭାବୋଚ୍ଛ୍ୱାସର ଅତି ସଂକ୍ଷିପ୍ତ ଇସ୍ତାହାର ଏହି ନମ୍ର 'କରମର୍ଦ୍ଦନ' ପ୍ରତି ଏହା ଏକ ନିଷ୍ଠୁର ଅବିଚାର ବୋଲି କହି ଏକପ୍ରକାର ଅଛିଣ୍ଡା ବିବାଦଟିଏ ସୂତ୍ରପାତ କରିଦେଲେ। ତେଣୁ ଏ ଲେଖକ ପରି ବହୁ ନିରୋଳା ଦେଶପ୍ରେମୀ ଏବେ ଭାବିବାକୁ ବାଧ୍ୟ ହେଉଛନ୍ତି ଯେ ଆମ ରାଜନୀତି, ଆମ ଦେଶପ୍ରେମ, ଆମ କ୍ରିକେଟ୍-ପ୍ରେମ ଆଦିର ରଢ ଗଦ୍ୟାତ୍ମକ ଆବାହାୱାର ସଂସ୍ପର୍ଶରେ 'କରମର୍ଦ୍ଦନ' ପରି ମୃଦୁଭାବରସାଣିତ କବିତାଟି ଯଦି ଜମା ଆସି ନଥା'ନ୍ତା, ତେବେ ବୋଧହୁଏ ସହସ୍ରଗୁଣ ପ୍ରୀତିପଦ ହୋଇଥା'ନ୍ତା ସେ ଦିନର କ୍ରିକେଟ୍ ରଣାଙ୍ଗନରେ ପାକିସ୍ତାନ ବିପକ୍ଷରେ ଆମର ଏ ବିଜୟ। ଅସିମ ମୁନୀରଙ୍କ 'ଡଂପ୍ ଟ୍ରକ୍- ପାକିସ୍ତାନ' ପାଇଁ 'ମର୍‌ସିଡିଜ୍-ଭାରତ'ର ଏହି ପ୍ରଚଣ୍ଡ କ୍ରିକେଟାଘାତଟି ବି ହୋଇଥା'ନ୍ତା ସହସ୍ରଗୁଣ ବେଦନାଦାୟକ। ତେବେ, 'କରମର୍ଦ୍ଦନ-ବର୍ଜନ' ନାଟକ ସମ୍ପର୍କରେ ପକ୍ଷବାଦୀ ଓ ବିପକ୍ଷବାଦୀମାନେ ଯାହା ମତମନ୍ତବ୍ୟ ଦିଅନ୍ତୁ ନା କାହିଁକି, ଗୋଟିଏ କଥା କିନ୍ତୁ ଅବିସମ୍ବାଦିତ ସତ୍ୟ ଯେ 'କରମର୍ଦ୍ଦନ' ଏକ ଅର୍ଥହୀନ ଆଚରଣ ନୁହେଁ, ବରଂ ଏକ ନିର୍ଦ୍ଦୋଷ ଉପଚାର, ଯାହାର ଐତିହାସିକ, ସାଂସ୍କୃତିକ ଓ ମନୋବୈଜ୍ଞାନିକ ମୂଲ୍ୟ, ଆବେଦନ ଓ ଉପାଦେୟତା ସବୁକାଳେ ବହୁସ୍ୱୀକୃତ।

ଉଲ୍ଲେଖନୀୟ ଯେ 'କରମର୍ଦ୍ଦନ' ରୂପକ ସହଜ ଅଙ୍ଗବିନ୍ୟାସଟି ପ୍ରଥମେ ବ୍ୟବହୃତ ହୋଇଥିଲା ଏକ ସଂକେତ ଭାବରେ। ଶତ୍ରୁଭାବାପନ୍ନ ଦୁଇ ପ୍ରତିଦ୍ୱନ୍ଦ୍ୱୀ ଯେତେବେଳେ ପରସ୍ପର ମଧ୍ୟରେ ସଖ୍ୟଭାବ ସ୍ଥାପନ କରିବା ପାଇଁ ଆଗେଇ ଆସୁଥିଲେ, ସେତେବେଳେ ଜଣେ ଅନ୍ୟ ଜଣଙ୍କ ସହ କରମର୍ଦ୍ଦନ କରି ସ୍ପଷ୍ଟ ସଂକେତ ଦେଉଥିଲେ ଯେ ଉଭୟଙ୍କ କରପଲ୍ଲବ ଦୁଇଟି ଅସ୍ତ୍ରଶୂନ୍ୟ। ପରବର୍ତ୍ତୀ କାଳରେ କରମର୍ଦ୍ଦନ ଏକ ବ୍ୟାପକ ଅର୍ଥବହ, ବ୍ୟାପକ ଭାବସଂଚାରି ସଂକେତ ଭାବରେ ଆଦୃତ ହେବା ଆରମ୍ଭ କଲା। ଏହା ହେଲା ବିଶ୍ୱାସ, ବିଶ୍ୱସ୍ତତା, କପଟଶୂନ୍ୟ ପାରସ୍ପରିକ ସୌହାର୍ଦ୍ଦ୍ୟ, ବୁଝାମଣା ତଥା ସହମତି ଓ ଅନ୍ତରଙ୍ଗତାର ଏକ ମାର୍ମିକ ପ୍ରତୀକ। କୂଟନୈତିକ ଦପ୍ତରମାନଙ୍କର ଆଶାଆଶଙ୍କା ପିଚ୍ଛିଳ ପରିବେଶ ହେଉ କି କର୍ପୋରେଟ୍ ଦପ୍ତରମାନଙ୍କର ଭାବଗମ୍ଭୀର ପରିବେଶ ହେଉ, ଏପରିକି ରଣକ୍ଷେତ୍ରରେ ସାମୟିକ ଅସ୍ତ୍ରବିରତିର ଉଲ୍ଲାସକ ପରିବେଶ ହେଉ, ସବୁଠି ଅନୁସୃତ ହୋଇଥାଏ ଏହି କରମର୍ଦ୍ଦନ ପରମ୍ପରା। ପ୍ରତ୍ୟେକ କ୍ରୀଡ଼ା ପ୍ରତିଯୋଗିତାର ଆରମ୍ଭ ଓ ସମାପନ ତ ନିଶ୍ଚିତ ଭାବେ ହୋଇଥାଏ 'କରମର୍ଦ୍ଦନ' ପର୍ବରେ। ଏ କ୍ଷେତ୍ରରେ ଯେଉଁ ବ୍ୟତିକ୍ରମମାନ ଆମେ ଦେଖିଛେ, ସେ ସବୁ ନିରୋଳା ଉପକ୍ରମ ମାତ୍ର।

ଏହା ମଧ୍ୟ ସତ୍ୟ ଯେ କରମର୍ଦ୍ଦନ-ରୂପକ ଅଙ୍ଗବିନ୍ୟାସଟିର ପବିତ୍ରତା ସବୁବେଳେ ଅତୁଟ ରହିନଥାଏ କି ନିର୍ଭେଜାଲ ହାର୍ଦ୍ଦିକତାର ସଂକେତ ବହନ କରିନଥାଏ। ଦୁର୍ଭାଗ୍ୟଜନକ ହେଉଛି ଯେ ଅନ୍ୟଥା ନିର୍ଦ୍ଦୋଷ, ନିରୀହ ଏହି କରମର୍ଦ୍ଦନ ଅନେକ ସମୟରେ ଶଠତା ଓ କପଟାଚାର ଉପରେ ଆବରଣଟିଏ ଢାଙ୍କିଦେବା ପାଇଁ ନ୍ୟସ୍ତସ୍ୱାର୍ଥୀମାନଙ୍କୁ ସୁଯୋଗ ଦେଇଥାଏ। କରମର୍ଦ୍ଦନ ବା 'ହ୍ୟାଣ୍ଡସେକ୍' ତେଣୁ 'ହାର୍ଟସେକ୍'ର ଦୁର୍ନାମ ମୁଣ୍ଡାଇଥାଏ।

୧୯୩୮ ମସିହାରେ ଇଂଲଣ୍ଡର ତତ୍‌କାଳୀନ ପ୍ରଧାନମନ୍ତ୍ରୀ ନେଭିଲ୍ ଚେମ୍ବରଲେନ୍ 'ହଲୋକଷ୍ଟ' ପରି ଇହୁଦୀ ନରସଂହାରର ବର୍ବର ରଚୟିତା ହିଟ୍‌ଲରଙ୍କ କରମର୍ଦ୍ଦନ କରି ଫେରି ଆସିଲେ ଲଣ୍ଡନ ଓ ଘୋଷଣା କରିଦେଲେ- 'ଏଣିକି ଶାନ୍ତିର ଉଷାଲୋକରେ ଆମର ବିଶ୍ୱ ପ୍ଲାବିତ ହେବ'। କିନ୍ତୁ ଚେମ୍ବରଲେନ୍‌ଙ୍କ ସେ ସତ୍ ଉଦ୍ଦେଶ୍ୟ-ପ୍ରଣୋଦିତ କରମର୍ଦ୍ଦନ ଇତିହାସର କଳାପୃଷ୍ଠାରେ ସ୍ଥାନ ନେଇଗଲା ହିଟଲର୍ ପରି ଜଣେ ନରାଧମର ତୁଷ୍ଟିକରଣର ଲଜ୍ଜାକର ନମୁନା ଭାବରେ। ମାତ୍ର ୧୯୯୩ ମସିହାରେ ଆମେରିକାର ତତ୍‌କାଳୀନ ରାଷ୍ଟ୍ରପତି ବିଲ୍ କ୍ଲିଣ୍ଟନଙ୍କ ସସ୍ନେହ ଅନୁରୋଧ ରକ୍ଷା କରି 'ହ୍ୱାଇଟ୍ ହାଉସ୍'ର ସୁରମ୍ୟ ପ୍ରାଙ୍ଗଣରେ ପରସ୍ପରର କରମର୍ଦ୍ଦନ କରିଥିଲେ ପାଲେଷ୍ଟାଇନ୍‌ର ବିପ୍ଲବୀ ନେତା ୟାସେର୍ ଆରାଫତ୍ ଓ ଇସ୍ରାଏଲର ପ୍ରଧାନମନ୍ତ୍ରୀ ଇଟ୍‌ଝାକ୍ ରାବିନ୍। ଅଳ୍ପ କେଇଟି ବର୍ଷ ବା ମାସ ହେଉ ପଛେ, ଚିରବିକ୍ଷୁବଧ୍ ମଧ୍ୟପ୍ରାଚ୍ୟରେ ବିରାଜମାନ କରିଥିଲା ଶାନ୍ତିର ବାତାବରଣ। ୧୯୪୭ ମସିହାରେ ପରସ୍ପରର କରମର୍ଦ୍ଦନ କରିଥିଲେ ମହାତ୍ମା ଗାନ୍ଧୀ ଓ ଲର୍ଡ ମାଉଣ୍ଟ ବ୍ୟାଟେନ। ସେ କରମର୍ଦ୍ଦନ ଥିଲା ସ୍ୱାଧୀନତା ସୂର୍ଯ୍ୟାଲୋକର ପ୍ରତୀକ ଏବଂ ଔପନିବେଶିକ ଶାସନରେ କ୍ଷତାକ୍ତ କୋଟି କୋଟି ଭାରତୀୟଙ୍କ ଉଦାରତା, କ୍ଷମାଶୀଳତା ଏବଂ ଅହିଂସ, ବିଦ୍ୱେଷହୀନ ଭ୍ରାତୃତ୍ୱବୋଧର ପ୍ରତୀକ ମଧ୍ୟ। ଅନ୍ୟ ଦୁଇଟି ପ୍ରଖ୍ୟାତ ଅଥଚ ବିଡ଼ମ୍ବିତ କରମର୍ଦ୍ଦନର ଅବସର ଆସିଥିଲା ଦୀର୍ଘ ୫୨ ବର୍ଷ ପରେ। ୧୯୯୯ ମସିହାରେ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀ 'ଲାହୋର-ବସ୍' ଯାତ୍ରାରେ ଲାହୋରରେ ପହଞ୍ଚି ପାକିସ୍ତାନର ସାମରିକ ଶାସକ ପର୍‌ଭେଜ୍ ମୁସାରଫଙ୍କ ସହ ସହର୍ଷ କରମର୍ଦ୍ଦନ କରିଥିଲେ ଏବଂ ତା'ର ଦୁଇବର୍ଷ ପରେ 'ଆଗ୍ରା ଶିଖର ସମ୍ମିଳନୀ'ରେ ମଧ୍ୟ ଅନୁରୂପ ଭାବରେ ଆପଣାର ସ୍ୱଭାବ ସୁଲଭ ଆତ୍ମୀୟତା ପ୍ରକାଶ କରି କରମର୍ଦ୍ଦନ କରିଥିଲେ ମୁସାରଫଙ୍କ ସହ। ହେଲେ ନିଷ୍ଫଳ ହୋଇଥିଲା ବାଜପେୟୀଙ୍କ ସତ୍ ଅଭିପ୍ରାୟ। କୁଟିଳ ମୁସାରଫ୍ ଦୁଇଥର ଯାକ ପ୍ରଶସ୍ତ ହସ ହସି ହାତ ମିଳାଇ ଥିଲେ ଶାନ୍ତିକାମୀ ବାଜପେୟୀଙ୍କ ସହ ଏବଂ ପ୍ରମାଣ କରିଦେଇଥିଲେ ଯେ ଜଣେ ହସିପାରେ ଏବଂ ସୈତାନ ପରି କପଟାଚାରୀ ହୋଇପାରେ ଏକା ସାଙ୍ଗରେ। ଏହି ଦୁଇଟି ଯାକ ଆପାତତଃ ପ୍ରତିଶ୍ରୁତି-ଗର୍ଭିତ କରମର୍ଦ୍ଦନର କରୁଣ ମରଣ ଆମେ ପ୍ରତ୍ୟକ୍ଷ କଲେ ଖୁବ୍ ଶୀଘ୍ର-ସେହି ମୁସାରଫଙ୍କ ଦ୍ୱାରା ପ୍ରାୟୋଜିତ 'କାର୍‌ଗିଲ୍'ର ରଣାଙ୍ଗନରେ।

ତେବେ ମୁସାରଫଜାତୀୟ ରାଜନେତାମାନଙ୍କ ସହ ସଦିଚ୍ଛା-ରଞ୍ଜିତ କରମର୍ଦ୍ଦନ ସର୍ବଦା ନିରର୍ଥକ ବୋଲି ବହୁପୂର୍ବରୁ ଜଣାଇ ସାରିଥିଲେ ଲୌହ-ମାନବୀ ଇନ୍ଦିରା ଗାନ୍ଧୀ। ଥରେ ପାକିସ୍ତାନର ପ୍ରଧାନମନ୍ତ୍ରୀ ୟାହିଆ ଖାଁ ଇନ୍ଦିରାଙ୍କ ସହ କରମର୍ଦ୍ଦନ କରିବାର ଅଭିପ୍ରାୟ ପୋଷଣ କରି ଆଗେଇ ଆସୁଥିବା ବେଳେ ଆପଣାର ଶାଣିତ ବୁଦ୍ଧିମତ୍ତା ଓ ପ୍ରତ୍ୟୁତ୍ପନ୍ନମତିତା ତତ୍‌କାଳ ପ୍ରକାଶ କରି କହିଥିଲେ ସେ - 'ନୋ ୱାନ କ୍ୟାନ ସେକ୍ ହ୍ୟାଣ୍ଡସ୍ ଉଇଥ୍ ଏ କ୍ଲେନଚଡ୍ ଫିଷ୍ଟ' (ମୁଦ୍ରାବଦ୍ଧ ମୁଷ୍ଟି ସହିତ କେହି କେବେ ହାତ ମିଳାଇ ନପାରେ)। କେବଳ କୂଟନୀତି ନୁହେଁ, ସାର୍ବଜନୀନ କ୍ଷେତ୍ରରେ ମଣିଷ-ମଣିଷ ମଧ୍ୟରେ ସୁସଂପର୍କ ପ୍ରତିଷ୍ଠା ପାଇଁ ଆଗଭର ହେବାବେଳେ ଆମେ ଇନ୍ଦିରାଙ୍କ ଏହି ଆପ୍ତବାକ୍ୟ ଭଳି ମହତ୍ତ୍ୱପୂର୍ଣ୍ଣ ଉଚ୍ଚାରଣଟିକୁ ପ୍ରଥମେ ସ୍ମରଣ କରିବା ଖୁବ୍ ଆବଶ୍ୟକ ନିଶ୍ଚୟ।

ରାଜନୈତିକ ଓ କୂଟନୈତିକ ଆବଶ୍ୟକତା ବା ବାଧ୍ୟବାଧକତା ଦୃଷ୍ଟିରୁ ବହୁଦିନ ତଳୁ କରମର୍ଦ୍ଦନ ପ୍ରାୟତଃ ଏକ ରୁଟିନବନ୍ଧା ଆଚରଣ ହୋଇସାରିଛି- ତେଣିକି ଏହା ନିର୍ମଳ ଭାବପ୍ରେରିତ ହେଉ ବା ବିଶୁଦ୍ଧ ଛଳନାମଖା ହେଉ। ଏବେ ଆମେରିକାର ଟ୍ରମ୍ପ ମହାଶୟ ଏ ଶିଷ୍ଟଶାଳୀନ କରମର୍ଦ୍ଦନକୁ ପରିଣତ କରିଦେଇ ସାରିଲେଣି ଏକପ୍ରକାର କରକର୍ଷଣ ବା କରପେଷଣ ଭାବରେ। ଏ ଦୁର୍ବିନୀତ ମଣିଷ ଜଣକ ସହ ହାତ ମିଳାଇବାର ଦୁଃସାହସ କରିବା ବେଳେ କେତେକେତେ ବିଶ୍ୱସ୍ତରୀୟ ନେତା, ଉପନେତାଙ୍କ ଅସ୍ୱଷ୍ଟ ଆର୍ତ୍ତନାଦ ଆମ ପାଇଁ ଏକ ହ୍ୟାସୋଦ୍ଦୀପକ ପରିବେଶ ସୃଷ୍ଟି କରିଥାଏ।

ଶୁଭବୁଦ୍ଧିସଂପନ୍ନ ସଚେତନ ବ୍ୟକ୍ତିବିଶେଷମାନଙ୍କ ସ୍ପଷ୍ଟ ମତ ହେଉଛି - 'ପ୍ରତ୍ୟେକ ଖେଳର ଅନ୍ତଃସ୍ୱର ହେଉଛି ଶାନ୍ତି, ସଂହତି ଓ ସଦ୍‌ଭାବନା। ଆଦର୍ଶସ୍ଥାନୀୟ 'ଖେଳୁଆଡ଼ ମନୋବୃତ୍ତି' ପ୍ରତ୍ୟକ୍ଷରେ ବା ପରୋକ୍ଷରେ ଏହି ମୂଲ୍ୟବୋଧ ସବୁର ପରିପୋଷଣ କରିଥାଏ'। ଏହି ମତ ଆମକୁ ଚେତାଇ ଦେଇଥାଏ ଯେ ପ୍ରତ୍ୟେକ କ୍ରୀଡ଼ାପ୍ରତିଯୋଗିତା, ସେ ବିଶ୍ୱସ୍ତରୀୟ ବା ଆଞ୍ଚଳିକ ହେଉ, ସର୍ବଦା ସମସ୍ତ ପ୍ରକାର ଉଗ୍ର, ରକ୍ଷଣଶୀଳ ନୀତି, ଆଦର୍ଶ ଓ ରାଜନୀତିଠାରୁ ନିରାପଦ ଦୂରତାରେ ରହିବା ଆମ ସଭ୍ୟତା ପାଇଁ ଓ ବିଶ୍ୱ ପାଇଁ ଶୁଭଙ୍କର। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଟିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ସବୁଜ-ସୁନାର ଉପଯୋଗିତା

ପ୍ରଣତି ଆଚାର୍ଯ୍ୟ ମିଶ୍ର

ବହୁମୁଖୀ ବ୍ୟବହାର, ଉପାଦେୟତା ଏବଂ ଅର୍ଥନୀତିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ବାଉଁଶକୁ ସବୁଜ ସୁନା କୁହାଯାଏ। ଅଥଚ ସେ ଦିଗରେ ପର୍ଯ୍ୟାପ୍ତ ସଚେତନତା ସୃଷ୍ଟି ହୋଇପାରିନାହିଁ। ଚୀନ୍ ପରେ ଭାରତ ଦ୍ୱିତୀୟ ବୃହତ୍ତମ ବାଉଁଶ ଉତ୍ପାଦନକାରୀ ଦେଶ। ତଥାପି ରପ୍ତାନିରେ ଆମେ ଚୀନ୍ ଠାରୁ ବହୁତ ପଛରେ। ବ୍ରିଟିଶ ସରକାର ଅମଳରେ ବାଉଁଶକୁ ଏକ ଉଦ୍ଭିଦ ଭାବରେ ବର୍ଗୀକୃତ କରି ଏହାର ଚାଷ ଓ ଅମଳ ଉପରେ ପ୍ରତିବନ୍ଧକ ଲାଗୁ ହୋଇଥିଲା। ଜାତୀୟ ଅର୍ଥନୀତିକୁ ସୁଦୃଢ଼ କରିବା ଏବଂ ପରିବେଶ ସୁରକ୍ଷା ଦେବାରେ ଗୁରୁତ୍ୱକୁ ଉପଲବ୍ଧି କରି ଭାରତ ସରକାର ୨୦୧୭ରେ ବାଉଁଶକୁ ଏକ ଚାଷୋପଯୋଗୀ ଫସଲ ଭାବରେ ପୁନଃବର୍ଗୀକୃତ କରିଥିଲେ। ଏହା ସାରା ଦେଶରେ ବାଉଁଶ ଚାଷ ଓ ଶିଳ୍ପର ବିକାଶ ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା। ମହାରାଷ୍ଟ୍ର ଓ ମଧ୍ୟପ୍ରଦେଶ ଭଳି ରାଜ୍ୟ ଏହି ପଦକ୍ଷେପକୁ ପୁଞ୍ଜିକୃତ କରିଥିଲେ ଏବଂ ବାଉଁଶରୁ ବିଭିନ୍ନ ଉତ୍ପାଦ ଉତ୍ପାଦନ ପାଇଁ ଯୋଜନା ଆରମ୍ଭ କରିଥିଲେ, ଯାହା ଦ୍ରୁତ ଗତିରେ ରପ୍ତାନି ସମ୍ଭାବନା ବୃଦ୍ଧି କରିଥିଲା।

ବାଉଁଶ ଚାଷ ବହୁମୁଖୀ। ଏହା ଜଳକୁ ବିଶୋଧନ କରିବା ସହିତ ବାୟୁକୁ ବିଶୁଦ୍ଧ କରେ ଏବଂ ମାଟି କ୍ଷୟକୁ ହ୍ରାସ କରେ। ଏହା ବାୟୁମଣ୍ଡଳରୁ ଅଙ୍ଗାରକାମ୍ଳ ଶୋଷଣ କରିବାରେ ସାହାଯ୍ୟ କରେ। ବୈଜ୍ଞାନିକ ଗବେଷଣାରୁ ଜଣାପଡ଼ିଛି ଯେ ବାଉଁଶ ଅନ୍ୟ ଗଛ ତୁଳନାରେ ୩୩ ପ୍ରତିଶତ ଅଧିକ ଅଙ୍ଗାରକାମ୍ଳ ଶୋଷଣ କରେ ଏବଂ ୩୫ ପ୍ରତିଶତ ଅଧିକ ଅମ୍ଳଜାନ ବାୟୁମଣ୍ଡଳକୁ ଛାଡ଼େ। ଏହାକୁ ଆୟୁର୍ବେଦିକ ବା ପ୍ରାକୃତିକ ଔଷଧରେ ମଧ୍ୟ ବ୍ୟବହାର କରାଯାଉଛି। ଏଥିସହିତ ଖେଳନା, ଆସବାବପତ୍ର, ପ୍ରସାଧାନ, କାଗଜ, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ, ସୌନ୍ଦର୍ଯ୍ୟବର୍ଦ୍ଧକ, କୃଷି ଉପକରଣ ଓ ମନୋରଞ୍ଜନ ସାମଗ୍ରୀ ପ୍ରସ୍ତୁତିରେ ବାଉଁଶର ବ୍ୟବହାର ସାରା ବିଶ୍ୱରେ ଦ୍ରୁତଗତିରେ ବୃଦ୍ଧି ପାଉଛି। ବାଉଁଶ ତନ୍ତୁ ପ୍ରାକୃତିକ ଭାବରେ ଆଣ୍ଟିବ୍ୟାକ୍ଟେରିଆଲ ଏବଂ ଆର୍ଦ୍ରତା ଶୋଷଣ କରି ଚର୍ମକୁ ସୁରକ୍ଷିତ ଏବଂ ଆରାମଦାୟକ କରି ରଖୁଥିବାରୁ ବୟନ ଶିଳ୍ପରେ ଏହାର ଉପଯୋଗ ବଢ଼ିବାରେ ଲାଗିଛି। ଏହାଛଡ଼ା ପୋଲ, ସିଡ଼ି, ଟୋକେଇ ଓ ମ୍ୟାଟ୍ ତିଆରି ପାଇଁ ବାଉଁଶର ବ୍ୟବହାର ବଢୁଛି। ଏପରିକି ଜୈବ ଇନ୍ଧନ ଉତ୍ପାଦନ ପାଇଁ ମଧ୍ୟ ବାଉଁଶ ବ୍ୟବହାର କରାଯାଉଛି।

ଭାରତ ସରକାର ଏବଂ ବିଭିନ୍ନ ରାଜ୍ୟ ସରକାରମାନେ 'ଜାତୀୟ ବାଉଁଶ ମିଶନ ଅଧୀନ'ରେ ବାଉଁଶ ଶିଳ୍ପକୁ ପ୍ରୋତ୍ସାହନ ଦେଉଛନ୍ତି। ସ୍ଥାୟୀ ବିକାଶ ଏବଂ ପରିବେଶ ସୁରକ୍ଷା ପାଇଁ ଭବିଷ୍ୟତରେ ବାଉଁଶ ଭାରତର ସବୁଜ ସୁନା ପ୍ରମାଣିତ ହୋଇପାରେ। ବର୍ତ୍ତମାନ କେବଳ ମହାରାଷ୍ଟ୍ର, ମଧ୍ୟପ୍ରଦେଶ ଏବଂ ଦକ୍ଷିଣ ଭାରତର କିଛି ଅଞ୍ଚଳରେ ବାଉଁଶ ବହୁଳ ପରିମାଣରେ ଚାଷ କରାଯାଉଥିବା ବେଳେ ଅନ୍ୟ ଅଞ୍ଚଳକୁ ଏହାର ପରିବର୍ଦ୍ଧନ ପାଇଁ କେନ୍ଦ୍ର ସରକାର ୨୦୧୭ ରେ 'ଭାରତୀୟ ବନ ଆଇନ ୧୯୨୭'କୁ ସଂଶୋଧନ କରି ବାଉଁଶକୁ ଗଛ ପରିବର୍ତ୍ତେ ଘାସ ଭାବରେ ବର୍ଗୀକୃତ କରିଥିଲେ। ବାଉଁଶକୁ କମ ମୂଲ୍ୟର ଉଚ୍ଚ-ଅମଳକାରୀ ଘାସ ଭାବରେ ଜଙ୍ଗଲ ଓ ଶୁଷ୍କ ଅଞ୍ଚଳରେ ଚାଷ କରାଯାଇପାରିବ। ବିଶେଷଜ୍ଞଙ୍କ ମତରେ ବାଉଁଶ ସାଧାରଣତଃ ତିନିରୁ ଚାରି ବର୍ଷ ମଧ୍ୟରେ ଅମଳ ପାଇଁ ପ୍ରସ୍ତୁତ ହୁଏ। ଥରେ ଲଗାଗଲେ ଏହା ଚାଳିଶରୁ ପଚାଶ ବର୍ଷ ପର୍ଯ୍ୟନ୍ତ ଅମଳ ଦେଇପାରେ। ଅମଳ ପରେ ଏହା ପୁଣି ବଢ଼ିବା ଆରମ୍ଭ କରେ।

ବାଉଁଶ ଏପରି ଏକ ଉଦ୍ଭିଦ, ଯାହାର ପ୍ରତ୍ୟେକ ଅଂଶ ବିଭିନ୍ନ ଉଦ୍ଦେଶ୍ୟରେ ବ୍ୟବହାର କରାଯାଇପାରିବ। ପ୍ରାୟ ୧୩୬ପ୍ରଜାତିର ବାଉଁଶ ଅଛି, ଯାହା କଠୋର ପରିସ୍ଥିତିରେ ମଧ୍ୟ ବଢ଼ିପାରେ। କିନ୍ତୁ ସଚେତନତାର ଅଭାବ ଯୋଗୁଁ ଭାରତରେ ଏହାର ବାଣିଜ୍ୟିକ ବ୍ୟବହାର ଏପର୍ଯ୍ୟନ୍ତ ସୀମିତ। ଏହି ସମ୍ପର୍କରେ ତାଲିମ ଓ ସଚେତନତା ଚାଷୀଙ୍କ ଆୟ ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ଚୀନ ୧୯୮୦ ଦଶକରେ ବାଉଁଶ ଚାଷର ପ୍ରୟାସ କରିଥିଲା ଏବଂ ଆଜି ଏହା ସର୍ବାଧିକ ଆର୍ଥିକ ଲାଭ ଉପଭୋଗ କରୁଛି। ସେଠାରେ ୫୦ଲକ୍ଷ ହେକ୍ଟର ଜମିରେ ବାଉଁଶ ଚାଷ କରାଯାଏ। ଭାରତରେ ୧କୋଟି ହେକ୍ଟରରେ ବାଉଁଶ ଚାଷ ହେବା ସତ୍ତ୍ୱେ ଏହାର ବିବିଧତା ଓ ଉପଯୋଗିତା ବିଷୟରେ ସଚେତନତାର ଅଭାବ ଏବଂ ବଜାରୀକରଣ ଅସୁବିଧା ଯୋଗୁଁ ଆମେ ଏହାର ଉପଯୁକ୍ତ ଆର୍ଥିକ ଲାଭରୁ ବଞ୍ଚିତ।

ଯଦି ଭାରତୀୟ କୃଷି ଗବେଷଣା ପରିଷଦ ଏବଂ କୃଷି ବିଶ୍ୱବିଦ୍ୟାଳୟର ପ୍ରସାରଣ ଶିକ୍ଷା ଅଧୀନରେ ବାଉଁଶ ଉତ୍ପାଦନ ତାଲିମ୍‌କୁ ପରିବର୍ଦ୍ଧିତ କରାଯାଏ ତେବେ ବାଉଁଶ ଚାଷୀଙ୍କ ଆର୍ଥିକ ସଶକ୍ତୀକରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବ। ରାଜସ୍ଥାନର ରାଜସମନ୍ଦ ଜିଲ୍ଲାର ପିପଲାନ୍ତରି ଗାଁରେ ଗୋଚର ଜମିରେ ବାଉଁଶ ଚାଷ ଏବଂ ବାଉଁଶ ଉତ୍ପାଦନର ବିବିଧତା ଉପରେ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଛି। ସେଠାରେ ଅନେକ ପ୍ରକାରର ବାଉଁଶ ଚାଷ କରାଯାଏ।

ଯଦି ପରିବେଶ ଅନୁକୂଳ ବାଉଁଶ ଉତ୍ପାଦଗୁଡ଼ିକୁ ଅନୁର୍ବର ଓ ଗୋଚର ଜମିରେ ଚାଷ କରିବାକୁ ଉତ୍ସାହିତ କରାଯାଏ ତେବେ ଏହା ଭବିଷ୍ୟତରେ ବହୁତ ଭଲ ଫଳାଫଳ ଦେବ ଏବଂ ପ୍ଲାଷ୍ଟିକ୍‌ର ବିକଳ୍ପ ହୋଇପାରିବ। ଗ୍ରାମୀଣ ଜୀବିକା ନିର୍ବାହରେ ବାଉଁଶର ବ୍ୟବହାର ପାଇଁ ଏକ ପରିବେଶ ସୃଷ୍ଟି କରିବାର ଆବଶ୍ୟକତା ଅଛି। ଚୀନର ଉଦାହରଣ ଅନୁସରଣ ପୂର୍ବକ ଆମ ଦେଶରେ ଉପଲବ୍ଧ ବିପୁଳ ପରିମାଣର ଅନୁର୍ବର ଜମିକୁ ପୁନରୁଦ୍ଧାର କରି ଗ୍ରାମୀଣ ସମ୍ପ୍ରଦାୟର ଆୟକୁ ଉନ୍ନତ କରିବା ପାଇଁ ବାଉଁଶ ଚାଷ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ●

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ହୁଦୁଡ଼ ଦୁର୍ଗା ଭାବେ ପୂଜା ପାଆନ୍ତି ମହିଷାସୁର

ଓଜସ୍ୱିନୀ

*ପୂର୍ବପ୍ରକାଶିତ ଉତ୍ତାରୁ...*

### ବିଚିତ୍ର ବିଶ୍ୱାସ

ପଶ୍ଚିମବଙ୍ଗର ପଶ୍ଚିମ ମେଦିନାପୁର ଜିଲ୍ଲାର କେନ୍ଦାସୋଲ ସମେତ ଆଉ କେତେକ ଗାଁର ଅସୁର ଜନଜାତି ସପ୍ତମୀ ସନ୍ଧ୍ୟାଠାରୁ ଦଶମୀ ପର୍ଯ୍ୟନ୍ତ ମହିଷାସୁରଙ୍କ ଏକ ମୂର୍ତ୍ତି ନିର୍ମାଣ କରି 'ହୁଦୁଡ଼ ଦୁର୍ଗା' ଭାବେ ପୂଜା କରି ଆସୁଛନ୍ତି। ନବରାତ୍ରି ସମୟରେ ଏଠାରେ ଅନେକ ସ୍ଥାନରେ 'ମହିଷାସୁର ଶହାଦତ ଦିବସ' ପାଳିତ ହୋଇଥାଏ। ଅସୁର ଜନଜାତି ଏତେମାତ୍ରାରେ ମହିଷାସୁରଙ୍କୁ ଭକ୍ତି କରନ୍ତି ଯେ, ବିଗତ କିଛି ବର୍ଷ ଧରି ସେମାନେ ଦୁର୍ଗାଙ୍କ ହିଂସ୍ର ରୂପରେ ମହିଷାସୁର ବଧର ମୂର୍ତ୍ତିକୁ ବିରୋଧ କରୁଛନ୍ତି। କାରଣ ସେମାନଙ୍କ ମତାନୁସାରେ ଏହା ତାଙ୍କ ପୂର୍ବଜ ମହିଷାସୁରଙ୍କ ସହିତ ସମସ୍ତ ଅସୁର ସମ୍ପ୍ରଦାୟର ଅପମାନ। ସେମାନେ ଏ ସମ୍ପର୍କରେ ଅନେକ ଗଣମାଧ୍ୟମରେ ମଧ୍ୟ ସ୍ୱର ଉତ୍ତୋଳନ କରିଛନ୍ତି। ସମଗ୍ର ଭାରତରେ ପଶ୍ଚିମବଙ୍ଗରେ ଦୁର୍ଗାପୂଜା ସବୁଠାରୁ ଜାକଜମକରେ ଆୟୋଜନ ହେଉଥିଲେ ମଧ୍ୟ ଜଳପାଇଗୁଡ଼ି ଜିଲ୍ଲାସ୍ଥିତ ଅଲିପୁରଦୁଆରର ମାଝେରଡାବରି ଚା' ବଗିଚା ଅଞ୍ଚଳରେ ରହୁଥିବା ଅସୁର ଜନଜାତି ଦୁର୍ଗାପୂଜାର ୯ଦିନ ଶୋକ ପାଳନ କରିଥା'ନ୍ତି ଏବଂ କୌଣସି ଶୁଭ କାର୍ଯ୍ୟ କରିନଥା'ନ୍ତି।

କର୍ଣ୍ଣାଟକ ଓ ମୈସୁରରେ ମହିଷାସୁରଙ୍କ ବିଶାଳ ପ୍ରତିମା ସ୍ଥାନ ପାଇଛି। କୁହାଯାଏ ଯେ, ମୈସୁର ସହର(ମହିଷାସୁରାନା ଉରୁ- ଅର୍ଥାତ୍ ମହିଷାସୁରଙ୍କ ଦେଶ) ମହିଷାସୁରଙ୍କ ନାମାନୁଯାୟୀ ରଖାଯାଇଛି। କର୍ଣ୍ଣାଟକର ତଟବର୍ତ୍ତୀ ଅଞ୍ଚଳରେ ରହୁଥିବା କେତେକ ସମ୍ପ୍ରଦାୟ ସମ୍ପୂର୍ଣ୍ଣ ବିଧିବିଧାନର ସହ ମହିଷାସୁରଙ୍କ ପୂଜା କରିଥା'ନ୍ତି। ବିଭିନ୍ନ ସ୍ଥାନୀୟ ଲୋକକଥା ଅନୁସାରେ ମହିଷାସୁରଙ୍କୁ କୁଣ୍ଡୋଦରା, ମହିଷନ୍ଧା, ମେଷନ୍ଧା ଓ ନନ୍ଦିକୋନା ଆଦି ନାମରେ ଦେବତା ଭାବେ ପୂଜା କରାଯାଏ। ବିଶେଷ ଭାବେ ସେମାନେ ମଇଁଷିକୁ ପୂଜା କରିଥା'ନ୍ତି। ଏହି ସମ୍ପ୍ରଦାୟଙ୍କ ମଧ୍ୟରେ ଭୂତାରାଦନେ ଓ ଦେବରାଧନେ ନାମକ ଦୁଇଟି ପରମ୍ପରା ରହିଛି, ଯାହା ମାଧ୍ୟମରେ ସେମାନେ ଅଦ୍ୱିତୀୟ ଦେବତା ଓ ଭୂତପ୍ରେତ(ଆତ୍ମା)ଙ୍କୁ ପୂଜା କରିଥା'ନ୍ତି। ତେଣୁ



ପରମ୍ପରା ଅନୁସାରେ ସେମାନେ ମହିଷାସୁରଙ୍କୁ ତାଙ୍କର ଆଦିଦେବତା ଭାବେ ଦେବରାଧନେ ବିଧିରେ ପୂଜାର୍ଚ୍ଚନା କରିଥା'ନ୍ତି। ମୈସୁର ବ୍ୟତୀତ ମାଧବାଚାର୍ଯ୍ୟଙ୍କ ଦ୍ୱୈତ ଦର୍ଶନର ପୀଠ ଉଡୁପି ସ୍ଥିତ ଶ୍ରୀକୃଷ୍ଣ ମଠରେ ମଧ୍ୟ ଭୂତରାଜ ଭାବେ ମହିଷାସୁରଙ୍କୁ ପୂଜା କରାଯାଉଛି। ମଠ ପରିସରରେ ଥିବା ଅନନ୍ତେଶ୍ୱର ମନ୍ଦିରରର ରକ୍ଷକ ହେଉଛନ୍ତି ମହିଷାସୁର। ସ୍ଥାନୀୟ ମାନ୍ୟତା ଅନୁସାରେ ଯେଉଁମାନେ ମହିଷାସୁରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମ ନ ମାନନ୍ତି, ସେମାନଙ୍କ ପରିବାରରେ ବିଭିନ୍ନ ସମସ୍ୟା ଆସିଥାଏ। ତେଣୁ ସେମାନେ ମହିଷାସୁରଙ୍କୁ ଅନ୍ନ, ମୁଢ଼ି, ଫଳ, ନଡ଼ିଆ, ନଡ଼ିଆ ଚଅଁର, ଧୂପ, ଦୀପ, ଫୁଲ ଅର୍ପଣ କରିବା ସହିତ କୁକୁଡ଼ା ବଳି ଦେଇ ସନ୍ତୁଷ୍ଟ କରି ଆଶିଷ ଭିକ୍ଷା କରନ୍ତି। ଏହାପରେ ମହିଷାସୁରଙ୍କ ଆତ୍ମା ଜଣେ ବ୍ୟକ୍ତିଙ୍କ ଶରୀରରେ ପ୍ରବେଶ ହୋଇଥା'ନ୍ତି ଏବଂ ଅନେକ ପାରିବାରିକ ସମସ୍ୟା ନେଇ ଆସିଥିବା ଭକ୍ତମାନଙ୍କର ସମସ୍ୟାର ସମାଧାନ କରିଥା'ନ୍ତି। ଏହି ସମୟରେ ଉତ୍ତମ ପାରିବାରିକ ଓ ସାମାଜିକ ଚଳଣି ସମ୍ପର୍କିତ ଅନେକ ନୀତିନିୟମ ସମ୍ପର୍କରେ ସେ ଉପଦେଶ ମଧ୍ୟ ଦେଇଥା'ନ୍ତି। ଏହି ନିୟମଗୁଡ଼ିକ ଯେଉଁମାନେ ପାଳନ କରନ୍ତି ନାହିଁ, ସେମାନଙ୍କ ଉପରେ ମହିଷାସୁରଙ୍କ କୋପଦୃଷ୍ଟି ପଡ଼ିଥାଏ ଏବଂ ସେମାନେ ଅନେକ ସମସ୍ୟାର ସମ୍ମୁଖୀନ ହୋଇଥା'ନ୍ତି ବୋଲି ବିଶ୍ୱାସ ରହିଛି। ତେବେ ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ଈଶ୍ୱରୀୟ ସତ୍ତା ସହିତ ଆସୁରିକ ଶକ୍ତି ଉପରେ ଭକ୍ତମାନଙ୍କର ପ୍ରଗାଢ଼ ବିଶ୍ୱାସ କେବଳ ଭାରତରେ ହିଁ ସମ୍ଭବ। (ସମାପ୍ତ) ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଲେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।


# ରାଜନୈତିକ ହଟଚମଟ କରୁଛନ୍ତି ଏଜି: ବିଜେଡି

ଭୁବନେଶ୍ୱର,୨୫।୯(ସମିସ): ମହାନଦୀ ଜଳ ବିବାଦ ଏକ କୃତ୍ରିମ ବିବାଦ ଭାବେ ସୃଷ୍ଟି କରାଯାଇଥିଲା ବୋଲି ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ଦେଇଥିବା ମନ୍ତବ୍ୟ ଉପରେ କଡ଼ା ପ୍ରତିକ୍ରିୟା ଦେଇଛି ବିଜେଡି। ଏଜିଙ୍କ ମନ୍ତବ୍ୟ କେବଳ ରାଜନୈତିକ ହଟଚମଟ ପାଇଁ ଉଦ୍ଦିଷ୍ଟ। ଶ୍ରୀ ଆଚାର୍ଯ୍ୟଙ୍କ ହିସାବରେ ଯଦି ଏହା ଏକ କୃତ୍ରିମ ସମସ୍ୟା, ତାହେଲେ ବିଜେପି କ୍ଷମତାକୁ ଆସିବାର ପନ୍ଦର ମାସ ପରେ ମଧ୍ୟ ଏହାକୁ ସମାଧାନ କରିବା ପାଇଁ ସଫଳ ହୋଇପାରି ନାହିଁ କାହିଁକି ବୋଲି ପ୍ରଶ୍ନ କରିଛି ବିଜେଡି।

ବିଜେଡି ପକ୍ଷରୁ ଜାରି ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ.ଲେନିନ ମହାନ୍ତି କହିଛନ୍ତି ଯେ ଆଡଭୋକେଟ ଜେନେରାଲ ଗୋଟିଏ ସାମ୍ବିଧାନିକ ପଦବୀ। ସେହି ପଦବୀରେ ଥିବା ବ୍ୟକ୍ତିମାନେ ସାଧାରଣତଃ କୌଣସି ରାଜନୈତିକ ବକ୍ତବ୍ୟ ପ୍ରଦାନ କରନ୍ତି ନାହିଁ। ଶ୍ରୀ ଆଚାର୍ଯ୍ୟ ଆଜି ଦେଇଥିବା ବକ୍ତବ୍ୟ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ। ଏହା ପୂର୍ବ ସରକାରଙ୍କ ଆଡ଼କୁ ଆଙ୍ଗୁଳି ନିର୍ଦ୍ଦେଶ ପାଇଁ ଉଦ୍ଦିଷ୍ଟ। ଏହାଛଡା ଶ୍ରୀ ଆଚାର୍ଯ୍ୟଙ୍କ ବକ୍ତବ୍ୟରେ କୌଣସି ସତ୍ୟତା ନାହିଁ; ଶ୍ରୀ ଆଚାର୍ଯ୍ୟ ବକ୍ତବ୍ୟ ଅନୁସାରେ ଯଦି

■ ମହାନଦୀ ଜଳ ବିବାଦ ଯଦି କୃତ୍ରିମ, ତେବେ ସମାଧାନ ପାଇଁ ବିଳମ୍ବ କାହିଁକି
■ ଶ୍ରୀ ଆଚାର୍ଯ୍ୟଙ୍କ ମନ୍ତବ୍ୟ ଆଡ଼ଭୋକେଟ ଜେନେରାଲ ପଦ ଗାରିମା କ୍ଷୁର୍ଣ୍ଣ କରିଛି

ମହାନଦୀ ଜଳ ବିବାଦ କୃତ୍ରିମ ଥିଲା ତା ହେଲେ ସରକାର ପରିବର୍ତ୍ତନ ପରେ ସମସ୍ୟା ସମାଧାନ ପାଇଁ ଗୋଟିଏ ମିନିଟ ମଧ୍ୟ ଲାଗିବା ଉଚିତ ନୁହେଁ। କେବଳ ଓଡ଼ିଶାରେ ନୁହେଁ କେନ୍ଦ୍ରରେ ଓ ଛତିଶଗଡ଼ରେ ମଧ୍ୟ ବିଜେପି ସରକାର ଅର୍ଥାତ ଟ୍ରିପଲ ଇଞ୍ଜିନ ସରକାର ରହିଛି। ଏହାପରେ ମଧ୍ୟ ରାଜ୍ୟରେ ବିଜେପି ସରକାର ଆସିବା ପନ୍ଦର ମାସ ବିତିଯାଇଥିଲେ ସୁଦ୍ଧା ସମସ୍ୟାର ସମାଧାନ ହୋଇପାରି ନାହିଁ କାହିଁକି? ଏଥିରୁ ସ୍ପଷ୍ଟ ହେଉଛି ଯେ



ମହାନଦୀ ଜଳ ବିବାଦ କୃତ୍ରିମ ନ ଥିଲା। ଶ୍ରୀ ଆଚାର୍ଯ୍ୟଙ୍କ ଆଜିର ମନ୍ତବ୍ୟ କେବଳ ରାଜନୈତିକ ହଟଚମଟ ସୃଷ୍ଟି କରିବା ପାଇଁ ଉଦ୍ଦିଷ୍ଟ। ଡ. ମହାନ୍ତି ଆହୁରି କହିଛନ୍ତି ଯେ କେବଳ ଦାମୀ ଓକିଲଙ୍କୁ ପୋଷିବା ପାଇଁ ମହାନଦୀ ଜଳ ବିବାଦ ସୃଷ୍ଟି କରାଯାଇଥିଲା ବୋଲି ଦେଇଥିବା ମନ୍ତବ୍ୟ ମଧ୍ୟ ହାସ୍ୟାସ୍ପଦ। ସେ ଆଡଭୋକେଟ ଜେନେରାଲ ପଦବୀ ଗ୍ରହଣ କରିବା ପରେ ରାଜ୍ୟର ଆଡଭୋକେଟ ଜେନେରାଲ ପାଉଥିବା ପାରିତୋଷିକକୁ ଅହେତୁକ ବୃଦ୍ଧି କରାଯାଇଛି କି ? କେଉଁ କାରଣରୁ ଏପରି ବୃଦ୍ଧି କରାଯାଇଛି ତାହା ଶ୍ରୀ ଆଚାର୍ଯ୍ୟ ସ୍ପଷ୍ଟ କରିବେ କି? ରାଜ୍ୟର ଆଡଭୋକେଟ ଜେନେରାଲ ପଦବୀରେ ପୂର୍ବରୁ କାର୍ଯ୍ୟ କରି ଆସୁଥିବା ବ୍ୟକ୍ତି ମାନଙ୍କ ଅପେକ୍ଷା ଶ୍ରୀ ଆଚାର୍ଯ୍ୟ କଣ ଅଧିକ ଯୋଗ୍ୟ। ତେଣୁ ଓକିଲଙ୍କୁ ପୋଷିବା ପାଇଁ ବିବାଦ ସୃଷ୍ଟି ହୋଇଥିଲା ବୋଲି ଦେଇଥିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ। ଏଭଳି ବିବାଦୀୟ ମନ୍ତବ୍ୟ ଦେଇ ଶ୍ରୀ ଆଚାର୍ଯ୍ୟ ଆଡଭୋକେଟ ଜେନେରାଲ ପଦବୀର ମର୍ଯ୍ୟାଦାହାନୀ କରିଛନ୍ତି। ଯେ ପର୍ଯ୍ୟନ୍ତ ସେ ଏହି ଗରିମାମୟ ପଦବୀରେ ଅଛନ୍ତି, ତାଙ୍କର ଆଚରଣ ଓ ଉଚ୍ଚାରଣ ପ୍ରତି ଯତ୍ନବାନ ହୁଅନ୍ତୁ ବୋଲି ସେ କହିଛନ୍ତି।

■ ଲିଙ୍ଗରାଜ ମନ୍ଦିର ନିକଟରେ 'ସ୍ୱଚ୍ଛତା ହି ସେବା ୨୦୨୫'

## 'ଗଣସଫେଇ ଅଭିଯାନ'ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୫।୯(ସମିସ): ସ୍ୱଚ୍ଛତା ହିଁ ସେବା ୨୦୨୫ ଅଭିଯାନ ଓ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କ ୧୧୦ତମ ଜୟନ୍ତୀ ଅବସରରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ପାଖରେ ଆୟୋଜିତ ଗଣ ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି। ଓଡ଼ିଶାକୁ ସମୃଦ୍ଧ ଓଡ଼ିଶା ଓ ନୂଆ ଓଡ଼ିଶାରେ ପରିଣତ କରିବା ପାଇଁ ଆମ ସମସ୍ତଙ୍କୁ ଆଜି ସଂକଳ୍ପ ନେବାକୁ ପଡିବ। ସ୍ୱଚ୍ଛତା କ୍ଷେତ୍ରରେ ସମସ୍ତଙ୍କୁ ଅଧିକ ସଚେତନ କରାଇବାର ଆବଶ୍ୟକତା ରହିଛି। ସଫେଇ କ୍ଷେତ୍ରରେ ଦେଶର ପ୍ରଥମ ତିନୋଟି ସ୍ଥାନରେ ରହିବା ପାଇଁ ଆମ ସମସ୍ତଙ୍କୁ କାର୍ଯ୍ୟ କରିବାକୁ ପଡିବ। ଆଗାମୀ ଦିନରେ ଆବର୍ଜନାରୁ କୋଇଲା ଏବଂ କୋଇଲାରୁ ଶକ୍ତି ଉତ୍ପାଦନ କରିବା ପାଇଁ ଆମର ଯୋଜନା ରହିଛି ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଛନ୍ତି।

ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଭାରତୀୟ ସାଂସ୍କୃତିକ ବିଚାରଧାରା ସହିତ ସ୍ୱତନ୍ତ୍ର ଅର୍ଥନୈତିକ ଚିନ୍ତାଧାରାର ପ୍ରସାର କ୍ଷେତ୍ରରେ ଯଦି କାହାର ସର୍ବାଧିକ ଅବଦାନ ଥାଏ ସେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, କର୍ପୋରେଟରମାନଙ୍କ ସହ ବିଜେପି ନେତା ଜଗନ୍ନାଥ ପ୍ରଧାନ ଉପସ୍ଥିତ ଥିଲେ।

## ଯାଞ୍ଚ ହେବ ବେଆଇନ ପାଥୋଲାବ୍ ଓ କ୍ଲିନିକ୍

### ସିଏଚ୍‌ସି ସୁପରିଟେଣ୍ଡେଣ୍ଟଙ୍କୁ ଚିଠି ଲେଖିଲେ ସିଡିଏମ୍‌ଓ

ଭୁବନେଶ୍ୱର,୨୫।୯(ସମିସ): ବର୍ଷ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲାରେ ଚାଲୁଥିବା ବେଆଇନ ପାଥୋଲାବ୍ ଓ କ୍ଲିନିକ୍‌ଗୁଡ଼ିକର ଯାଞ୍ଚ ହେବ। ଏନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସିଏଚ୍‌ସି ସୁପରିଟେଣ୍ଡେଣ୍ଟମାନଙ୍କୁ ଚିଠି ଲେଖି ନିର୍ଦ୍ଦେଶ ଦେଇଛନ୍ତି। ସିଏଚ୍‌ସି ଅଧୀନରେ ଥିବା ଏହି ବେଆଇନ ସ୍ୱାସ୍ଥ୍ୟାନୁଷ୍ଠାନର ତାଲିକା ପ୍ରସ୍ତୁତ କରି ଜିଲ୍ଲାପାଳଙ୍କୁ ଦେବା ପାଇଁ କୁହାଯାଇଛି। ବେଆଇନ ଭାବେ ସ୍ଥାପିତ ପାଥୋଲାବ୍ ଓ କ୍ଲିନିକ୍‌ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଜଣାପଡ଼ିଛି।

'ସକାଳ' ପ୍ରଭାବ

ଏ ପ୍ରସଙ୍ଗରେ ଗତ ସେପ୍ଟେମ୍ବର ୧୯ରେ 'ସକାଳ'ରେ ଖବର ପ୍ରକାଶ ପାଇଥିଲା। ଏହାପରେ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ ତତ୍‌କ୍ଷଣାତ୍ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠି ଲେଖିଥିବା ଜଣାପଡ଼ିଛି। ବର୍ଷ ବର୍ଷ ଧରି ଖୋର୍ଦ୍ଧା ଜିଲ୍ଲାରେ ବିନା ପଞ୍ଜିକରଣରେ ଶତାଧିକ ପାଥୋଲାବ୍ ଓ କ୍ଲିନିକ୍ ଚାଲୁଛି। ସରକାରୀ ଭାବେ କେବଳ ୪୪ଟି ପାଥୋଲାବ୍‌କୁ ଅନୁମତି ମିଳିଛି; ମାତ୍ର ଶତାଧିକ ବେନାମୀ ସଂସ୍ଥା ଖୋଲିଛି। ରୋଗୀମାନଙ୍କର ଏମାନେ ରକ୍ତ ଓ ଅନ୍ୟାନ୍ୟ ପରୀକ୍ଷା କରି ଭୁଲ୍ ରିପୋର୍ଟ ଦେଉଛନ୍ତି। ଫଳସ୍ୱରୂପ ଭୁଲ୍ ଚିକିତ୍ସାରେ ରୋଗୀ ଖର୍ଚ୍ଚାନ୍ତ ହେବା ସହ ପ୍ରାଣହାନୀ ଘଟୁଛି। ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଥିଲେ। ତୁରନ୍ତ ସ୍ୱାସ୍ଥ୍ୟ ବିଭାଗ ଏହା ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି। ନଚେତ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ସାଧାରଣ ନିରୀହ ରୋଗୀଙ୍କ ଜୀବନ ବିପନ୍ନ ହୋଇଯିବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।

## ନର୍ସିଂ ଛାତ୍ରୀଙ୍କ ଆତ୍ମହତ୍ୟା

ମାଲକାନଗିରି, ୨୫।୯(ସମିସ): ମାଲକାନଗିରି ଜିଲ୍ଲା ଏମ୍‌ଭି ୧୩ ଗ୍ରାମର ନର୍ସିଂ ଛାତ୍ରୀ ଅଙ୍କିତା ବିଶ୍ୱାସ ଆତ୍ମହତ୍ୟା କରିଛନ୍ତି। ପ୍ରେମରେ ବିଫଳ ହୋଇ କିଛି ଦିନ ପୂର୍ବେ ସେ ଏକ ବଟିକା ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ହସ୍ପିଟାଲରୁ ଚିକିତ୍ସିତ ହୋଇ ଘରକୁ ଫେରିବା ପରେ ଆଜି ବେକରେ ଫାଶି ଲଗାଇ ସେ ଆତ୍ମହତ୍ୟା କରିଛି।

■ ପୂର୍ବରୁ ଆତ୍ମହତ୍ୟା ଉଦ୍ୟମ କରି ହସ୍ପିଟାଲରୁ ଫେରିଥିଲେ
■ ପ୍ରେମ ସମ୍ପର୍କରେ ବିଫଳ ଅଭିଯୋଗ

ସୂଚନା ଅନୁଯାୟୀ, ଅଙ୍କିତା ଜିଲ୍ଲା ସଦରରେ ଥିବା ଏକ ଘରୋଇ କଲେଜରେ ବିଏସ୍‌ସି ନର୍ସିଂର ଶେଷ ବର୍ଷର ଛାତ୍ରୀ ଥିଲେ। ପ୍ରେମ ସମ୍ପର୍କକୁ ନେଇ ସେ ପୂର୍ବରୁ କୌଣସି ଏକ ବଟିକା ଖାଇ ଦେବାରୁ ଗୁରୁତର ଅବସ୍ଥାରେ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ଗତକାଲି ସୁସ୍ଥ ହୋଇ ସେ ଘରକୁ ଫେରିଥିଲେ। ତେବେ ଆଜି ପୁନର୍ବାର ସେ ନିଜ ଘରେ ଫାଶି ଲଗାଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ଝିଅକୁ ଝୁଲନ୍ତା ଅବସ୍ଥାରେ ଦେଖି ତାଙ୍କ ବାପା ବୃନ୍ଦାବନ ବିଶ୍ୱାସ ତାଙ୍କୁ ଉଦ୍ଧାର କରି ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପ୍ରେମଜନିତ କାରଣକୁ ନେଇ ଅଙ୍କିତା ଆତ୍ମହତ୍ୟା କରିଥିବା ତାଙ୍କ ବାପା ଅଭିଯୋଗ କରିଛନ୍ତି। ଏହାକୁ ନେଇ ପୁଲିସ ପକ୍ଷରୁ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ କରାଯାଇଛି।

### ମୁଲତବୀ ଆଲୋଚନାରେ ସରକାରଙ୍କୁ ବିଜେଡିର ଭର୍ତ୍ସନା

## ଶାନ୍ତ ଓଡ଼ିଶା ଏବେ ଦେଶର କ୍ରାଇମ୍ କ୍ୟାପିଟାଲ

ଭୁବନେଶ୍ୱର,୨୫।୯(ସମିସ): ପୂର୍ବ ସରକାରରେ ପୁଲିସ ପ୍ରତି ଅପରାଧୀଙ୍କ ଭୟ ଥିଲା। ଓଡ଼ିଶାର ନାରୀ ଘରକୋଣରୁ ବାହାରି ସ୍ୱାବଲମ୍ବୀ ହେବା ପାଇଁ ସାହସ ଜୁଟାଇ ପାରୁଥିଲା। ମାତ୍ର ୧୫ ମାସର ସରକାରରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି। ମହିଳା ବିରୋଧୀ ହିଂସା ଚରମ ସୀମାରେ ପହଞ୍ଚିଛି। ରାଜ୍ୟରେ ଏବେ ଆଇନର ନୁହେଁ; ଦୁର୍ଯ୍ୟୋଧନ, ଦୁଃଶାସନ ଶାସନ ଚାଲିଛି ବୋଲି କଡ଼ା ସମାଲୋଚନା କରିଛି ବିଜେଡି। ବୁଧବାର ମୁଲତବୀ ଆଲୋଚନାରେ ରାଜ୍ୟର ଆଇନ ଶୃଙ୍ଖଳା ଏବଂ ମହିଳାଙ୍କ ସୁରକ୍ଷାକୁ ନେଇ ସରକାରଙ୍କ ଉପରେ ବର୍ଷିଛନ୍ତି ବିଜେଡି ସଦସ୍ୟ।

ମୁଲତବୀ ଆଲୋଚନାକୁ ଆରମ୍ଭ କରି ବିଜେଡି ବିଧାୟକ ଗୌତମବୁଦ୍ଧ ଦାସ କହିଥିଲେ ଯେ ବିଜେଡି ସରକାର ସମୟରେ ଓଡ଼ିଶାର ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣରେ ଥିଲା। ମାତ୍ର ୧୫ ମାସର ଶାସନରେ ଓଡ଼ିଶା ଦେଶର କ୍ରାଇମ କ୍ୟାପିଟାଲ ଭାବରେ ପରିଣତ ହୋଇଛି। ରାଜ୍ୟରେ ମାତ୍ର ଗୋଟିଏ ବର୍ଷ ମଧ୍ୟରେ ଅପରାଧିକ ମାମଲା ୭.୧ ପ୍ରତିଶତ ବୃଦ୍ଧି ଘଟିଛି। ଶାନ୍ତିପ୍ରିୟ ରାଜ୍ୟରୁ ଅପରାଧ ପ୍ରବଣ ରାଜ୍ୟରେ ଓଡ଼ିଶା ପରିଣତ ହୋଇଛି। ଶୁଭମିତ୍ରାଙ୍କ ହତ୍ୟା ପରେ ଯେ ପୁଲିସରେ ଚାକିରି କରିଥିବା ଝିଅ ମଧ୍ୟ ସୁରକ୍ଷିତ ନୁହେଁ ତାହା ପ୍ରମାଣିତ ହୋଇଛି। କମିଶନରେଟ ପୁଲିସ ରାଜ୍ୟର ଶ୍ରେଷ୍ଠ ପୁଲିସିଂ ବ୍ୟବସ୍ଥା ବୋଲି କୁହାଯାଉଥିଲା। ମାତ୍ର ସେପ୍ଟେମ୍ବର ୬ ତାରିଖରେ କନେଷ୍ଟବଳ ଅପହରଣ ହୋଇଥିବା ବେଳେ ସେପ୍ଟେମ୍ବର ୧୭ରେ ଅର୍ଥାତ୍ ୧୧ ଦିନ ପରେ ତାଙ୍କର ମୃତଦେହ ମିଳିଲା। ୧୧ ଦିନ ପର୍ଯ୍ୟନ୍ତ ପୁଲିସ କଣ କରୁଥିଲା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଥିଲେ। ଏପରିକି କମିଶନରେଟ ପୁଲିସ କାର୍ଯ୍ୟାଳୟ ପରିସରରେ ଦେଢ଼ ଘଣ୍ଟା କାଳ ଶୁଭମିତ୍ରାଙ୍କ ଶବ ରହିଥିଲେ ହେଁ ପୁଲିସ ଜାଣିପାରିଲା ନାହିଁ। ଏହା କଣ ଶ୍ରେଷ୍ଠ ପୁଲିସିଂ ବ୍ୟବସ୍ଥା ବୋଲି ଶ୍ରୀ ଦାସ ପ୍ରଶ୍ନ କରିଥିଲେ।

ଅପରପକ୍ଷେ ବାଲେଶ୍ୱର ଏଫଏମ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ଏବିଭିପି ଛାତ୍ର ନେତାଙ୍କ ସମ୍ପୃକ୍ତି ନେଇ ଶ୍ରୀ ଦାସ ଅଭିଯୋଗରେ ଚିହିଁକି ଉଠିଥିଲେ ବିଜେପିର ବିଧାୟକମାନେ। ଏପରିକି ଏବିଭିପି ଛାତ୍ର ନେତାଙ୍କ ସମ୍ପୃକ୍ତି ନେଇ ଶ୍ରୀ ଦାସ ଯେଉଁ କେତେକ ଟିପ୍ପଣୀ ରଖିଛନ୍ତି, ତାହାକୁ ଗୃହ ବିବରଣୀରୁ ବାଦ୍ ଦେବାକୁ ସେମାନେ ଦାବି କରିଥିଲେ। ଆଲୋଚନାରେ ଭାଗ ନେଇ ଦଳୀୟ ବିଧାୟକ ଧ୍ରୁବଚରଣ ସାହୁ କହିଥିଲେ ଯେ ସତ କଥା କହିଲେ ବିଜେପି ବିଧାୟକଙ୍କ ଦେହରେ ନିଆଁ ଲାଗିଯାଉଛି। ୧୫ ମାସରେ ପୁଲିସର ମନୋବଳ ଭାଙ୍ଗିଗଲାଣି। ଏବେ କେହି ଅପରାଧ କଲେ ପୁଲିସ ସେମାନଙ୍କୁ ଗିରଫ କରିବାକୁ ଡରୁଛି ବୋଲି ସେ କହିଥିଲେ। ଦଳୀୟ ବିଧାୟିକା ସୁବାସିନୀ ଜେନା ଦଳୀୟ ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠି ମହିଳାଙ୍କ ସୁରକ୍ଷା ସୁନିଶ୍ଚିତ କରିବାକୁ ଦାବି ଜଣାଇଥିଲେ।

ଧ୍ୟାନ ଆକର୍ଷଣ ନୋଟିସ ଆଣି ବିଜେପି ବିଧାୟକମାନେ ରାଜ୍ୟରେ ଆଇନଶୃଙ୍ଖଳା ନିୟନ୍ତ୍ରଣରେ ଅଛି ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ଅତୀତରେ ବିଜେଡି ସରକାର ସମୟରେ ଏକାଧିକ ମହିଳା ନିର୍ଯ୍ୟାତନା ଏବଂ ମୃତ୍ୟୁ ଘଟଣାରେ ସରକାର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ମାତ୍ର ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ମହିଳା ବିରୋଧୀ ହିଂସା ବିରୋଧରେ ଶୂନ୍ୟ ସହନଶୀଳ ନୀତି ଗ୍ରହଣ କରାଯାଉଛି ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି ଆଲୋଚନାରେ ବିଧାୟକ ବାବୁ ସିଂ, ଇରାଶିଷ ଆଚାର୍ଯ୍ୟ, ସନ୍ତୋଷ ଖଟୁଆ, ପଦ୍ମଲୋଚନ ପଣ୍ଡା ପ୍ରମୁଖ ଭାଗ ନେଇଥିଲେ।

## ଅବଶିଷ୍ଟାଂଶ

### ଦକ୍ଷିଣକୁ ବର୍ଷା...

ଆଶଙ୍କା କରାଯାଉଛି। ବିଶେଷକରି, ଦକ୍ଷିଣ ଓ ଉପକୂଳ ଓଡ଼ିଶାରେ ସବୁଠୁ ଅଧିକ ବର୍ଷା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ଶୁକ୍ରବାର କୋରାପୁଟ ଓ ମାଲାକାନଗିରି ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ଆଶଙ୍କା ରହିଥିବା ବେଳେ ରାୟଗଡ଼ା, କଳାହାଣ୍ଡି, ନବରଙ୍ଗପୁର, ଗଞ୍ଜାମ, ଗଜପତି ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ଅରେଞ୍ଜ ଓ ୟେଲୋ ଆଲର୍ଟ ଜାରି କରାଯାଇଛି। ୨୭ରେ ମଧ୍ୟ ସମାନ ସ୍ଥିତି ରହିବ ବୋଲି ପାଣିପାଗ କେନ୍ଦ୍ର କହିଛି।

ଅନ୍ୟପଟେ ଗଲା ଲଘୁଚାପ ଯୋଗୁଁ ମହାନଦୀର ଉପରମୁଣ୍ଡରେ ପ୍ରବଳ ବର୍ଷା ହେତୁ ହୀରାକୁଦକୁ ପ୍ରବଳ ବନ୍ୟା ଜଳ ପ୍ରବେଶ କରୁଛି। ଏଥିପାଇଁ ହୀରାକୁଦରୁ ଆଜି ଆଉ ୪ଟି ଗେଟ୍ ସହ ମୋଟ୍ ୨୦ଟି ଗେଟ୍ ଦେଇ ସାଢ଼େ ୩ଲକ୍ଷ କ୍ୟୁସେକରୁ ଅଧିକ ବନ୍ୟା ଜଳ ନିଷ୍କାସିତ କରାଯାଉଛି। ଯେହେତୁ ତଳମୁଣ୍ଡରେ ଦୁଇ ଦିନ ହେବ ବର୍ଷା ସାମାନ୍ୟ କମିଛି, ତେଣୁ ମୁଣ୍ଡଳୀରେ ଯେଉଁ ପରିମାଣରେ ବନ୍ୟା ଜଳ ଆସିବ ବୋଲି ଆକଳନ କରାଯାଇଥିଲ ସେଥିରେ ହ୍ରାସ ଘଟିବ ବୋଲି ଜଳସମ୍ପଦ ବିଭାଗ କହିଛି। ୨୬ ତାରିଖରେ ମୁଣ୍ଡଳିରେ ସକାଳ ୮ ରୁ ୧୧ ଟା ମଧ୍ୟରେ ୬ ଲକ୍ଷ କ୍ୟୁସେକ୍ ବନ୍ୟା ଜଳ ପ୍ରବାହିତ ହେବ ବୋଲି ବିଭାଗ କହିଛି। ଏହା ପ୍ରଭାବରେ ମହାନଦୀର ଶାଖା ନଦୀଗୁଡ଼ିକରେ ଜଳସ୍ତର ବଢ଼ିବ। କିନ୍ତୁ ବର୍ଷା କମିଥିବାରୁ ବନ୍ୟା ସ୍ଥିତି ଦେଖିବାକୁ ମିଳିବ ନାହିଁ ବୋଲି ଜଳସମ୍ପଦ ବିଭାଗର ସର୍ବୋଚ୍ଚଯନ୍ତ୍ରୀ ଚନ୍ଦ୍ରଶେଖର ପାଢ଼ୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଆଗକୁ ଥିବା ଅବପାତ ପ୍ରଭାବରେ ଦକ୍ଷିଣ ଓଡ଼ିଶା ପ୍ରଭାବିତ ହେବ। ଏହାଦ୍ୱାରା ଦକ୍ଷିଣ ଓଡ଼ିଶା ଜିଲ୍ଲାଗୁଡ଼ିକରେ ଥିବା ଜଳ ଭଣ୍ଡାର ଗୁଡିକରେ ଜଳ ସଂରକ୍ଷଣ ହୋଇ ରହିବ।

### ୧୮ ଜିଲ୍ଲାପାଳଙ୍କୁ...

ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା, ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତଥା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ସତର୍କତାମୂଳକ ପଦକ୍ଷେପସ୍ୱରୂପ, ବିଶେଷ ଭାବେ ପ୍ରଭାବିତ ହେବାକୁ ଥିବା କୋରାପୁଟ ଓ ମାଲକାନାଗିରି ସହିତ ଅନ୍ୟାନ୍ୟ ଜିଲ୍ଲାଗୁଡ଼ିକର ଜିଲ୍ଲାପାଳମାନଙ୍କୁ କର୍ମ କ୍ଷେତ୍ରରେ ରହି ପରିସ୍ଥିତିର ମୁକାବିଲା କରିବା ପାଇଁ ସଜାଗ ରହିବାକୁ ଏସ୍‌ଆରସି ନିର୍ଦ୍ଦେଶ ଦେଇଛନ୍ତି। ଆବଶ୍ୟକସ୍ଥଳେ ଅଗ୍ନିଶମ ସେବା ଏବଂ ଓଡ୍ରାଫ୍ ଦଳଗୁଡ଼ିକୁ ନିୟୋଜିତ କରିବା ସହ ଯେକୌଣସି ବନ୍ୟା ପରିସ୍ଥିତିର ମୁକାବିଲା କରିବା ପାଇଁ ଡ୍ରେନେଜ୍ ଇଞ୍ଜିନିୟର/ଅଧିକାରୀମାନଙ୍କୁ ଲୋକ ଏବଂ ଯନ୍ତ୍ରପାତି ସହିତ ପ୍ରସ୍ତୁତ ରହିବାକୁ ପରାମର୍ଶ ଦେଇଛନ୍ତି। ପରିସ୍ଥିତିର ମୁକାବିଲା ନିମନ୍ତେ ପ୍ରଶାସନ ସଂପୂର୍ଣ୍ଣ ରୂପରେ ପ୍ରସ୍ତୁତ ଅଛନ୍ତି। ରାଜ୍ୟ ସରକାର ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖୁଛନ୍ତି ବୋଲି ଏସ୍‌ଆରସି କହିଛନ୍ତି। ଏହି ବୈଠକରେ ଜଳ ସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ, ଆଞ୍ଚଳିକ ପାଣିପାଗ କେନ୍ଦ୍ରର ନିର୍ଦ୍ଦେଶିକା, ଓସ୍‌ଡମାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ, ତଥା ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଟ୍ରେନ୍‌ରୁ 'ଅଗ୍ନି'...

ଉଦ୍ଦେଶ୍ୟ ପୂରଣ କରିପାରିଛି। ଭବିଷ୍ୟତରେ ସେନାବାହିନୀ ଦ୍ୱାରା ରେଳ ନେଟୱର୍କ ଜଡ଼ିତ ବ୍ୟବସ୍ଥା ବ୍ୟବହାର ନେଇ ଏହି ସଫଳ ପରୀକ୍ଷଣ ବାଟ ଫିଟାଇଛି।

'ଅଗ୍ନି ପ୍ରାଇମ'ର ସଫଳ ପରୀକ୍ଷଣକୁ ନେଇ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଡିଆରଡିଓ, ଷ୍ଟ୍ରାଟେଜିକ ଫୋର୍ସ କମାଣ୍ଡ ଓ ଭାରତୀୟ ସେନାବାହିନୀକୁ ଅଭିନନ୍ଦନ ଜଣାଇଛନ୍ତି। ସେହିପରି ଭାରତ ସରକାରଙ୍କ ପ୍ରତିରକ୍ଷା ଗବେଷଣା ଓ ଉନ୍ନୟନ ବିଭାଗର ସଚିବ ତଥା ଡିଆରଡିଓର ଚେୟାରମ୍ୟାନ ଡ. ଭି କାମତ ଏହି ସଫଳ ପରୀକ୍ଷଣରେ ଅଂଶଗ୍ରହଣକାରୀ ସମସ୍ତ ସଂସ୍ଥାକୁ ଅଭିନନ୍ଦନ ଜଣାଇଛନ୍ତି।

### ଦୁର୍ଘଟଣାରେ ଗଲା...

କୋଇଡ଼ା ପଟକୁ ଆସୁଥିବା ଏକ ଲୁହାପଥର ବୋଝେଇ ହାଇୱା ଉକ୍ତ ବସକୁ ମୁହାଁମୁହିଁ ଧକ୍କା ଦେଇଥିଲା। ଫଳରେ ଏକ ଭୟଙ୍କର ଦୁର୍ଘଟଣା ଘଟିଥିଲା। ଖବରପାଇ କେ. ବଲାଙ୍ଗ ପୁଲିସ, ଅଗ୍ନିଶମ ବାହିନୀ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରି କରିଥିଲେ। ପରିଚୟ ମିଳିଥିବା ମୃତକମାନେ ହେଲେ ରକ୍ସି ଗ୍ରାମର ପୁଷ୍ପା ଗୋପ(୫୬), ମେରି ନାଗ(୫୦), ସତ୍ୟଭାମା ଠାକୁର (୫୫), ନିକଟସ୍ଥ ଗ୍ରାମ ମଞ୍ଜାବେଢ଼ାର କରମପାଲ ସିଂ (୪୫) ଏବଂ ସେହି ବସର କଣ୍ଡକ୍ଟର ଶବର ବଳ (୫୨)। ପ୍ରାୟ ୨୦ ଜଣରୁ ଉଣରୁ ଯାତ୍ରୀଙ୍କୁ ଉଦ୍ଧାର କରି କେ. ବଲାଙ୍ଗ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା ବେଳେ ସହିତ ପ୍ରାଥମିକ ଚିକିତ୍ସା ପରେ ୧୨ ଜଣ ଗୁରୁତର ଆହତଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇ ଥିଲା। ତେବେ ଅଧରାସ୍ତାରେ ଅନ୍ୟ ଏକ ଯୁବକଙ୍କ ମୃତ୍ୟୁ ଘଟିଥିବା ସୂଚନା ମିଳିଛି। ଗୁରୁତର ଆହତଙ୍କ ମଧ୍ୟରେ ୩ ଜଣ ଶିଶୁ ରହିଥିବା ଜଣାପଡ଼ିଛି। ଏହା ସହିତ ଡାକ୍ତରଖାନାରେ ପ୍ରାୟ ୭/୮ ଜଣ ଭର୍ତ୍ତି ହୋଇଛନ୍ତି। ପୁଲିସ ଘଟଣାସ୍ଥଳରୁ ୫ଟି ଶବ ଜବତ କରି ଲହୁଣୀପଡ଼ା ଡାକ୍ତରଖାନାକୁ ନେଇଥିଲା। ସେଠାରେ ବ୍ୟବଚ୍ଛେଦ କରାଯାଇ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ଉଲ୍ଲେଖଯୋଗ୍ୟ ଯେ ରକ୍ସି ଗ୍ରାମର ୩ ଜଣ ଓ ନିକଟସ୍ଥ ମଞ୍ଜାବେଢ଼ା ଗ୍ରାମର ଜଣେ ଘଟଣା ସ୍ଥାନରେ ମୃତ୍ୟୁ ବରଣ କରିଥିବା ରୁ ସେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସେହିପରି କେ. ବଲାଙ୍ଗ ଓ ଲହୁଣୀପଡ଼ା ଡାକ୍ତରଖାନାରେ ମୃତାହତ ସମ୍ପର୍କୀୟଙ୍କ କାନ୍ଦବୋବାଳିରେ ଡାକ୍ତରଖାନା ପରିସର ଫାଟିପଡ଼ିଛି।

### ଗଛରେ ପିଟିହେଲା...

ଚାଳକଙ୍କୁ ଗୁଣପୁର ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା କରାଯାଇ ଅଧିକ ଚିକିତ୍ସା ପାଇଁ ବାହାରକୁ ପଠାଯାଇଛି। ଭୋର ସମୟରେ ଟିପ୍ପରଟି ଗୁଣପୁରରେ ବାଲି ଅନ୍‌ଲୋଡ କରି ଫେରିବା ସମୟରେ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିଲା। ଗୁଣପୁର ପୁଲିସ ଶବକୁ ଜବତ କରି ବ୍ୟବଚ୍ଛେଦ କରିଥିବା କେକେବିକେ କହିଁର ସୂଚନା ଦେଇଛନ୍ତି।

## ଆଜିର ରାଶିଫଳ

**ମେଷ:** ଦୀର୍ଘଦିନରୁ ଚାଲିଥିବା ପାରିବାରିକ ମତଭେଦ ଦୂର ହେବ। କର୍ମଚଞ୍ଚଳ ରହିବେ। ବିଦ୍ୟାର୍ଥୀ ପ୍ରତିଯୋଗିତା ପରୀକ୍ଷାରେ କୃତକାର୍ଯ୍ୟ ହେବେ। ଜୀବନସାଥୀଙ୍କଠାରୁ ଉପହାର ପାଇବେ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ। ଭାଇ ଭଉଣୀଙ୍କ ସହଯୋଗ ମିଳିବ। ବ୍ୟବସାୟକୁ ନେଇ ଦୂର ସ୍ଥାନକୁ ଯାତ୍ରା କରିବେ। ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ। ନୂଆ ବ୍ୟବସାୟ ଆରମ୍ଭ କରିବେ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ। ପରିବାର ପାଇଁ ସମୟ ବାହାର କରିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହେବ। ନିବେଶରୁ ଲାଭ ପାଇବେ। ନିବେଶ କରିବା ପାଇଁ ଉପଯୁକ୍ତ ସମୟ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ। ଅର୍ଥ ନିବେଶରୁ ଦୂରେଇ ରହିବେ। ନୂଆ କାମ ପାଇଁ ଉପଯୁକ୍ତ ସମୟ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ। ଚିନ୍ତାରେ ରହିବେ ଏବଂ ପେଟଜନିତ ସମସ୍ୟା ଦେଖା ଦେବ। ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ଦେଖାଦେବ।

**ତୁଳା:** ମନ ପ୍ରସନ୍ନ ରହିବ। ଦିନଟି ଶୁଭଫଳ ପ୍ରଦାନ କରିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ମନରୁ ନକାରାତ୍ମକ ଚିନ୍ତାଧାରା ଦୂର ହେବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।

**ବିଛା:** ଜମିବାଡ଼ିକୁ ନେଇ ବିବାଦ ଦେଖା ଦେବ। ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ। ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି। ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିବ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ। ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିବେ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ସମସ୍ତ ଇଚ୍ଛା ପୂରଣ ହେବ।

**ମକର:** ବିବାଦୀୟ କାର୍ଯ୍ୟରୁ ଦୂରେଇ ରହିବେ। ନୂଆ ଗାଡ଼ି କିଣିବେ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ଭଗବାନ ଶିବଙ୍କୁ ପୂଜା କରିବେ। ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ।

**କୁମ୍ଭ:** ନୂଆ କାର୍ଯ୍ୟ ଆରମ୍ଭରୁ ଦୂରେଇ ରହିବେ। ଅଫିସ୍‌ରେ ସହକର୍ମୀଙ୍କ ସାହାଯ୍ୟ ମିଳିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ।

**ମୀନ:** ବ୍ୟବସାୟରେ ବାଧା ଆସିବ। ଗୀତ, ନାଚରେ ସମୟ ଅତିବାହିତ କରିବେ। ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଯୋଗ ଦେବେ। ଅସହାୟଙ୍କୁ ସାହାଯ୍ୟ କରିବେ।


**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.EPC-CECONIV BBS2025041, ତା.18.09.2025ରିଖ

କାର୍ଯ୍ୟର ନାମ: EPC ମୋଡ୍‌ରେ ସମ୍ବଲପୁର ସିଟି-ଜରପଡ଼ା ତୃତୀୟ ଏବଂ ଚତୁର୍ଥ ଲାଇନ୍ ପ୍ରକଳ୍ପ ସମ୍ବନ୍ଧୀୟ ମେଜର (Major) ପୋଲ, ରୋଡ୍ ଓଭର ବ୍ରିଜ୍ ଏବଂ ରୋଡ୍ ଅଣ୍ଡର ବ୍ରିଜ୍‌ର ନିର୍ମାଣ।

କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ): 41036.00 ଲକ୍ଷ, EMD (ଟଙ୍କାରେ): 2,00,00,000/-, କାର୍ଯ୍ୟ ଶେଷ ହେବା ଅବଧି: 24 (ଚବିଶି) ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: ତା.18.11.2025 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡ୍ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର
PR-118/CI/25-26



**PUJA OFFER SALE**

Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.

**9437015112**


**AFFIDAVIT**

By virtue of an affidavit before the Executive Magistrate, Bhubaneswar, Affidavit No - 54 on dated 24.09.2025. I Susmita Rout, W/o- Sarat Kumar Rout, residing at Plot No. 986/966, Prakruti Vihar, Baramunda, Bhubaneswar-751003, Dist- Khordha, Odisha. That my maiden name is Susmita Sahoo, D/o- Hrusikesh Sahoo. That Susmita Sahoo & Susmita Rout is one and same person. Hence I shall be known as **SUSMITA ROUT** for all future purposes.

**AFFIDAVIT**

By virtue of an affidavit No.10443, Dtd.25.09.2025 sworn before the Executive Magistrate, Balasore I, Basant Manjari Pradhan, W/o.- Late Prafulla Kumar Pradhan, At- Nalkuli, Po.- Manikula, Ps.- Sadar, Dist.- Balasore, Pin- 756002, Odisha renounce, relinquish and abandon the use of my former name Basanti Pradhan (old name) instead of Basant Manjari Pradhan (New name). Henceforth, I will be known as **Basant Manjari Pradhan** for all purposes.

**AFFIDAVIT**

I, Nishikanta Parida, aged about 38 years, S/o- Ramesh Parida, resident of Raghupati Nagar, Puri-Two, PO: Puri Station Road, PS- Kumbharpada, Dist- Puri, PIN-752002 declared by this affidavit No. 1968, dtd- 22/09/2025 that now onwards I shall be known as **NISHIKANT PARIDA** for all future purposes.

**AFFIDAVIT**

I, Jeet Dash, S/o.: Jiban Pradip Dash, resident of Ranipatna, PO-Balasore, PS- Sahadevkhunta, Dist- Balasore, Pin-756001, Odisha, declare by this affidavit No.: 281, dtd. 25.09.2025 that now onwards I shall be known as **Jeet Prakash Dash** for all future purposes.

**AFFIDAVIT**

By virtue of an affidavit (CF No. 85, date- 24/09/2025) before the Executive Magistrate, Bhubaneswar. I, **Nirmala Patasani,** W/o Siba Narayan Swain, resident of Plot No. 238/2961, Lane-6, Srikhetra Vihar, Aiginia, Khandagiri, Bhubaneswar, Dist- Khordha, Odisha declare that, I want to change my name from **Nirmala Swain to Nirmala Patasani** in my son's (Deepam Jyoti Swain) school record (studying in Class IX in PM Shri Kendriya Vidyalay No.2 CRPF Campus, Bhubaneswar) & in Bank related documents. Henceforth, I shall be known as **Nirmala Patasani** for all future purposes.

**Nirmala Patasani**

**AFFIDAVIT**

By virtue of an affidavit No. 3911, Dtd.25.09.2025 sworn before the Executive Magistrate, Bhogarai I, Manasi Das, W/o. Chandan Das, At.Tengramari , Po. Jayrampur, Ps. Bhogarai, Dist. Balasore, Pin- 756038, Odisha renounce, relinquish and abandon the use of my minor son's former name Nanit Kumar Das (old name) instead of Nainit Kumar Das (New name). Henceforth, he will be known as **Nainit Kumar Das** for all purposes.

**AFFIDAVIT**

By virtue of an affidavit No. 2620 sworn before the Executive Magistrate, Sukinda on dated- 25/09/2025. I Sukanta Rana, aged 48 years, S/o- Late Hrushikesh Rana resident of Vill/Po/Ps- Sukinda, Dist- Jajpur, Odisha, Pin-755018 my name & date of birth has been written as Sukanta Rana, DOB- 16/09/1977, in my Aadhar Card No. 3226 3273 6153 & Pan Card No- HRBPR4159C but my name & date of birth has been written as Sasikanta Rana, DOB- 01/01/1997 in my Driving License No- OR0419980054778 issue on dated 07/06/1998 by RTO Chandikhole declare that Sukanta Rana DOB- 16/09/1977 & Sasikanta Rana DOB- 01/01/1997, S/o- Hrushikesh Rana is same & one person for all future purposes.

**SUKANTA RANA**

**AFFIDAVIT**

I POTNURU PRASANNA KUMAR, S/o- Late Potnuru Venkata Ramana, resident of Bharat Nagar, Bell Road,, Po/Ps- Jeypore, DT- Koraput- 764 001, Odisha declare by this Affidavit No.3949 Dated - 25/09/2025,that now onwards I shall be known as **POTNURU PRASAN KUMAR** for all future purpose.

**AFFIDAVIT**

By virtue of an affidavit sworn before the Executive Magistrate, Brahmagiri, dated- 30.08.2025, I Gitanjali Biswal, W/o. Late Ajaya Biswal, resident of At/Po. Gadarodanga, PS.- Brahmagiri, Dist.- Puri, Odisha- 752011 declare that I have changed my son's name from **Ayushubiswa** to **Ayush Biswal.** Henceforth he will be known as **AYUSH BISWAL** for all purposes.

**Gitanjali Biswal**

**AFFIDAVIT**

I VYSYA PRABHAVATI, D/o DOKI SATAYANARAYANA & W/O VYSYARAJU KRISHNA RAJU, resident of Mill Street, Nabarangapur Road, Po/Ps- Borigumma, DT- Koraput-764 056, Odisha declare by this Affidavit No.3948, Dated - 25/09/2025,that now onwards I shall be known as **VYSYA RAJU PRABHAVATI** for all future purpose.

**AFFIDAVIT**

By virtue of an affidavit No. 5690 sworn before the Executive Magistrate, Champua on dated- 25/09/2025. I, Sahid Anwar, aged 40 years, S/o- Mohammad Daud, resident of At- Muslim basti, Po/Ps- Champua, Dist- Keonjhar, Odisha, Pin - 758041 my correct name is Sahid Anwar & birth of date 09/02/1985 is mentioned in my Aadhar Card No- 2547 8919 4200 & Pan Card No- CCGPA7431P, in my passport no L5752113 my name wrongly entered Mohammad Sahid Anwar instead of Sahid Anwar & D.O.B wrongly entered 05/05/1983 instead of 09/02/1985, declare that Sahid Anwar, D.O.B 09/02/1985 & Mohammad Sahid Anwar, D.O.B 05/05/1983 same and one parson for all future purposes.

**SAHID ANWAR**

**AFFIDAVIT**

I, Ramesh Chandra Parida, aged about 67 years, S/o- Late Surendra Parida, resident of Raghupati Nagar, Puri-Two, PO: Puri Station Road, PS- Kumbharpada, Dist- Puri, PIN-752002 declared by this affidavit No. 1969, dtd- 22/09/2025 that now onwards I shall be known as **RAMESH PARIDA** for all future purposes.

## ଖୁଣ୍ଟା ପୁଲିସ ପକ୍ଷରୁ ଯାନବାହାନ ଯାଞ୍ଚ

କୁଆମରା, ୨୫।୯ (ସମିସ): ଦୁର୍ଗାପୂଜାକୁ ଆଖି ଆଗରେ ରଖି ଶାନ୍ତିଶୃଙ୍ଖଳା ପାଇଁ ଖୁଣ୍ଟା ପୁଲିସ ପକ୍ଷରୁ ଯାନବାହାନ ଯାଞ୍ଚକୁ କଡାକଡି କରାଯାଇଛି। ଉଦଳା-ବାରିପଦା ରାସ୍ତାର ଖୁଣ୍ଟା ସ୍ଥିତ ପୁରୁଣାପାଣି ଛକଠାରେ ଆଇଆଇସି ପଞ୍ଚାନନ ମହାନ୍ତିଙ୍କ ତତ୍ତ୍ୱାବଧାନରେ ୪ ଚକିଆ ଯାନ ଓ ବାଇକ ଯାଞ୍ଚ କରାଯାଇଛି। ହେଲମେଟ ପିନ୍ଧି ନ ଥିବା ଓ ଗାଡ଼ିର କାଗଜ ପତ୍ର ଠିକ୍ ନ ଥିବା ଯାନବାହାନ ଗୁଡିକ ଉପରେ ଜରିମାନା କରାଯାଇଛି।

## ବେଆଇନ ବାଲି ଚୋରାଚାଲାଣ

ରାଇରଙ୍ଗପୁର, ୨୫।୯ (ସମିସ): ରାଇରଙ୍ଗପୁର ବ୍ଲକରେ ବିନା ଟେଣ୍ଡରରେ ଦିନ ଦ୍ୱିପ୍ରହରରେ ବେଆଇନଭାବେ ବାଲି ଚାଲାଣ ହେଉଛି। ଏ ନେଇ ନେଇ ଭାଲୁବସା ଓ ହଳଦା ଗ୍ରାମପଞ୍ଚାୟତର ବଡବାଇକଳା ଓ ନିୟୁତି ଗ୍ରାମବାସୀ ବାରମ୍ବାର ରାଇରଙ୍ଗପୁର ଟାଉନ ଥାନାରେ ମୌଖିକ ଅଭିଯୋଗ ପରେ ବି ବେଧଡକ ଚାଲିଛି ଚୋରାଚାଲାଣ। ଚାଲାଣ ହେଉଥିବା ବାଲି ଝାଡଖଣ୍ଡକୁ ଯାଉଛି। ଗ୍ରାମବାସୀ କଲେ ମଧ୍ୟ କୌଣସି ପ୍ରତିକାର ହେଉ ନ ଥିବାରୁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଆଗାମୀ ଦିନରେ ବାଲି ଚୋରାଚାଲାଣ ବନ୍ଦ ନ ହେଲେ ଗ୍ରାମବାସୀ ରାଜରାସ୍ତାକୁ ଓହ୍ଲାଇବେ ଚେତାବନୀ ଦେଇଛନ୍ତି।

## ମହିଳାଙ୍କୁ ଅସଦାଚରଣ ଅଭିଯୋଗ

କୁଆମରା, ୨୫।୯ (ସମିସ): ଖୁଣ୍ଟା ଥାନା ଅଞ୍ଚଳର ଜଣେ ବିଧବାଙ୍କୁ ଉଦଳା ଅଞ୍ଚଳର ଜଣେ ଯୁବକ ଅସଦାଚରଣ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ମହିଳା ଜଣକ ଘରେ ଏକୁଟିଆ ଥିବାବେଳେ ଯୁବକ ଜଣକ ସେଠାରେ ଥିବା ବନ୍ଧୁଙ୍କ ଘରକୁ ଯାଇ ମହିଳାଙ୍କୁ ଟଣାଓଟରା କରିଥିଲେ। ଏ ନେଇ ପୀଡିତାଙ୍କ ଅଭିଯୋଗ କ୍ରମେ ପୁଲିସ ତଦନ୍ତ ଚଳାଇଛି।

## ଗଞ୍ଜେଇ ଜବତ; ଜଣେ କୋର୍ଟଚାଲାଣ

କରଞ୍ଜିଆ, ୨୫।୯ (ସମିସ): ଅବକାରୀ ବିଭାଗ ପକ୍ଷରୁ ଗୁରୁବାର କରଞ୍ଜିଆ ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମରେ ଚଢ଼ଉ କରାଯାଇଥିଲା। ଚଢଉ ସମୟରେ ଟାଙ୍ଗିଆ ଗ୍ରାମର ରାଜକିଶୋର ଭୋଇ (୫୩)ଙ୍କ ନିକଟରୁ ୧୨ କେଜି ଗଞ୍ଜେଇ ଜବତ ହୋଇଛି। ଚଢଉରେ ଅବକାରୀ ଉପ ଅଧୀକ୍ଷକ ସୌମ୍ୟରଞ୍ଜନ ବେହେରା, ନିରୀକ୍ଷକ ବିନୟ ତିର୍କୀ, କରଞ୍ଜିଆ ଓଆଇସି ରଶ୍ମିରଞ୍ଜନ ନାୟକ ଏବଂ କରଞ୍ଜିଆ ଅବକାରୀ ବଳ ସାମିଲ ଥିଲେ।

## ଯଶିପୁରରେ ହୋଣ୍ଡା ସର୍ଭିସ୍ ସେଣ୍ଟର ଉଦ୍‌ଘାଟିତ



କରଞ୍ଜିଆ, ୨୫।୯ (ସମିସ): ହୋଣ୍ଡା ଟୁହୁଇଲର୍ ବାଇକ୍ ଗ୍ରାହକଙ୍କ ଦୀର୍ଘ ଦିନର ଦାବି ଯୋଗୁଁ ମୟୂରଭଞ୍ଜ ଜିଲ୍ଲା ଯଶିପୁରରେ କମ୍ପାନୀ ପକ୍ଷରୁ ଏକ ସ୍ୱୀକୃତିପ୍ରାପ୍ତ ସର୍ଭିସ୍ ସେଣ୍ଟର୍ ଖୋଲିଛି। ଯଶିପୁରର ବାଦାମରୋଡରେ ଅବସ୍ଥିତ ଏହି ସେଣ୍ଟରକୁ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାର ମ୍ୟାନେଜର ଭକ୍ତରାମ ମେହେର, ହୋଣ୍ଡା କମ୍ପାନୀର ଏରିଆ ସର୍ଭିସ୍ ଇନଚାର୍ଜ ଅନିର୍ବାଣନ ଭଟ୍ଟାଚାର୍ଯ୍ୟ, ବାରିପଦା ଶୋରୁମ ମାଲିକ ସନ୍ତୋଷ ଅଗ୍ରୱାଲ, ଜେନେରାଲ ମ୍ୟାନେଜର ସମ୍ବିତ ପାତ୍ର ନିମନ୍ତ୍ରିତ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେଣ୍ଟରକୁ ଉଦଘାଟିତ କରିଥିଲେ। ଉଦ୍‌ଘାଟନ ସମୟରେ ପ୍ରୋପାଇଟର୍ ମନୋରଞ୍ଜନ ମହାନ୍ତ ଓ ଅନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

# ଚାଲାଣବେଳେ ୨୧ ଗୋରୁ ଉଦ୍ଧାର; ୩ ପିକ୍‌ଅପ୍ ଜବତ



ବେତନଟୀ, ୨୫।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ବଡ଼ସାହି ଓ ବାଲିଯୋଡା ଅଞ୍ଚଳରୁ ପଶ୍ଚିମବଙ୍ଗକୁ ବେଆଇନଭାବେ ଗୋଚାଲାଣ କରାଯାଉଥିବା ଖବରପାଇ ବେତନଟୀ ପୁଲିସର ପାଟ୍ରୋଲିଂ ଟିମ ବୁଢୀଖମାରି ଉପକଣ୍ଠ କାଠପାଳ କେନାଲ ରାସ୍ତାରେ ଚଢଉ କରିଥିଲେ। ଚଢଉ ସମୟରେ ପୁଲିସ ୩ଟି ଗୋରୁ ବୋଝେଇ ପିକଅପ ଜବତ କରିବା ସହିତ ଦୁଇଜଣଙ୍କୁ ଗିରଫ କରିଛି। ସୂଚନା ମୁତାବକ, ବଡସାହି ଥାନା ବାଲିଯୋଡା ଅଞ୍ଚଳରୁ ପଶ୍ଚିମବଙ୍ଗକୁ ବେଆଇନ ଗୋ-ଚାଲାଣ କରାଯାଉଥିବା ନେଇ ବେତନଟୀ ଆଇଆଇସି ସସ୍ମିତା ମହାନ୍ତଙ୍କୁ ଖବର ମିଳିଥିଲା। ଏହି ଖବର ପାଇବା ପରେ ଥାନା ଅଧିକାରୀ ଗୋରୁଗାଡିକୁ କିପରି ଧରାଯିବ ସେ ନେଇ ଯୋଜନା ପ୍ରସ୍ତୁତ କରିଥିଲେ। ଯୋଜନା ମୁତାବକ ଆଇଆଇସି ସସ୍ମିତା ମହାନ୍ତ ସଦଳବଳ କାଠପାଳ କେନାଲ ରାସ୍ତାରେ ଛକି ରହିଥିବାବେଳେ ୩ଟି ଗୋରୁ ବୋଝେଇ ପିକଅପକୁ ସୁରକ୍ଷା ଯୋଗାଉଥିବା ଏକ ବଇକ୍ ସମେତ ଚାଳକକୁ ପ୍ରଥମେ କାବୁ କରିଥିଲେ। ପରେ ମଙ୍ଗଳବାର ବିଳମ୍ବିତ ରାତିରେ ୧୮ ନଂ ଜାତୀୟ ରାଜପଥ ଅତିକ୍ରମ କରି ପଶ୍ଚିମବଙ୍ଗମୁହାଁ ଖସି ପଳାଇବାକୁ ଚେଷ୍ଟା



କରୁଥିବା ୩ଟି ଗୋରୁ ବୋଝେଇ ପିକଅପକୁ ଜବତ କରିଥିଲେ। ହେଲେ ରାତି ହୋଇଥିବାରୁ ଦୁଇଟି ପିକଅପକୁ ଛାଡିଦେଇ ଚାଳକମାନେ ଫେରାର ହୋଇଯାଇଥିଲେ। ଅନ୍ୟଜଣେ ପିକଅପ ଚାଳକ ଗାଡି ଖସାଇନେବାକୁ ଚେଷ୍ଟାକରୁଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଫଳରେ ସେ ଆହତ ହେବାରୁ ପୁଲିସ ହାତରେ ଧରା ପଡ଼ିଯାଇଥିଲା। ଜବତ ୩ଟି ପିକଅପରୁ ୧୩ଟି ଗାଇ ଏବଂ ୮ଟି ବଳଦକୁ ଉଦ୍ଧାର କରାଯାଇଥିଲା। ସେହିପରି ପିକ୍‌ଅପକୁ ସୁରକ୍ଷା ଦେଉଥିବା ଏକ ବାଇକକୁ ମଧ୍ୟ ପୁଲିସ ଜବତ କରିଛି। ଉଦ୍ଧାର ୨୧ଟି ଗୋରୁକୁ ବାଲେଶ୍ୱରସ୍ଥିତ ଗୋ-ଶାଳାକୁ ହସ୍ତାନ୍ତର କରାଯାଇଛି। ବେତନଟୀ ପୁଲିସ ମାମଲା ରୁଜୁକରି ଅଧିକ ତଦନ୍ତ ଜାରି ରଖିଛି।

## ଶିଶୁ ସୁରକ୍ଷା ଓ ବେଟି ବଚାଓ, ବେଟି ପଢ଼ାଓ କାର୍ଯ୍ୟକ୍ରମ

ବିଶୋଇ, ୨୫।୯ (ସମିସ): ବିଶୋଇ ବ୍ଲକ ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟାଳୟ ଆନୁକୂଲ୍ୟରେ ବ୍ଲକ ସ୍ତରୀୟ 'ଶିଶୁ କନ୍ୟା ସୁରକ୍ଷା' ଏବଂ 'ବେଟି ବେଚାଓ, ବେଟି ପଢ଼ାଓ' ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ବିଟୁ ଟୁଡୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁ ମୁଖ୍ୟଅତିଥି ଭାବରେ ଯୋଗଦେଇ ବାଲ୍ୟବିବାହ ମୁକ୍ତ ଗ୍ରାମ ଗଠନ କରି ଶିଶୁଙ୍କୁ ଶିକ୍ଷା ସହିତ ସୁରକ୍ଷା ଦେବା ସମସ୍ତଙ୍କ ପ୍ରଥମ ଦାୟିତ୍ୱ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ କୁମାର ଦେବବ୍ରତ ପାତ୍ର, ସୁପରଭାଇଜର ମାନସୀ ମହାନ୍ତି, ବିଏଲଫ ସଭାପତି ଚନ୍ଦ୍ରିକା ମହାନ୍ତି, ବିପିଏମ ଅଚିନ୍ତ ଦାସ ପ୍ରମୁଖ ଯୋଗଦେଇ ବାଳିକାମାନେ କିପରି ଅଧାରୁ ପାଠ ବନ୍ଦ ନ କରି ଆଗକୁ ଆତ୍ମନିର୍ଭରଶୀଳ ହୋଇପାରିବେ ସେନେଇ ଅବଗତ କରିଥିଲେ। ସୁରକ୍ଷା ପାଇଁ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ମହିଳା ହେଲ୍ପ ଲାଇନ ନଂ ୧୮୧, ଶିଶୁ ହେଲ୍ପ ଲାଇନ ୧୦୯୮ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ବାଲ୍ୟ ବିବାହ ପାଇଁ ପ୍ରଶୟ ଦେଉଥିବା ଲୋକଙ୍କୁ ୨ ବର୍ଷ ଜେଲ ସହିତ ୧ ଲକ୍ଷ ଟଙ୍କା ଜରିମାନା ଭଳି କୋଠର ଦଣ୍ଡ ବିଧାନ ରହିଛି। ବାଲ୍ୟ ବିବାହ ପ୍ରଥାରେ ରୋକ ଲଗାଇବା ପାଇଁ ତୃଣମୂଳ ସ୍ତରରେ କାର୍ଯ୍ୟ କରୁଥିବା ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି ଏବଂ ଆଶା ଦିଦି, ଏ.ଏନ.ଏମ୍, ସରପଞ୍ଚ, ୱାର୍ଡସଭ୍ୟ ତଥା କର୍ମୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସିଡିପିଓ ବିଟୁ ଟୁଡୁ କହିଥିଲେ।



## ଛତୁ ଚାଷ ତାଲିମ ଶିବିର ଉଦ୍‌ଯାପିତ

ମୋରଡା, ୨୫।୯ (ସମିସ): ବାରିପଦା ବ୍ୟାଙ୍କ୍ ଅଫ ଇଣ୍ଡିଆ, ଗ୍ରାମୀଣ ସ୍ୱରୋଜଗାର ସଂସ୍ଥା ତରଫରୁ ଚାଲିଥିବା ୧୦ ଦିନିଆ ଛତୁ ଚାଷ ତାଲିମ ଶିବିର ଉଦଯାପିତ ହୋଇଯାଇଛି। ଶିବିରରେ ଗତ ଦଶଦିନ ଧରି ଛତୁଚାଷର ଆଧୁନିକ କୌଶଳ, ଲାଭ, ବ୍ୟାଙ୍କ୍ ସହାୟତା ଏବଂ ଛତୁ ଚାଷ ଆବର୍ଜନାରୁ ଜିଆଖତ ଉତ୍ପାଦନ ବିଷୟରେ ତାଲିମ ଦିଆଯାଇଥିଲା। ଶିଶିର କୁମାର ମହାନ୍ତ ତାଲିମ ଦେଇଥିଲେ। ପ୍ରଶିକ୍ଷକ ଅନ୍ତର୍ଯ୍ୟାମୀ ମହାନ୍ତ, ନିର୍ଦ୍ଦେଶକ ହେମନ୍ତ କୁମାର ଦାସ ଓ ଶେଷଦିନ ଲିଡ ବ୍ୟାଙ୍କ୍ ମ୍ୟାନେଜର ସୂର୍ଯ୍ୟନାରାୟଣ ମହାନ୍ତି ଯୋଗ ଦେଇଥିଲେ। ଶେଷରେ ସମସ୍ତଙ୍କୁ ବ୍ୟାଙ୍କ୍ ତରଫରୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

## ଇକୋ କ୍ଲବ ପକ୍ଷରୁ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ




ବୈଶିଙ୍ଗା, ୨୫।୯ (ସମିସ): ବେତନଟୀ ବ୍ଲକ ଅନ୍ତର୍ଗତ ଅଁଳା ଗ୍ରାମପଞ୍ଚାୟତ ରାଇକମା ରଘୁନାଥ ଉଚ୍ଚ ବିଦ୍ୟାଳୟ ରଘୁନାଥ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ୍ ପକ୍ଷରୁ ଏକ ପରିବେଶ ଶିକ୍ଷା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ସେଣ୍ଟର୍ ଫର୍ ଏନଭିରନ୍ ମେଣ୍ଟାଲ ଷ୍ଟଡିଜ୍ ଓ ରଘୁନାଥ ଉଚ୍ଚ ବିଦ୍ୟାଳୟ ଇକୋ କ୍ଲବ୍ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ପରିବେଶ ସୁରକ୍ଷା ସମ୍ପର୍କିତ ସ୍ଲୋଗାନ ଦେଇ ରାଇକମା ଗ୍ରାମ ପରିକ୍ରମା କରିଥିଲେ। ପରେ ଶ୍ରୀ ଶ୍ରୀ ବାଲୁଙ୍କେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣ ସଫେଇ କରିଥିଲେ। ମନ୍ଦିର ପ୍ରାଙ୍ଗଣରେ ଇକୋ କ୍ଲବ୍ ତରଫରୁ ଓଦା ଓ ଶୁଖିଲା ଆବର୍ଜନା ନିମନ୍ତେ ଏକ ସ୍ୱତନ୍ତ୍ର ଆବର୍ଜନା କୁଣ୍ଡ ସ୍ଥାପନ କରାଯାଇଥିଲା। ପ୍ରଧାନ ଶିକ୍ଷକ ଅଜିତ କୁମାର ଜେନାଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ଗ୍ରାମବାସୀ ଯୋଗଦେଇଥିଲେ।

### ବିଭିନ୍ନ ଶିକ୍ଷାନୁଷ୍ଠାନରେ ଜାତୀୟ ସେବା ଯୋଜନା ଦିବସ

# 'ନିଃସ୍ୱାର୍ଥପର ସେବା ସମାଜ ଓ ବ୍ୟକ୍ତିକୁ ମହିମାନ୍ୱିତ କରିଥାଏ'

ବାରିପଦା, ୨୫।୯ (ସମିସ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ୪୦୦ରୁ ଊର୍ଦ୍ଧ୍ୱ ସ୍ୱେଚ୍ଛାସେବୀ, କାର୍ଯ୍ୟକ୍ରମ ଅଧିକାରୀ ଯୋଗଦେଇଥିଲେ।



କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ଏବଂ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର କମଳଲୋଚନ ବାରିକ ପତାକା ଦେଖାଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପୂର୍ବାହ୍ନରେ ସ୍ୱେଚ୍ଛାସେବୀଙ୍କୁ ନେଇ ବକ୍ତୃତା ପ୍ରତିଯୋଗିତା, କୁଇଜ୍, ଫଟୋଗ୍ରାଫି, ପୋଷ୍ଟର ପ୍ରଦର୍ଶନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ସଭାରେ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ନିଃସ୍ୱାର୍ଥପର ସେବା ଓ ସମର୍ପିତ ଜୀବନ ସମାଜ ଓ ବ୍ୟକ୍ତିକୁ ମହିମାନ୍ୱିତ କରିଥାଏ ବୋଲି ମତପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ ସମାଜସେବୀ ଆଦିତ୍ୟ ପଟ୍ଟନାୟକ, ବାରିପଦା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡକ୍ଟର ତରୁଣ କୁମାର ଓଝା ଯୁବ ସମାଜ ସେବା ଯୋଜନାର ଅଂଶ ହେବା ଆବଶ୍ୟକ ବୋଲି କହିଥିଲେ। କୁଳସଚିବ ସୁମିତ୍ରା ସିଂ, ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ସଂଯୋଜକ ଡକ୍ଟର ବସନ୍ତ କୁମାର ମହାନ୍ତ, ସେବା ଯୋଜନାର ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡକ୍ଟର ଅନାମ ଚରଣ ରାଉଳଙ୍କ ସମେତ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା କାର୍ଯ୍ୟକ୍ରମ ଅଧିକାରୀ, ସ୍ୱେଚ୍ଛାସେବୀ, ଅଧ୍ୟାପକ ଅଣଶିକ୍ଷକ କର୍ମଚାରୀ ଯୋଗଦାନ କରିଥିଲେ। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବକ୍ତୃତାରେ ବେତନଟୀ ମହାବିଦ୍ୟାଳୟର ଛାତ୍ରୀ କବିତା ମହାନ୍ତ ପ୍ରଥମ, ବାରିପଦା ମହାବିଦ୍ୟାଳୟର ଦିବ୍ୟ ରଞ୍ଜନ ସାମଲ ଦ୍ୱିତୀୟ ଏବଂ ତୃତୀୟ ସ୍ଥାନରେ ବିଶ୍ୱବିଦ୍ୟାଳୟର ଛାତ୍ର ସୌମ୍ୟରଞ୍ଜନ ଦାସ ରହିଛନ୍ତି। ସେହିପରି କୁଇଜ୍ ପ୍ରତିଯୋଗିତାରେ ଯଥାକ୍ରମେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ଦେବରାଜ ସାମନ୍ତସିଂହାର, ପ୍ରିୟଙ୍କା ପ୍ରିୟଦର୍ଶିନୀ ଦାସ ଏବଂ ଆଶିଷ କୁମାର ମହାନ୍ତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପୋଷ୍ଟର ପ୍ରତିଯୋଗିତାରେ ଶ୍ୱେତପଦ୍ମା ପତି ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୀମାନ୍ତ ମହାବିଦ୍ୟାଳୟର ଛାତ୍ରୀ ପୁଷ୍ପଲତା ମୁଣ୍ଡା ଏବଂ ଏସିବି ଡିଗ୍ରୀ ମହାବିଦ୍ୟାଳୟର ଛାତ୍ରୀ ଗୀତାରାଣୀ ଗିରି ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଫୋଟୋଗ୍ରାଫି ପ୍ରତିଯୋଗିତାରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ର ରଜତ କୁମାର ପାଟବନ୍ଧ ପ୍ରଥମ ସ୍ଥାନ, ସୀମାନ୍ତ ମହାବିଦ୍ୟାଳୟର ଗୋଲାପି ମୁର୍ମୁ ଦ୍ୱିତୀୟ ସ୍ଥାନ ଏବଂ ଶୁଳିଆପଦା ମହାବିଦ୍ୟାଳୟର ଛାତ୍ରୀ ଜ୍ୟୋତ୍ସ୍ନା ଦିଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ଡକ୍ଟର ଶିଶିର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ବାରିପଦା:** ତକତପୁରସ୍ଥିତ ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଛି। ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡଃ ଅନାମ ଚରଣ ରାଉଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷା ଡଃ ଆଲବର୍ଟିନା ତିର୍କୀ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ବ୍ୟୁରୋ ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ, ଅତିଥି ଭାବେ ମହାବିଦ୍ୟାଳୟର ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ଡଃ ଦୀପକ୍ କୁମାର ବେହେରା ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ବାଳିକା ବିଭାଗ କାର୍ଯ୍ୟକ୍ରମ ଅଧିକାରୀ ରଞ୍ଜନା ରାଣୀ ସିଂ, ଅଧ୍ୟାପକ ଡ଼ଃ ନରେନ୍ଦ୍ର ପ୍ରସାଦ ବେହେରା, ଅଧ୍ୟାପକ ଡ଼ଃ ପ୍ରଭାକର ଦ୍ୱାରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅମିତ୍ କୁମାର ସିଂ, କୁମାର ପି ଜ୍ୟୋତିର୍ମୟ ଦାସ ଓ ଦକ୍ଷଜା ମିଶ୍ରଙ୍କୁ ସମ୍ମାନିତ କରାଯାଇଥିଲା। ସେହିପରି ଜାତୀୟ ସେବା ଯୋଜନାର ଜାତୀୟ ପୁରସ୍କାର ରାଷ୍ଟ୍ରପତିଙ୍କ ଠାରୁ ପାଇବା ପାଇଁ ମନୋନୀତ ହୋଇଥିବାରୁ ଦେବେନ୍ଦ୍ର ଆଚାର୍ଯ୍ୟଙ୍କୁ ମହାବିଦ୍ୟାଳୟ



ତରଫରୁ ସମ୍ମାନିତ କରାଯାଇଥିଲା। ପରେ ମହାବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଡଃ ପ୍ରିୟବ୍ରତ ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

**କୁଆମରା:** ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟରେ ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ସଭାପତିତ୍ୱରେ ଏନଏସଏସ ଦିବସ ପାଳିତ ହୋଇଯାଇଛି। ସ୍ୱେଚ୍ଛାକୃତ ମନୋଭାବ ସେବା ବ୍ୟକ୍ତିତ୍ୱର ବିକାଶରେ ସହାୟକ ହୋଇଥାଏ ବୋଲି ଅଧ୍ୟକ୍ଷ କହିଥିଲେ। ପୂର୍ବତନ କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ରଞ୍ଜନ କୁମାର ମହାପାତ୍ର, ତପନ କୁମାର ବାରିକ୍ ଓ ଅଧ୍ୟାପିକା ଗୋପା ସିଂହ ପ୍ରମୁଖ ଯୋଗଦେଇ




ବକ୍ତବ୍ୟ ରଖିଥିଲେ। ଡଃ ସୁଷମା ହାଁସଦା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସେହିପରି ଗୋପବନ୍ଧୁ ନଗର ବ୍ଲକ କୁଆମରା ଡିଗ୍ରୀ କଲେଜର ଅଧ୍ୟକ୍ଷ ସୁବଳ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଅଧ୍ୟାପକ ପ୍ରଭାତ ସେନାପତି, ପ୍ରଦୀପ କୁମାର ପଣ୍ଡା, ଛତିଶ କୁମାର ଦାସ, ଅବନୀ ମହାନ୍ତି, ଗୋପିନାଥ ପଣ୍ଡା ପ୍ରମୁଖ ଯୋଗଦେଇ ସେବା ଓ ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କୁ ନେଇ ଉପରକଡଦା ଗ୍ରାମରେ ସ୍ୱଚ୍ଛତା ଉପରେ ଏକ ରାଲି ଅନୁଷ୍ଠିତ ହୋଇଥିଲା।

**ବାରିପଦା:** ସରକାରୀ ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ସଂଯୋଜିକା ତଥା ଉଦ୍ଭିଦ ବିଜ୍ଞାନର



ଅଧ୍ୟାପିକା ଯମୁନା ମାଝୀ ଯୋଗଦେଇ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଅଧ୍ୟକ୍ଷା ଡ. ସାଗରିକା ସିଂହ ମାନବ ସେବା ହିଁ ମାଧବ ସେବା ଏବଂ ସେବା ହିଁ ପରମ ଧର୍ମ ବୋଲି କହିଥିଲେ। ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱାୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ. ପ୍ରିୟବ୍ରତ ବେହେରା ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଜାତୀୟ ସେବା ଯୋଜନା ମହାବିଦ୍ୟାଳୟଗୁଡ଼ିକର ଏପରି ଏକ ଅଂଶ; ଯାହାକି ସ୍ୱେଚ୍ଛାସେବୀଙ୍କ ଦୟା, କ୍ଷମା, ସମ୍ବେଦନଶୀଳତା ଆଦି ଗୁଣକୁ ଉଦ୍ରେକ କରିବା ସହିତ ସେବାକୁ ଜୀବନର ପରମ କର୍ତ୍ତବ୍ୟ ବୋଲି ହୃଦୟଙ୍ଗମ କରାଇଥାଏ ବୋଲି କହିଥିଲେ। ମୀନାକ୍ଷୀ ହାଁସଦା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସମସ୍ତ ସ୍ୱେଚ୍ଛାସେବୀ ପୋଷ୍ୟ ଗ୍ରାମ ବାବୁସାହିକୁ ପଦଯାତ୍ରା କରି ସ୍ୱଚ୍ଛତାର ସଚେତନତା ପୂର୍ବକ ସାନିଟାରୀ ପ୍ୟାଡ଼, ଡେଟଲ, ହ୍ୟାଣ୍ଡୱାସ ଆଦି ବଣ୍ଟନ କରିଥିଲେ।

**ଉଦଳା:** ଇନ୍ଦିରାଗାନ୍ଧୀ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜାତୀୟ ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅଧ୍ୟକ୍ଷ ଶଶିଭୂଷଣ




ପାଣିଗ୍ରାହୀ ଏନଏସଏସ ପତାକା ଉତ୍ତୋଳନ କରିଥିଲେ। ସ୍ୱେଚ୍ଛାସେବୀମାନେ କଲେଜ ପରିସର ସଫେଇ କରିବା ସହିତ ଖାଲି ସ୍ଥାନରେ ବୃକ୍ଷରୋପଣ କରିଥିଲେ।

ପରେ କୁଇଜ୍ ଓ ପୋଷ୍ଟର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୁଇଜରେ ସୁମନ ମହାପାତ୍ର, ମମତା ସିଂ, ବିଳାସିନୀ ହେମ୍ବ୍ରମ ଏବଂ ପୋଷ୍ଟର ପ୍ରତିଯୋଗିତାରେ ପ୍ରୀତିରେଖା ବିଶ୍ୱାଳ, ସୁମନ ମହାପାତ୍ର ବିଜୟୀ ହୋଇଥିଲେ। କାଉନସିଲର ଶରତ ଚନ୍ଦ୍ର ଦାସ ଓ ଅଧିକାରୀ ସଞ୍ଜୟ କୁମାର ପାଢ଼ୀ ସ୍ୱେଚ୍ଛାସେବୀ ଏବଂ ଛାତ୍ରୀଙ୍କ ମଧ୍ୟରେ ସ୍ୱଚ୍ଛତା ହିଁ ସେବା ସମ୍ପର୍କରେ ଏକ କୁଇଜ ପ୍ରତିଯୋଗିତା ଆୟୋଜନ କରି ବିଜୟୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅଧ୍ୟାପକ ରବିନାରାୟଣ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ନାଟ୍ୟ ଚେତନା ପକ୍ଷରୁ 'ରେବତୀ ସେବତୀ ଏବତୀ' ପରିବେଷଣ କରାଯାଇଥିଲା।

**ବାରିପଦା:** ଭଞ୍ଜପୁର ସ୍ଥିତ ବାରିପଦା ଡିଗ୍ରୀ ମହାବିଦ୍ୟାଳୟରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ପ୍ରବୋଧ କୁମାର ଦେଙ୍କ ପୌରୋହିତ୍ୟରେ ଜାତୀୟ




ସେବା ଯୋଜନା ଦିବସ ପାଳିତ ହୋଇଯାଇଛି। ଡ଼ଃ ଦେ ସ୍ୱେଚ୍ଛାସେବୀଙ୍କୁ ଜାତୀୟ ସେବା ଯୋଜନା ଦିବସର ମୂଳ ଲକ୍ଷ୍ୟ ଏବଂ ବ୍ୟକ୍ତିତ୍ୱର ବିକାଶ ସମ୍ପର୍କରେ ବୁଝାଇଥିଲେ। ଏଥିସହିତ ଅଧ୍ୟାପକ ପ୍ରଶାନ୍ତ କୁମାର ମହାନ୍ତି ସ୍ୱେଚ୍ଛାସେବୀଙ୍କୁ ଜାତୀୟ ସେବା ଯୋଜନାର ଲକ୍ଷ୍ୟ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇଥିଲେ। ଉକ୍ତ ସଭାକୁ ଜାତୀୟ ସେବା ଯୋଜନା ଅଧିକାରୀ ସରୋଜ କୁମାର ବେହେରା ପରିଚାଳନା କରିବା ସହ ଜ୍ୟୋତ୍ସ୍ନାରାଣୀ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

**ମୋରଡ଼ା:** ବୁଧବାର ଉତ୍କଳ ବନାନୀ ସ୍ନାତକ ମହାବିଦ୍ୟାଳୟରେ ଏନଏସଏସ ଦିବସ ପାଳିତ ହୋଇଯାଇଛି। ଏନଏସଏସ କାର୍ଯ୍ୟକ୍ରମ ଅଧିକାରୀ ହରମୋହନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମହାରାଜ



ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା କାର୍ଯ୍ୟକ୍ରମ ସଂଯୋଜକ ଡଃ ବସନ୍ତ କୁମାର ମହାନ୍ତ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ଅଧ୍ୟକ୍ଷ ସଂଞ୍ଜୟ କୁମାର ସେନାପତି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ବାଇଗଣବାଡ଼ିଆ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଯତିନ୍ଦ୍ର ନାଥ ସିଂଦେବ ଯୋଗଦେଇ ପୁରାତନ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଏକ ରାଲି କରିବା ସହ ବୃକ୍ଷରୋପଣ କରିଥିଲେ।

## ● ଜିନିଅସ୍ ଠିକାସଂସ୍ଥାର ମନମାନି

# ବିଦ୍ୟୁତ୍ ସଂଯୋଗ ଛିନ୍ନ

ଆନନ୍ଦପୁର, ୨୫।୯ (ସମିସ): ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାକୁ ୨୪ଘଣ୍ଟିଆ ବିଦ୍ୟୁତ୍ ସଂଯୋଗ ପାଇଁ ଆନନ୍ଦପୁରର ପ୍ରଥମ ଭୂତଳ ବିଦ୍ୟୁତ୍ ଲାଇନ୍ କାମ ଆରମ୍ଭ ହୋଇଛି। ନିର୍ମାଣକାରୀ ଠିକାସଂସ୍ଥା ବେପରୁଆ ଭାବେ କାର୍ଯ୍ୟ କରୁଥିବାରୁ ଆନନ୍ଦପୁର ବିଦ୍ୟୁତ ବ୍ୟବସ୍ଥାରେ ଗୁରୁତର ବ୍ୟାଘାତ ସୃଷ୍ଟି ହୋଇଛି। ଟାଟା ପାୱାରର ବିନା ଅନୁମତିରେ ଆନନ୍ଦପୁର ଡାକ୍ତରଖାନା ପରିସରରେ ଥିବା ବିଦ୍ୟୁତ ଲାଇନରେ ଶାବଳ ମାଡ଼ କରିବାରୁ ଡାକ୍ତରଖାନା ପରିସର ସମେତ ଘସିପୁରା ଅଞ୍ଚଳରେ ଦୀର୍ଘ ସମୟ ଧରି ବିଦ୍ୟୁତ ସଂଯୋଗ ଛିନ୍ନ ହୋଇଯାଇଥିଲା। ଠିକସଂସ୍ଥାର ଏପରି କାର୍ଯ୍ୟଶୈଳୀକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବିଦ୍ୟୁତ୍ ଲାଇନ୍ ପାଣି ପାଇପଲାଇନ୍ ନିକଟରେ ଯାଉଥିବାରୁ ଏହା ଆଗାମୀ ଦିନରେ ବିପଦ ସୃଷ୍ଟି କରିପାରେ ବୋଲି ଆଶଙ୍କା କରାଯାଉଛି। ପୂର୍ବ ସରକାର ସମୟରେ ବନ୍ୟାବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ (ଏସ୍‌ଡିଏଫ୍) ଯୋଜନାରେ ଉପଖଣ୍ଡ ଡାକ୍ତରଖାନାକୁ ନିରବଚ୍ଛିନ୍ନ ବିଦ୍ୟୁତ୍ ସଂଯୋଗ କରିବାକୁ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟଠାରୁ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦେଢ଼କିମି ମୁଖ୍ୟରାସ୍ତାରେ ଭୂତଳ ୧୧ କେଭି କରିବା ପାଇଁ ଆନନ୍ଦପୁର ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ଆନନ୍ଦପୁର ପୌରନିର୍ବାହୀ ଅଧିକାରୀଙ୍କୁ ଅନୁମତି ମାଗିଥିଲେ। ଏକ କୋଟିରୁ ଅଧିକ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପର ଦାୟିତ୍ୱ ଭୁବନେଶ୍ୱରର ଜିନିଅସ୍ ଏକ୍ସପ୍ରେସ୍ ସର୍ଭିସକୁ ପ୍ରଦାନ କରାଯାଇଛି। କିଛିଦିନ ହେଲା ଡାକ୍ତରଖାନା ପାର୍ଶ୍ୱରୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ମାଟି ଭିତରେ କେବୁଲ ବିଛାଯାଉଛି। ବିଦ୍ୟୁତ୍ ବିଭାଗର ନିର୍ବାହୀ ଯନ୍ତ୍ରୀ ଅଶ୍ୱିନୀ ମହାନ୍ତ ଏ ଦିଗରେ ସେ ଅନୁଧ୍ୟାନ କରିବେ ବୋଲି କହିଥିବା ବେଳେ ପ୍ରୋଜେକ୍ଟ ଇନ୍‌ଚାର୍ଜ ପ୍ରିୟବ୍ରତ ବିହାରୀ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯିବା ସପକ୍ଷରେ ମତ ଦେଇଛନ୍ତି।



# ଗାଡ଼ି ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ଆନନ୍ଦପୁର, ୨୫।୯ (ସମିସ): ଆନନ୍ଦପୁର ଥାନା ଚାରିନାଳିଆ ପାଖରେ ରାସ୍ତା ଉପରେ ଜଣେ ବୃଦ୍ଧ କୌଣସି ଅଜଣା ଗାଡ଼ି ଧକ୍କାରେ ପ୍ରାଣ ହରାଇଥିବା ଜଣାପଡ଼ିଛି। ଖବର ପାଇ ଆନନ୍ଦପୁର ପୁଲିସ ବୃଦ୍ଧଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ; ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ମୃତକଙ୍କ ଠିକଣା ଜଣାପଡ଼ିନାହିଁ।

# ବେଆଇନ ବାରୁଦ ଜବତ; ଦୁଇ ଅଟକ

ରାମଚନ୍ଦ୍ରପୁର, ୨୫।୯ (ସମିସ): ରାମଚନ୍ଦ୍ରପୁର ଥାନା ଶାଳଦେଇ ଗ୍ରାମରେ ବେଆଇନ ଭାବେ ବାଣ ତିଆରି ହେଉଥିବା ଖବର ପାଇ ପୁଲିସ୍ ଅଚାନକ ଘଟଣାସ୍ଥଳରେ ବୁଧବାର ଚଢ଼ଉ କରି ଶାଳଦେଇ ଗାଁର ସନାତନ ସାହୁ ଏବଂ ମହେଶ୍ୱର ସାହୁଙ୍କୁ ଅଟକ ରଖିଛି। ସେମାନଙ୍କ ଘରୁ ୧୦ କେଜିରୁ ଅଧିକ ବେଆଇନ ବାରୁଦ ସହ କିଛି ବାଣ ଏବଂ ବାଣ ତିଆରିରେ ପ୍ରସ୍ତୁତ ସାମଗ୍ରୀ ଜବତ କରିଛି। ଏଥିନେଇ ୨୯୩/୨୫ରେ ମାମଲା ରୁଜୁ ହୋଇ ଅଭିଯୁକ୍ତଙ୍କୁ ପଚରାଉଚରା ଜାରି ରହିଥିବା ଥାନାଧିକାରୀ ମନୋଜ ସ୍ୱାଇଁ ପ୍ରକାଶ କରିଛନ୍ତି।

# ପାଟଣା ବ୍ଲକ୍ ଅଞ୍ଚଳରେ ରାସ୍ତା ଉନ୍ନୟନ ପାଇଁ ୩୦ କୋଟି ମଞ୍ଜୁର

ତୁରୁମୁଙ୍ଗା, ୨୫।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନମଣ୍ଡଳୀରେ ଗ୍ରାମୀଣ ଯୋଗାଯୋଗକୁ ବୃଦ୍ଧି କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧୀନରେ ପାଖାପାଖି ୩୦ କୋଟି ଟଙ୍କା ମଞ୍ଜୁରୀ ମିଳିଛି। ୧୮ କିଲୋମିଟର ରାସ୍ତା ଉନ୍ନତିକରଣ ପାଇଁ ୨୯.୫୬ କୋଟି ଟଙ୍କା ମଞ୍ଜୁର ହୋଇଥିବା ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକଙ୍କ ଏକ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ରବିନାରାୟଣ ନାଏକ କହିଛନ୍ତି। ଏହି ରାସ୍ତା ମଧ୍ୟରେ କପାସପଡ଼ାଠାରୁ ଡୁମୁରିଆ ପର୍ଯ୍ୟନ୍ତ ରାସ୍ତାର ଉନ୍ନତି ଏବଂ ପ୍ରଶସ୍ତୀକରଣ, ଏନଏଚ-୨୧୫ଠାରୁ ଡୁମୁରିଆ ୫.୭୪ କିମି, ପିଡବ୍ଲୁଡି ରାସ୍ତାରୁ କୁମୁଳାବାହାଲି ୯.୦୮ କିମି, ଡୁମୁରିଆରୁ କୁମୁଳାବାହାଲି ୨.୫୭ କିମି ରାସ୍ତା ରହିଛି। ମନ୍ତ୍ରୀ ବିଧାନସଭା ଅଧିବେଶନ ସମୟରେ ପାଟଣା ବିଧାୟକଙ୍କ ଦ୍ୱାରା ଉଠାଯାଇଥିବା ଏକ ପ୍ରଶ୍ନର ଲିଖିତ ଉତ୍ତରରେ ପ୍ରକଳ୍ପକୁ ନିଶ୍ଚିତ ହୋଇଥିବା ଜଣାପଡିଛି। ସେ କହିଛନ୍ତି ଯେ ରାସ୍ତା କାର୍ଯ୍ୟ ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ ହେଉଛି। ଡିପିଆର ଚୂଡ଼ାନ୍ତ ହେବା ପରେ, ପ୍ରକଳ୍ପଟି ପ୍ରଶାସନିକ ଅନୁମୋଦନ ପାଇଁ ଆଗକୁ ବଢ଼ିବା ପରେ ନିର୍ମାଣ ପାଇଁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହେବ। ବିଧାୟକ ଶ୍ରୀ ନାଏକ କହିଛନ୍ତି ଯେ ରାସ୍ତା ଉନ୍ନତିକରଣ ଦ୍ୱାରା ପରିବହନରେ ଯଥେଷ୍ଟ ଉନ୍ନତି ହେବ, ଯାତ୍ରା ସମୟ ହ୍ରାସ ହେବ ଏବଂ ଅଞ୍ଚଳର ବାସିନ୍ଦାଙ୍କ ପାଇଁ ବଜାର, ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷାନୁଷ୍ଠାନଗୁଡ଼ିକୁ ଉତ୍ତମ ପ୍ରବେଶ ସୁବିଧା ମିଳିବ ବୋଲି ଆଶା କରାଯାଉଛି। ଏହି ପ୍ରକଳ୍ପ ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାର ବ୍ୟାପକ ଦୃଷ୍ଟିକୋଣ ସହିତ ସମନ୍ୱିତ, ଯାହାର ଲକ୍ଷ୍ୟ ଗ୍ରାମୀଣ ରାସ୍ତାଗୁଡ଼ିକୁ ଆଧୁନିକୀକରଣ କରିବା ଏବଂ ଓଡ଼ିଶାର ଆଭ୍ୟନ୍ତରୀଣ ଅଞ୍ଚଳରେ ଜୀବନର ଗୁଣବତ୍ତା ବୃଦ୍ଧି କରିବ ବୋଲି ବିଧାୟକ ଶ୍ରୀ ନାଏକ କହିଛନ୍ତି।

## ୨୪ ଘଣ୍ଟିଆ ଜଳଯୋଗାଣ ପ୍ରହସନ

# ୱାଟ୍‌କୋକୁ ଉପଜିଲ୍ଲାପାଳଙ୍କ ତାଗିଦ

ଆନନ୍ଦପୁର, ୨୫।୯ (ସମିସ)

ଆନନ୍ଦପୁର ସହରାଞ୍ଚଳରେ ସମସ୍ତଙ୍କୁ ୨୪ ଘଣ୍ଟିଆ ସ୍ୱଚ୍ଛ ପାନୀୟଜଳ ଯୋଗାଇ ଦେବାପାଇଁ ହୋଇଥିବା ଯୋଜନା ଆଣ୍ଠେଇ ପଡ଼ିଛି। ଅଧାପନ୍ତରିଆ କାର୍ଯ୍ୟ କରି ଠିକସଂସ୍ଥା ପଳାଇଯାଇଛି। ଅନେକ କାର୍ଯ୍ୟ ହୋଇ ନଥିବା ବେଳେ ପୂର୍ବରୁ ଥିବା ପମ୍ପରୁ ଜଳ ଯୋଗାଣ ହେଉଛି ତେବେ ଏହି ଠିକସଂସ୍ଥାକୁ ଯୁସି ଦେଲା କିଏ ସେନେଇ ଖୋଳତାଡ଼ ଆରମ୍ଭ ହୋଇଛି। ଆନନ୍ଦପୁର ଉପଜିଲ୍ଲାପାଳ ନୀଳମାଧବ ସୁନା ୱାଟକୋ ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ଡକାଇ ଅନୁଧ୍ୟାନ ଆରମ୍ଭ କରିଥିବା ଜଣାଯାଇଛି। ସୂଚନା ଅନୁଯାୟୀ, ଗତ ୨୦୨୩ରେ ଡ୍ରିଙ୍କ ଫ୍ରମ୍ ଟ୍ୟାପ୍ ଯୋଜନା ଆରମ୍ଭ ହୋଇଥିଲା। ୨୪ ଘଣ୍ଟିଆ ଜଳଯୋଗାଣ ହେଉ ନଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପ୍ରକାଶ ପାଇଛି। ଏପରିକି ସହରାଞ୍ଚଳ ସ୍ୱଚ୍ଛ ପାନୀୟଜଳ ଯୋଗାଣ ପାଇଁ ବିଛାଯାଇଥିବା ନୂଆ ପାଇପରେ ଅଦ୍ୟାବଧି ଜଳଯୋଗାଣ ହୋଇ ନଥିବା ଅଭିଯୋଗ ହୋଇଛି। ଆନନ୍ଦପୁର ସହରକୁ ୨୪ ଘଣ୍ଟିଆ ବିଶୁଦ୍ଧ ପାନୀୟଜଳ ଯୋଗାଣ ପାଇଁ ୭୩ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଥିଲା। ଏଥିପାଇଁ ଇଷ୍ଟଇଣ୍ଡିଆ କମ୍ପାନିକୁ ଦାୟିତ୍ୱ ଦିଆଯାଇଥିଲା। ସହରର ୧୬ଟି ୱାର୍ଡରେ ୯୩କିମି ପାଇପ୍ ବିଛାଇବା ପାଇଁ ବ୍ୟୟ ଅଟକଳ ହୋଇଥିବା ବେଳେ କମ୍ପାନି ମାତ୍ର ୬୭କିମି ପାଇପ୍ ବିଛାଇଥିଲା। ଏ ସମ୍ପର୍କରେ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ କମ୍ପାନି ପକ୍ଷରୁ ପୁଣି ଅଳ୍ପ କିଛି ସ୍ଥାନରେ ପାଇପ୍ ବିଛାଯାଇଥିଲା। ଏଯାଏ ନୂଆ ପାଇପ୍‌ରେ ଜଳଯୋଗାଣ କରାଯାଇ ନାହିଁ। ଆନନ୍ଦପୁର ପାର୍ଶ୍ୱରେ ୬୦ବର୍ଷ ତଳେ ବିଛାଯାଇଥିବା ସେହି କଳଙ୍କି ଲଗା ପାଇପ୍‌ରେ ଜଳ ଯୋଗାଣ ଚାଲିଛି। ପୌରାଞ୍ଚଳର ୬ଟି ୱାର୍ଡକୁ ପ୍ରଥମ ପର୍ଯ୍ୟାୟରେ ୨୪ଘଣ୍ଟିଆ ଜଳ ଯୋଗାଣ ହୋଇଥିବା ବେଳେ ଏବେ ଏହା ପ୍ରହସନରେ ପରିଣତ ହୋଇଥିବା ଅଭିଯୋଗ ହେଉଛି। ୧୪ ନମ୍ବର ୱାର୍ଡ ଘସିପୁରାରେ ପୂର୍ବରୁ ୨୪ଘଣ୍ଟିଆ ଜଳ ଯୋଗାଣ ହେଉଥିଲା। ଦୁଇମାସରୁ ଅଧିକ ହେବ ଅନେକ ସମୟରେ ପାଣି ଆସୁନାହିଁ। ଏପରିକି ବାଲଟିଏ ପାଣି ସଂଗ୍ରହ ପାଇଁ ଅଧଘଣ୍ଟା ଲାଗୁଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ବର୍ଷାଋତୁରେ ଯଦି ଏଭଳି ସମସ୍ୟା ତେବେ ଗ୍ରୀଷ୍ମଋତୁରେ ଅବସ୍ଥା କ'ଣ ହେବ ସ୍ପଷ୍ଟ ଜଣାପଡୁଛି। ସମସ୍ୟାର ତୁରନ୍ତ ସମାଧାନ ନହେଲେ ବିଭିନ୍ନ ସାହି ବସ୍ତିରେ ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଆଲୋଚନାରୁ ଜଣାଯାଇଛି।



# ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ





ତେଲକୋଇ, ୨୫।୯ (ସମିସ): ସେବାପକ୍ଷ ପାଳନ ଅବସରରେ ଚାଲିଥିବା କାର୍ଯ୍ୟକ୍ରମ ଅନ୍ତର୍ଗତ ବିଭିନ୍ନ ଅନୁଷ୍ଠାନ, କାର୍ଯ୍ୟାଳୟ ପକ୍ଷରୁ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଜାରି ରହିଛି। ତେଲକୋଇ ବ୍ଲକ କର୍ମଚାରୀଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମରେ ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ପରିସରରେ ଅଳିଆ ଆବର୍ଜନା ସଫେଇ କରାଯାଇଥିଲା। ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ଅତିରିକ୍ତ ତହସିଲଦାର ଗୋପାଳ ନାୟକ, ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସରପଞ୍ଚ ରଶ୍ମିତା ନାୟକ ସମେତ ବ୍ଲକ କର୍ମଚାରୀମାନେ ସାମିଲ ହୋଇଥିଲେ। ଏହି ଅଭିଯାନ ମାଧ୍ୟମରେ ଜନସାଧାରଣଙ୍କୁ ସଚେତନ କରିବା ହେଉଛି ଆମର ଲକ୍ଷ୍ୟ। ଗାଁ ହେଉ କି ସହର ସ୍ୱଚ୍ଛ ଓ ସୁସ୍ଥ ଓଡ଼ିଶା ଗଠନ ପାଇଁ ସମସ୍ତଙ୍କ ପ୍ରଚେଷ୍ଟା ଅତ୍ୟନ୍ତ ଆବଶ୍ୟକ ବୋଲି ବିଡିଓ ଶ୍ରୀ ନାଏକ କହିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ସଂଯୋଜକ କିଶୋରଚନ୍ଦ୍ର ଦାସ ପରିଚାଳନା କରିଥିଲେ।

**ତୁରୁମୁଙ୍ଗା:** ପାଟଣା ବ୍ଲକ ପ୍ରଶାସନ ପକ୍ଷରୁ ସମସ୍ତଙ୍କ ସାଥୀରେ ଆଜି ଗୋଟିଏ ଦିନରେ ଗୋଟିଏ ଘଣ୍ଟା ପାଇଁ ବ୍ଲକ ପରିସରରେ ସଫେଇ ଅଭିଯାନ କରିଛନ୍ତି। ବ୍ଲକ ଅଧ୍ୟକ୍ଷା ବୀଣାପାଣି ନାୟକ, ବିଡିଓ ମାନସ ଦଣ୍ଡପାଟ, ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସୁସ୍ମିତା ବେହେରା, ଏପିଓ ଦୀପକ ବେହେରା, ବିଆରସି ମହମ୍ମଦ ଜଲାଲୁଦିନ ଖାନ, ଓଡ଼ିଶା ଜୀବିକା ମିଶନ ବ୍ଲକ ସଂଯୋଜିକା ସୁସ୍ମିତା ସାହୁ, ସାମାଜିକ ସୁରକ୍ଷା ଅଧିକାରୀ ଅଭୟ ଚରଣ ଦେହୁରୀ ଅର୍ଥ ଅଧିକାରୀ ପାର୍ବତୀ ସର୍ଦ୍ଦାର, ଭାରପ୍ରାପ୍ତ ଜିଡିପିଓ ଅଶୋକ ମହାନ୍ତ, ପ୍ରଭାତ ନାଥଙ୍କ ସହ ଏମବିକେ, ସିଆରପି ପ୍ରମୁଖ ମିଳିତ ଭାବେ ବ୍ଲକ ପରିସରକୁ ସଫେଇ କରିଥିଲେ।

# ୨ ଯୁବତୀ ଓ ଜଣେ ନାବାଳିକା ନିଖୋଜ, ଜଣେ ଅଟକ

ଆନନ୍ଦପୁର/ରାମଚନ୍ଦ୍ରପୁର, ୨୫।୯ (ସମିସ): ଗୋଟିଏ ଦିନରେ ଚଉମୁଇଁ ଗାଁରୁ ଜଣେ ନାବାଳିକା ଓ ୨ ଯୁବତୀ ନିଖୋଜ ଘଟଣାକୁ ନେଇ ଘସିପୁରା ଥାନାର ଦ୍ୱାରସ୍ଥ ହୋଇଛନ୍ତି ପରିବାର ବର୍ଗ। ଆନନ୍ଦପୁର ଉପଖଣ୍ଡ ଘଷିପୁରା ଥାନା ଚମୁହିଁ କଲୋନୀ ସାହିଠାରେ ଘଟିଛି ଏଭଳି ଏକ ଘଟଣା। ଗତକାଲି ସନ୍ଧ୍ୟାରେ ଗାଁର ବଇ ଦେହୁରୀଙ୍କ ପରିବାରରେ ଜଣଙ୍କର ମୃତ୍ୟୁ ହୋଇଥିବା ହେତୁ ଏକାଦଶାହ ଭୋଜିରେ ଗ୍ରାମବାସୀ ଯୋଗଦେଇଥିଲେ। ଭୋଜିରୁରୁ ଝିଅମାନେ ନିଖୋଜ ହୋଇଥିବା ଅଭିଯୋଗ ହୋଇଛି। ସବୁଆଡେ ଖୋଜି ନିରାଶ ହେବାପରେ ପରିବାର ଲୋକେ ଘଷିପୁରା ଥାନାରେ ରିପୋର୍ଟ କରିଛନ୍ତି। ତେବେ ନିଖୋଜ ପଛରେ ଗାଁର ଜଣେ ଯୁବକଙ୍କ ହାତଥିବା ସନ୍ଦେହ କରିଛନ୍ତି ପରିବାର ଲୋକେ। ପୁଲିସ ପ୍ରାଥମିକ ତଦନ୍ତ ପରେ ଗାଁର ଲକ୍ଷ୍ମୀଧର ମୁଣ୍ଡାଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ତେବେ ୩ ଜଣ ଯାକ ଝିଅ କେଉଁଆଡେ ଓ କାହିଁକି ଯାଇଛନ୍ତି ତା'ର ସ୍ପଷ୍ଟ କାରଣ ଅଦ୍ୟାବଧି ଜଣା ପଡ଼ିନାହିଁ। ତିନିଜଣ ଯାକ ଯୁବତୀ ନିଜ ଇଚ୍ଛାରେ କେଉଁଆଡେ ଯାଇଛନ୍ତି ନା ତାଙ୍କୁ କିଏ ଅପହରଣ କରି ନେଇଛି ସେଥିନେଇ ପୁଲିସ ଅଧିକ ଖୋଳତାଡ଼ ଜାରି ରଖିଥିବା ଜଣାପଡ଼ିଛି।

# ବିଭିନ୍ନ ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ୫୬ତମ ପ୍ରତିଷ୍ଠା ଦିବସ




ରାମଚନ୍ଦ୍ରପୁର, ୨୫।୯ (ସମିସ): ଆତ୍ମକଲ୍ୟାଣ ସହ ସମାଜର କଲ୍ୟାଣ ପାଇଁ ସେବା ମାଧ୍ୟମ ଏବଂ ଏ ଦିଗରେ ମନୋନିବେଶ କରିବାକୁ ସାଇଁକୁଳ ପତିତପାବନ ମହାବିଦ୍ୟାଳୟ ପକ୍ଷରୁ ଏନଏସଏସର ୫୬ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆନନ୍ଦପୁର ଉପଜିଲ୍ଲାପାଳ ନିଳମାଧବ ସୁନା ମୁଖ୍ୟଅତିଥି ଭାବେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଛନ୍ତି। ଯୁକ୍ତ ଦୁଇ ଅଧ୍ୟକ୍ଷ ଅମୂଲ୍ୟ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅଭ୍ୟର୍ଥନା କକ୍ଷରେ ଅନୁଷ୍ଠିତ ଏହି ସମାରୋହରେ ସମ୍ମାନିତ ଅତିଥି ଭାବେ ଯୁକ୍ତ ତିନି ଅଧ୍ୟକ୍ଷ ଶରତ ଜେନା, ପ୍ରୋଗ୍ରାମ ଅଫିସର ଇତିଶ୍ରୀ ଜେନା, ପୂର୍ବତନ ପିଓ ଅନନ୍ତନାରାୟଣ ଦାସ ପ୍ରମୁଖ ଛାତ୍ରଛାତ୍ରୀଙ୍କୁ ଉପାଦେୟ ବାର୍ତ୍ତା ପ୍ରଦାନ କରିଥିଲେ। ପ୍ରୋଗ୍ରାମ ଅଫିସର ଦେବେନ୍ଦ୍ର ମିଶ୍ରଙ୍କ ସଂଯୋଜନାରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସୃଜନଶୀଳତା ବୃଦ୍ଧି ନିମନ୍ତେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଶତାଧିକ ଅଧ୍ୟାପକ-ଅଧ୍ୟାପିକା ଏବଂ କର୍ମଚାରୀମାନେ ସାମିଲ ହୋଇଥିଲେ।



**ନାରଦପୁର:** ଚମ୍ପୁଆ ବ୍ଲକ ରିମୁଳି ମହାବିଦ୍ୟାଳୟରେ ଏନଏସଏସ ପ୍ରତିଷ୍ଠା ଦିବସ ସମାରୋହରେ ଅଧ୍ୟକ୍ଷ ସୁଶୀଲ କୁମାର ମହାନ୍ତ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ନିର୍ମଳ କୁମାର ସେଠୀ, ପ୍ରାଧ୍ୟାପକ ଧର୍ମେନ୍ଦ୍ର କୁମାର ବୈଦ୍ୟ ଓ ଅଧ୍ୟାପକ ଦୀପ୍ତିରଞ୍ଜନ ବେଉରା ଅତିଥି ଭାବରେ ଛାତ୍ରଛାତ୍ରୀଙ୍କୁ ଉଦବୋଧନ ଦେଇଥିଲେ। ଅଧ୍ୟାପକ କିରଣ ଚୌଧୁରୀ, ରାଜେଶ ଦୀପ, ଜିତେନ୍ଦ୍ର ମୁଣ୍ଡା, ଯୁକ୍ତ ଦୁଇ ଏବଂ ଯୁକ୍ତ ତିନି ଶ୍ରେଣୀର ସମସ୍ତ ସ୍ୱେଚ୍ଛାସେବୀ ଉପସ୍ଥିତ ଥିଲେ। ଯୁକ୍ତ ତିନି ଶ୍ରେଣୀର କାର୍ଯ୍ୟକ୍ରମ ଅଧିକାରୀ ଭୂମିସୂତା ସିଂ ଧନ୍ୟବାଦ ଅର୍ପଣ କରିଥିଲେ।

# ଚୋରା ଖଣିଜ ବୋଝେଇ ଟ୍ରକ୍ ସହ ଜେସିବି ମେସିନ୍ ଜବତ




ଯୋଡ଼ା, ୨୫।୯ (ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବନବିଭାଗ ପକ୍ଷରୁ ପାଟ୍ରୋଲିଙ୍ଗ ସମୟରେ ଏକ ଚୋରା ଲୁହାପଥର ବୋଝେଇ ଟ୍ରକ ଜବତ କରିବା ସହ ଲୋଡିଂ କାର୍ଯ୍ୟରେ ବ୍ୟବହୃତ ଏକ ଜେସିବି ମେସିନ ଜବତ କରିଥିବା ଜଣାପଡିଛି। ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଉକ୍ତ ସ୍ଥାନରେ ଦୀର୍ଘ ବର୍ଷ ଧରି ବେଆଇନ ଭାବେ ରହିଥିବା ଲୁହାପଥର ଡିପୋରୁ ଜେସିବି ମେସିନ ଲଗାଇ ଟ୍ରକ୍ ସାହାଯ୍ୟରେ ଚୋରା ଚାଲାଣ କରାଯାଉଥିଲା। ଚଢ଼ଉ ସମୟରେ ସେଠାରୁ ଖଣିଜ ଚୋରମାନେ ଫେରାର ହୋଇଯାଇଥିଲେ। ଘଟଣାସ୍ଥଳରୁ ବନ ବିଭାଗ ଲୁହାପଥର ବୋଝେଇ ହୋଇଥିବା ଏକ ୧୬ ଚକିଆ ଟ୍ରକ ନଂ ଓଡି ୧୦ ପି ୭୯୧୨ ଓ ଏଥିରେ ବ୍ୟବହୃତ ଯେସିବି ନଂ ଓଡି ୦୯ ଏମ ୯୦୮୫କୁ ଜବତ କରିଛି। ଏହି ସ୍ଥାନରୁ କେତେ ପରିମାଣରେ ଲୁହାପଥର ଚୋରା ଚାଲାଣ ହୋଇଛି, ସେନେଇ ମଧ୍ୟ ବନ ବିଭାଗ କୌଣସି ସଠିକ୍ ତଥ୍ୟ ପାଇପାରି ନାହିଁ। ସ୍ଥାନୀୟ ଲୋକଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଦୀର୍ଘ ୧୫ ବର୍ଷ ଧରି ସେଠାରେ ଏହି ବେଆଇନ ଲୁହାପଥର ଡିପୋ ରହିଛି। ବିଭିନ୍ନ ସମୟରେ ଖଣିଜ ଚୋର ମାନେ ଅନାୟସରେ ମେସିନ ଲଗାଇ ଟ୍ରକ୍ ସାହାଯ୍ୟରେ ଚୋରା ଚାଲାଣ କରୁଛନ୍ତି। ବନ ବିଭାଗ ପକ୍ଷରୁ ନିକଟ ଜଙ୍ଗଲ ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ହେଉଥିବା ବେଳେ ଏହି ଚୋରା କାରବାର କିପରି ସମ୍ଭବ ହେଉଛି ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।



## ୨୯ ଟିକିଆ ହାତୀପଲ ଉପଦ୍ରବରୁ ବର୍ତ୍ତିପାରୁନି ପାଟଣା ରେଞ୍ଜ

# ପୁଣି ଭାଙ୍ଗିଲେ ୨ ଘର; ଲୁନା, ସ୍କୁଟି ଚୂରମାର



ନାକେଦମ୍ କରୁଛି ଆହତ ହାତୀ ଛୁଆ



ତୁରୁମୁଙ୍ଗା, ୨୫।୯ (ସମିସ): କେନ୍ଦୁଝର ଜିଲ୍ଲା ପାଟଣା ରେଞ୍ଜରେ ୨୯ ଟିକିଆ ହାତୀପଲ ବନ ବିଭାଗ ଓ ବିଭିନ୍ନ ଗ୍ରାମବାସୀଙ୍କ ନିଦ ହଜାଇ ରଖିଛନ୍ତି। ହାତୀ ଉପଦ୍ରବ ଏହି ଅଞ୍ଚଳରେ ଜାରି ରହିଥିବା ବେଳେ ବୁଧବାର ରାତିରେ ପୁଣି ଖିରେଇଟାଙ୍ଗିରୀ ସେକ୍ଟରର ପଦ୍ମକେଶରପୁର ଗ୍ରାମରେ ୨ ଘର ଭାଙ୍ଗି ଦେଇଛନ୍ତି। ଗ୍ରାମର ଇନ୍ଦ୍ରମଣି ନାଏକଙ୍କ ଘର ଭାଙ୍ଗିବା ସହ ଲୁନା ଏବଂ ସ୍କୁଟିକୁ ଭାଙ୍ଗି ଦେଇଛନ୍ତି ହାତୀପଲ। ସେହିପରି କୁମାର ନାଏକଙ୍କ ଘର ଭାଙ୍ଗି ଦେଇଛନ୍ତି। ପରିବାର ଲୋକେ ଘର ଭିତରେ ଶୋଇଥିବା ସମୟରେ ହାତୀ ଆକ୍ରମଣରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପଦ୍ମକେଶରପୁର ସହ ନୂଆଖମଣ ବରୁଡ଼ିପଶି ଆଦି ଗାଁ ନିକଟବର୍ତ୍ତୀ ଏକର ଏକର ଧାନ ଚାଷକୁ ପାଦରେ ଦଳିଚକଟି ନଷ୍ଟ କରିଦେଇଛନ୍ତି ହାତୀପଲ। ଏହି ହାତୀପଲରେ ୧୨ଟି ମାଇ ହାତୀ, ୧୧ଟି ଦନ୍ତା ୬ଟି ଛୁଆ ହାତୀ ଥିବା ବନ ବିଭାଗ କହିଛି। ହାତୀପଲରେ ଥିବା ଏକ ଆହତ ହାତୀଛୁଆକୁ ଉଦ୍ଧାର କରିବା ପାଇଁ ବନ ବିଭାଗ ଉଦ୍ୟମର ଜାରି ରହିଛି। ହାତୀର ଗୋଡ଼ରେ ଆଘାତ ଲାଗିଥିବାରୁ ହାତୀ ଟି ଚାଲୁଥିବାରୁ ଯନ୍ତ୍ରଣା ଅନୁଭବ କରୁଛି। ଖବର ଲେଖା ହେବା ପର୍ଯ୍ୟନ୍ତ ପଦ୍ମକେଶରପୁର ଓ ବରୁଡ଼ିପଶି ଗ୍ରାମ ନିକଟ ଆକାଶିଆ ଜଙ୍ଗଲରେ ଡେରା ପକାଇଛନ୍ତି ହାତୀପଲ। ଗାଁ ନିକଟରେ ହାତୀପଲ ବୁଲୁଥିବାରୁ ଲୋକେ ଭୟଭୀତ ଅବସ୍ଥାରେ ରହିଛନ୍ତି।



## ୫୨ ବର୍ଷରେ ଝୁମ୍ପୁରା ଦୁର୍ଗାପୂଜା

# ପ୍ରସ୍ତୁତି ଚୂଡ଼ାନ୍ତ; ବଜାର ଚଳଚଞ୍ଚଳ



**ଜମିବ ଯାତ୍ରା, ଆସୁଛି ରଙ୍ଗମହଲ ଅପେରା**

ବାଲିବନ୍ଧ, ୨୫।୯ (ସମିସ): କେନ୍ଦୁଝର ଜିଲ୍ଲାର ଅନ୍ୟତମ ଅଗ୍ରଣୀ ଦୁର୍ଗାପୂଜା ଅନୁଷ୍ଠାନ ଝୁମ୍ପୁରା ମା' ଦୁର୍ଗତିନାଶିନୀ ଯୁବସଂଘ ଆନୁକୂଲ୍ୟରେ ଆୟୋଜିତ ହୋଇଆସୁଥିବା ଝୁମ୍ପୁରା ଦୁର୍ଗାପୂଜା ଉତ୍ସବ ଚଳିତ ବର୍ଷ ୫୨ ବର୍ଷରେ ପହଞ୍ଚିଛି। ଏଥିପାଇଁ ବିଭିନ୍ନ ପ୍ରସ୍ତୁତି କାର୍ଯ୍ୟ ଅନ୍ତିମ ପର୍ଯ୍ୟାୟରେ ପହଞ୍ଚିଛି। ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଶେଷ ହୋଇଥିବାବେଳେ ତୋରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ ଖୁବ୍ ଶୀଘ୍ର ଶେଷ ହେବ ବୋଲି କମିଟି ପକ୍ଷରୁ କୁହାଯାଇଛି। ମାସକ ତଳୁ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣ ଆରମ୍ଭ ହେଇଥିଲା। ଝୁମ୍ପୁରାସ୍ଥିତ ଭାଲୁକାର ମୂର୍ତ୍ତି କାରିଗର ଛତିଶଚନ୍ଦ୍ର ଗିରିଙ୍କ ନେତୃତ୍ୱରେ ଆନନ୍ଦପୁର ଅଞ୍ଚଳ କାରିଗରମାନେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତି ସହିତ ପାର୍ଶ୍ୱ ଦେବାଦେବୀଙ୍କ ମୃଣ୍ମୟୀ ମୂର୍ତ୍ତି ନିର୍ମାଣରେ ଶେଷ ସ୍ପର୍ଶ ଦେଇ ସାରିଛନ୍ତି। କେନ୍ଦୁଝର ଜିଲ୍ଲା ବଉଳମାଳର ତ୍ରିଶକ୍ତି ଟେଣ୍ଟ ହାଉସ ପକ୍ଷରୁ ତୋରଣ ନିର୍ମାଣ କାର୍ଯ୍ୟ ଜାରି ରହିଛି। ତୋରଣ, ଆଲୋକମାଳା ସହିତ ବିଭିନ୍ନ ସାଜସଜ୍ଜା କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୮ ତାରିଖ ରବିବାର ତପଃଷଷ୍ଠୀ ଅବସରରେ ସନ୍ଧ୍ୟା ୭ଟାରେ ବିଲ୍ୱାଧିବାସ ସ୍ଥିର ହୋଇଥିବାବେଳେ ସୋମବାର ପବିତ୍ର ମହାସପ୍ତମୀ ଅବସରରେ କଳସ ଯାତ୍ରା, ସପ୍ତମୀପୂଜା ସହିତ ଚକ୍ଷୁଦାନ ସ୍ଥିର ହୋଇଛି। ମଙ୍ଗଳବାର ମହାଅଷ୍ଟମୀ ଅବସରରେ ସନ୍ଧିପୂଜା ଅନୁଷ୍ଠିତ ହେବ। ବୁଧବାର ମହାନବମୀ ପୂଜା ସହିତ ସ୍ୱତନ୍ତ୍ର ନବ କୁମାରୀପୂଜା ରହିଥିବାବେଳେ ଗୁରୁବାର ଦଶମୀ ପୂଜା ଏବଂ ପୂର୍ଣ୍ଣାହୁତି ସ୍ଥିର ହୋଇଛି। ରବିବାର ୫ ତାରିଖ ଭସାଣି ଯାତ୍ରା କାର୍ଯ୍ୟକ୍ରମ ରହିଥିବା କୁହାଯାଇଛି। ୨୯ ତାରିଖ ସୋମବାରଠାରୁ ଯାତ୍ରା ରଙ୍ଗ ମହଲ ୫ ଦିନ ଅପେରା ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ମୀନା ବଜାରରେ ଘର କରଣା ସାମଗ୍ରୀଠାରୁ ଆରମ୍ଭ କରି ଷ୍ଟେସନାରୀ ଏବଂ ଖାଦ୍ୟ ମେଳା ଏହିପରି ୨୦୦ରୁ ଅଧିକ ଷ୍ଟଲ୍ ଲାଗିବ। ଏହାବ୍ୟତୀତ ବିଭିନ୍ନ ପ୍ରକାରର ପାଖାପାଖି ୩୦ ପ୍ରକାରର ଦୋଳିର ଆୟୋଜନ ହୋଇଛି ବୋଲି କହିଛନ୍ତି ସଙ୍ଘ ସଭାପତି ଶଶିଭୂଷଣ ସାହୁ। ସମସ୍ତ କାର୍ଯ୍ୟକର୍ତ୍ତା, ସ୍ୱେଚ୍ଛାସେବୀ ତଥା ଅଞ୍ଚଳବାସୀ ପୂଜା, ସାଜସଜ୍ଜାଠାରୁ ଆରମ୍ଭ କରି ଅପେରା, ମୀନାବଜାର ଆଦିର ସୁପରିଚାଳନା ଦାୟିତ୍ୱ ନେଇଛନ୍ତି। ବହୁ ଗଣ୍ୟମାନ୍ୟ ବ୍ୟକ୍ତି ବିଶେଷ ଏହି ପୂଜା ଉତ୍ସବରେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ବେଳେ ସୁରକ୍ଷା ଦୃଷ୍ଟିରୁ ପୂଜାସ୍ଥଳ, ଅପେରା, ମୀନାବଜାର ଆଦି ସିସିଟିଭି ସର୍ଭିଲାନ୍ସରେ ରହିବ। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୁଲିସକୁ ନିବେଦନ କରାଯାଇଥିବା ସଙ୍ଘର ସହକାରୀ ସମ୍ପାଦକ ପ୍ରଦ୍ୟୁମ୍ନ ପ୍ରଧାନ କହିଛନ୍ତି।



## ୫.୨ କେଜି ଗଞ୍ଜେଇ ଜବତ; ଜଣେ ଗିରଫ

ଯୋଡ଼ା, ୨୫।୯ (ସମିସ): ଯୋଡ଼ା ଅବକାରୀ ଅଧିକାରୀ ପ୍ରଶାନ୍ତ ପରିଡା, ଚମ୍ପୁଆ ଏବଂ ଯୋଡ଼ା ଅବକାରୀ ଟିମ ମିଳିତ ଭାବେ ଯାଞ୍ଚ କରୁଥିବା ବେଳେ ଯୋଡ଼ାସ୍ଥିତ ହନୁମାନ ହଟିଂ ନିକଟରେ ୫.୨କେଜି ଗଞ୍ଜେଇ ଜବତ କରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଅଭିଯୁକ୍ତ ଜଣକ ଯୋଡ଼ାସ୍ଥିତ ହନୁମାନ ହୋଟିଂ ଅଞ୍ଚଳର ଯୁଗେନ ପ୍ରଧାନ ବୟସ (୫୯) ।କେନ୍ଦୁଝର ଜିଲ୍ଲା ଅବକାରୀ ଅଧୀକ୍ଷକ ଏଚ.ଜାଗା.ରାଓ କହିଛନ୍ତି ଯେ ଅଭିଯୁକ୍ତ ପୂର୍ବରୁ ଚୋରା ଭାବେ ଗଞ୍ଜେଇ ଚାଲାଣରେ ଲିପ୍ତ ଥିବା ବେଳେ ଏନ୍‌ଡିପିଏସ୍ ଆକ୍ଟ ଅନୁଯାୟୀ ମାମଲା ରୁଜୁକରି ତାକୁ କୋର୍ଟ ଚାଲାଣ କରାଯାଇଛି। ଆଗକୁ ପାର୍ବଣ ଋତୁ ଥିବାରୁ ଯୁବ ପିଢ଼ିଙ୍କୁ ନିଶାମୁକ୍ତ କରିବା ଲକ୍ଷ୍ୟରେ ଏକ ସ୍ୱତନ୍ତ୍ର ଅଭିଯାନ ଜାରି ରହିଥିବା ସେ ସୂଚନା ଦେଇଛନ୍ତି।

## ପୁରୁଣାପାଣିରେ ଜ୍ଞାନ ଆଦାନପ୍ରଦାନ କର୍ମଶାଳା



କେନ୍ଦୁଝର, ୨୫।(ସମିସ): ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟ ଅଧୀନ ବିଜୁ ପଟ୍ଟନାୟକ ଜାତୀୟ ଇସ୍ପାତ ପ୍ରତିଷ୍ଠାନ, ଏମଜିଏମ ମିନେରାଲ୍ସ ପ୍ରାଇଭେଟ୍ ଲିମିଟେଡ୍, ଇସ୍ପାତ ଡିଭିଜନ - ଓଓ, ପୁରୁଣାପାଣି, କେନ୍ଦୁଝରରେ ଏକଦିବସୀୟ ଜ୍ଞାନ ଆଦାନପ୍ରଦାନ କର୍ମଶାଳା ଆୟୋଜନ ହୋଇଯାଇଛି। ବିପିଏନଏସଆଇ ପକ୍ଷରୁ ବରିଷ୍ଠ ୱେଲ୍ଡିଂ ଡେମୋନଷ୍ଟ୍ରେଟର ଭରତ ପ୍ରସାଦ ଶର୍ମାଙ୍କ ତତ୍ତ୍ୱାବଧାନରେ ଆଇଆଇଟି ଭୁବନେଶ୍ୱରର ସହଯୋଗୀ ପ୍ରଫେସର ଡକ୍ଟର ରାମକୃଷ୍ଣ ସାବତା ଡିଆରଆଇ ଉତ୍ପାଦନ ପ୍ରକ୍ରିୟାର ଉଦୀୟମାନ ପ୍ରଯୁକ୍ତିବିଦ୍ୟା, ଇଣ୍ଡକ୍ସନ ଫର୍ଣ୍ଣେସ୍ ଏବଂ ଏଲଆରଏଫ ଦ୍ୱାରା ଇସ୍ପାତ ତରଳାଇବା, ଏବଂ ଧାତୁ କାର୍ଯ୍ୟ (ରୋଲିଂ) ଉପରେ ତାଙ୍କର ବକ୍ତୃତା ପ୍ରଦାନ କରିଥିଲେ।

## ବିଶ୍ୱ ପର୍ଯ୍ୟଟନ ଦିବସ ଉପଲକ୍ଷେ କୁଇଜ୍ ପ୍ରତିଯୋଗିତା




କେନ୍ଦୁଝର, ୨୫।୯(ସମିସ): ଆସନ୍ତା ସେପ୍ଟେମ୍ବର ୨୭ ତାରିଖରେ ପାଳିତ ହେବାକୁଥିବା ବିଶ୍ୱ ପର୍ଯ୍ୟଟନ ଦିବସ-୨୦୨୫ ଅବ୍ୟବହିତ ପୂର୍ବରୁ କେନ୍ଦୁଝର ଡିଏନ ହାଇସ୍କୁଲରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ପ୍ରତିଯୋଗିତା କନିଷ୍ଠ ଏବଂ ବରିଷ୍ଠ ଦୁଇଟି ବର୍ଗରେ ଅନୁଷ୍ଠିତ ହୋଇଥିଲା। କନିଷ୍ଠ ବର୍ଗରେ ଡିଏନ ହାଇସ୍କୁଲ, ଦଶମ ଶ୍ରେଣୀର ପୀୟୁଷ ରଞ୍ଜନ ଦାଶ ପ୍ରଥମ, ରବୀନ୍ଦ୍ର ବିଦ୍ୟା ନିକେତନର ନବମ ଶ୍ରେଣୀର ଆୟୁଷ ପୁହାଣ ଦ୍ୱିତୀୟ ଏବଂ ଓଏଭି, ବଡ଼ପଳାସ ଅଷ୍ଟମ ଶ୍ରେଣୀର ସିଦ୍ଧି ରୁଦ୍ରାକ୍ଷ ମହାନ୍ତି ତୃତୀୟ ସ୍ଥାନ ଅଧିକାର କରିଥିଲେ।ସେହିପରି ବରିଷ୍ଠ ବର୍ଗରେ କେନ୍ଦୁଝର ସରକାରୀ ମହିଳା ମହାବିଦ୍ୟାଳୟ,+୩ ତୃତୀୟ ବର୍ଷର ବନିତା ପତି ପ୍ରଥମ, ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, କେନ୍ଦୁଝରର +୨ ଦ୍ୱିତୀୟ ବର୍ଷର ଶତାବ୍ଦୀ ଚୌଧୁରୀ ଦ୍ୱିତୀୟ ଏବଂ ଆନନ୍ଦପୁର ଡିଗ୍ରୀ କଲେଜର +୩ ପ୍ରଥମ ବର୍ଷ କଳାର ଭାନୁରଞ୍ଜନ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବିଜେତାମାନଙ୍କୁ ପୁରସ୍କାର ଏବଂ ପ୍ରମାଣପତ୍ର ସହିତ ସମ୍ମାନିତ କରାଯାଇଥିଲା। ସାଇଜ କୁମାର ରଣା, ସଂଗୀତା ମହାରଣା, ଅଜ୍ଞାନ କୁମାର ଚାନ୍ଦ ଓ ଶାନ୍ତନୁ କୁମାର ମହାପାତ୍ର ବିଚାରକ ଥିଲା ବେଳେ ନରେଶ ପଟ୍ଟନାୟକ ଓ ଡିଏନ ହାଇସ୍କୁଲ ପ୍ରଧାନଶିକ୍ଷକ ପ୍ରବୀର ମହାନ୍ତି ସହଯୋଗ କରିଥିଲେ। ସହକାରୀ ନିର୍ଦ୍ଦେଶକ, ପର୍ଯ୍ୟଟନ ବିଭାଗ କେନ୍ଦୁଝର ରମେଶଚନ୍ଦ୍ର ନାଏକ ପରିଚାଳନା କରିଥିଲେ।

## ବିପୁଳ ବାଣ ଜବତ

ଯୋଡ଼ା, ୨୫।୯ (ସମିସ): ଯୋଡ଼ା ଥାନା ବିଲେଇପଦାଠାରୁ ପୁଲିସ ବିପୁଳ ପରିମାଣର ବେଆଇନ ବାଣ ଜବତ କରିଥିବା ଜଣାପଡିଛି। ବିଲେଇପଦାଠାରେ ଥିବା ଜୟନ୍ତ ସାହୁ ନାମକ ଦୋକାନୀ ବେଆଇନ ଭାବେ ବିପୁଳ ପରିମାଣରେ ବାଣଗୁଡିକ ବିକ୍ରୟ ପାଇଁ ରଖିଥିବା ବେଳେ ପୁଲିସ ଚଡ଼ଉ କରିଥିଲା। ଏନେଇ ଏକ ମାମଲା ରୁଜୁ କରାଯାଇ ପୁଲିସ ତଦନ୍ତ ଜାରି ରହିଥିବା ଜଣାପଡ଼ିଛି।

# ବ୍ଲକ ଆଗରେ ମିଶନ ଶକ୍ତି ମହିଳାଙ୍କ ଗଣଧାରଣା







ବହଳଦା, ୨୫।୯ (ସମିସ):

ବହଳଦା ଓ ତିରିଂ ବ୍ଲକ ସମ୍ମୁଖରେ ବ୍ଲକର ସମସ୍ତ ଗ୍ରାମପଞ୍ଚାୟତର କମ୍ୟୁନିଟି ସପୋର୍ଟ ଷ୍ଟାଫମାନେ ୨୪ ତାରିଖରୁ ଗଣଧାରଣାରେ ବସିଛନ୍ତି। ଏହି ଗଣଧାରଣା ୨୬ ତାରିଖ ଯାଏ ଚାଲିବ। ରାଜ୍ୟ ସରକାରଙ୍କ ପକ୍ଷରୁ ପ୍ରୋତ୍ସାହନ ଭିତ୍ତିକ ଦରମା ପ୍ରଦାନ ନିଷ୍ପତ୍ତି ବିରୋଧରେ ମହିଳାମାନେ ଗଣ ଧାରଣାରେ ବସିବାକୁ ନିଷ୍ପତ୍ତି ନେଇଛନ୍ତି। ଓଡ଼ିଶାର ସମସ୍ତ ୩୧୪ଟି ବ୍ଲକରେ ମିଶନ ଶକ୍ତିରେ କାର୍ଯ୍ୟରତ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର, କୃଷି ମିତ୍ର ଓ ପ୍ରାଣୀ ମିତ୍ରମାନେ ଜିପିଏଲଏଫ ଅନୁଯାୟୀ ସରକାରଙ୍କ ନୂଆ ପ୍ରସ୍ତାହନ ଭିତ୍ତିକ ଦରମା ପ୍ରଦାନ ବଦଳରେ ନିର୍ଦ୍ଧାରିତ ସ୍ଥାୟୀ ଦରମା ପ୍ରଦାନ ଦାବିରେ ସମସ୍ତ ବ୍ଲକର କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିଛନ୍ତି। ଏହି କ୍ରମରେ ବହଳଦା ବ୍ଲକର ୧୧ଟି ଗ୍ରାମପଞ୍ଚାୟତର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ୍ ଗଣଧାରଣା ଦେଇଛନ୍ତି। ଏହି କର୍ମଚାରୀଙ୍କୁ ୬ମାସରୁ ଊର୍ଦ୍ଧ୍ୱ ହେଲା ଦରମା ମିଳିନାହିଁ। ସରକାର ନିର୍ଦ୍ଧାରିତ ଦରମା ବଦଳରେ ପ୍ରୋତ୍ସାହନଭିତ୍ତିକ ଦରମା ଦେବାକୁ ଚାହୁଁଛନ୍ତି; ଯାହାକି ଆଦୌ ଗ୍ରହଣୀୟ ନୁହେଁ। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଚାଲୁଥିବା ନେଇ ସରକାର ବାହାସ୍ଫୋଟ ମାରୁଥିବା ବେଳେ ଜିପିଏଲଏଫ କର୍ମଚାରୀଙ୍କ ଦରମା ବୃଦ୍ଧି ବଦଳରେ ଦରମା ପ୍ରଥା ଉଚ୍ଛେଦ କରି ପ୍ରୋତ୍ସାହନ ପ୍ରକ୍ରିୟା ଲାଗୁ କରୁଛନ୍ତି; ଯାହାକି ସରକାରଙ୍କ ଜିପିଏଲଏଫ କର୍ମଚାରୀ ମାରଣ ନୀତି ପ୍ରକ୍ରିୟା। ପୂର୍ବରୁ ଏମବିକେ ମାନେ ମାସକୁ ୧୦,୭୫୦ ଟଙ୍କା ଏବଂ ସିଆରପିମାନେ ୬,୧୦୦ ଟଙ୍କା ପାଉଥିଲେ। କିନ୍ତୁ ଏବେ ପ୍ରୋତ୍ସାହନଭିତ୍ତିକ ଦରମା ଲାଗୁ ହେଲେ ନାମକୁ ମାତ୍ର ଦରମା ମିଳିବ ଏବଂ ସ୍ଥିର ଦରମାରୁ ବଞ୍ଚିତ ହେବେ। ତେଣୁ ସରକାରଙ୍କ ପାଖରେ ସେମାନେ ଗୁହାରି କରିଛନ୍ତି ଯେ, ସେମାନଙ୍କୁ ପୂର୍ବଭଳି ସ୍ଥିର ଦରମା ଦିଆଯାଉ। ଯେ ପର୍ଯ୍ୟନ୍ତ ସରକାର ସେମାନଙ୍କ ଦାବି ଗ୍ରହଣ ନ କରିଛନ୍ତି ସେତେଦିନ ପର୍ଯ୍ୟନ୍ତ କାମଛାଡ ଆନ୍ଦୋଳନ ଚାଲୁ ରହିବ ବୋଲି ସଂଘ ପକ୍ଷରୁ କୁହାଯାଇଛି। ସଭାନେତ୍ରୀ ଲକ୍ଷ୍ମୀଲତା ମଣ୍ଡଳଙ୍କ ନେତୃତ୍ୱରେ ଶତାଧିକ ମହିଳା ଧାରଣାରେ ବସିଥିଲେ। ସେହିପରି ତିରିଂବ୍ଲକ କାର୍ଯ୍ୟାଳୟରେ ମଧ୍ୟ ଗଣଧାରଣା ଚାଲିଛି।

**ରାସଗୋବିନ୍ଦପୁର:** ରାସଗୋବିନ୍ଦପୁର ବ୍ଲକର ୧୬ଟି ପଞ୍ଚାୟତର ସମସ୍ତ କମ୍ୟୁନିଟି ସପୋର୍ଟ ଷ୍ଟାଫ ବ୍ଲକ ଆଗରେ ଗଣଧାରଣା ଦେଇଛନ୍ତି। ମିଶନଶକ୍ତି କର୍ମୀ ସଂଘ,ରାସଗୋବିନ୍ଦପୁର ସଭାପତି ପୁଷ୍ପା ଟୁଡୁଙ୍କ ତତ୍ତ୍ୱାବଧାନରେ ପୂର୍ବରୁ ପାଉଥିବା ଦରମା ନ ପାଇବାରୁ ବାରମ୍ବାର ପ୍ରଶାସନ ଓ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ସମାଧାନ କୌଣସି ସ୍ଥାୟୀ ସମାଧାନ କରାଯାଇ ନାହିଁ। ତେଣୁ ଦାବି ପୂରଣ ହେବାଯାଏ ରାସଗୋବିନ୍ଦପୁର ବ୍ଲକ ସଂଘ ତରଫର ବିଡ଼ିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିରହିଥିଲେ।

## ପାର୍ବଣରେ କାମରେ ଲାଗୁନି ସିସିଟିଭି କ୍ୟାମେରା

ଚମ୍ପୁଆ,୨୫।୯ (ସମିସ): ସହରରେ ଅସାମାଜିକ କାର୍ଯ୍ୟକଳାପକୁ ରୋକ ଲଗାଇବା ପାଇଁ ତଥା ସିସିଟିଭି ଫୁଟେଜ ମାଧ୍ୟମରେ ଅସାମାଜିକ ବ୍ୟକ୍ତି ବିଶେଷଙ୍କ ପରିଚୟ ଜାଣିବା ନିମନ୍ତେ ଚମ୍ପୁଆ ମୁଖ୍ୟ ବଜାରରେ ୪୦ରୁ ଊର୍ଦ୍ଧ୍ୱ ସିସି କ୍ୟାମେରା ଚମ୍ପୁଆ ଏନ୍‌ଏସି ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ ଲଗାଯାଇଥିଲା। ଅନେକ ସମୟରେ ନିମ୍ନମାନର ସିସିଟିଭି କ୍ୟାମେରା ପାଇଁ ଅଧାରୁ ଅଧିକ ବନ୍ଦ ରହୁଛି। ଫଳରେ ଏହାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଫଳ ହୋଇପାରୁ ନାହିଁ। ସିସିଟିଭି କ୍ୟାମେରା କାମ କରୁ ନଥିବା ନେଇ ବାରମ୍ବାର ଅଭିଯୋଗ ହୋଇଆସୁଥିଲେ ମଧ୍ୟ ଯେନତେନ ପ୍ରକାରଣ ସାଧାରଣ ମରାମତି କରି ଛାଡିଦିଆଯାଉଥିବାରୁ ଏଭଳି ସମସ୍ୟା ଉପୁଜୁଥିବା ସ୍ଥାନୀୟ ବୁଦ୍ଧିଜୀବୀ ମତ ଦେଇଛନ୍ତି।



କ୍ୟାମେରା ଡିସପ୍ଲେ ବୋର୍ଡ ଚମ୍ପୁଆ ଥାନାରେ ଏକ ସ୍ୱତନ୍ତ୍ର ଘରେ ସ୍ଥାପନ କରାଯାଇଥିଲା। ମାତ୍ର ଅନେକ ସମୟରେ ଅଧାରୁ ଅଧିକ କ୍ୟାମେରା କାମରେ ଲାଗୁନାହିଁ। ଅନ୍ୟପକ୍ଷରେ ଚମ୍ପୁଆ ସହରଟି ଏକ ସୀମାବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ମାତ୍ର ୨୦୦ ମିଟର ଦୂରରେ ଝାଡଖଣ୍ଡ ରାଜ୍ୟ ଅବସ୍ଥିତ ରହିଛି। ଅନୁପ୍ରବେଶ ତଥା ଅସାମାଜିକ ବ୍ୟକ୍ତି ବିଶେଷଙ୍କୁ ଠାବ କରିବା ସହିତ ଏଠାର ଆଇନଶୃଙ୍ଖଳା ପରିସ୍ଥିତିକୁ ସୁଧାର ଆଣିବା ପାଇଁ ଏହା ଏକ ବ୍ୟବସ୍ଥା ରହିଛି। ଫଳରେ ପୋଲିସ ପ୍ରଶାସନକୁ କାର୍ଯ୍ୟ କରିବାରେ ସହଜ ଓ ସରଳ ହୋଇପାରିବ ବୋଲି ଏହି ବ୍ୟବସ୍ଥା କରାଯାଇଥିଲା। ଏହାଦ୍ୱାରା ପୁଲିସ ପ୍ରଶାସନ ୨୪ ଘଣ୍ଟିଆ ସହର ଉପରେ ନଜର ରଖିପାରିବେ। ମାତ୍ର ବର୍ତ୍ତମାନ ଅନେକ କ୍ୟାମେରା କାମ ଦେଉନଥିବାରୁ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିବା କଷ୍ଟ ହୋଇପଡିଲାଣି। ଅନ୍ୟପକ୍ଷରେ ଅନେକ କ୍ୟାମେରା ବନ୍ଦ ପଡିଥିବାରୁ ଚମ୍ପୁଆ ପୋଲିସ ପ୍ରଶାସନ ପକ୍ଷରୁ ଏନ୍‌ଏସି କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ କ୍ୟାମେରା ସଜଡା ହୋଇପାରିଲା ନାହିଁ। ବର୍ତ୍ତମାନ ପାର୍ବଣ ଋତୁ ଆରମ୍ଭ ହୋଇଯାଇଥିବା ବେଳେ ବ୍ୟବସାୟିକ ପେଣ୍ଠସ୍ଥଳ ଭାବେ ପରିଚିତ ଚମ୍ପୁଆ ବଜାରରେ ଦୈନିକ ହଜାର ହଜାର ଗ୍ରାହକଙ୍କ ଭିଡ଼ ଲାଗିବା ସହିତ ୨ ଚକିଆଠାରୁ ଆରମ୍ଭ କରି ବଡ ବଡ ଯାନ ବହୁ ସଂଖ୍ୟାରେ ଚଳାଚଳ କରୁଛି। କ୍ୟାମେରା ବନ୍ଦ ରହିଥିବାରୁ ଏଥିପ୍ରତି ନଜର ରଖିବା ସମ୍ଭବ ହୋଇପାରୁ ନାହିଁ। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଜଗନ୍ନାଥ ବେହେରାଙ୍କୁ ପଚାରିବାରୁ ପୂର୍ବରୁ ଏହାକୁ ସଜଡା ହେଉଛି ଏବଂ ଖୁବଶୀଘ୍ର ଏହା ସଜଡା ହୋଇ ପୁଣି କାର୍ଯ୍ୟକ୍ଷମ ହେବ ବୋଲି ସେ ସୂଚନା ଦେଇଛନ୍ତି।

## ବିଶୋଇରେ ବ୍ଲକସ୍ତରୀୟ ଜନଶୁଣାଣି ଶିବିର

ବିଶୋଇ,୨୫।୯ (ସମିସ): ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ଓ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ୨୦୧୩ର ବ୍ଲକ ସ୍ତରୀୟ ଜନଶୁଣାଣି ଶିବିର ବିଶୋଇ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ




ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୦୨୪-୨୦୨୫ (୧ମ ପର୍ଯ୍ୟାୟ)ର ସାମାଜିକ ସମୀକ୍ଷା ଅବଧି ୨୦୨୪ ବର୍ଷ ଅକ୍ଟୋବର ୧ ତାରିଖରୁ ୨୦୨୫ ବର୍ଷ ମାର୍ଚ୍ଚ ୩୧ ତାରିଖ ପର୍ଯ୍ୟନ୍ତ ମନରେଗା କର୍ଯ୍ୟର ସମୀକ୍ଷା କରାଯାଇଥିଲା। ଏପିଓ ତୁଷାରକାନ୍ତ ମହାନ୍ତଙ୍କ ସଂଯୋଜନା ତଥା ବିଡ଼ିଓ ସାଗର ଚନ୍ଦ୍ର ମୁର୍ମୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ସୁଚାରୁ ବଳ ଏବଂ ସମ୍ମାନିତ ଅତିଥି ଭାବରେ ବ୍ଲକ ଉପାଧ୍ୟକ୍ଷ ଚନ୍ଦ୍ରମୋହନ ଗିରି, ଜିଲ୍ଲା ପରିଷଦ ସଦସ୍ୟା ବିଦ୍ୟୁସ୍ମିତା ଦେଓ, ସହକାରୀ ନିର୍ବାହୀ ଯନ୍ତ୍ରୀ ତପନ କୁମାର ପଲେଇ ଉପସ୍ଥିତ ଥିଲେ। ଏପିଓ ଶ୍ରୀ ମହାନ୍ତ ପ୍ରଥମେ ପ୍ରତ୍ୟେକ ପଞ୍ଚାୟତର ମନରେଗା ଯୋଜନାର କାର୍ଯ୍ୟ ସମୀକ୍ଷା କରିଥିଲେ। ବ୍ଲକର ୧୩ଟି ପଞ୍ଚାୟତ ଗସ୍ତ କରି ମହିଳା ଭିଆରପି ସମୀକ୍ଷିକାମାନେ ସେମାନଙ୍କ ଗସ୍ତ ବିବରଣୀ ଉପସ୍ଥାପନ କରିଥିଲେ। ମନରେଗା ଯୋଜନାରେ ମୋଟ ୬୫ ଗୋଟି କାର୍ଯ୍ୟର ବିଭିନ୍ନ ସମସ୍ୟା ନେଇ ବିଶୋଇ ବ୍ଲକ ସାମାଜିକ ସମୀକ୍ଷିକା କବିତା ପାତ୍ର ଶୁଣାଣି କରିଥିଲେ। ଏହି ସମସ୍ତ ସମସ୍ୟାର ସମୀକ୍ଷା କରାଯିବା ସହିତ ଏହାର ତୁରନ୍ତ ସମାଧାନ ପାଇଁ ଅତିରିକ୍ତ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ବ୍ଲକରେ ୧୪ ହଜାର ୩୩୩ ଜଣ ଜବକାର୍ଡଧାରୀ ଅଛନ୍ତି। ସେହିପରି ବ୍ଲକରେ ୨ ହଜାର ୩୦୭ ପ୍ରକଳ୍ପ କାର୍ଯ୍ୟ ଚାଲିଥିବା ବେଳେ ୨୦୨୪/୨୫ ଆର୍ଥିକ ବର୍ଷ ପାଇଁ ବ୍ଲକରେ ମୋଟ ୨ ଲକ୍ଷ ୬୧ ହଜାର ୫୩୭ ଶ୍ରମଦିବସ ସୃଷ୍ଟି ହୋଇଛି। ଏଥିନିମନ୍ତେ ୧୦ କୋଟି ୪ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇଛି।

## ମହୁଲି ମଦ ଜବତ; ଜଣେ ଗିରଫ


ମହୁଲଡିହା, ୨୫।୯ (ସମିସ): ଠାକୁରମୁଣ୍ଡା ଅବକାରୀ ଥାନା ଚଢଉ କରି ସୁଦର୍ଶନପୁର ଓ ମାଙ୍କଡ଼ ବେଢ଼ା ଗ୍ରାମରୁ ୪୦ ଲିଟର ମହୁଲି ମଦ ଜବତ କରିବା ସହିତ ଜଣକୁ ଗିରଫ କରିଛି। ଚମ୍ପାଝର ଗ୍ରାମ ପଞ୍ଚାୟତ ସୁଦର୍ଶନପୁର ଜଙ୍ଗଲରେ ଚଢ଼ାଉ କରି ୨୫୦୦ କିଗ୍ରା ମହୁଲପୋଚ ନଷ୍ଟ କରିବା ସହ ୪୦ ଲିଟର ମହୁଲି ମଦ ଜବତ କରିଛି ଅବକାରୀ ବିଭାଗ। ସେହିପରି ମାଙ୍କଡବେଢା ଗ୍ରାମରେ ଚଢ଼ଉ କରି ଚୋରା ମଦ ବିକ୍ରି କରୁଥିବା ବେଳେ ରାମଚନ୍ଦ୍ର ସଏ (୪୦)ଙ୍କ ବାଡ଼ିରୁ ୧୮ ଲିଟର ମହୁଲି ମଦ ଜବତ କରି ଥାନାକୁ ଆଣିଛି ଅବକାରୀ ବିଭାଗ। ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## କାର୍ ଧକ୍କାରେ ଯୁବକ ମୃତ

ବୈଶିଙ୍ଗା, ୨୫।୯ (ସମିସ): ଅଜାଡିହ ଛକରେ ଗୁରୁବାର ସକାଳେ ଏକ କାର୍ ଦୁଇଜଣ ପଥଚାରୀଙ୍କ ଉପରେ ମାଡି ଯିବାରୁ ଜଣଙ୍କ ମୃତ୍ୟୁ ଘଟିବା ସହିତ ଅନ୍ୟ ଜଣେ ସାମାନ୍ୟ ଆହତ ହୋଇଛନ୍ତି। ମୃତକ ଜଣକ ହେଉଛନ୍ତି ଅଜାଡିହ ଗାଁର ସ୍ୱର୍ଗତ ଚୁରିଆ ସୋରେନଙ୍କ ପୁଅ ଶିବୁ ସୋରେନ। ସୂଚନା ମୁତାବକ ଶିବୁ ସୋରେନ ଗ୍ରାମର ରାଇତୋ ଟୁଡୁଙ୍କ ପୁଅ ଲିଟା ଟୁଡୁଙ୍କ ସହିତ ପ୍ରାତଃ ଭ୍ରମଣରେ ଯାଇଥିଲେ। ଜାତୀୟ ରାଜପଥ ପାର୍ଶ୍ୱରେ ଚାଲି ଚାଲି ଯାଉଥିବା ବେଳେ ଅଜାଡିହଠାରେ ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଲିଟା ଦୂରକୁ ଛିଟିକି ପଡି ଖଣ୍ଡିଆ ଖାବରା ହୋଇଥିବାବେଳେ ଶିବୁ ଉପରେ ଟ୍ରକ ମାଡି ଯାଇଥିଲା। ପରେ କାରଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଗ୍ରାମବାସୀ ଶିବଙ୍କୁ ଉଦ୍ଧାର କରି ବେତନଟୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ; ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

## ୮୨ ବର୍ଷରେ ବସ୍‌ଷ୍ଟାଣ୍ଡ ସାର୍ବଜନୀନ ଦୁର୍ଗାପୂଜା

ବେତନଟୀ, ୨୫।୯ (ସମିସ): ବେତନଟୀ ରେଳ ଷ୍ଟେସନ ନିକଟ ତଥା ପୁରୁଣା ବସଷ୍ଟାଣ୍ଡ ପରିସରରେ ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୮୨ ବର୍ଷରେ ପଦାର୍ପଣ କରିଛି। ବେତନଟୀର କେତେକ ବଦାନ୍ୟ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଏହି ସାର୍ବଜନୀନ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଥିଲା। ଚଳିତବର୍ଷ ଅତ୍ୟାଧୁନିକ ତୋରଣ ସାଙ୍ଗକୁ ଆଧୁନିକ ଆଲୋକମାଳାରେ ସୁସଜ୍ଜିତ ତୋରଣ ଆକର୍ଷଣୀୟ ହେବ। ମାଆଙ୍କ ଆକର୍ଷଣୀୟ ମୃଣ୍ମୟ ମୂର୍ତ୍ତି ବେଶ ମନଲୋଭା ହୋଇଥାଏ। ଦୁର୍ଗାପୂଜା ଅବସରରେ ମେଳା ଆୟୋଜିତ ହୋଇଥାଏ। ମେଳାରେ ରାଜ୍ୟର ବଡ଼ ବଡ଼ ଯାତ୍ରାଦଳ ଯାତ୍ରା ପରିବେଷଣ କରିବା ସହ ଉଠା ଦୋକାନୀଙ୍କ ସମାବେଶ ମେଳାର ଶ୍ରୀବୃଦ୍ଧି କରିଥାଏ। ଚଳିତବର୍ଷ ବସଷ୍ଟାଣ୍ଡ ତୋରଣକୁ ନାଗାର୍ଜୁନ ମନ୍ଦିର ସଦୃଶ ସଜ୍ଜିତ କରାଯାଇଛି। ମାଆଙ୍କ ପୂଜା ପାରମ୍ପରିକ ନୀତି ନିୟମ ଅନୁଯାୟୀ ଅଭିଜ୍ଞ ବ୍ରାହ୍ମଣଙ୍କ ଦ୍ୱାରା ସମ୍ପନ୍ନ ଚଳିତବର୍ଷ ପୂଜା କମିଟିର ସଭାପତି ଚିତ୍ତରଞ୍ଜନ ମହାନ୍ତି, ସାଧାରଣ ସମ୍ପାଦକ ସ୍ୱାଧୀନ ଶର୍ମା ଓ କୋଷାଧ୍ୟକ୍ଷ ଭାବେ ଭାଗବତ ସାହୁ ମନୋନୀତ ହୋଇଛନ୍ତି।



## ପାର୍ବଣର ଆଗମନୀ ବାର୍ତ୍ତା ଆଣିଛି କାଶତଣ୍ଡୀ

ଖୁଣ୍ଟି, ୨୫।୯ (ସମିସ): ଶରତ ଋତୁର ଆଗମନରେ ଶସ୍ୟଶ୍ୟାମଳା ସାଜିଛି ଧରଣୀ ରାଣୀ। ସୁନୀଳ ଆକାଶରେ ଭସା ବାଦଲର ମନଜିଣା ମନୋହର ରୂପ, ପ୍ଳାବିତ ଜଳଧାରାର ସ୍ୱଚ୍ଛତା, ବାୟୁମଣ୍ଡଳରେ ନିର୍ମଳତା, ମେଘମୁକ୍ତ ତାରକା ଖଚିତ ଜ୍ୟୋତ୍ସ୍ନାଭିଜା ରଜନୀର ଧବଳ ରୂପ ବୈଭବ, ବଗିଚାରେ ନାନା ଜାତି ଫୁଲର ଅପୂର୍ବ ସମ୍ଭାର ସୂଚେଇ ଦିଏ ପାର୍ବଣର ଋତୁ। ଜଳ-ସ୍ଥଳ-ଆକାଶ ଶାରଦୀୟ ସ୍ପର୍ଶରେ ସମ୍ମୋହିତ। ନଈପଠା ଠାରୁ ଆରମ୍ଭ କରି ଶସ୍ୟକ୍ଷେତ, ବିଲ ହୁଡା, ପଥ ପ୍ରାନ୍ତ ସବୁଠି କାଶତଣ୍ଡୀର ଶୁଦ୍ଧ ଶୁଭ୍ର ବିକାଶ। ସତେ ଯେପରି ସବୁଜ ଧରିତ୍ରୀ ଢାଙ୍କି ହୋଇଛି ଧଳା ଫରଫର ରେଶମୀ ଚାଦରଟିଏ। ବିଭିନ୍ନ ଅଞ୍ଚଳ ଭଳି ବିଶେଷତଃ ମୟୂରଭଞ୍ଜ ଜିଲ୍ଲା ଖୁଣ୍ଟି ପାର୍ଶ୍ୱବର୍ତ୍ତୀ ବୈତରଣୀ ଓ ଖଇର ଭଣ୍ଡନୀ ନଦୀ ପଠାରେ ପ୍ରସ୍ଫୁଟିତ କାଶତଣ୍ଡୀର ରୂପ ଲାବଣ୍ୟରେ କବି, ଭାବୁକଠାରୁ ଆରମ୍ଭ କରି ପ୍ରକୃତିପ୍ରେମୀ, ପଥଚାରୀ ସଭିଏଁ ଆନମନା ହୋଇ ଘଡିଏ ଅଟକି ଯାଉଛନ୍ତି। ଶାରଦୀୟ ପ୍ରକୃତିର ଏଇ କାନ୍ତ କମନୀୟ ପରିବେଶ ଭିତରେ ଦୁର୍ଗତିନାଶିନୀ, ମହିଷାମର୍ଦ୍ଦିନୀ, ଶକ୍ତି ସ୍ୱରୂପାଙ୍କ ଧରାବତରଣର ଶୁଭ ସମୟ ଉପଗତ ଜାଣି ସତେ ଯେପରି ତାଙ୍କ ଚାମର ସେବା ପାଇଁ ଭକ୍ତି ଓ ନିଷ୍ଠାରେ ପ୍ରତୀକ୍ଷା କରିଛି କାଶତଣ୍ଡୀ।



## ଜାଲରୁ ୧୨ ଫୁଟିଆ ଅଜଗର ଉଦ୍ଧାର

ରାଇରଙ୍ଗପୁର,୨୫।୯ (ସମିସ): ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ ଅନ୍ତର୍ଗତ ଭାଲୁବସା ପଞ୍ଚାୟତର ସୁନାପୋଷି ଗ୍ରାମର ପିଥ ମୁର୍ମୁ ପ୍ରବଳ ବର୍ଷା ହେଉଥିବା ଯୋଗୁଁ ସେ ଉଠାଣି ମାଛ ଧରିବା ପାଇଁ ଏକ ବିଲରେ ଜାଲ ବସାଇଥିଲେ। ସେ ଖରାବେଳେ ବିଲରେ ଯାଇ ଦେଖିଲା ବେଳକୁ ଏକ ବିଶାଳକାୟ ପ୍ରାୟ ୧୨ ଫୁଟିଆ ଅଜଗର ଜାଲରେ ପଡି ଛଟପଟ ହେଉଥିଲା। ପରେ ସେ ଗ୍ରାମବାସୀ ଏବଂ ବନବିଭାଗକୁ ଜଣାଇଥିଲେ। ରାଇରଙ୍ଗପୁର ବନ୍ୟାଞ୍ଚଳ ଅଧିକାରୀ ଜ୍ୟୋତିରଞ୍ଜନ ସେନାପତି ଓ ବନ କର୍ମଚାରୀ ପହଞ୍ଚି ଅଜଗରକୁ ଉଦ୍ଧାର କରି ଦୁବୁଲାବେଡା ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ।




### ବୋଦାପଳସା ଆଦର୍ଶ ବିଦ୍ୟାଳୟରେ ଅବ୍ୟବସ୍ଥା

# ଉଚ୍ଚକର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ ଅଭିଭାବକ

କେନ୍ଦୁଝର, ୨୫।୯ (ସମିସ):

କେନ୍ଦୁଝର ସଦର ବ୍ଲକ ବୋଦାପଳସା ଆଦର୍ଶ ବିଦ୍ୟାଳୟରେ ଶିକ୍ଷକମାନଙ୍କ ଦ୍ୱାରା ଲାଗି ରହିଥିବା ବିବିଧ ଅନିୟମିତତା ଓ ବିପର୍ଯ୍ୟସ୍ତ ଶିକ୍ଷାଦାନରେ ଅତିଷ୍ଠ ଅଭିଭାବକ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଅତୀତରେ କେନ୍ଦୁଝର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ, କୌଣସି ସମାଧାନ ହୋଇପାରି ନାହିଁ। ସେମାନେ ଉଲ୍ଲେଖ କରିଛନ୍ତି ଯେ ବିଭାଗୀୟ ପରିଚାଳନାଗତ ଅବ୍ୟବସ୍ଥା ପିଲାଙ୍କ ମାନସିକ ଅବସ୍ଥାକୁ ରୁଗ୍ଣ କରିବା ସହ ସେମାନଙ୍କୁ ଚିନ୍ତାଗ୍ରସ୍ତ କରୁଛି।





କେତେକ ଶିକ୍ଷକ-ଶିକ୍ଷିକା ନିର୍ଦ୍ଧାରିତ ସମୟରେ ବିଦ୍ୟାଳୟରେ ଉପସ୍ଥିତ ନ ରହିବା, ବିଶେଷ କରି କମ୍ପ୍ୟୁଟର ଶିକ୍ଷକ ଓ ଇଂରାଜୀ ଶିକ୍ଷୟିତ୍ରୀଙ୍କ ବିଳମ୍ବିତ ଉପସ୍ଥିତି ନିତିଦିନିଆ ଘଟଣା। ସଂପୃକ୍ତ କମ୍ପ୍ୟୁଟର ଶିକ୍ଷକ ସ୍ମାର୍ଟବୋର୍ଡ ଖୋଲିଦେଇ ବାହାରେ ଅନ୍ୟ ସହକର୍ମୀଙ୍କ ସହିତ ଖୁସିଗପ କରୁଥିବାରୁ ପିଲାମାନେ ପାଠପଢାରୁ ବଞ୍ଚିତ ହୋଇ ଆସୁଛନ୍ତି। ମଧ୍ୟାହ୍ନ ଭୋଜନ ପ୍ରଦାନବେଳେ ସଠିକ ଢଙ୍ଗରେ ପିଲାଙ୍କୁ ଖାଦ୍ୟ ଖୁଆଇବା ସମ୍ପର୍କରେ ବହୁ ଅନିୟମିତତାକୁ ଅଭିଭାବକ ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବା ପରେ ଜିଲ୍ଲାପାଳ ଏହି ବିଦ୍ୟାଳୟ ପରିଦର୍ଶନରେ ଆସି ପଦକ୍ଷେପ ନେବାକୁ ଅଧ୍ୟକ୍ଷଙ୍କୁ ପରାମର୍ଶ ଦେଇଥିଲେ। ଏ ଦିଗରେ ଅବହେଳା କରୁଥିବାର ଅଭିଯୋଗ ହୋଇଥିବାରୁ ଅଧ୍ୟକ୍ଷ କାରଣ ଦର୍ଶାଅ ନୋଟିସ୍ ଜାରି କରିଥିଲେ। ମାତ୍ର ସଂପୃକ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଏହାର ଉତ୍ତର ନଦେଇ ଅଧ୍ୟକ୍ଷଙ୍କ ଉପରେ ଦାଉ ସାଧିଥିଲେ। ଏତେ ସବୁ ପରେ ବି ଏହି ଶିକ୍ଷକ-ଶିକ୍ଷୟିତ୍ରୀ ନିଜକୁ ନସୁଧାରି ଅଧ୍ୟକ୍ଷ ଏବଂ ପୂର୍ବତନ ଭାରପ୍ରାପ୍ତ ଅଧ୍ୟକ୍ଷଙ୍କ ବିରୋଧରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକ ନିକଟରେ ପାଲଟା ଅଭିଯୋଗ କରିଛନ୍ତି। ଏଠାରେ ଅବସ୍ଥାପିତ ଥିବା ଟିଜିଟି କମ୍ପ୍ୟୁଟର ଶିକ୍ଷକ ଓ ତାଙ୍କର ଶିକ୍ଷିକା ପତ୍ନୀ (ପିଜିଟି ଇଂରାଜୀ) ଓ ଟିଜିଟି ଏସଏସଟି ମଧ୍ୟ ମନମାନି କରୁଥିବା ଅବିଭାବକ ଅଭିଯୋଗ କରିଛନ୍ତି। ଏପରିକି ପିଲାଙ୍କୁ ଧମକ ଚମକ ଦେଉଥିବା ଅଭିଯୋଗ ହୋଇଛି। ସଂପୃକ୍ତ କର୍ମଚାରୀଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରା ନ ଗଲେ ଅଭିଭାବକମାନେ ପିଲାଙ୍କ ଟିସି ନେଇ ଯିବାକୁ ଚେତାବନୀ ଦେଇଛନ୍ତି। ତେବେ ଅବିଭାବକଙ୍କ ଅଭିଯୋଗ ଭିତ୍ତିରେ ଆଦର୍ଶ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କର ମତାମତ ମିଳିନାହିଁ।

# ସଙ୍କଟରେ ହିମାଳୟ କ୍ଷେତ୍ର

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ହିମାଳୟ କ୍ଷେତ୍ରରେ ଅର୍ଥାତ ପାଦ ଦେଶରେ ଥିବା ରାଜ୍ୟଗୁଡିକର ଅସ୍ତିତ୍ୱ ଏବେ ସଙ୍କଟରେ ପଡ଼ିଛି ବୋଲି ସୁପ୍ରିମକୋର୍ଟ ହୃଦୟଙ୍ଗମ କରିଛନ୍ତି। ଏହି ରାଜ୍ୟଗୁଡିକରେ ପରିବେଶ ଜନିତ ସନ୍ତୁଳନ ନେଇ କୋର୍ଟ ବାରମ୍ବାର ଚିନ୍ତା ପ୍ରକଟ କରି ଆସିଛନ୍ତି। ହିମାଳୟ କ୍ଷେତ୍ରରେ ୧୩ଟି ରାଜ୍ୟ ଅବସ୍ଥାନ କରୁଛି। ଏଗୁଡିକ ହେଲା ଜମ୍ମୁ-କଶ୍ମୀର, ଲାଦାଖ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ, ଅରୁଣାଚଳ ପ୍ରଦେଶ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ,

## ଗୋଟିଏ ବର୍ଷରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରାକୃତିକ ବିପର୍ଯ୍ୟୟ
## ପ୍ରାଣ ହରାଇଲେଣି ୬୨୬, ଶତାଧିକ ନିଖୋଜ
## ହଜାର ହଜାର କୋଟିର କ୍ଷତି



ତ୍ରିପୁରା, ଆସାମ ଓ ପଶ୍ଚିମବଙ୍ଗର କିଛି ଅଂଶ। ଏହି ରାଜ୍ୟଗୁଡିକର ମୋଟ୍ ସୀମା ୨୫୦୦ କିଲୋମିଟର। ଏହାକୁ ଭାରତର 'ଜଳ ମୀନାର' ବୋଲି କୁହାଯାଇଥାଏ। କାରଣ ଏହି ରାଜ୍ୟ ତଥା ହିମାଳୟ କ୍ଷେତ୍ରରୁ ବଡ଼ ବଡ଼ ନଦୀଗୁଡିକ ବାହାରିଥାଏ। ଚଳିତ ବର୍ଷ ଏହି କ୍ଷେତ୍ରରେ ୧୦୦ରୁ ଉର୍ଦ୍ଧ୍ୱ ପ୍ରାକୃତିକ ବିପଦ ଆସିଛି। ଖାସ୍ କରି ଉତ୍ତରାଖଣ୍ଡ, ହିମାଚଳ, ଜମ୍ମୁ-କଶ୍ମୀରରେ ବହୁତ କ୍ଷୟକ୍ଷତି ହେବା ସହ ଧନଜୀବନ ହାନି ହୋଇଛି। ମୋଟ ଉପରେ ଏହି ଅଞ୍ଚଳରେ ଚଳିତବର୍ଷ ଏପର୍ଯ୍ୟନ୍ତ ୬୨୬ଜଣ ମୃତ୍ୟୁବରଣ କରିଛନ୍ତି। ବିଭିନ୍ନ ପାକୃତିକ ବିପର୍ଯ୍ୟୟ ପାଇଁ ସୁପ୍ରିମକୋର୍ଟ ଖାସ୍ କରି ହିମାଚଳ ପ୍ରଦେଶର ସରକାରଙ୍କୁ କେତୋଟି ପ୍ରଶ୍ନ ପଚାରିଛନ୍ତି। ଜଷ୍ଟିସ ବିକ୍ରମ ନାଥ ଓ ସଞ୍ଜୀବ ମେହେଟାଙ୍କ ବେଞ୍ଚ୍ କହିଛନ୍ତି ଯେ, ଏଥର ମୌସୁମୀରେ ହିମାଚଳରେ ପ୍ରବଳ ବର୍ଷା ଓ ଭୂସ୍ଖଳନ କାରଣରୁ ଶହଶହ ଲୋକଙ୍କର ଜୀବନ ଯାଇଛି ଓ ହଜାର ହଜାର ଲୋକଙ୍କର କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ହିମାଚଳର ପରିବେଶ ବହୁତ ନକରାତ୍ମକ ଭାବେ ପ୍ରଭାବିତ ହୋଇଛି ବୋଲି ଏହି ବିପର୍ଯ୍ୟୟରୁ ପ୍ରମାଣିତ ହୋଇଛି।

ସମ୍ପୂର୍ଣ୍ଣ ହିମାଳୟ କ୍ଷେତ୍ର ଗମ୍ଭୀର ସଙ୍କଟରେ ରହିଛି। ଲଗାତର ଭାବେ ହେଉଥିବା ଭୂସ୍ଖଳନ, ଘର ଭୁଶୁଡିବା, ସଡ଼କ ଦବିବା ଭଳି ଘଟଣା ପାଇଁ ପ୍ରକୃତିକୁ ନୁହଁ ବରଂ ମଣିଷକୁ ଦାୟୀ କରାଯାଇଛି। ବିଶେଷଜ୍ଞଙ୍କ ରିପୋର୍ଟର ଦ୍ୱାହି ଦେଇ କୋର୍ଟ ହିମାଚଳର ବିପର୍ଯ୍ୟୟ ପାଇଁ ଜଳବିଦ୍ୟୁତ ପ୍ରକଳ୍ପ, ଫୋରଲେନ୍ ସଡ଼କ, ଜଙ୍ଗଲ କାଟିବା ଓ ବହୁତଳ ବିଶିଷ୍ଟ କୋଠା ଯଥା ହୋଟେଲ, ଗେଷ୍ଟ ହାଉସ୍ ଓ ଶିଳ୍ପପ୍ରତିଷ୍ଠାନ ନିର୍ମାଣକୁ ଦାୟୀ କରିଛନ୍ତି। ଏହି କାରଣଗୁଡିକ ନେଇ କୋର୍ଟ ରାଜ୍ୟ ସରକାରଙ୍କୁ ବିଭିନ୍ନ ପରିସଂଖ୍ୟାନ ଭିତ୍ତିକ ପ୍ରଶ୍ନ ପଚାରିଛନ୍ତି। ଅକ୍ଟୋବର ୨୮ ପର୍ଯ୍ୟନ୍ତ ସରକାରଙ୍କୁ ଏ ନେଇ ଉତ୍ତର ଦେବାକୁ କୁହାଯାଇଛି। ହିମାଚଳରେ ଏବେ ୧୭ ହଜାର ୧୨୦ ଭୂସ୍ଖଳନ ପ୍ରବଣ କ୍ଷେତ୍ର ରହିଛି। ଏଥିମଧ୍ୟରୁ ୬୭୫ଟି କ୍ଷେତ୍ର ଜନବସତି ନିକଟରେ ରହିଛି। ହିମାଚଳର ଚମ୍ବା, ମଣ୍ଡି, କାଂଗ୍ରା, ଲାହଉଲ ଓ ସ୍ପିଟି, ଉନା, କୁଲ୍ଲୁ, ଶିମଳା, ସୋଲାନ, ବିଳାଶପୁର, ସରମରପୁର ଓ କିନ୍ନାଉରର ବହୁ ଅଞ୍ଚଳ ହାଇରିସ୍କ ଜୋନ୍ ଅର୍ଥାତ ବିପଜ୍ଜନକ ବିବେଚିତ ହେଉଛି।

ତେବେ ପର୍ଯ୍ୟଟନ ହେଉଛି ହିମାଚଳର ଆୟର ସବୁଠାରୁ ବଡ଼ ଉତ୍ସ ବୋଲି କୋର୍ଟ ସ୍ୱୀକାର କରିଛନ୍ତି। କିନ୍ତୁ ଅନିୟନ୍ତ୍ରିତ ପର୍ଯ୍ୟଟନ ଓ ବିକାଶ କାରଣରୁ ବିପର୍ଯ୍ୟୟ ସୃଷ୍ଟି ହେଉଛି ବୋଲି ଆମକୁ ଗ୍ରହଣ କରିବାକୁ ହେବ। ରାଜ୍ୟର ପର୍ଯ୍ୟଟନ ଓ ପର୍ଯ୍ୟାବରଣ ମଧ୍ୟରେ ସନ୍ତୁଳନ ରହିବା ଆବଶ୍ୟକ। ପୂର୍ବରୁ ମଧ୍ୟ କୋର୍ଟ ଏ ନେଇ ଚେତାବନୀ ଦେଇଥିଲେ ଓ ହିମାଚଳ ଦେଶର ମାନଚିତ୍ରରୁ ଗାଏବ ହୋଇଯିବ ବୋଲି କହିଥିଲେ। ତେଣୁ ବେଳ ଥାଉଥାଉ ଗଠନମୂଳକ ପଦକ୍ଷେପ ନିଆଯିବା ଉପରେ କୋର୍ଟ ଗୁରୁତ୍ୱ ଦେଇଛନ୍ତି।

## ଲଦାଖ ହିଂସା ପଛରେ ୱାଙ୍ଗଚୁକଙ୍କ ହାତ

ଲେହ, ୨୫।୯ (ଏଜେନ୍ସି): ଲଦାଖରେ ଗୁରୁବାର ହୋଇଥିବା ହିଂସାତ୍ମକ ଆନ୍ଦୋଳନ ଏବେ ନୂଆ ମୋଡ଼ ନେଇଛି। ଏହି ହିଂସାରେ ଜଳବାୟୁ କର୍ମୀ ତଥା ଶିକ୍ଷା ସଂସ୍କାରକ ସୋନମ ୱାଙ୍ଗଚୁକଙ୍କ ହାତ ରହିଛି ବୋଲି କେନ୍ଦ୍ର କହିଛନ୍ତି। ହିଂସା ପାଇଁ ସେ ଛାତ୍ରମାନଙ୍କ ଭିଡକୁ ଉସୁକାଇଥିଲେ ବୋଲି ଅଭିଯୋଗ ହୋଇଛି। ଏହି ହିଂସାରେ ୪ ଜଣ ମୃତ୍ୟୁବରଣ କରିଥିବା ବେଳେ ୭୦ ଜଣ ଆହତ ହୋଇଥିଲେ। କିନ୍ତୁ ୱାଙ୍ଗଚୁକ୍ ଏହାକୁ ଖଣ୍ଡନ କରିଛନ୍ତି। ମୋତେ ବଳିର ବୋଦା ବନା ଯାଇଛି ବୋଲି ସେ କହିଛନ୍ତି। କେନ୍ଦ୍ର ସରକାର ମଧ୍ୟ ୱାଙ୍ଗଚୁକଙ୍କ ଷ୍ଟୁଡେଣ୍ଟସ ଏଜୁକେଶନାଲ ଆଣ୍ଡ କଲଚରାଲ ମୁଭମେଣ୍ଟ ଅଫ୍ ଲଦାଖ (ଏସ୍ଇସିଏମ୍ଓଏଲ୍)ର ଏଫ୍ସିଆରଏ ଲାଇସେନ୍ସକୁ ରଦ୍ଦ କରିଛନ୍ତି। ଏହି ଲାଇସେନ୍ସ ମାଧ୍ୟମରେ ତାଙ୍କ ଏନ୍ଜିଓକୁ ପାଣ୍ଠି ଆସୁଥିଲା। ୱାଙ୍ଗଚୁକ୍ ଏଫ୍ସିଆରଏ ନିୟମର ଉଲ୍ଲଂଘନ କରିଛନ୍ତି ବୋଲି କେନ୍ଦ୍ର କହିଛି। ଏନ୍ଜିଓର ବ୍ୟାଙ୍କ ଆକାଉଣ୍ଟରୁ ଫଣ୍ଡ ଟ୍ରାନ୍ସଫର ହୋଇଛି ଓ ଏହା ଫେମା ନିୟମର ଉଲ୍ଲଂଘନ କରୁଛି ବୋଲି କୁହାଯାଇଛି। ତେଣୁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ସୋନମଙ୍କ ଏହି ଏନ୍ଜିଓକୁ ନୋଟିସ ପଠାଇଛି।

## ମୋ ବିରୋଧରେ ୩ଟି ଷଡ଼ଯନ୍ତ୍ର ହୋଇଛି: ଟ୍ରମ୍ପ

ନ୍ୟୁୟର୍କ, ୨୫।୯ (ଏଜେନ୍ସି): ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣିଥରେ ଜାତିସଂଘ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଜାତିସଂଘ ମହାସଭାର ୮୦ତମ ସଂସ୍କରଣ ଅବସରରେ ତାଙ୍କ ବିରୋଧରେ ୩ଟି ଷଡ଼ଯନ୍ତ୍ର କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ତେଣୁ ଜାତିସଂଘକୁ ଲଜ୍ଜା ଲାଗିବା ଆବଶ୍ୟକ ବୋଲି ସେ କହିଛନ୍ତି। ଗୋଟିଏ,




ଦୁଇଟି ନୁହଁ ମୋ ସହିତ ୩ଟି ସନ୍ଦିଗ୍ଧ ଘଟଣା ହୋଇଛି ବୋଲି ସେ ସୋସିଆଲ ମିଡିଆ ପ୍ଲାଟଫର୍ମ ଟ୍ରୁଥ ସୋସିଆଲରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି। ସେ ଏହି ୩ଟି ଘଟଣା ଉପରେ ଆଲୋକପାତ କରିଛନ୍ତି। ୩ଟି ଘଟଣା ହେଲା ସେ ଭାଷଣ ଦେବା ଅବସରରେ ଟେଲି ପ୍ରିଣ୍ଟର ବନ୍ଦ ହେବା, ଟେଲି ପ୍ରିଣ୍ଟର ଖରାପ ହେବା ଓ ଭାଷଣ ପରେ ହଲ୍‌ରେ ସାଉଣ୍ଡ ସିଷ୍ଟମ ଖରାପ ହେବା। ଏହାଦ୍ୱାରା ଅନ୍ୟ ନେତାମାନଙ୍କୁ ଟ୍ରମ୍ପଙ୍କ କଥା ଶୁଣିବା ପାଇଁ ଟ୍ରାନ୍ସଲେଟର ଇୟରପିସ୍‌ର ସାହାରା ନେବାକୁ ପଡ଼ିଥିଲା। ଆକ୍ସେଲେଟର ପରେ ଟେଲିପ୍ରିଣ୍ଟର ଖରାପ ହେବା ଘଟଣାକୁ ଦୁର୍ଭାଗ୍ୟଜନକ କହିଥିଲେ ଟ୍ରମ୍ପ। ଏହା ସତ୍ତ୍ୱେ ଟ୍ରମ୍ପ ୫୭ ମିନିଟ୍ ଭାଷଣ ଦେଇଥିଲେ।

## ଯୌନ ଅପରାଧୀଙ୍କୁ ହତ୍ୟା କଲେ ଆମେରିକାନ ଭାରତୀୟ

ଲସ୍ଏଞ୍ଜେଲ୍ସ, ୨୫।୯ (ଏଜେନ୍ସି): ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟରେ ରହୁଥିବା ବରୁଣ ସୁରେଶ ନାମକ ଜଣେ ଭାରତୀୟ ଜଣେ ବୟସ୍କ ଯୌନ ଅପରାଧୀଙ୍କୁ ଛୁରୀ ଭୁଷି ହତ୍ୟା କରିଛନ୍ତି। ସେ ଜାଣିଶୁଣି ହତ୍ୟା କରିଛନ୍ତି ବୋଲି ପୁଲିସ କହିଛି। ସେପ୍ଟେମ୍ବର ୧୮ ରେ ବରୁଣ ଓ ୭୧ ବର୍ଷୀୟ ଡେଭିଡ ବ୍ରିମରଙ୍କ ମଧ୍ୟରେ ଝଗଡ଼ା ହେବାର ସୂଚନା ପାଇଁ ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। କିନ୍ତୁ ସେତେବେଳେ ଡେଭିଡ୍ ତଳେ ପଡ଼ିଯାଇଥିଲା ଓ ତାଙ୍କ ଦେହରେ ଛୁରି ମାଡର କେତୋଟି ଚିହ୍ନ ଦେଖିବାକୁ ମିଳିଥିଲା। ପୁଲିସ ଓ ମେଡିକାଲ ଟିମ୍ ତାଙ୍କୁ ବଞ୍ଚାଇବାକୁ ପ୍ରୟାସ କରିଥିଲେ ମଧ୍ୟ ସେ ମୃତ୍ୟୁବରଣ କରିଥିଲେ। ଘଟଣାସ୍ଥଳରୁ ଛୁରି ଜବତ କରାଯିବା ପରେ ବରୁଣଙ୍କୁ ତୁରନ୍ତ ଗିରଫ କରାଯାଇଥିଲା। ୧୯୯୫ରେ ବ୍ରିମର ଜଣେ ନାବାଳକଙ୍କ ଯୌନ ଶୋଷଣ କରିଥିଲେ ଓ ଏଥିପାଇଁ ସେ ୭ ବର୍ଷ ଜେଲ ଦଣ୍ଡ ଭୋଗିଥିଲେ। ବରୁଣ କାଲିଫର୍ଣ୍ଣିଆର ଏକ ୱେବସାଇଟ୍‌ରେ ଯୌନ ଅପରାଧୀଙ୍କ ତାଲିକାରେ ବ୍ରିମରଙ୍କୁ ଦେଖି ତାଙ୍କୁ ଟାର୍ଗେଟ କରିଥିଲେ। ଛୋଟ ପିଲାଙ୍କୁ ଯୌନ ଶୋଷଣ କରୁଥିବାରୁ ଏଭଳି ଲୋକଙ୍କର ବଞ୍ଚିବାର ଅଧିକାର ନାହିଁ ବୋଲି ବରୁଣ ପୁଲିସକୁ କହିଥିଲେ। ହତ୍ୟା କରିଥିଲେ ମଧ୍ୟ ବରୁଣ ଆଦୌ ଅନୁତପ୍ତ ନୁହଁ ବୋଲି କହିଛି।

## କର୍ଣ୍ଣେଲ ପୁରୋହିତଙ୍କ ପଦୋନ୍ନତି

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ୨୦୦୮ରେ ବହୁ ଚର୍ଚ୍ଚିତ ମାଲେଗାଁଓ ବୋମା ବିସ୍ଫୋରଣ ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇ ଜେଲରୁ ମୁକୁଳିବା ପରେ ଲେଫ୍ଟନାଣ୍ଟ କର୍ଣ୍ଣେଲ ପ୍ରସାଦ ଶ୍ରୀକାନ୍ତ ପୁରୋହିତଙ୍କୁ କଲୋନେଲ ପଦକୁ ପ୍ରମୋଶନ ମିଳିଛି। ସେନାବାହିନୀରେ ଏହି ପ୍ରମୋଶନ ପାଇଁ ତାଙ୍କୁ ଦୀର୍ଘ ୧୭ ବର୍ଷ



ପ୍ରତୀକ୍ଷା ପରେ ମିଳିଛି। ୨୦୨୫ ଜୁଲାଇ ୩୧ରେ ମୁମ୍ବଇର ଏକ ସ୍ୱତନ୍ତ୍ର କୋର୍ଟ କର୍ଣ୍ଣଲ ପୁରୋହିତଙ୍କ ସମେତ ସବୁ ଅଭିଯୁକ୍ତଙ୍କୁ ଖଲାସ କରିଥିଲେ। ଏହି ବିସ୍ଫୋରଣରେ ୬ ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୧୦୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ। କୋର୍ଟ ତାଙ୍କୁ ଖଲାସ କରିବା ପରେ ସେନା ପୁରୋହିତଙ୍କ କ୍ୟାରିୟରରେ ଗତ ୧୬ ବର୍ଷ ଲାଗୁ କରାଯାଇଥିବା ଡିସିପ୍ଲିନ୍‌ଡ ଆଣ୍ଡ ଭିଜିଲାନ୍ସ (ଡିଭି) ପ୍ରତିବନ୍ଧ ହଟାଯାଇଛି। ଫଳରେ ତାଙ୍କର ପ୍ରମୋସନ ଓ ବାକି ଥିବା ଅନ୍ୟ ପ୍ରକ୍ରିୟାଗୁଡିକୁ ଆରମ୍ଭ କରାଯାଇଛି। ବିସ୍ଫୋରଣ ମାମଲାରେ ଅଭିଯୁକ୍ତ ଭାବେ ଗିରଫ କରାଯିବା ପରେ ତାଙ୍କ ଉପରେ ଡିଭି ପ୍ରତିବନ୍ଧ ଲାଗୁ କରାଯାଇଥିଲା। ତାଙ୍କୁ ପ୍ରମୋସନ ମିଳିବା ପରେ କେନ୍ଦ୍ରମନ୍ତ୍ରୀ ତଥା ବିହାରର ବେଗୁସରାଇ ଲୋକସଭା ସଦସ୍ୟ ଗିରିରାଜ ସିଂ ସାମାଜିକ ଗଣମାଧ୍ୟମ ଏକ୍ସରେ ଅଭିନନ୍ଦନ ଜଣାଇଛନ୍ତି। କୋର୍ଟଙ୍କ ଦ୍ୱାରା ନିର୍ଦ୍ଦେଶ ସାବ୍ୟସ୍ତ ହେବା ପରେ ମୁଁ ଦେଶକୁ ବହୁତ ଭଲ ପାଏ। ନିଜ ଯବାନଙ୍କୁ ସହଯୋଗ କରୁଥିବା ଭାରତୀୟ ସେନାକୁ କୃତଜ୍ଞତା ଜଣାଉଛି ବୋଲି ପୁରୋହିତ କହିଥିଲେ।

### ବିଧବା ଓ ନିସନ୍ତାନ ମହିଳାଙ୍କ ସମ୍ପତ୍ତି ମାମଲା

## ମାତାପିତା ନୁହେଁ; ଶାଶୂଘର ଦାବିଦାର: ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ବିଧବା ଓ ନିଃସନ୍ତାନ ମହିଳାଙ୍କ ସମ୍ପତ୍ତି ଉପରେ ଅଧିକାର ନେଇ ସୁପ୍ରିମକୋର୍ଟ ବୁଧବାର ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି। କୋର୍ଟ କହିଛନ୍ତି ଯେ ହିନ୍ଦୁ ସମାଜରେ କନ୍ୟାଦାନ ପରମ୍ପରା ରହିଛି। ପରମ୍ପରା ଅନୁଯାୟୀ ଯେତେବେଳେ ଜଣେ ହିନ୍ଦୁ ମହିଳା ବିବାହ କରିଥାନ୍ତି, ସେତେବେଳେ ତାଙ୍କ ଗୋତ୍ର ଅର୍ଥାତ କୁଳ ବା ବଂଶ ବଦଳିଯାଇଥାଏ। ଏଭଳି କ୍ଷେତ୍ରରେ ବିଧବା କିମ୍ବା ନିଃସନ୍ତାନ ମହିଳାଙ୍କ ମୃତ୍ୟୁ ହେଲେ ତାଙ୍କ ସମ୍ପତ୍ତି ଉପରେ ମାତାପିତା ନୁହେଁ, ତାଙ୍କ ସ୍ୱାମୀ ଅର୍ଥାତ ଶାଶୂଘର ଘରର ଲୋକଙ୍କ ଅଧିକାର ରହିବ। ମହିଳା କୌଣସି ଇଚ୍ଛାପତ୍ର ଛାଡ଼ିନଥିଲେ ଏହି ନିୟମ ଲାଗୁହେବ। ହଜାର ହଜାର ବର୍ଷ ଧରି ଚାଲି ଆସିଥିବା ଏହି ପରମ୍ପରାରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି କୋର୍ଟ। ମାମଲାର ବିଚାର କରୁଥିବା ସୁପ୍ରିମକୋର୍ଟଙ୍କର ଏକମାତ୍ର ମହିଳା ବିଚାରପତି ଜଷ୍ଟିସ ବିଭି ନାଗରତ୍ନା କହିଛନ୍ତି ଯେ ହିନ୍ଦୁ ସମାଜର ଏକ ସଂରଚନା ରହିଛି, ଆପଣ ତାହାକୁ ତଳେ ପକାଇପାରିବେ ନାହିଁ। ହଜାର ହଜାର ବର୍ଷଧରି ଚାଲିଆସୁଥିବା ଏହି ପରମ୍ପରାରେ ବାଧା ସୃଷ୍ଟି କରିବାକୁ ଆମେ ଚାହୁଁନାହୁଁ। ମହିଳାମାନଙ୍କୁ ଅଧିକାର ଆବଶ୍ୟକ। କିନ୍ତୁ ମହିଳାଙ୍କ ଅଧିକାର ଓ ସାମାଜିକ ପରମ୍ପରା ଓ ସଂରଚନା ମଧ୍ୟରେ ସନ୍ତୁଳନ ନିହାତି ଆବଶ୍ୟକ ବୋଲି ସେ କହିଛନ୍ତି।

ଏଭଳି ପରମ୍ପରାକୁ ଚାଲେଞ୍ଜ କରି ଆଗତ କେତେକ ପିଟିସନ ଉପରେ ଶୁଣାଣି କରୁଛନ୍ତି ଜଷ୍ଟିସ ନାଗରତ୍ନା ଏବଂ ଜଷ୍ଟିସ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ। ଗୋଟିଏ ପିଟିସନ ଅନୁଯାୟୀ କୋଭିଡ ସମୟରେ ଏକ ନିଃସନ୍ତାନ ଦମ୍ପତିଙ୍କର ମୃତ୍ୟୁ ଘଟିଥିଲା। ସେମାନଙ୍କ ସଂପତ୍ତି ଦଖଲ କରିବା ଲାଗି ଉଭୟ ପୁରୁଷ ଓ ମହିଳାଙ୍କର ମା' ଦାବି କରୁଛନ୍ତି। ପୁରୁଷଙ୍କ ମା' ପରଂପରା ଅନୁଯାୟୀ ଉଭୟ ତାଙ୍କ ପୁଅ ଓ ବୋହୂର ସମସ୍ତ ସଂପତ୍ତି ନେବାକୁ ଦାବି କରୁଥିବା ବେଳେ ଝିଅର ମା' ତାଙ୍କ ଝିଅ ନାମରେ ଥିବା ସଂପତ୍ତି ନେବାକୁ ଦାବି କରୁଛନ୍ତି। ମାମଲାର ଶୁଣାଣି ବେଳେ ମାନ୍ୟବର ବେଞ୍ଚ କହିଲେ ଯେ ଜଣେ ମହିଳା ବିବାହ କରିବା ପରେ ତାଙ୍କର ସମସ୍ତ ଦାୟିତ୍ୱ ତାଙ୍କ ସ୍ୱାମୀ ଓ ଶ୍ୱଶୁର ଘର ଉପରେ ନ୍ୟସ୍ତ ହୋଇଯାଏ। ଜଣେ ମହିଳା ଭରଣପୋଷଣ ପାଇଁ କେବେ ନିଜ ଭାଇ ବିରୋଧରେ ପିଟିସନ କରିଛି କି? ଯଦି ନାହିଁ, ତାହାହେଲେ ତାର ସଂପତ୍ତି ଉପରେ ମହିଳାଙ୍କ ବାପା ଘର ଲୋକ କାହିଁକି ଦାବି କରିବେ? ମାମଲାର ପରବର୍ତ୍ତୀ ଶୁଣାଣି ନଭେମ୍ବରରେ ହେବ।

## ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ସରକୋଜିଙ୍କୁ ୫ ବର୍ଷ ଜେଲ୍

ପ୍ୟାରିସ୍, ୨୫।୯ (ଏଜେନ୍ସି): ଫ୍ରାନ୍ସର ପୂର୍ବତନ ରାଷ୍ଟ୍ରପତି ନିକୋଲାସ ସରକୋଜି ଏକ ଦୁର୍ନୀତି ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଏଥିପାଇଁ ତାଙ୍କୁ ୫ ବର୍ଷ ଜେଲ ଦଣ୍ଡାଦେଶ ହୋଇଛି। ୨୦୦୭ରେ ରାଷ୍ଟ୍ରପତି ନିର୍ବାଚନ ଅଭିଯାନରେ ସେ ସେତେବେଳର ଲିବିୟା ଏକଛତ୍ରବାଦୀ ଶାସକ ମୁଆମ୍ମାର ଗଦ୍ଦାଫିଠାରୁ ବିପୁଳ ପରିମାଣର ଅର୍ଥ ତଥା ପାଣ୍ଠି ନେଇଥିବାର ଅଭିଯୋଗ ହୋଇଥିଲା। ରାଜଧାନୀ ପ୍ୟାରିସର ଏକ କ୍ରିମିନାଲ କୋର୍ଟ ତାଙ୍କୁ ଏହି ଅଭିଯୋଗରେ ଦୋଷୀ ସାବ୍ୟସ୍ତ କରିଛି। ତେବେ କୋର୍ଟ ତାଙ୍କୁ ଦୁର୍ନୀତି ଓ ଅବୈଧ ପାଣ୍ଠି ସଂଗ୍ରହ ପାଇଁ ଅନ୍ୟ ଦୁଇଟି ମାମଲାରେ ନିର୍ଦ୍ଦୋଷ ବୋଲି କହିଛନ୍ତି। ନିକୋଲାସ କିନ୍ତୁ ଏହି ସବୁ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ ଏହି ଦଣ୍ଡ ବିରୋଧରେ ଅପିଲ କରିବାକୁ ପ୍ରସ୍ତୁତି କରୁଛନ୍ତି ବୋଲି କହିଛନ୍ତି। ୨୦୦୫ରେ ନିକୋଲାସ ଓ ତାଙ୍କ ସହଯୋଗୀ ୨୦୦୭ ରାଷ୍ଟ୍ରପତି ନିର୍ବାଚନ ପାଇଁ ବେଆଇନଭାବେ



ଗଦ୍ଦାଫିଙ୍କଠାରୁ ଅର୍ଥ ନେଇଥିଲେ ବୋଲି ଅଭିଯୋଗ ହୋଇଥିଲା। ବଦଳରେ ଗଦ୍ଦାଫି ନୋକାଲାସ୍‌ଙ୍କଠାରୁ କୂଟନୈତିକ ଓ ବ୍ୟବସାୟିକ ସାହଯ୍ୟ ଲୋଡିଥିଲେ ଓ ହାସଲ ମଧ୍ୟ କରିଥିଲେ। ଗଦ୍ଦାଫି ତାଙ୍କ ଶାସନ କାଳରେ ମାନବଅଧିକାର ଉଲ୍ଲଂଘନ ଓ ଆତାଙ୍କଦାଦ ପାଇଁ କୁଖ୍ୟାତ ଥିଲେ। ତେଣୁ ତାଙ୍କୁ ପ୍ରତ୍ୟେକ୍ଷ ଓ ପରୋକ୍ଷରେ ସାହଯ୍ୟ କରିବା ନିକୋଲାସଙ୍କ ପାଇଁ ଏବେ ମହଙ୍ଗା ସାବ୍ୟସ୍ତ ହୋଇଛି ବୋଲି କୁହାଯାଉଛି। ୭୦ ବର୍ଷୀୟ ନିକୋଲାସ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ଫ୍ରାନ୍ସର ରାଷ୍ଟ୍ରପତି ଭାବେ ଦାୟିତ୍ୱରେ ଥିଲେ।

## ଚୈତନ୍ୟାନନ୍ଦଙ୍କ ଭାଣ୍ଡାମୀର ପର୍ଦ୍ଦାଫାସ୍ କଲା ବାୟୁସେନା ଅଧିକାରୀଙ୍କ ଇ-ମେଲ୍

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଦିଲ୍ଲୀର ବସନ୍ତକୁଞ୍ଜସ୍ଥିତ ଏକ ଘରୋଇ ମ୍ୟାନେଜମେଣ୍ଟ ସଂସ୍ଥାର ଅଧ୍ୟକ୍ଷ ତଥା ଆତ୍ମଘୋଷିତ ବାବା ସ୍ୱାମୀ ଚୈତନ୍ୟାନନ୍ଦ ସରସ୍ୱତୀ ଓରଫ ଡଃ ପାର୍ଥ ସାରଥୀଙ୍କ ଯୌନ ଶୋଷଣ ଜନିତ ଭାଣ୍ଡାମୀ ସାମ୍ନାକୁ ଆସିଛି। କର୍ଣ୍ଣାଟକ ଶ୍ରୀଙ୍ଗେରିସ୍ଥିତ ଶ୍ରୀ ସାରଦା ପିଠ ସହିତ ଜଡ଼ିତ ଥିବା ଏହି ସଂସ୍ଥାରେ ପଢୁଥିବା ୧୭ ଜଣ ଛାତ୍ରୀ ଏହି ବାବାଙ୍କ ବରୋଧରେ ଯୌନ ଶୋଷଣର ଗମ୍ଭୀର ଅଭିଯୋଗ ଆଣିଥିଲେ। ପୁଲିସ ଏ ନେଇ ମାମଲା ରୁଜୁ କରିଥିଲେ ମଧ୍ୟ ବାବା ଫେରାର ଅଛନ୍ତି। ବାବାଙ୍କ ଏହି ଚର୍ଚ୍ଚିତ କାଣ୍ଡ ଭାରତୀୟ ବାୟୁସେନାର ଜଣେ ଅଧିକାରୀଙ୍କ ଇ-ମେଲ୍‌ରୁ ହିଁ ସାମ୍ନାକୁ ଆସିଥିଲା। ଶାରଦା ଇନଷ୍ଟିଚ୍ୟୁଟ ଅଫ୍ ଇଣ୍ଡିଆନ ମ୍ୟାନେଜମେଣ୍ଟର ଜଣେ ପୂର୍ବତନ ଛାତ୍ରୀ ଜୁଲାଇ ୨୮ରେ ଏହି ସଂସ୍ଥାକୁ ପତ୍ର ଲେଖି ବାବାଙ୍କ କାର୍ଯ୍ୟକଳାପକୁ ପର୍ଦ୍ଦାଫାସ କରିଥିଲେ। ଏହାର କିଛି ଦିନପରେ ଭାରତୀୟ ବାୟୁସେନାର ଜଣେ ଗ୍ରୁପ୍ କ୍ୟାପଟେନ୍ ଇ-ମେଲ ପଠାଇ ଏ ବିଷୟରେ ଉଲ୍ଲେଖ କରିଥିଲେ। କେତେଜଣ ଛାତ୍ରୀ ବାବାଙ୍କ ମନଇଚ୍ଛା ବ୍ୟବହାର ଓ ଉତ୍ପୀଡ଼ନ ନେଇ ଅଭିଯୋଗ କରିଥିଲେ ଓ ରାତିରେ ବାବା ହ୍ୱାଟ୍ସଆପ୍‌ରେ ଆପତ୍ତିଜନକ ମେସେଜ ପଠାଇଥିଲେ ବୋଲି ଅଧିକାରୀ ଜଣକ ଉଲ୍ଲେଖ କରିଛନ୍ତି। ଏହି ଇ-ମେଲ ପାଇବା ପରେ ସଂସ୍ଥାର ଗଭର୍ଣ୍ଣିଂ କାଉନସିଲ୍ ଅଗଷ୍ଟ ୩ରେ ୩୦ରୁ ଅଧିକ ଛାତ୍ରୀଙ୍କ ସହିତ ଆଭାସୀ ବୈଠକ କରିଥିଲେ। ଏଥିରେ କେତେଜଣ ଛାତ୍ରୀ ବାବାଙ୍କ ବରୋଧରେ ଯୌନ ଉତ୍ପୀଡ଼ନ, ଅଭଦ୍ର ଭାଷା, ଅବାଞ୍ଛିତ ଶାରୀରିକ ସ୍ପର୍ଶ ନେଇ ଅଭିଯୋଗ କରିଥିଲେ। ଆଶ୍ଚର୍ଯ୍ୟର କଥା ହେଉଛି ଜଣେ ଡିନ୍‌ଙ୍କ ସମେତ ସଂସ୍ଥାରେ ୩ ମହିଳା କର୍ମଚାରୀ ସବୁ ଜାଣି ମଧ୍ୟ ବାବାଙ୍କୁ ସହଯୋଗ କରିଥିଲେ।

## ପୋଷ୍ଟାଲ ବାଲାଟ ଗଣତି ପରେ ଇଭିଏମ୍‌ର ଚୂଡ଼ାନ୍ତ ଗଣତି

ପାଟନା, ୨୫।୯ (ଏଜେନ୍ସି): ନିର୍ବାଚନ କମିଶନ ବିହାର ବିଧାନସଭା ନିର୍ବାଚନରେ ଭୋଟ ଗଣତି ନେଇ ନୂଆ ପ୍ରଣାଳୀ ଲାଗୁ କରିବ। ନୂଆ ନିୟମ ଅନୁସାରେ ଯଦି ପୋଷ୍ଟାଲ ବାଲାଟ୍ ଗଣିତିରେ ବିଳମ୍ବ ହୁଏ, ତେବେ ଇଭିଏମ୍ କାଉଣ୍ଟିଂକୁ ରୋକି ଦିଆଯିବ। ଏଥିସହ ବାଲାଟ ଅଧିକ ହେଲେ କାଉଣ୍ଟିଂ ଟେବଲ ସଂଖ୍ୟାରେ ବୃଦ୍ଧି କରାଯିବ ବୋଲି କମିଶନ କହିଛନ୍ତି। କାଉଣ୍ଟିଂ ଦିନ ଭୋଟ ଗଣତି ସକାଳ ୮ ଟାରେ ଆରମ୍ଭ ହୋଇଥାଏ। କିନ୍ତୁ ଇଭିଏମ୍ କାଉଣ୍ଟିଂ ୮.୩୦ରେ ଆରମ୍ଭ ହୋଇଥାଏ। କେତୋଟି ସେଣ୍ଟରରେ ମେସିନରେ କାଉଣ୍ଟିଂ ଶେଷ ହୋଇଥିଲେ ମଧ୍ୟ ବାଲାଟ ଗଣତି ପାଇଁ ସମୟ ଲାଗୁଥିଲା। କିନ୍ତୁ ଏବେ ଗଣତି ପ୍ରକ୍ରିୟା ଭିନ୍ନ ହେବ। ବାଲାଟ ଗଣତି ବାକି ଥିଲେ ଇଭିଏମ୍‌ର ଅନ୍ତିମ ରାଉଣ୍ଡ ବା ସେକେଣ୍ଡ ଲାଷ୍ଟ ରାଉଣ୍ଡ ଗଣତିକୁ ରୋକା ଯିବ। ଗୁରୁବାର କମିଶନ ପ୍ରେସ ବିଜ୍ଞପ୍ତି ଜାରି କରି ଏ ନେଇ ସୂଚନା ଦେଇଛନ୍ତି। ଏହି ନୂଆ ନିୟମ ବିହାର ବିଧାନସଭା ନର୍ବାଚନରେ ପ୍ରଥମେ ଲାଗୁ କରାଯିବ।



## ଆଜି ଅବସର ନେବ ମିଗ୍-୨୧ ବିମାନ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ଦୀର୍ଘ ୬୨ ବର୍ଷ ହେବ ଦେଶକୁ ରକ୍ଷା କରିଆସୁଥିବା ଲଢୁଆ ବିମାନ ମିଗ୍-୨୧ ଶୁକ୍ରବାର ଅବସର ନେବ। ଫଳରେ ଭାରତୀୟ ବାୟୁସେନା ପାଇଁ ଏକ ଯୁଗର ଅବସାନ ହେବ। ଚଣ୍ଡିଗଡ଼ ବାୟୁସେନା ଷ୍ଟେସନରେ ମିଗ୍-୨୧ର ଅନ୍ତିମ ବିଦାୟୀ ସମାରୋହର ଆୟୋଜନ ହେବ। ଏହି ବିଦାୟୀ ସମାରୋହ ପାଇଁ ଚଣ୍ଡିଗଡ଼ରେ ଡ୍ରେସ ରିହରସାଲ ହୋଇଛି। ଏଥିରେ ମିଗ୍-୨୧ ସମେତ ଜାଗୁଆର, ସୂର୍ଯ୍ୟକିରଣ ଏରୋବେଟିକ୍ ଟିମ୍ ଆକାଶରେ ସୁନ୍ଦର ଉଡାଣ ଭରିଥିଲେ। ବାୟୁସେନା ମୁଖ୍ୟ ଏୟାର ଚିଫ୍ ମାର୍ଶାଲ ଏପି ସିଂ ମିଗ୍-୨୧ ଉଡାଇ ତା'ର ଦକ୍ଷତା ପ୍ରଦର୍ଶନ କରିଥିଲେ। ଗୁରବାର ସେ ଏହି ଉଡାଣ ଭରିଥିଲେ ଓ ଶୁକ୍ରବାର ମଧ୍ୟ ସେ ମିଗ୍-୨୧ ଉଡାଇବେ। ଭାରତୀୟ ବାୟୁସେନାର ସପ୍ତମ ମହିଳା ଫାଇଟର ପାଇଲଟ୍ ସ୍କ୍ୱାଡ୍ରନ ଲିଡର ପ୍ରିୟା ଶର୍ମା ଶୁକ୍ରବାର ଶେଷଥର ପାଇଁ ମିଗ୍-୨୧କୁ ଆକାଶରେ ଉଡାଇବେ। ଏହି ବିମାନ ଧ୍ୱନୀର ଗତି (ସେକେଣ୍ଡ ପ୍ରତି ୩୩୨ ମିଟର)ଠାରୁ ଆହୁରି ଅଧିକ ବେଗ୍‌ରେ ଗତି କରିଥାଏ। ୧୯୬୦ ଦଶକରେ ମିଗ୍-୨୧ର ଆରମ୍ଭ ହୋଇଥିଲା। ସେତେବେଳର ସୋଭିଏତ ସଂଘ (ରୁଷିଆ)ରେ ଏହି ବିମାନର ଡିଜାଇନ୍ ହୋଇଥିଲା। ୧୯୬୩ ଏପ୍ରିଲ୍‌ରେ ୬ଟି ମିଗ୍-୨୧ ବିମାନ ପ୍ରଥମ ପର୍ଯ୍ୟାୟରେ ମୁମ୍ବଇରୁ ଚଣ୍ଡିଗଡ଼କୁ ଅଣାଯାଇଥିଲା। ଭାରତର ପ୍ରଥମ ସୁପରସୋନିକ୍ ଫାଇଟର ବିମାନ ମିଗ୍-୨୧ ୧୯୬୫, ୧୯୭୧ ଓ ୧୯୯୯ରେ ପାକିସ୍ତାନ ବିରୋଧରେ କାରଗିଲ ଯୁଦ୍ଧରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରି ସାରା ଦୁନିଆକୁ ନିଜର ଦକ୍ଷତା ପ୍ରତିପାଦନ କରିଥିଲା। ତେବେ ବିଭିନ୍ନ କାରଣରୁ ୪୦୦ରୁ ଉର୍ଦ୍ଧ୍ୱ ମିଗ୍-୨୧ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲା ଓ ଏଥିରେ ୨୦ ପାଇଲଟ ମୃତ୍ୟୁବରଣ କରିଥିଲେ। ଖାସ୍ ଏଥିପାଇଁ ଏହାକୁ ଫ୍ଲାଇଙ୍ଗ କଫିନ ଓ ୱିଡୋ ମେକରର ଆଖ୍ୟା ଦିଆଯାଇଥିଲା। ୨୦୨୧ରେ ଏହି ବିମାନ ୭ଥର କ୍ରାଶ ହୋଇଛି। ଏହାର ବିଦାୟୀ ସମାରୋହକୁ ଆକର୍ଷଣୀୟ ଓ ସ୍ମରଣୀୟ କରିବାକୁ ସବୁ ପ୍ରକାରର ବ୍ୟବସ୍ଥା କରାଯାଇଛି। ସମାରୋହରେ ଏହି ବିମାନକୁ ପାଣିର ତୋପରେ ସଲାମୀ ଦିଆଯିବ। ଏହି ଅବସରରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉପସ୍ଥିତ ରହିବେ।

## ପାକିସ୍ତାନ ସ୍କୁଲ ପାଠ୍ୟକ୍ରମରେ 'ଅପରେସନ୍ ସିନ୍ଦୂର'

ଇସ୍‌ଲାମାବାଦ୍, ୨୫।୯ (ଏଜେନ୍ସି): ପାକିସ୍ତାନ ନିଜ ସ୍କୁଲ ପାଠ୍ୟକ୍ରମରେ ଭାରତ ସହିତ ହୋଇଥିବା ୪ ଦିନର ଯୁଦ୍ଧକୁ ସାମିଲ କରିଛି। ଏଥିରେ ବିଭିନ୍ନ ପ୍ରକାର ତଥ୍ୟକୁ କଦର୍ଥ କରାଯାଇ ଉପସ୍ଥାପନ କରାଯାଇଛି। ଭାରତ ବିନା କୌଣସି କାରଣରେ ୨୦୨୫ ମେ ୭ରେ ପାକିସ୍ତାନ ଉପରେ ଆକ୍ରମଣ କରିଥିଲା ବୋଲି ବହିରେ ଦର୍ଶାଯାଇଛି। ଭାରତ କଶ୍ମୀର ପହଲଗାମରେ ହୋଇଥିବା ଆକ୍ରମଣ ପାଇଁ ପାକିସ୍ତାନକୁ ମିଛରେ ଦାୟୀ କରିଛି। ଭାରତ ଯୁଦ୍ଧ ଆରମ୍ଭ କରିଥିଲା ବୋଲି ବହିରେ ଉଲ୍ଲେଖ କରାଯାଇଛି। କିନ୍ତୁ ଜବାବରେ ପାକିସ୍ତାନ ସେନା ଭାରତର ୪ଟି ରାଫେଲ ବିମାନକୁ ମାରି ଖସାଇଥିଲା ଓ କେତୋଟି ଏୟାର ବେସ୍‌କୁ ଧ୍ୱଂସ କରିଥିଲା ବୋଲି ବହିରେ ଉଲ୍ଲେଖ କରାଯାଇଛି। ତେବେ କେଉଁ ଶ୍ରେଣୀର ପାଠ୍ୟକ୍ରମରେ ଏହାକୁ ସାମିଲ କରାଯାଇଛି ସେ ନେଇ କିଛି ସ୍ପଷ୍ଟ ହୋଇନାହିଁ। କିନ୍ତୁ ପାଠ୍ୟକ୍ରମରେ ସାମିଲ କରିଥିବା ସବୁ ତଥ୍ୟ ମିଥ୍ୟା ବୋଲି ଜଣାପଡ଼ିଛି। ଉଲ୍ଲେଖଥାଉ କି, ପହଲଗାମ୍‌ରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତୀୟ ସେନା ଅପରେସନ ସିନ୍ଦୂର ଆରମ୍ଭ କରିଥିଲା। ଏଥିରେ ଭାରତ ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣାକୁ ଧ୍ୱଂସ କରିଥିଲା ଓ ଏଥିରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ। ୪ ଦିନର ସଂଘର୍ଷ ପରେ ପାକିସ୍ତାନ ଡିଜିଏମ୍‌ଓଙ୍କ ଅନୁରୋଧ କ୍ରମେ ଅସ୍ତ୍ରବିରତି ଘୋଷିତ ହୋଇଥିଲା। ଅବଶ୍ୟ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅପରେସନ ସିନ୍ଦୂର ଶେଷ ହୋଇନାହିଁ ବରଂ ସ୍ଥଗିତ ରଖାଯାଇଛି ବୋଲି ସେତେବେଳେ କହିଥିଲେ।



## ଆମକୁ ତାଲିବାନ ଓ ଇସ୍‌ଲାମିକ ଷ୍ଟେଟ୍ ଭଳି ଦେଖାଯାଉଛି: ୟୁନୁସ୍


ୱାଶିଂଟନ, ୨୫।୯ (ଏଜେନ୍ସି): ବାଂଲାଦେଶ ମଧ୍ୟବର୍ତ୍ତୀକାଳୀନ ସରକାରଙ୍କ ମୁଖ୍ୟ ଉପଦେଷ୍ଟା ମହମ୍ମଦ ୟୁନୁସ ଭାରତ ସହିତ ଥିବା ସମ୍ପର୍କ ନେଇ ମୁହଁ ଖୋଲିଛନ୍ତି। ଦୁଇ ଦେଶ ମଧ୍ୟରେ ଏବେ ସମସ୍ୟା ରହିଛି ବୋଲି ସେ ସ୍ୱୀକାର କରିଛନ୍ତି। ଭାରତକୁ ଆମ ଛାତ୍ରମାନଙ୍କ କାର୍ଯ୍ୟ ପସନ୍ଦ ଆସୁନାହିଁ। ପୁଣି ବିତାଡିତ ପ୍ରଧାନମନ୍ତ୍ରୀ ଶେଖ ହସିନାଙ୍କୁ ଭାରତ ଶରଣ ଦେଇଛି। ଫଳରେ ବାଂଲାଦେଶ ବହୁ ସମସ୍ୟାର ସମ୍ମୁଖୀନ ହେଉଛି ବୋଲି ସେ କହିଛନ୍ତି। ହସିନାଙ୍କ କାରଣରୁ ବାଂଲାଦେଶରେ ବହୁ ଯୁବକ ହତ୍ୟାର ଶିକାର ହୋଇଛନ୍ତି। ଏହି କାରଣ ଯୋଗୁଁ ଭାରତ ଓ ବାଂଲାଦେଶ ମଧ୍ୟରେ ବିବାଦ ସୃଷ୍ଟି ହୋଇଛି। ଦୁଇ ଦେଶ ମଧ୍ୟରେ ସମ୍ପର୍କ ୨୦୨୪ ଅଗଷ୍ଟରୁ ଖରାପ ହେବା ଆରମ୍ଭ ହୋଇଥିଲା। ଯେତେବେଳେ ହସିନା ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ ଭାରତ ଚାଲି ଯାଇଥିଲେ। ଚାକିରି କୋଟା ନେଇ ଭେଦଭାବ ସୃଷ୍ଟି ହେବାରୁ ଛାତ୍ରମାନେ ବିରୋଧ ପ୍ରଦର୍ଶନ କରିଥିଲେ। ଏହି କାରଣ ଯୋଗୁଁ ବାଂଲାଦେଶରେ ସରକାର ପତନ ହୋଇଥିଲା। ଭାରତ ବାଂଲାଦେଶ ବିରୋଧରେ ଫେକ୍ ନ୍ୟୁଜ୍ ଅର୍ଥାତ ମିଥ୍ୟା ଖବର ପ୍ରଚାର ଓ ପ୍ରସାର କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ସାର୍କ (ଏସଏଏଆରସି) କେବଳ ଗୋଟିଏ ଦେଶର ରାଜନୀତି ନୁହଁ। ଏହି ସଂଗଠନରେ ସାମିଲ ଥିବା ସବୁ ଦେଶ ଏକ ପରିବାର ଭଳି ବୋଲି ସେ କହିଛନ୍ତି।

ସକାଳ THE SAKALA
www.sakalaepaper.com

## ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ଭାରତୀୟ ଦଳ ଘୋଷଣା

# ବାଦ୍ ପଡ଼ିଲେ ନାୟର, ପଡିକାଲ ସାମିଲ





ଦୁବାଇ,୨୫।୯ (ଏଜେନ୍ସି):

ୱେଷ୍ଟଇଣ୍ଡିଜ୍ ବିପକ୍ଷ ଘରୋଇ ମାଟିରେ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଆରମ୍ଭ ହେବାକୁ ଯାଉଥିବା ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଲାଗି ଭାରତର ୧୫ ଜଣିଆ ଦଳ ଘୋଷଣା କରାଯାଇଛି। ଶୁବମନ ଗିଲ୍‌ଙ୍କୁ ଏହି ଦଳର ଅଧିନାୟକ ଓ ରବୀନ୍ଦ୍ର ଜାଡେଜାଙ୍କୁ ଉପଅଧିନାୟକ ମନୋନୀତ କରାଯାଇଛି। ଏହି ସିରିଜ୍ ପୂର୍ବରୁ ଇଂଲଣ୍ଡରେ ଖେଳିଥିବା ଭାରତୀୟ ଟେଷ୍ଟ ଦଳରୁ କରୁନ ନାୟର ଓ ଦୀର୍ଘ ୨ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ରିଜର୍ଭ ଖେଳାଳିଭାବେ ରହିଥିବା ଅଭିମନ୍ୟୁ ଈଶ୍ୱରନଙ୍କୁ ଏହି ଦଳରୁ ବାଦ୍ ଦିଆଯାଇଛି। ନାୟରଙ୍କ ସ୍ଥାନରେ ତାଙ୍କ ରାଜ୍ୟର ସାଥିଖେଳାଳି ଦେବଦତ୍ତ ପଡ଼ିକାଲଙ୍କୁ ଏବଂ ଅଲ୍‌ରାଉଣ୍ଡର ନୀତୀଶ କୁମାର ରେଡ୍ଡୀଙ୍କୁ ଦଳରେ ସାମିଲ କରାଯାଇଛି। ତାମିଲନାଡୁର ଦୁଇ ଖେଳାଳି ସାଇ ସୁଦର୍ଶନ ଓ ୱିକେଟ ରକ୍ଷକ ନାରାୟଣ ଜଗଦୀଶନଙ୍କୁ ସେମାନଙ୍କ ସ୍ଥାନ ବଜାୟ ରଖିଛନ୍ତି। ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ ଆହତ ହୋଇଥିବା ଦଳର ନଂ-୧ ୱିକେଟରକ୍ଷକ ରଷଭ ପନ୍ତ ଫିଟ୍ ହୋଇ ନ ଥିବାରୁ ତାଙ୍କୁ ଦଳରେ ସାମିଲ କରାଯାଇନାହିଁ। ପନ୍ତଙ୍କ ସ୍ଥାନରେ ଧ୍ରୁବ ଜୁରେଲଙ୍କୁ ପୁଣିଥରେ ଭାରତୀୟ ଦଳର ନଂ-୧ ୱିକେଟରକ୍ଷକ ଭାବେ ଚୟନ କରାଯାଇଛି। ଫାଷ୍ଟ ବୋଲର ଆକାଶ ଦୀପ୍ ମଧ ଟେଷ୍ଟ ଦଳରେ ସ୍ଥାନ ପାଇନାହାନ୍ତି। ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ର ପ୍ରଥମ ମ୍ୟାଚ୍ ଅହମ୍ମଦାବାଦ୍‌ରେ ଅକ୍ଟୋବର ୨ରୁ ଓ ଦ୍ୱିତୀୟ ମ୍ୟାଚ୍ ନୂଆଦିଲ୍ଲୀରେ ଅକ୍ଟୋବର ୧୦ରୁ ଖେଳାଯିବ।

ଏ ସମ୍ପର୍କରେ ବିସିସିଆଇ ସିନିଅର ଚୟନ କମିଟିର ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର କହନ୍ତି ଇଂଲଣ୍ଡ ବିପକ୍ଷ ସିରିଜ୍‌ରେ କରୁନ ନାୟରଙ୍କଠାରୁ ଆମେ କିଛି ସ୍ଥିର ଖେଳ ଓ ସଫଳତା ଆଶା କରୁଥିଲୁ। ସେ କିନ୍ତୁ ଗୋଟିଏ ଅର୍ଦ୍ଧଶତକ କରିପାରିଥିଲେ। ଏହି ସ୍ଥାନରେ ଜଣେ ଭଲ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ଦଳରେ ନେବାକୁ ଚାହିଁଥିଲୁ। ଭାରତ ପକ୍ଷରୁ ଖେଳିଥିବା ଦେବଦତ୍ତ ପଡ଼ିକାଲଙ୍କୁ ସୁଯୋଗ ଦେବାକୁ ଆମେ ନିଷ୍ପତ୍ତି ନେଇଛୁ। ଆମେ ସମସ୍ତଙ୍କୁ ୧୫ରୁ ୨୦ ଟେଷ୍ଟ ଖେଳିବାକୁ ସୁଯୋଗ ଦେବାକୁ ଯୋଜନା କରୁଥିଲୁ। କିନ୍ତୁ ଦୁର୍ଭାଗ୍ୟବଶତଃ ଏହା ସମ୍ଭବ ହେଉନାହିଁ। ଦୁବାଇରେ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ଘୋଷଣା କରିବା ଅବସରରେ ଅଜିତ ଅଗରକର ଏହା କହିଛନ୍ତି।

**ଘୋଷିତ ଦଳ:** ଶୁବମନ ଗିଲ୍ (ଅଧିନାୟକ), ରବୀନ୍ଦ୍ର ଜାଡେଜା (ଉପଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ଲୋକେଶ ରାହୁଲ, ସାଇ ସୁଦର୍ଶନ, ଦେବଦତ୍ତ ପଡ଼ିକାଲ, ଧ୍ରୁବ ଜୁରେଲ, ୱାଶିଂଟନ ସୁନ୍ଦର, ଯଶପ୍ରୀତ୍ ବୁମ୍‌ରା, ଅକ୍ଷର ପଟେଲ, ନୀତୀଶ କୁମାର ରେଡ୍ଡୀ, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, କୁଲଦୀପ ଯାଦବ ଓ ନାରାୟଣ ଜଗଦୀଶନ।

**ୱେଷ୍ଟଇଣ୍ଡିଜ୍ ଦଳ:** ରୋଷ୍ଟୋନ ଚେଜ୍ (ଅଧିନାୟକ), ବ୍ରାଣ୍ଡନ କିଙ୍ଗ୍, ଆଲିକ୍ ଆଥାନାଜେ, ଟାଗେନାରିନ ଚନ୍ଦରପଲ, କେଭଲନ ଆଣ୍ଡରସନ, ଜନ୍ କ୍ୟାମ୍ପବେଲ, ସାଇ ହୋପ୍, ଟେଭଲିନ ଇମ୍‌ଲାଚ୍, ଜଷ୍ଟିନ ଗ୍ରିଭ୍‌ସ, ଶମର ଯୋଶେଫ, ଆଲଜରୀ ଯୋଶେଫ, ଜେଡେନ ସିଲ୍ସ, ଆଣ୍ଡରସନ ଫିଲିପ୍, ଜୋମେଲ ୱାରିକାନ୍, ଖାରୀ ପିଏରେ।

ସୂଚୀ

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୦୨ରୁ ୦୬।୧୦ | ପ୍ରଥମ ଟେଷ୍ଟ | ଅହମ୍ମଦାବାଦ |
| ୧୦ରୁ ୧୪।୧୦ | ଦ୍ୱିତୀୟ ଟେଷ୍ଟ | ନୂଆଦିଲ୍ଲୀ |

### ଏସିଆ କପ୍; ବାଂଲା ସ୍ପିନରଙ୍କ କମାଲ

# ପାକିସ୍ତାନର ପୁଣି ବ୍ୟାଟିଂ ଫେଲ୍



ଆଜିର ମ୍ୟାଚ୍
ଭାରତ-ଶ୍ରୀଲଙ୍କା
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

ଦୁବାଇ,୨୫।୯ (ଏଜେନ୍ସି): ଏଠାରେ ଗୁରୁବାର ଖେଳାଯାଇଥିବା ବାଂଲାଦେଶ ବିପକ୍ଷ ଏସିଆ କପ୍ ସୁପର-୪ ମୁକାବିଲାରେ ପାକିସ୍ତାନ ବ୍ୟାଟିଂ ବିପର୍ଯ୍ୟୟର ଶିକାର ହୋଇଛି। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ପାକିସ୍ତାନ ୧୧ ଓଭର ଖେଳ ଶେଷ ସୁଦ୍ଧା ୫ ୱିକେଟ ବିନିମୟରେ ମାତ୍ର ୫୧ ରନ୍ ସଂଗ୍ରହ କରିନେଇଛି। ଏହି ସମୟରେ ମହମ୍ମଦ୍ ହାରିସ୍ ୧୦ ଓ ସାହିନ ଆଫ୍ରିଦୀ ୧ ରନ୍‌ରେ ବ୍ୟାଟିଂ କରୁଥିଲେ। ଅଧିନାୟକ ସଲମାନ ଅଲି ଆଘା ସର୍ବାଧିକ ୧୯, ଫକର ଜମାନ ୧୩, ଫରହାନ ୪, ସାଏମ ଆୟୁବ ୦ ଓ ହୁସେନ ତଲତ ୩ ରନ୍‌ରେ ଆଉଟ ହୋଇଛନ୍ତି। ବାଂଲାଦେଶ ପକ୍ଷରୁ ଲେଗ୍ ସ୍ପିନର ରିଶାଦ ହୋସେନ ୨ଟି, ଅଫ୍ ସ୍ପିନର ମାହେଦୀ ହାସନ, ପେସ୍ ବୋଲର ତସ୍କିନ ଅହମ୍ମଦ୍ ଓ ମୁସ୍ତାଫିଜୁର ରହମନ ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଛନ୍ତି।

### ଏକାଦଶ ଫାଇନାଲରେ ଭାରତ

ଓପନର ଅଭିଷେକ ଶର୍ମା (୩୭ ବଲ୍‌ରେ ୭୫ ରନ)ଙ୍କ ବିସ୍ଫୋରକ ଅର୍ଦ୍ଧଶତକ, କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କ ସଫଳ ବୋଲିଂ ବଳରେ ଏଠାରେ ବୁଧବାର ଅନୁଷ୍ଠିତ ଏସିଆ କପ୍ ସୁପର-୪ ମୁକାବିଲାରେ ଭାରତ ୪୧ରନ୍‌ରେ ବାଂଲାଦେଶକୁ ପରାସ୍ତ କରିଛି। ଏହା ଫଳରେ କ୍ରମାଗତ ଦ୍ୱିତୀୟ ବିଜୟ ସହ ଭାରତ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆଜି ବା ଗୁରୁବାର ପାକିସ୍ତାନ ଓ ବାଂଲାଦେଶ ମଧ୍ୟରେ ଚାଲିଥିବା ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ଭାରତ ସହ ଆସନ୍ତା ୨୮ ତାରିଖ ରବିବାର ଫାଇନାଲରେ ଖେଳିବ। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୬୮ ରନ୍ କରିଥିଲା। ଜବାବରେ ବାଂଲାଦେଶ ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରି ନ ପାରି ୧୯.୩ ଓଭରରେ ୧୨୭ ରନ୍ କରି ଅଲଆଉଟ ହୋଇଯାଇଥିଲା। ଦଳ ପକ୍ଷରୁ କେବଳ ଓପନର ସୈଫ୍ ହାସନ ଲଢୁଆ ବ୍ୟାଟିଂ କରି ୫୧ ବଲ୍‌ରୁ ୩ ଚୌକା ଓ ୫ ଛକା ସହ ୬୯ ରନ୍ କରିଥିଲେ। ଭାରତୀୟ ଫିଲ୍ଡରମାନେ ସୈଫ୍‌ଙ୍କର ୪ଟି ଓ ମୋଟରେ ୮ଟି କ୍ୟାଚ୍ ହାତଛଡ଼ା କରିଥିଲେ। ଭାରତ ପକ୍ଷରୁ କୁଲଦୀପ ୧୮ ରନ୍‌ରେ ୩ଟି, ଯଶପ୍ରୀତ୍ ବୁମ୍‌ରା ୧୮ ରନ୍‌ରେ ୨ଟି ଓ ବରୁଣ ୨୯ ରନ୍‌ରେ ୨ଟି ଲେଖାଏଁ ୱିକେଟ ନେଇଥିଲେ। ଏସିଆ କପ୍‌ର ଉଭୟ ଦିନିକିଆ ଓ ଟି-୨୦ ଫର୍ମାଟରେ ଭାରତ ଏକାଦଶଥର ଲାଗି ଫାଇନାଲରେ ପ୍ରବେଶ କରିଛି।

## ସର୍ବାଧିକ ୧୨ଟି କ୍ୟାଚ୍ ଛାଡ଼ିଛି ଭାରତ

ଦୁବାଇ, ୨୫।୯ (ଏଜେନ୍ସି): ଚଳିତ ଏସିଆ କପ୍ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଭାରତ କ୍ୟାଚ୍ ଛାଡ଼ିବାରେ ରେକର୍ଡ କରିଛି। ଗ୍ରୁପ୍‌ରୁ ସୁପର୍-୪ ପର୍ଯ୍ୟାୟ ପର୍ଯ୍ୟନ୍ତ ଭାରତୀୟ ଖେଳାଳିମାନେ ମୋଟ୍ ୫ଟି ମ୍ୟାଚ୍ ଖେଳି ୧୨ଟି କ୍ୟାଚ୍ ଡ୍ରପ୍ କରିଛନ୍ତି। ସେହିଭଳି ହଂକଂ ଦଳ ୩ଟି ମ୍ୟାଚରେ ୧୧ କ୍ୟାଚ୍ ଛାଡ଼ି ତାଲିକାର ୨ୟ ସ୍ଥାନରେ ରହିଛି। ବାଂଲାଦେଶ ୮ଟି, ଶ୍ରୀଲଙ୍କା ୬ଟି, ଆଫଗାନିସ୍ତାନ ୪ଟି, ଓମାନ ୪ଟି, ପାକିସ୍ତାନ ୩ଟି ଓ ଆୟୋଜକ ୟୁଏଇ ୨ଟି କ୍ୟାଚ୍ ଛାଡ଼ି ଏହି ତାଲିକାରେ ପଛକୁ ପଛ ରହିଛନ୍ତି।

## ଲିସା କେଟ୍‌ଲୀ ଏମ୍‌ଆଇ ମହିଳା ଦଳର ମୁଖ୍ୟ ପ୍ରଶିକ୍ଷକ

ମୁମ୍ବଇ,୨୫।୯ (ଏଜେନ୍ସି): ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ସିନିଅର ମହିଳା ଦଳର ପୂର୍ବତନ ହେଡ୍ କୋଚ୍ ଲିସା କେଟ୍‌ଲୀ ୨୦୨୬ ସିଜନ ମହିଳା ପ୍ରିମିୟର ଲିଗ୍ ପାଇଁ ମୁମ୍ବଇ ଇଣ୍ଡିଆନ୍ସ ମହିଳା ଦଳର ହେଡ୍ କୋଚ୍ ନିଯୁକ୍ତ ହୋଇଛନ୍ତି। ସେ ମୁମ୍ବଇକୁ ଦୁଇଥର ଚାମ୍ପିଅନ କରାଇଥିବା ହେଡ୍ କୋଚ୍ ଚାର୍ଲୋଟି ଏଡ୍‌ୱାର୍ଡ୍ସଙ୍କ ସ୍ଥାନରେ ନିଯୁକ୍ତି ପାଇନ୍ତି। ଚାର୍ଲୋଟିଙ୍କୁ ଇଂଲଣ୍ଡ ସିନିଅର ମହିଳା ଦଳର ହେଡ୍ କୋଚ୍ ଭାବେ ଦାୟିତ୍ୱ ମିଳିଛି। ୫୪ ବର୍ଷିୟା କେଟ୍‌ଲୀ ଅଷ୍ଟ୍ରେଲିଆ ପକ୍ଷରୁ ୯୨ଟି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଛନ୍ତି। ୧୯୯୭ ଓ ୨୦୦୫ରେ ଅଷ୍ଟ୍ରେଲିଆ ମହିଳା ଦିନିକିଆ ବିଶ୍ୱକପ୍ ଚାମ୍ପିଅନ ହୋଇଥିଲାବେଳେ ସେ ଏହି ଦଳର ସଦସ୍ୟ ରହିଥିଲେ। ଅଷ୍ଟ୍ରେଲିଆ ଓ ଇଂଲଣ୍ଡରେ ଖେଳାଯାଉଥିବା ସୀମିତ ଓଭର ଲିଗ୍ କ୍ରିକେଟରେ ସେ ଜଣେ ସଫଳ କୋଚ୍ ଭାବେ ପ୍ରତିଷ୍ଠା ଲାଭ କରିଛନ୍ତି।

## ଇରାନି କପ୍‌ରେ ଆକାଶଦୀପ, ଈଶ୍ୱରନ୍ ସାମିଲ

ମୁମ୍ବଇ,୨୫।୯ (ଏଜେନ୍ସି): ଚଳିତ ସିଜନର ଭାରତର ଦ୍ୱିତୀୟ ଘରୋଇ କ୍ରିକେଟ ମୁକାବିଲା ଇରାନି କପ୍



ନାଗପୁରରେ ବିଦର୍ଭ ଓ ଅବଶିଷ୍ଟ ଭାରତ ଏକାଦଶ ମଧ୍ୟରେ ଖେଳାଯିବ। ଏହି ମୁକାବିଲା ଅକ୍ଟୋବର ୧ରେ ଆରମ୍ଭ ହେବାକୁ ଥିବା ରଣଜୀ ଚାମ୍ପିଅନ ବିଦର୍ଭ ଦଳର ନେତୃତ୍ୱ ଅକ୍ଷୟ ୱାଡକରଙ୍କୁ ଦିଆଯାଇଛି। ସେହିପରି ମଧ୍ୟପ୍ରଦେଶର ରଜତ ପାଟିଦାର ଅବଶିଷ୍ଟ ଭାରତ ଏକାଦଶର ନେତୃତ୍ୱ ନେବେ। ମହାରାଷ୍ଟ୍ରର ଋତୁରାଜ ଗାଏକ୍ୱାଡଙ୍କୁ ଉପଅଧିନାୟକ ଦାୟିତ୍ୱ ମିଳିଛି। ଇଂଲଣ୍ଡ ବିପକ୍ଷରେ ଟେଷ୍ଟ ଖେଳିଥିବା ଆକାଶ ଦୀପ ଓ ଅଂଶୁଲ କାମ୍ବୋଜଙ୍କୁ ମଧ ଏହି ଦଳରେ ନିଆଯାଇଛି।

**ଘୋଷିତ ଦଳ:** ରଜତ ପାଟିଦାର (ଅଧିନାୟକ), ଋତୁରାଜ ଗାଏକ୍‌ୱାଡ୍ (ଉପଅଧିନାୟକ), ଅଭିମନ୍ୟୁ ଈଶ୍ୱରନ, ୟଶ ଧୂଲ, ସେଖ ରଶିଦ୍, ଇଶାନ କିସାନ ଓ ଆର୍ଯ୍ୟନ ଜୁୟାଲ (ୱିକେଟରକ୍ଷକ), ତନୁଶ କୋଟିଆନ୍, ମାନବ ସୂତାର, ସାରାଂଶ ଜୈନ୍, ଗୁରନୁର ବ୍ରାର, ଖଲୀଲ ଅହମ୍ମଦ୍, ଆକାଶ ଦୀପ୍ ଓ ଅଂଶୁଲ କାମ୍ବୋଜ୍।

### ମହିଳା ଦିନିକିଆ ବିଶ୍ୱକପ୍ ୱାର୍ମଅପ୍ ମ୍ୟାଚ୍

## ଭାରତ ବିପକ୍ଷରେ ନାଟାଲୀଙ୍କ ଦମ୍‌ଦାର ଶତକ

ବେଙ୍ଗାଲୁରୁ, ୨୫।୯ (ଏଜେନ୍ସି): ମହିଳା ଦିନିକିଆ ବିଶ୍ୱକପ୍ ପୂର୍ବରୁ ଗୁରୁବାରଠାରୁ ୱାର୍ମଅପ୍ ମ୍ୟାଚ୍ ଆରମ୍ଭ ହୋଇଛି। ଏଠାରେ ଘରୋଇ ଭାରତ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ଇଂଲଣ୍ଡ ୫୦ ଓଭରରେ ୯ ୱିକେଟ୍ ହରାଇ ୩୪୦ ରନର ବିଶାଳ ସ୍କୋର କରିଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଇଂଲଣ୍ଡ ପାଇଁ ଅଭିଜ୍ଞ ଖେଳାଳି ନାଟାଲୀ ସ୍କିଭର-ବ୍ରଣ୍ଟ ସର୍ବାଧିକ ୧୨୦ ରନ କରି ରିଟାୟାର୍ଡ ହର୍ଟ ନେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇମା ଲାମ୍ବ ୮୪, ହେଥର ନାଇଟ୍ ୩୭, ଆମି ଜୋନ୍ସ ୩୯ ରନ କରିଥିଲେ। ଭାରତ ପକ୍ଷରୁ ସଫଳ ବୋଲର ଭାବେ କ୍ରାନ୍ତି ଗୌଡ଼ା ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଭାରତ ଶେଷ ଖବର ସୁଦ୍ଧା ୧୭ ଓଭରରେ ୨ଟି ୱିକେଟ୍ ହରାଇ ୯୨ ରନ ସଂଗ୍ରହ କରିଛି। ହର୍ଲିନ ଦେଓଲ ୫, ଉମା ଛେତ୍ରୀ ୪୫ ରନ କରି ଆଉଟ୍ ହୋଇଥିଲେ। ବିଶ୍ୱକପ୍‌ରେ ଭାରତ ଏହାର ପ୍ରଥମ ମ୍ୟାଚରେ ସେପ୍ଟେମ୍ବର ୩୦ରେ ଗୌହାଟୀରେ ଖେଳିବ।

### ଅଷ୍ଟ୍ରେଲିଆ-ଏ’ ବିପକ୍ଷ ଦିନିକିଆ ସିରିଜ୍

## ଆୟର ଭାରତ-ଏ’ ଅଧିନାୟକ

ମୁମ୍ବଇ,୨୫।୯ (ଏଜେନ୍ସି): ଉତ୍ତରପ୍ରଦେଶର କାନପୁରରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୫ ତାରିଖଯାଏ ହେବାକୁ ଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍ ଲାଗି ଶ୍ରେୟସ ଆୟରଙ୍କୁ ଭାରତ-ଏ’ ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଏହା ସହ ତାଙ୍କୁ ଇରାନି କପ୍ ଦଳରୁ ବାଦ୍ ଦିଆଯାଇଛି। ଅନ୍ୟପକ୍ଷରେ ଦିନିକ୍ରି ସିରିଜ୍ ଲାଗି ଅଧିନାୟକ ମନୋନୀତ ହୋଇଥିବା ରଜତ ପାଟିଦାରଙ୍କୁ ଏବେ ଇରାନି କପ୍ ଲାଗି ଅବଶିଷ୍ଟ ଭାରତୀୟ ଏକାଦଶର ନେତୃତ୍ୱ ପ୍ରଦାନ କରାଯାଇଛି। ପ୍ରଥମ ଦିନିକିଆ ଲାଗି ଘୋଷିତ ଦଳରୁ ୪ଜଣ ଖେଳାଳିଙ୍କୁ ବାଦ୍ ଦିଆଯାଇ ଏସିଆ କପ୍ ଖେଳୁଥିବା ଅଭିଷେକ ଶର୍ମା, ତିଳକ ବର୍ମା, ହର୍ଷିତ ରାଣା, ଅର୍ଶଦୀପ ସିଂହଙ୍କୁ ଦ୍ୱିତୀୟ ଓ ତୃତୀୟ ଦିନିକିଆ ଲାଗି ଦଳରେ ସାମିଲ କରାଯିବ।



**ପ୍ରଥମ ଦିନିକିଆ ଲାଗି ଦଳ :** ଶ୍ରେୟସ ଆୟର, ପ୍ରଭସିମନରନ ସିଂହ (ୱିକେଟରକ୍ଷକ), ରିୟାନ ପରାଗ, ଆୟୁଷ ବଦୋନି, ସୂର୍ଯ୍ୟାଂଶ ଶେଡ୍‌ଜେ, ବିପରାଜ ନିଗମ, ନିଶାନ୍ତ ସାନ୍ଧୁ, ଗୁରଜାନପ୍ରୀତ୍ ସିଂହ, ଯୁଦ୍ଧବୀର ସିଂହ, ରବି ବିଷ୍ଣୋଇ, ଅଭିଷେକ ପୋରେଲ (ୱିକେଟରକ୍ଷକ), ପ୍ରିୟାଂଶ ଆର୍ଯ୍ୟ ଓ ସିମରଜିତ ସିଂହ।

**ଦ୍ୱିତୀୟ ଓ ତୃତୀୟ ଦିନିକିଆ ଲାଗି ଦଳ :** ଶ୍ରେୟସ ଆୟର, ତିଳକ ବର୍ମା (ଉପଅଧିନାୟକ), ଅଭିଷେକ ଶର୍ମା, ପ୍ରଭସିମନରନ ସିଂହ (ୱିକେଟରକ୍ଷକ), ରିୟାନ ପରାଗ, ଆୟୁଷ ବଦୋନି, ସୂର୍ଯ୍ୟାଂଶ ଶେଡ୍‌ଜେ, ବିପରାଜ ନିଗମ, ନିଶାନ୍ତ ସାନ୍ଧୁ, ଗୁରଜାନପ୍ରୀତ୍ ସିଂହ, ଯୁଦ୍ଧବୀର ସିଂହ, ରବି ବିଷ୍ଣୋଇ, ଅଭିଷେକ ପୋରେଲ (ୱିକେଟରକ୍ଷକ), ହର୍ଷିତ ରାଣା ଓ ଅର୍ଶଦୀପ ସିଂହ।

## ପୂର୍ବାଞ୍ଚଳ ଆଥଲେଟିକ୍ସରେ ଓଡ଼ିଶାକୁ ୨୧ ସ୍ୱର୍ଣ୍ଣ

କଟକ,୨୫।୯ (ସମିସ): ଝାଡଖଣ୍ଡର ରାଞ୍ଚିରେ ଚାଲିଥିବା ୩୬ତମ ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ ଚାମ୍ପିଅନସିପ୍ ଶେଷ ହୋଇଛି। ଏଥିରେ ଓଡ଼ିଶାକୁ ବୃହତ୍ତ ସଫଳତା ମିଳିଛି। ଓଡ଼ିଆ ଆଥଲେଟମାନେ ୨୧ଟି ସ୍ୱର୍ଣ୍ଣ ସହ ମୋଟ ୪୯ ପଦକ ଜିତିଛନ୍ତି। ଏଥିରେ ୧୬ଟି ରୌପ୍ୟ ଏବଂ ୧୨ଟି କାଂସ୍ୟ ପଦକ ରହିଛି। ଚାମ୍ପିଅନସିପ୍‌ରେ ଆୟୋଜକ ଝାଡଖଣ୍ଡ(୧୭୨ ପଏଣ୍ଟ) ଦଳଗତ ଚାମ୍ପିଅନ ହୋଇଥିବା ବେଳେ ବିହାର(୧୬୮ ପଏଣ୍ଟ) ଦ୍ୱିତୀୟ ଏବଂ ଓଡ଼ିଶା (୧୬୫ ପଏଣ୍ଟ) ତୃତୀୟ ସ୍ଥାନରେ ରହିଛି। ୧୬ବର୍ଷରୁ କମ୍ ବାଳିକା ବର୍ଗରେ ଓଡ଼ିଶା ଚାମ୍ପିଅନ ହୋଇଥିବା ବେଳେ ୧୪ବର୍ଷରୁ କମ୍ ଏବଂ ୨୦ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶା ରନର୍ସଅପ ହୋଇଛି। ଏତଦବ୍ୟତୀତ ୨୦ବର୍ଷରୁ କମ୍ ବାଳକ ବର୍ଗରେ ଓଡ଼ିଶାର ଆସ୍ତିକ ପ୍ରଧାନଙ୍କୁ ଶ୍ରେଷ୍ଠ ଆଥଲେଟ ଘୋଷଣା କରାଯାଇଛି।

### ସୁପର୍ କପ୍

## ଗୋଟିଏ ଗ୍ରୁପ୍‌ରେ ମୋହନ ବାଗାନ, ଇଷ୍ଟବେଙ୍ଗଲ

ନୂଆଦିଲ୍ଲୀ, ୨୫।୯ (ଏଜେନ୍ସି): ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଆନୁକୂଲ୍ୟରେ ଅକ୍ଟୋବର ୨୫ରୁ ସୁପର୍ କପ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବ। ଏଆଇଏଫ୍‌ଏଫ୍‌ର ଏହି ସିଜନ ଓପନିଂ ଟୁର୍ଣ୍ଣାମେଣ୍ଟ ଲାଗି ଗୁରୁବାର ଡ୍ର’ ଘୋଷଣା ହୋଇଛି। ଆଇଏସ୍‌ଏଲ୍ ଚାମ୍ପିଅନ ମୋହନ ବାଗାନ ସୁପର୍ ଜାଏଣ୍ଟ୍ସ ଓ ୨୦୨୪ ସୁପର୍ କପ୍ ଚାମ୍ପିଅନ ଇଷ୍ଟ ବେଙ୍ଗଲ ସମାନ ଗ୍ରୁପ୍‌ରେ ସ୍ଥାନ ପାଇଛନ୍ତି। ଡ୍ର’ରେ ଉଭୟ ଦଳ ଗ୍ରୁପ୍-ଏ’ରେ ରହିଛନ୍ତି। ଏହି ଗ୍ରୁପ୍‌ରେ ଆଇଏସ୍‌ଏଲ୍‌ର ଅନ୍ୟତମ ଦଳ ଚେନ୍ନାଇନ ଏଫ୍‌ସି ଓ ଆଇ-ଲିଗ୍ ଦଳ ରିଅଲ୍ କାଶ୍ମୀର ସ୍ଥାନ ପାଇଛି। ଆଇଏସ୍‌ଏଲ୍‌ରୁ ୧୨ ଓ ଆଇ-ଲିଗ୍‌ରୁ ୪ଟି ଦଳ ଦଳ ଏଥର ସୁପର୍ କପ୍‌ରେ ଅଂଶଗ୍ରହଣ କରିବେ। ମୋଟ୍ ୧୬ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବ। ସୁପର୍ କପ୍‌ର ଡିଫେଣ୍ଡିଂ ଚାମ୍ପିଅନ ଏଫ୍‌ସି ଗୋଆ ଗ୍ରୁପ୍-ବି’ରେ ରହିଛି।

**ଗ୍ରୁପ୍ ତାଲିକା**

ଗ୍ରୁପ୍-ଏ: ମୋହନ ବାଗାନ ଏସ୍‌ଜି, ଇଷ୍ଟ ବେଙ୍ଗଲ, ଚେନ୍ନାଇନ ଏଫ୍‌ସି ଓ ରିଅଲ କାଶ୍ମୀର

ଗ୍ରୁପ୍-ବି: ଏଫ୍‌ସି ଗୋଆ, ଜାମସେଦପୁର ଏଫ୍‌ସି, ନର୍ଥଇଷ୍ଟ ୟୁନାଇଟେଡ୍ ଏଫ୍‌ସି ଓ ଇଣ୍ଟର କାଶୀ

ଗ୍ରୁପ୍-ସି: ବେଙ୍ଗାଲୁରୁ ଏଫ୍‌ସି, ମହମ୍ମଡାନ ସ୍ପୋର୍ଟିଂ, ପଞ୍ଜାବ ଏଫ୍‌ସି ଓ ଗୋକୁଲମ କେରଳ

ଗ୍ରୁପ୍-ଡି: ମୁମ୍ବାଇ ସିଟି ଏଫ୍‌ସି, କେରଳା ବ୍ଲାଷ୍ଟର୍ସ, ହାଇଦରାବାଦ୍ ଏଫ୍‌ସି ଓ ରାଜସ୍ଥାନ ୟୁନାଇଡଟେଡ୍ ଏଫ୍‌ସି

### ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟ

## ଭାରତ-ଏ’ ଆଗରେ ୪୧୨ ରନ୍‌ର ବିଜୟ ଲକ୍ଷ୍ୟ

ଲକ୍ଷ୍ନୌ,୨୫।୯ (ଏଜେନ୍ସି): ଏଠାରେ ଚାଲିଥିବା ଦ୍ୱିତୀୟ ଅନ୍‌ଅଫିସିଆଲ ଟେଷ୍ଟରେ ଅଷ୍ଟ୍ରେଲିଆ-ଏ’ ଘରୋଇ ଭାରତ-ଏ’ ଆଗରେ ୪୧୨ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ଏହି ଲକ୍ଷ୍ୟକୁ ପିଛା କରି ଭାରତ-ଏ’ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୧୬୯ ରନ୍ ସଂଗ୍ରହ କରିନେଇଛି। ୱେଷ୍ଟଇଣ୍ଡିଜ୍ ବିପକ୍ଷ ଟେଷ୍ଟ ସିରିଜ୍ ଲାଗି ସିନିଅର ଦଳରେ ସ୍ଥାନ ପାଇଥିବା ଏନ୍ ଜଗଦୀଶନ ୩୬, ଦେବଦତ୍ତ ପଡିକାଲ ୫ ରନ୍‌ରେ ଆଉଟ ହୋଇଛନ୍ତି। ସିନିଅର ଖେଳାଳି ଲୋକେଶ ରାହୁଲ ୭୪ ରନ୍‌ରେ ରିଟାୟର୍ଡ ହର୍ଟ ହୋଇଛନ୍ତି। ଷ୍ଟମ୍ପ୍ ଅପସାରଣ ବେଳକୁ ସାଇ ସୁଦର୍ଶନ ୪୪ ଓ ନାଇଟ୍‌ୱାଚ୍‌ମ୍ୟାନ୍ ମାନବ ସୂତାର ୧ ରନ୍‌ରେ ବ୍ୟାଟିଂ କରୁଥିଲେ।

ପୂର୍ବରୁ ଭାରତ-ଏ’ ବୋଲରଙ୍କ ଚମତ୍କାର ବୋଲିଂ ଫଳରେ ଅଷ୍ଟ୍ରେଲିଆ-ଏ’ ଦ୍ୱିତୀୟ ଇନିଂସରେ ୧୮୫ ରନ୍ କରି ଅଲ୍‌ଆଉଟ ହୋଇଥିଲା। ଦଳ ପକ୍ଷରୁ ଅଧିନାୟକ ନାଥାନ ମ୍ୟାକ୍‌ସ୍ୱିନୀ ଅପରାଜିତ ରହି ୮୫ ଓ ଜୋଶ ଫିଲିପ୍ ୫୦ ରନ୍ କରିଥିଲେ। ଘରୋଇ ଦଳ ପକ୍ଷରୁ ଗୁରନୁର ବ୍ରାର ଓ ମାନବ ସୂତାର ୩ଟି ଲେଖାଏଁ, ମହମ୍ମଦ୍ ସିରାଜ ଓ ୟଶ ଠାକୁର ୨ଟି ଲେଖାଏଁ ୱିକେଟ ପାଇଥିଲେ। ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ-ଏ’ର ୪୨୦ ରନ୍ ଜବାବରେ ଭାରତ-ଏ ମାତ୍ର ୧୯୪ ରନ୍ କରିଥିଲା। ଫଳରେ ପ୍ରଥମ ଇନିଂସରେ ଅଷ୍ଟ୍ରେଲିଆ-ଏ’କୁ ୨୨୬ ରନ୍‌ର ଅଗ୍ରଣୀ ମିଳିଥିଲା।

### କଳିଙ୍ଗରେ ଏସିଆନ୍ ଟିଟି ଟିମ୍ ଚାମ୍ପିଅନସିପ୍ ୧୧ରୁ

## ଭାଗନେବେ ୨୨ ଦେଶର ଖେଳାଳି

ଭୁବନେଶ୍ୱର, ୨୫।୯ (ସମିସ): ପ୍ରଥମଥର ଲାଗି ଓଡ଼ିଶାରେ ଏସିଆନ୍ ଟେବଲ୍ ଟେନିସ (ଟିଟି) ଟିମ୍ ଚାମ୍ପିଅନସିପ୍ ଆୟୋଜିତ ହେବାକୁଯାଉଛି। ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୧୧ରୁ ଏହି ସମ୍ମାନଜନକ ପ୍ରତିଯୋଗିତାର ର ୨୮ତମ ସଂସ୍କରଣ ଆରମ୍ଭ ହେବ। ପାଞ୍ଚଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ୨୨ ଦେଶର ପାଖାପାଖି ୫୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିବେ ବୋଲି ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଭାରତୀୟ ଟିଟି ମହାସଂଘର ସାଧାରଣ ସମ୍ପାଦକ କମଲେଶ ମେହେଟା ସୂଚନା ଦେଇଛନ୍ତି। ଆୟୋଜକ ଭାରତ ବ୍ୟତୀତ ଜାପାନ, ଚାଇନା, କୋରିଆ, ଉତ୍ତରକୋରିଆ, ଚାଇନିଜ ତାଇପେଇ, ହଂକଂ, ସିଙ୍ଗାପୁର, ମାକାଉ, ବାଂଲାଦେଶ, ଇରାନ, କାଜାଖସ୍ଥାନ, କିର୍ଗିଜସ୍ତାନ, ମାଲେସିଆ, ମାଳଦୀପ, ମଙ୍ଗୋଲିଆ, ନେପାଳ, ଓମାନ, କାତାର, ଶ୍ରୀଲଙ୍କା, ଥାଇଲାଣ୍ଡ ଓ ଉଜବେକିସ୍ତାନ ଦଳ ଭାଗନେବ। ଏଥିରେ ଉଭୟ ବାଳକ ଓ ବାଳିକା ଟିମ୍ ଇଭେଣ୍ଟରେ ମ୍ୟାଚ୍ ଖେଳାଯିବ।



ଏହି ଟୁର୍ଣ୍ଣାମେଣ୍ଟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଦଳ ୨୦୨୬ରେ ଲଣ୍ଡନରେ ଖେଳାଯିବାକୁ ଥିବା ବିଶ୍ୱ ଟିଟି ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିବ ବୋଲି ଜଣାପଡ଼ିଛି। ସେହିଭଳି ଏହି ଟୁର୍ଣ୍ଣାମେଣ୍ଟ ସମୟରେ କଳିଙ୍ଗ ଷ୍ଟାଡିୟମରେ ଅକ୍ଟୋବର ୧୦ରୁ ୪୦ତମ ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପ୍ ଓ ୧୧ରୁ ଆଇଟିଏଫ୍ ମାଷ୍ଟର୍ସ-୧୦୦ ଟେନିସ ଚାମ୍ପିଅନସିପ୍ ଖେଳାଯିବ। ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆୟୋଜକ କମିଟିର ନିର୍ଦ୍ଦେଶକ ଏନ୍. ଗଣେଶନ, ସମ୍ପାଦକ ରବୀନ୍ଦ୍ର ପରିଡ଼ା, କ୍ରୀଡ଼ା ନିର୍ଦ୍ଦେଶକ ଡ. ବିଜୟ ଯେହୁଲା ପ୍ରମୁଖ ଉପସ୍ଥିତ ରହିଥିଲେ।

### ଓଡ଼ିଶା ପ୍ରୋ ଟି-୨୦ ଲିଗ୍

## ରାଜେଶ ଓ ଡାନିସ୍‌ଙ୍କୁ ଚେତନଙ୍କ ପ୍ରଶଂସା

କଟକ,୨୫।୯ (ସମିସ):



ଓଡ଼ିଶା ପ୍ରୋ ଟି-୨୦ ଲିଗ୍(ଓପିଟିଏଲ) ଘରୋଇ ଖେଳାଳିମାନଙ୍କ ନିମନ୍ତେ ଏକ ବଡ ପ୍ଲାଟଫର୍ମ। ଏଥିରେ ଭାଗ ନେଇଥିବା ଖେଳାଳିମାନେ ନିଜ ପ୍ରଦର୍ଶନ ଉପରେ ଅଧିକ ଗୁରୁତ୍ୱ ଦିଅନ୍ତୁ। ସମସ୍ତ ଦଳରେ କେତେକ ବ୍ୟାଟର ଓ ବୋଲର ରହିଛନ୍ତି, ଯାହାଙ୍କ ପ୍ରଦର୍ଶନ ପ୍ରଭାବଶାଳୀ ପରିଲକ୍ଷିତ ହୋଇଛି। ବ୍ୟକ୍ତିଗତ ଭାବେ କହିବାକୁ ଗଲେ ରାଜେଶ ମହାନ୍ତି ଓ ମହମ୍ମଦ ଡାନିସ୍‌ଙ୍କ ଖେଳ ପସନ୍ଦ ଆସିଛି ବୋଲି ଓପିଟିଏଲରେ ଭାଷ୍ୟକାର ଦାୟିତ୍ୱ ତୁଲାଉଥିବା ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଚେତନ ଶର୍ମା କହିଛନ୍ତି। ପୁରୀ ଟାଇଟନ୍ସ ଦଳରୁ ଦୁଇ ପେସ୍ ବୋଲର ରାଜେଶ ଓ ଡାନିସ ପ୍ରତିନିଧିତ୍ୱ କରୁଛନ୍ତି।

ଘରୋଇ କ୍ରିକେଟରୁ ଜାତୀୟ ଦଳର ଯାତ୍ରା ବାବଦରେ ଚେତନ କହିଛନ୍ତି ଯେ, ଓଡ଼ିଶା କ୍ରିକେଟ ଆସୋସିଏସନ(ଓସିଏ)ର ଏଭଳି ପଦକ୍ଷେପ ନିହାତି ରୂପେ ପ୍ରଶଂସନୀୟ। ଗତବର୍ଷ ଦିଲ୍ଲୀ ପ୍ରିମିୟର ଲିଗ୍‌ରୁ ୬ଜଣ ଖେଳାଳି ରାଜ୍ୟ ଦଳରେ ସ୍ଥାନ ପାଇଥିଲେ। ଏମାନଙ୍କୁ ଆଇପିଏଲରେ ମଧ୍ୟ ସୁଯୋଗ ମିଳିଥିଲା। ଓପିଟିଏଲରେ ଖେଳୁଥିବା ୬ଟି ଯାକ ଦଳରୁ କିଛି ଖେଳାଳି ଅତିକମ୍‌ରେ ରାଜ୍ୟ ଦଳରେ ନିହାତି ରୂପେ ସ୍ଥାନ ପାଇବାର ହକ୍‌ଦାର ଅଟନ୍ତି। ଏହି ପରିପ୍ରେକ୍ଷୀରେ ୧୯୮୭ ବିଶ୍ୱକପ୍‌ରେ ନିଜ ହ୍ୟାଟ୍ରିକ ୱିକେଟ ସଫଳତାକୁ ମନେ ପକାଇ ସେ କହିଥିଲେ ଯେ, ପ୍ରତ୍ୟେକ ଖେଳାଳିର ସ୍ୱପ୍ନ ଥାଏ ଥରେ ଜାତୀୟ ଦଳର ଜର୍ସି ପିନ୍ଧିବାକୁ। ସେ ସୁଯୋଗ ପାଇବା ପରେ ଭଲ ଖେଳି ଦେଶର ନାମ ଉଜ୍ଜଳ କରିବାକୁ ଲକ୍ଷ୍ୟ ରଖିଥାଏ। ବିଶ୍ୱକପ୍‌ର ନ୍ୟୁଜିଲାଣ୍ଡ ବିପକ୍ଷ ମ୍ୟାଚ୍‌ରେ ମୋତେ ସେଭଳି ସୁଯୋଗ ମିଳିଥିଲା। କ୍ରିକେଟ ଦୁନିଆରେ ହ୍ୟାଟ୍ରିକ କଥା ଆଲୋଚନାକୁ ଆସିଲେ ଚେତନ ଶର୍ମାଙ୍କୁ ସମସ୍ତେ ମନେ ପକାଇବେ ବୋଲି ସେ କହିଛନ୍ତି।

PRINTED & PUBLISHED BY AMIT KUMAR MALLICK FOR ‘THE SAKALA’ A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS